ଧରିତ୍ରୀ
DHARITRI
ଧରିତ୍ରୀ 51 Years
ଭୁବନେଶ୍ୱର, ଶୁକ୍ରବାର, ମେ ୩୦/୨୦୨୫ (୧୪ ପୃଷ୍ଠା) Bhubaneswar, Friday, May 30/2025 Page 14 ₹ 7.00
୫୧ଶ ଭାଗ ୧୮୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 184 ମୂଲ୍ୟ ₹୭/-

# ପ୍ରତିରକ୍ଷା ସାମଗ୍ରୀ: ଚୁକ୍ତି ହେଉଛି, ପହଞ୍ଚୁନାହିଁ

ନୂଆଦିଲ୍ଲୀ,୨୯।୫

### ଚିନ୍ତାବ୍ୟକ୍ତ କଲେ ବାୟୁସେନା ମୁଖ୍ୟ

ଭାରତର ପ୍ରତିରକ୍ଷା ସାମଗ୍ରୀ କିଣା ଓ ବିନିର୍ମାଣରେ ବିଳମ୍ବକୁ ନେଇ ବାୟୁସେନା ମୁଖ୍ୟ ଅମରପ୍ରୀତ ସିଂ ଚିନ୍ତା ବ୍ୟକ୍ତ କରିଛନ୍ତି। ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ)ର ବାର୍ଷିକ ବ୍ୟବସାୟିକ ସମ୍ମିଳନୀରେ ଯୋଗଦେଇ ଅମରପ୍ରୀତ କହିଛନ୍ତି, ତେଜସ୍ ଏମ୍‌କେ୧ ଫାଇଟର ଜେଟ୍ ଅଧିଗ୍ରହଣ ପାଇଁ ଚୁକ୍ତି ସ୍ୱାକ୍ଷରକୁ ୩ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ଏହି ଯୁଦ୍ଧବିମାନ ଆସିପାରିଲା ନାହିଁ। ଏଭଳି ବିଳମ୍ବ ଯୋଗୁ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପ୍ରଭାବିତ ହେବାରେ ଲାଗିଛି। ଅନେକ ସମୟରେ ଚୁକ୍ତି ସ୍ୱାକ୍ଷର କରିବାବେଳେ ସମ୍ପୃକ୍ତ ସିଷ୍ଟମ୍ ଆସିବ ନାହିଁ ବୋଲି ଆମେ ଜାଣିଥାଉ। ସମୟସୀମା ଏକ ବଡ଼ ପ୍ରସଙ୍ଗ। ନିର୍ଦ୍ଧାରିତ ସମୟରେ କୌଣସି ଗୋଟିଏ ହେଲେ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ଯାହା ପାରିବା ନାହିଁ, ତାକୁ ନେଇ ପ୍ରତିଶ୍ରୁତି କାହିଁକି ଦେବା ବୋଲି ବାୟୁସେନା ମୁଖ୍ୟ ପ୍ରଶ୍ନ କରିଛନ୍ତି। ନିକଟରେ ଭାରତ-ପାକିସ୍ତାନ ମଧ୍ୟରେ ସାମରିକ ଉତ୍ତେଜନା ପ୍ରକାଶ ପାଇ ସଂଘର୍ଷର ରୂପ ନେଇଥିବାବେଳେ ବାୟୁସେନା ମୁଖ୍ୟ ଉଠାଇଥିବା ପ୍ରଶ୍ନ ତାତ୍ପର୍ଯ୍ୟପୂର୍ଣ୍ଣ।

(ସମ୍ପୂର୍ଣ୍ଣ ରିପୋର୍ଟ: ପୃଷ୍ଠା-୪)




**ଆଜିର ସମ୍ପାଦକୀୟ**

**ଜିଡିପି ଓ ସମୃଦ୍ଧି**

# ହୋମ୍‌ଗାର୍ଡ ଶାରୀରିକ ପରୀକ୍ଷା ବେଳେ ୨ ମୃତ

## ୪ ଲକ୍ଷ ଟଙ୍କା ଲେଖାଏ ସହାୟତା ରାଶି ଘୋଷଣାକଲେ ମୁଖ୍ୟମନ୍ତ୍ରୀ

ଗଜପତି ଜିଲା ପାରଳାଖେମୁଣ୍ଡିଠାରେ ହୋମଗାର୍ଡ ନିଯୁକ୍ତି ପାଇଁ ଗୁରୁବାର ଆଶାୟୀଙ୍କ ଶାରୀରିକ ପରୀକ୍ଷା ହୋଇଥିଲା। ହେଲେ ଏହି ପ୍ରତିଯୋଗିତା ସମୟରେ ଅଭାବନୀୟ ଘଟଣା ଘଟିଛି। ଏଥିସକାଶେ ଅନୁଷ୍ଠିତ ଦୌଡ଼ ପ୍ରତିଯୋଗିତାରେ ଭାଗ ନେଇଥିବା ୧,୨୦୦ ଆଶାୟୀଙ୍କ ମଧ୍ୟରୁ ୨ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୬ଜଣ ଅସୁସ୍ଥ ହୋଇ ଚିକିତ୍ସିତ ହେଉଛନ୍ତି। ଦୌଡ଼ିବା ସମୟରେ ଗୋଡ଼ର ମାଂସପେଶୀ ଜମାଟ ହେବା ସହ ଅଣନିଃଶ୍ୱାସୀ ଯୋଗୁ ଏଭଳି ଅଘଟଣ ଘଟିଥିବା ଡାକ୍ତର ସନ୍ଦେହ କରୁଛନ୍ତି। ତେବେ ମୃତକଙ୍କ ବ୍ୟବଚ୍ଛେଦ ରିପୋର୍ଟ ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି କୁହାଯାଇଛି। ଏଭଳି ଘଟଣାରେ ମୁଖ୍ୟମନ୍ତ୍ରୀ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ୪ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ରାଶି ଘୋଷଣା କରିଛନ୍ତି। ଏଥିସହ ଉଭୟ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ହୋମ୍‌ଗାର୍ଡ ଚାକିରି ପ୍ରଦାନ କରାଯିବ ବୋଲି ଏସ୍‌ପି ଯତୀନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି।

### ପରିବାରର ଜଣଙ୍କୁ ମିଳିବ ଚାକିରି: ଏସ୍‌ପି


ଦୀପକ ପଡ଼ାଲ


ସୁଲନ୍ତ ମିଶାଲ

ପାରଳାଖେମୁଣ୍ଡି,୨୯।୫ (ଗିରିଧାରୀ ପରିଚ୍ଛା)

ଗଜପତି ଜିଲାରେ ଗୃହରକ୍ଷୀ ନିଯୁକ୍ତି ପରୀକ୍ଷା ଜାରି ରହିଛି। ୧୪୪ଟି ପଦବୀ ପାଇଁ ଚାଲିଥିବା ସାକ୍ଷାତ୍କାରରେ ୧୨ଶହ ଆଶାୟୀ ସାମିଲ ହୋଇଥିଲେ। ଗୁରୁବାର ସକାଳୁ ସେମାନଙ୍କ ଶାରୀରିକ ପରୀକ୍ଷା ଆରମ୍ଭ ହୋଇଥିଲା। ରାଣୀପେଣ୍ଟଠାରୁ ପଦ୍ମପୁର ଦୁଇ କି.ମି. ରାସ୍ତାରେ ସକାଳୁ ଦୌଡ ପରୀକ୍ଷା ଚାଲିଥିବାବେଳେ ୮ଜଣ ପରୀକ୍ଷାର୍ଥୀ ଅସୁସ୍ଥ ହୋଇପଡିଥିଲେ। ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ସୁଲନ୍ତ ମିଶାଲଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ୭ଜଣଙ୍କ ମଧ୍ୟରୁ ଦୀପକ ପଡାଲ୍‌ଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଦୀପକଙ୍କ ମୃତ୍ୟୁ ହୋଇଛି। ପାରଳାଖେମୁଣ୍ଡିରେ ଚିକିତ୍ସାଧୀନ ଥିବା ଅନ୍ୟ ୬ଜଣ ହେଲେ ପାରଳାଖେମୁଣ୍ଡିର ପି.ବାବୁଜୀ, ଗୁମ୍ମାର ଅର୍ପନ ପାଣି, ଗୋଷାଣୀର ସଞ୍ଜୟ ଶବର, କାଶୀନଗରର ବାଳକୃଷ୍ଣ ଲିମ୍ମା, ଗୁରାଣ୍ଡିର ଶିବ ପ୍ରସାଦ ମହାପାତ୍ର ଏବଂ ଅନ୍ୟ ଜଣଙ୍କ ପରିଚୟ ମିଳିପାରି ନାହିଁ। ଏସ୍‌ପି ପଣ୍ଡା ହସ୍ପିଟାଲରେ ଆହତମାନଙ୍କୁ ଭେଟି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ଏଥିସହ ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି।

ରାମଗିରି ଥାନା ଅନ୍ତର୍ଗତ ପରିସଲ ଗ୍ରାମର ସୁଲନ୍ତ ତାଙ୍କ ପରିବାରର ଏକମାତ୍ର ଆଶା ଥିଲେ। ତାଙ୍କୁ ହରାଇ ବିଧବା ମା' ଓ ଭଉଣୀ ଅସହାୟ ହୋଇପଡ଼ିଛନ୍ତି। ଘଟଣାକୁ ନେଇ ସୁଲନ୍ତଙ୍କ ମାମୁ କହିଛନ୍ତି, ସୁଲନ୍ତଙ୍କ ପରିବାରେ ଦୁଇ ଭାଇଙ୍କ ମଧ୍ୟରୁ ଆଗରୁ ଜଣକର ମୃତ୍ୟୁ

☞ ପୃଷ୍ଠା-୪

# ୨୦ ଲକ୍ଷ ଲାଞ୍ଚ: ସିବିଆଇ ହାତରେ ଇଡି ଡେପୁଟି ଡାଇରେକ୍ଟର

ଭୁବନେଶ୍ୱର,୨୯।୫(ସତ୍ୟଜିତ ରାଉତ)

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଭୁବନେଶ୍ୱର ଜୋନାଲ ଅଫିସର ଡେପୁଟି ଡାଇରେକ୍ଟର ଚିନ୍ତନ ରଘୁବଂଶୀ ଲାଞ୍ଚ ନେବାବେଳେ ଗୁରୁବାର ଧରାପଡ଼ିଛନ୍ତି। ଢେଙ୍କାନାଳର ଜଣେ କ୍ରସର ବ୍ୟବସାୟୀଙ୍କଠାରୁ ୨୦ଲକ୍ଷ ଟଙ୍କା ଲାଞ୍ଚ ନେଉଥିବାବେଳେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଟିମ୍ ତାଙ୍କୁ କାବୁ କରିଛି। ରଘୁବଂଶୀଙ୍କୁ ସିବିଆଇ ଟିମ୍ ଉଠାଇ ନେଇ କାର୍ଯ୍ୟାଳୟରେ ପଚରାଉଚରା କରୁଥିବା ଜଣାପଡ଼ିଛି। ତେବେ ଏନେଇ ସିବିଆଇ ପକ୍ଷରୁ ବିଧିବଦ୍ଧ ଭାବେ କୌଣସି ସୂଚନା ଦିଆଯାଇ ନ ଥିଲେ ହେଁ ଖଣି କାରବାର ସମ୍ପର୍କିତ ମାମଲାର ରଫାଦଫା ପାଇଁ ଟଙ୍କା ଆଦାୟ ଲାଗି ରଘୁବଂଶୀ କରିଥିବା ଯୋଜନା ଫେଲ୍ ମାରିଥିବା ସୂଚନା ମିଳିଛି। ଇଡିର ଜଣେ ବରିଷ୍ଠ ଅଧିକାରୀଙ୍କୁ ଲାଞ୍ଚ କାରବାର ଅଭିଯୋଗରେ ସିବିଆଇ ଗିରଫ କରିବା ଘଟଣା ରାଜ୍ୟରେ ପ୍ରଥମ ବୋଲି କୁହାଯାଉଛି।

ମିଳିଥିବା ସୂଚନା ଅନୁଯାୟୀ, ଏକ ଖଣି କାରବାରକୁ ନେଇ ବେଆଇନ ଅର୍ଥ କାରବାର ମାମଲାରେ ଇଡି ପକ୍ଷରୁ ରଘୁବଂଶୀ ତଦନ୍ତ କରୁଥିବାବେଳେ ଏହାର ରଫାଦଫା ପାଇଁ ସମ୍ପୃକ୍ତ କ୍ରସର ବ୍ୟବସାୟୀଙ୍କୁ ୫୦ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ। ଏପରି କି ଟଙ୍କା ନ ଦେଲେ କିଛି ଶୁଣାଯିବ ନାହିଁ ବୋଲି ରଘୁବଂଶୀ ବାରମ୍ବାର କହିଥିଲେ। ଶେଷରେ ୨୦ ଲକ୍ଷ ଟଙ୍କା ନେବେ ବୋଲି କଥା ଛିଡ଼ିଥିଲା। ଏନେଇ ସିବିଆଇ ଟିମ୍ ସୂଚନା ପାଇବାପରେ ରଘୁବଂଶୀଙ୍କ ଉପରେ କିଛିଦିନ ହେଲା ନଜର ରଖିଥିଲା। ଗୁରୁବାର ସନ୍ଧ୍ୟାରେ ଶହୀଦ ନଗର ଅଞ୍ଚଳର ଏକ ସ୍ଥାନରେ ରଘୁବଂଶୀ ଲାଞ୍ଚ ନେବାବେଳେ ସିବିଆଇ ଚଢ଼ାଉ କରି ଟଙ୍କା ସହ ତାଙ୍କୁ କାବୁ କରିଥିଲା। ପରେ ରଘୁବଂଶୀଙ୍କୁ ସିବିଆଇ କାର୍ଯ୍ୟାଳୟକୁ ନେଇଥିଲା। ଖବର ଲେଖାହେବା ପର୍ଯ୍ୟନ୍ତ ରଘୁବଂଶୀଙ୍କୁ ପଚରାଉଚରା ଜାରି ରହିଥିବା ଜଣାପଡ଼ିଛି। ତେବେ ଏହି ଘଟଣାରେ ରଘୁବଂଶୀଙ୍କ ଜଣେ ସହଯୋଗୀଙ୍କୁ ମଧ୍ୟ ସିବିଆଇ ଅଟକ ରଖିଥିବା ସୂଚନା ମିଳିଛି। ଉଲ୍ଲେଖଯୋଗ୍ୟ, ୨୦୧୩ ବ୍ୟାଚ୍‌ର ଆଇଆର୍‌ଏସ୍ ଅଫିସର ଚିନ୍ତନ ରଘୁବଂଶୀ ୨୦୨୧ ଏପ୍ରିଲରେ ଇଡି ଡେପୁଟି ଡାଇରେକ୍ଟର ଭାବେ ନିଯୁକ୍ତି ପାଇଥିଲେ। ରଘୁବଂଶୀ ୨୦୨୩ ନଭେମ୍ବରରେ ଭୁବନେଶ୍ୱର ଇଡି ଆଞ୍ଚଳିକ ଶାଖାକୁ ବଦଳି ହୋଇ ଆସିଥିଲେ।


ଚିନ୍ତନ ରଘୁବଂଶୀ

# ମୋବାଇଲରେ ଚାଷୀ ପାଇବେ ପାଣିପାଗ ସୂଚନା

ନୂଆଦିଲ୍ଲୀ,୨୯।୫

### ଆଇଏମ୍‌ଡି ଆଣୁଛି ଏଆଇ ସର୍ଭିସ୍ 'ମୌସମ୍ ଜିପିଟି'

ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ଖୁବ୍‌ଶୀଘ୍ର ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଚାଳିତ ଏକ ଆପ୍ ଲଞ୍ଚ କରାଯିବ। 'ମୌସମ୍ ଜିପିଟି' ନାମକ ଏହି ଆପ୍ ଜରିଆରେ ସ୍ଥାନୀୟ ପାଣିପାଗ ସମ୍ପର୍କିତ ସୂଚନା ଆଞ୍ଚଳିକ ଭାଷାରେ ଯୋଗାଇ ଦିଆଯିବ। ଉକ୍ତ ସୂଚନା ଉଭୟ ଟେକ୍ସ ଓ ଅଡିଓ ଫର୍ମାଟରେ ଆସିବ। ଏହାଦ୍ୱାରା କୃଷକମାନେ ନିଜ ମୋବାଇଲ ଫୋନ୍‌ରେ ଆପ୍ ଇନ୍‌ଷ୍ଟଲ କରି ପାଣିପାଗ ସମ୍ପର୍କିତ ସୂଚନା ମାତ୍ର ୨ କିମ୍ବା ୩ଟି ବଟନ୍ ଦବାଇ ପାଇପାରିବେ। ଏହା ଆସନ୍ତା ୬ ମାସ ଭିତରେ ଉଭୟ ସ୍ମାର୍ଟ ଫୋନ୍ ଓ ବେସିକ୍ ଫିଚର ଫୋନ୍‌ରେ ଉପଲବ୍ଧ ହେବ ବୋଲି ବୁଧବାର ଭୂବିଜ୍ଞାନ ସଚିବ ଏମ୍. ରବିଚନ୍ଦ୍ର ସୂଚନା ଦେଇଛନ୍ତି।

ଆଇଏମ୍‌ଡିରୁ ମୋବାଇଲ୍ ଆପ୍ ମୌସମ ଜିପିଟିରେ ପାଣିପାଗ ସମ୍ପର୍କିତ ସୂଚନା ପାଇବା ଦ୍ୱାରା କୃଷକମାନେ ବିହନ ବୁଣାଠାରୁ ନେଇ ଫସଲ ଅମଳ ପର୍ଯ୍ୟନ୍ତ ଲାଭାନ୍ୱିତ ହେବେ। ବିଶେଷକରି ଗ୍ରାମାଞ୍ଚଳର ଲୋକେ ଏଥିରୁ ଅନେକ ସୁବିଧା ପାଇପାରିବେ। ବର୍ଷା ହେବ କି ନାହିଁ ସେନେଇ ଯାତ୍ରୀମାନେ ମଧ୍ୟ ଆଡ୍‌ଭାଇଜରି ପାଇବେ ଏବଂ ନିଜ ଯୋଜନା ଓ ସୁରକ୍ଷାରେ ଉନ୍ନତି ଆଣିପାରିବେ।

☞ ପୃଷ୍ଠା-୪



### ମନ୍‌ସୁନ୍ ଜିପିଟି

ମୌସମ୍ ଜିପିଟିର ଆର୍ଲି ଭର୍ସନ 'ମନ୍‌ସୁନ୍ ଜିପିଟି' ବିକଶିତ ହୋଇସାରିଛି। ଫିଚର ଫୋନ୍ ଓ ସ୍ମାର୍ଟଫୋନ୍‌ଗୁଡ଼ିକରେ ଏହାକୁ କାର୍ଯ୍ୟକାରୀ କରାଇବା ପାଇଁ ଏଥିରେ ଆଉ କିଛି କାମ ବାକି ଅଛି। ଉଦାହରଣସ୍ୱରୂପ ଜଣେ କ୍ଷୁଦ୍ରଚାଷୀ ଏକ ସାଧାରଣ ଫୋନ୍‌ରେ ୨/୩ଟି ବଟନ୍ ଦବାଇବା ପରେ ଯେପରି ପାଣିପାଗ ସୂଚନା ପାଇପାରିବେ, ସେଥିଲାଗି ଉଦ୍ୟମ ଜାରି ରହିଛି। ଟେଲିକମ୍ ଟାୱାର ବ୍ୟବହାର କରି ଏହି ବ୍ୟବସ୍ଥା କଲରଙ୍କ ଅବସ୍ଥିତି ଠାବ କରିପାରିବ। ଏହା ପରେ ସ୍ଥାନୀୟ ଭାଷାରେ ସରଳ ଭାବେ ପାଣିପାଗ ପୂର୍ବାନୁମାନ କରି ଉଭୟ ଲିଖିତ ଓ ମୌଖିକ ଭାବେ ଜଣାଇଦେବ।



**କଶ୍ମୀରରୁ ୨ ଲଶ୍କର ଆତଙ୍କବାଦୀ ଗିରଫ**

ଜମ୍ମୁ-କଶ୍ମୀରର ଶୋପିଆନରେ ସେନା, କଶ୍ମୀର ପୋଲିସ ଏବଂ ସିଆର୍‌ପିଏଫ୍‌ର ମିଳିତ ଅପରେଶନକୁ ଗୁରୁବାର ସଫଳତା ମିଳିଛି। ବସ୍‌କୁଚନ ଇମାମସାହିବ ଅଞ୍ଚଳରେ ଲସ୍କର-ଇ-ତୋଇବାର ୨ ଜଣ ହାଇବ୍ରିଡ୍ ଆତଙ୍କବାଦୀ ଇର୍‌ଫାନ ୱାଶିର ଏବଂ ଉଜୈର ସଲାମଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ବିପୁଳ ମାତ୍ରାରେ ଅସ୍ତ୍ରଶସ୍ତ୍ର ଏବଂ ଗୋଳାବାରୁଦ ଜବତ କରାଯାଇଛି।



# ଟ୍ରମ୍ପଙ୍କୁ ଅଦାଲତୀ ଝଟକା

## ଟାରିଫକୁ ଅଟକାଇଲେ ଅନ୍ତର୍ଜାତୀୟ କୋର୍ଟ



ଡୋନାଲ୍ଡ ଟ୍ରମ୍ପ୍

ୱାଶିଂଟନ, ୨୯।୫

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଟାରିଫ୍ କାର୍ଯ୍ୟକାରିତା ଉପରେ ମାନ୍‌ହାଟନସ୍ଥିତ ଅନ୍ତର୍ଜାତୀୟ ବାଣିଜ୍ୟ ଅଦାଲତ ରୋକ୍ ଲଗାଇଛନ୍ତି। ଯେଉଁ ଦେଶଗୁଡ଼ିକ ଆମେରିକାକୁ ଅଧିକ ସାମଗ୍ରୀ ବିକୁଛନ୍ତି ଓ କମ୍ ସାମଗ୍ରୀ କିଣୁଛନ୍ତି, ସେମାନଙ୍କ ଉପରେ ଟାରିଫ୍ ଲଗାଇ ରାଷ୍ଟ୍ରପତି ତାଙ୍କ କ୍ଷମତାଠାରୁ ଅଧିକ ପ୍ରୟୋଗ କରୁଥିବା ଅଦାଲତ କହିଛନ୍ତି। ଟାରିଫ୍ କ୍ଷମତା କାଏମ ରଖିବା ପାଇଁ ଟ୍ରମ୍ପ ପ୍ରଶାସନ ପକ୍ଷରୁ ଅଦାଲତଙ୍କୁ ନିବେଦନ କରାଯାଇଥିଲା। ଆଇନଗତ ପ୍ରତିବନ୍ଧକ ଯୋଗୁ ଚାଇନା ସହ ବାଣିଜ୍ୟ ଯୁଦ୍ଧର ଦିଗ ବଦଳିବା ସହ ଭାରତ-ପାକିସ୍ତାନ ସଂଘର୍ଷ ପୁଣିଥରେ ଘଟିପାରେ ବୋଲି ପ୍ରଶାସନ ଯୁକ୍ତି ଦର୍ଶାଇଥିଲା। ପହଲଗାମ୍ ଆତଙ୍କବାଦୀ ଆକ୍ରମଣକୁ ନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ସଂଘର୍ଷ ବେଳେ ଅସ୍ତ୍ରବିରତି ପାଇଁ ଟ୍ରମ୍ପ ଟାରିଫ୍ କ୍ଷମତାକୁ ଅସ୍ତ୍ର କରିଥିବା ଦାବିକରି ଆସୁଛନ୍ତି। ତେବେ ଅନ୍ତର୍ଜାତୀୟ ବାଣିଜ୍ୟ ଅଦାଲତ ଟ୍ରମ୍ପ ପ୍ରଶାସନର ସମସ୍ତ ଯୁକ୍ତିକୁ ଖାରଜ କରିଦେବା ସହ କଂଗ୍ରେସ ଆଇଇଇପିଏ ଅଧୀନରେ ରାଷ୍ଟ୍ରପତିଙ୍କୁ ଅସୀମ କ୍ଷମତା ଦେଇ ନାହିଁ ବୋଲି କହିଛନ୍ତି। କେବଳ ଜରୁରୀ ସମୟରେ ଅସାଧାରଣ ବିପଦର ମୁକାବିଲା ପାଇଁ ରାଷ୍ଟ୍ରପତି ଆବଶ୍ୟକ ଆର୍ଥିକ କଟକଣା ଲଗାଇପାରିବେ ବୋଲି ୩ ଜଣିଆ ଖଣ୍ଡପୀଠ କହିଛନ୍ତି।

### ଅସ୍ତ୍ରବିରତି ବେଳେ ଟାରିଫ୍ ଆଲୋଚନା ହୋଇ ନ ଥିଲା: ଭାରତ

ନୂଆଦିଲ୍ଲୀ, ୨୯।୫

ଭାରତର ଅପରେଶନ ସିନ୍ଦୂର ପରେ ମେ' ୧୦ରେ ଅସ୍ତ୍ରବିରତି ପାଇଁ ପାକିସ୍ତାନ ସହ ବୁଝାମଣା ହୋଇଥିଲା। ଆମେରିକା ସହ ବାଣିଜ୍ୟ ଆଲୋଚନାର ଏଥିସହିତ କୌଣସି ସମ୍ପର୍କ ନ ଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି। ଭାରତ ଓ ଆମେରିକୀୟ ଅଧିକାରୀଙ୍କ ମଧ୍ୟରେ କଥା ହୋଇଥିଲା ବେଳେ ବାଣିଜ୍ୟ ପ୍ରସଙ୍ଗ ଉଠି ନ ଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ୨ ଆଣବିକ ଶକ୍ତିସମ୍ପନ୍ନ ଦେଶକୁ ବାଣିଜ୍ୟ ସୁବିଧା ଦେବା ପାଇଁ ପ୍ରସ୍ତାବ ଦେବା ପରେ ସେମାନେ ଅସ୍ତ୍ରବିରତି ବୁଝାମଣାରେ ପହଞ୍ଚିଥିଲେ ବୋଲି ଏହାର ବାଣିଜ୍ୟ ସଚିବ ହ୍ୱାର୍ଡ ଲୁଟ୍‌ନିକ୍ କୋର୍ଟରେ ଯୁକ୍ତି ରଖିଥିବାରୁ ଭାରତ ପୁଣିଥରେ ଏହାକୁ ଖଣ୍ଡନ କରିଛି।

## ଡିଓଜିଇ ମୁଖ୍ୟ ପଦ ଛାଡ଼ିଲେ ମସ୍କ

ୱାଶିଂଟନ୍, ୨୯।୫


ଏଲନ ମସ୍କ

ଟେସ୍‌ଲା ସିଇଓ ଏଲନ ମସ୍କ ବୁଧବାର ନିଜକୁ ଆମେରିକାର ଡୋନାଲ୍ଡ ଟ୍ରମ୍ପ ପ୍ରଶାସନରୁ ଅଲଗା କରିଛନ୍ତି। ଏନେଇ ସେ ଏକ୍ସ'ରେ ଏକ ପୋଷ୍ଟ କରି ଘୋଷଣା କରିଛନ୍ତି। ସେ ଟ୍ରମ୍ପ ପ୍ରଶାସନରେ ଡିପାର୍ଟମେଣ୍ଟ ଅଫ୍ ଗଭର୍ନମେଣ୍ଟ ଏଫିସିଏନ୍ସି (ଡିଓଜିଇ) ମୁଖ୍ୟ ଭାବେ ପଦ ସମ୍ଭାଳୁଥିଲେ।

ମସ୍କ ତାଙ୍କ ପୋଷ୍ଟରେ କହିଛନ୍ତି, ଆମେରିକାର ଟ୍ରମ୍ପ ପ୍ରଶାସନରେ ଜଣେ ସ୍ୱତନ୍ତ୍ର କର୍ମଚାରୀ ଭାବେ ତାଙ୍କ କାର୍ଯ୍ୟକାଳ ଶେଷ ହୋଇଛି। ଅନାବଶ୍ୟକ ସରକାରୀ ଖର୍ଚ୍ଚକୁ କମ୍ କରିବା ପାଇଁ ତାଙ୍କୁ ସୁଯୋଗ ଦେଇଥିବାରୁ ସେ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସମୟ ସହ 'ଡିଓଜିଇ'ର ମିଶନ ଆହୁରି ଶକ୍ତିଶାଳୀ ହେବ ବୋଲି ସେ କହିଛନ୍ତି। ମସ୍କ ଗତ ୧୩୦ ଦିନ ଧରି ଟ୍ରମ୍ପ ପ୍ରଶାସନରେ ଡିଓଜିଇ ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ଏହି କାର୍ଯ୍ୟକାଳରେ ସେ ବିଦେଶୀ ସହାୟତା ଏବଂ ସାର୍ବଜନୀନ ପ୍ରସାରଣ ଉପରେ ଖର୍ଚ୍ଚ ହ୍ରାସ ପାଇଁ ପରାମର୍ଶ ଦେଇଥିଲେ। ତେବେ ଟ୍ରମ୍ପଙ୍କ ୱାନ୍‌ବିଗ୍‌ବିୟୁଟିଫୁଲ ବିଲ୍‌କୁ ଆଲୋଚନା କରିବାର ଠିକ୍ ପରେ ମସ୍କଙ୍କ ଏହି ଘୋଷଣା ଅନେକ କଳ୍ପନାଜଳ୍ପନାକୁ ପ୍ରକାଶ କରିଛି। ଉକ୍ତ ବିଲ୍‌ରେ ବହୁ ଟ୍ରିଲିୟନ୍ ଡଲାରର ଟିକସ ଛାଡ଼, ପ୍ରତିରକ୍ଷା ଖର୍ଚ୍ଚ ବୃଦ୍ଧି ଆଦି ପଦକ୍ଷେପ ଅନ୍ତର୍ଭୁକ୍ତ ଥିଲା। ଟ୍ରମ୍ପଙ୍କ ଏହି ବିଲ୍ ଡିଓଜିଇର କାର୍ଯ୍ୟକୁ ଦୁର୍ବଳ କରୁଥିବା ସହ ଏହା ଆମେରିକା ପ୍ରଶାସନକୁ କ୍ଷତି ପହଞ୍ଚାଇପାରେ ବୋଲି ସେ କହିଥିଲେ। 'ଡିଓଜିଇ'ର ଦେଖାଶୁଣା ଯୋଗୁ ମସ୍କ ତାଙ୍କ ବ୍ୟବସାୟରେ ପର୍ଯ୍ୟାପ୍ତ ସମୟ ଦେଇପାରୁ ନ ଥିବା ନେଇ ବିଭିନ୍ନ ରିପୋର୍ଟରେ କୁହାଯାଇଥିଲା। ଲଗାତର ଟେସ୍‌ଲାର ଶେୟାରରେ ଭାରୀ ହ୍ରାସ ଘଟୁଥିବାରୁ ଏହାର ନିବେଶକମାନେ ମସ୍କଙ୍କୁ ଆମେରିକା ପ୍ରଶାସନରୁ ଇସ୍ତଫା ଦେବା ପାଇଁ ଦାବି କରିଥିବା ନେଇ ରିପୋର୍ଟ ପ୍ରକାଶ ପାଇଥିଲା।

## ଆତଙ୍କବାଦ, ଆଲୋଚନା ଏକାଠି ହୋଇପାରିବ ନାହିଁ

### ଶେହବାଜଙ୍କ ପ୍ରସ୍ତାବର ଜବାବ ରଖିଲା ଭାରତ

ନୂଆଦିଲ୍ଲୀ, ୨୯।୫ (ପି.ଟି.)

ପାକିସ୍ତାନ ପକ୍ଷରୁ ସୀମାପାର୍ ଆତଙ୍କବାଦକୁ ବନ୍ଦ କରାଗଲେ ଯାଇ ଉଭୟ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ସମ୍ଭବ ହେବ ବୋଲି ଗୁରୁବାର ଭାରତ ପକ୍ଷରୁ ପୁଣିଥରେ ସ୍ପଷ୍ଟ କରାଯାଇଛି। ଭାରତ ସହ କଶ୍ମୀର, ଆତଙ୍କବାଦ, ଜଳ, ବାଣିଜ୍ୟ ଆଦି ପ୍ରସଙ୍ଗରେ ରହିଥିବା ବିବାଦର ସମାଧାନ ପାଇଁ ଶାନ୍ତି ଆଲୋଚନା କରିବାକୁ ଇଚ୍ଛୁକ ବୋଲି ଚଳିତ ସପ୍ତାହରେ ଇରାନ ଗସ୍ତରେ ଥିବା ବେଳେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ କହିଥିଲେ। ଗୁରୁବାର ଏହାର ଜବାବ ରଖି ବହିର୍ବ୍ୟାପାର ସଚିବ ରଣଧୀର ଜୟସ୍ୱାଲ କହିଛନ୍ତି, ଏକସଙ୍ଗେ ଆତଙ୍କବାଦ ଏବଂ ଆଲୋଚନା ହୋଇପାରିବ ନାହିଁ। କେବଳ ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)କୁ ଭାରତ ହସ୍ତାନ୍ତର ଏବଂ ଆତଙ୍କବାଦ ପ୍ରସଙ୍ଗରେ ଭାରତ ଦ୍ୱିପାକ୍ଷିକ ଆଲୋଚନା କରିବ।

## ସଂକ୍ଷେପରେ

### ବର୍ଷକରେ ୩୬,୦୨୪ କୋଟିର ବ୍ୟାଙ୍କ ଜାଲିଆତି

ନୂଆଦିଲ୍ଲୀ, ୨୯।୫

୨୦୨୪-୨୫ ଆର୍ଥିକ ବର୍ଷରେ ବ୍ୟାଙ୍କ ଜାଲିଆତି ସଂଖ୍ୟା ପୂର୍ବବର୍ଷ ତୁଳନାରେ କମିଥିଲେ ମଧ୍ୟ ମୋଟ ଅର୍ଥରାଶି ପରିମାଣ ପାଖାପାଖି ୩ ଗୁଣା ବୃଦ୍ଧି ପାଇଛି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ବାର୍ଷିକ ରିପୋର୍ଟରୁ ଏହା ଜଣାପଡ଼ିଛି। ୨୦୨୩-୨୪ ଆର୍ଥିକ ବର୍ଷରେ ମୋଟ ୩୬,୦୬୦ଟି ବ୍ୟାଙ୍କ ଜାଲିଆତି ମାମଲା ରିପୋର୍ଟ ହୋଇଥିବାବେଳେ ଗତ ଆର୍ଥିକ ବର୍ଷରେ ଏହା ୨୩,୮୫୩କୁ ହ୍ରାସ ପାଇଛି। ଅନ୍ୟପକ୍ଷରେ ଜାଲିଆତି ହୋଇଥିବା ଅର୍ଥରାଶି ପରିମାଣ ପୂର୍ବବର୍ଷ ୧୨,୨୩୦ କୋଟି ଟଙ୍କା ଥିବାବେଳେ ୨୦୨୪-୨୫ରେ ଏହା ୩୬,୦୧୪ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ରିପୋର୍ଟ ଅନୁଯାୟୀ ଘରୋଇ ସେକ୍ଟର ବ୍ୟାଙ୍କଗୁଡ଼ିକରେ ସର୍ବାଧିକ ୧୪,୨୩୩ଟି ଜାଲିଆତି ହୋଇଛି। ଅନ୍ୟପକ୍ଷରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକରେ ହୋଇଥିବା ଜାଲିଆତି ସଂଖ୍ୟା ୬,୯୩୫ ରହିଛି।

### ପାକିସ୍ତାନ ରାଲିରେ ପହଲଗାମ୍ ଆକ୍ରମଣର ମାଷ୍ଟର ମାଇଣ୍ଡ

ନୂଆଦିଲ୍ଲୀ, ୨୯।୫

ଗତ ଏପ୍ରିଲ ୨୨ରେ ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ କୁହାଯାଉଥିବା ଲଶ୍କର-ଇ-ତୋଇବା କମାଣ୍ଡର ସୈଫୁଲ୍ଲା କସୁରୀଙ୍କୁ ବୁଧବାର ସର୍ବସାଧାରଣରେ ଦେଖିବାକୁ ମିଳିଥିଲା। ଭାରତ ବିରୋଧୀ ଏକ ରାଲିରେ ସେ ପାକିସ୍ତାନୀ ରାଜନେତାମାନଙ୍କ ସହ ମଞ୍ଚରେ ଉପସ୍ଥିତ ଥିଲେ। ତାଙ୍କ ସହିତ ଅନ୍ୟ କେତେଜଣ ୱାଣ୍ଟେଡ୍ ଆତଙ୍କବାଦୀ ମଧ୍ୟ ଉକ୍ତ ରାଲିରେ ଯୋଗଦେଇଥିଲେ। ପାକିସ୍ତାନର ଆଣବିକ ପରୀକ୍ଷାର ବର୍ଷିକୀ ପାଳନ ଅବସରରେ ପାକିସ୍ତାନ ମର୍କାଜି ମୁସ୍‌ଲିମ୍ ଲିଗ୍ (ପିଏମ୍‌ଏମ୍‌ଏଲ୍) ପକ୍ଷରୁ ଏହି ର୍ୟାଲିର ଆୟୋଜନ କରାଯାଇଥିଲା। ସେଠାରେ ସୈଫୁଲ୍ଲାଙ୍କ ସହ ଅନ୍ୟମାନେ ଭାରତ ବିରୋଧରେ ଉତ୍ତେଜନାପୂର୍ଣ୍ଣ ଭାଷଣ ଦେଇଥିଲେ। ଅନ୍ୟ ଆତଙ୍କବାଦୀଙ୍କ ମଧ୍ୟରେ ଲଶ୍କର ପ୍ରତିଷ୍ଠାତା ହାଫିଜ ସୟିଦଙ୍କ ପୁଅ ତାଲହା ସୟିଦ ମଧ୍ୟ ଉପସ୍ଥିତ ଥିଲେ। ପହଲଗାମ୍ ଆକ୍ରମଣ ପାଇଁ ମୋତେ ଦାୟୀ କରାଯିବା ଦ୍ୱାରା ସାରା ବିଶ୍ୱରେ ମୋ ନାଁ ପ୍ରସିଦ୍ଧ ହୋଇଗଲା ବୋଲି ରାଲିରେ ସୈଫୁଲ୍ଲା କହିଥିଲେ।

### ପିଓକେ ବାସିନ୍ଦା ସ୍ୱଇଚ୍ଛାରେ ଭାରତ ଫେରିବେ: ରାଜନାଥ

ନୂଆଦିଲ୍ଲୀ, ୨୯।୫

ପାକ୍ ଅଧିକୃତ କଶ୍ମୀର(ପିଓକେ)ର ଜନସାଧାରଣ ହେଉଛନ୍ତି ଭାରତୀୟ ପରିବାର। ସେମାନେ ସ୍ୱେଚ୍ଛାକୃତ ଭାବେ ଭାରତର ମୁଖ୍ୟ ସ୍ରୋତକୁ ଫେରିବା ସମୟ ଆଉ ବେଶି ଦୂର ନାହିଁ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଗୁରୁବାର କହିଛନ୍ତି। ଇସ୍‌ଲାମାବାଦ ସହ ଆଲୋଚନା କେବଳ ଆତଙ୍କବାଦ ଏବଂ ପିଓକେକୁ ନେଇ ସମ୍ଭବ। ସିଆଇଆଇ ବିଜ୍‌ନେସ୍ ସମିଟ୍‌ରେ ଉଦ୍‌ବୋଧନ ଦେଇ ପ୍ରତିରକ୍ଷା ମନ୍ତ୍ରୀ କହିଥିଲେ, ପିଓକେ ଜନସାଧାରଣ ନିଜ ଅନ୍ତରାତ୍ମାର ଆହ୍ୱାନ ଶୁଣି ଦିନେ ନିଶ୍ଚୟ ଫେରିବେ ବୋଲି ବିଶ୍ୱାସ ରହିଛି।

### ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗର ଶାର୍ପ ଶୁଟରଙ୍କୁ ଏନ୍‌କାଉଣ୍ଟର

ଗାଜିଆବାଦ, ୨୯।୫

ଉତ୍ତରପ୍ରଦେଶ ହାପୁଡ଼ ଜିଲାର କୋତ୍‌ୱାଲିସ୍ଥିତ ପ୍ରିତ ବିହାର ଅଞ୍ଚଳରେ ବୁଧବାର ବିଳମ୍ବିତ ରାତିରେ ପୋଲିସ ସହ ଗୁଳି ବିନିମୟରେ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗର ଶାର୍ପ ଶୁଟର ନବୀନ କୁମାରଙ୍କ ମୃତ୍ୟୁ ଘଟିଛି। ୟୁପି ଏସ୍‌ଟିଏଫ୍‌ର ନଏଡା ୟୁନିଟ୍ ଏବଂ ଦିଲ୍ଲୀ ପୋଲିସର ସ୍ପେଶାଲ ସେଲ୍ ଟିମ୍ ପକ୍ଷରୁ ମିଳିତ ଭାବେ ଏହି ଏନ୍‌କାଉଣ୍ଟର କରାଯାଇଛି। ପ୍ରିତ ବିହାର ଅଞ୍ଚଳରେ ନବୀନ ଲୁଚି ରହିଥିବା ନେଇ ଦିଲ୍ଲୀ ପୋଲିସର ସ୍ପେଶାଲ ସେଲ୍ ଟିମ୍‌କୁ ଇନ୍‌ପୁଟ ମିଳିଥିଲା। ଫଳରେ ନବୀନଙ୍କୁ ଧରିବା ପାଇଁ ପୋଲିସ ଅଭିଯାନ ଆରମ୍ଭ କରିଥିଲା।



ଆସାମର ଗୁଆହାଟୀ ସ୍ଥିତ ରୁକ୍ମିଣୀଗାଁରେ ଲଗାଣ ବର୍ଷା ଯୋଗୁ ବନ୍ୟା ସ୍ଥିତି ସୃଷ୍ଟି ହୋଇଥିବାବେଳେ ସ୍ଥାନୀୟ ଲୋକମାନେ ଏକ ରବର ବୋଟ୍‌ରେ ଯାତାୟାତ କରୁଛନ୍ତି।

## ପାକିସ୍ତାନ ପାଇଁ ଗୁପ୍ତଚରଗିରି: ସରକାରୀ କର୍ମଚାରୀ ଗିରଫ

ଜୟପୁର, ୨୯।୫


ଶକୁର ଖାନ୍

ପାକିସ୍ତାନ ପାଇଁ ଗୁପ୍ତଚରଗିରିରେ ଲିପ୍ତଥିବା ଅଭିଯୋଗରେ ରାଜସ୍ଥାନର ଜଣେ ସରକାରୀ କର୍ମଚାରୀଙ୍କୁ ଜୟସାଲମେରରେ ଗିରଫ କରାଯାଇଛି। ଶକୁର ଖାନ୍ ନାମକ ଉକ୍ତ କର୍ମଚାରୀ ପୂର୍ବରୁ ଜଣେ ବରିଷ୍ଠ କଂଗ୍ରେସ ନେତାଙ୍କ ବ୍ୟକ୍ତିଗତ ସହାୟକ ଥିଲେ। ସୁରକ୍ଷା ସମ୍ପର୍କିତ ସୂତ୍ରରୁ ସୂଚନା ପାଇ ଗୋଇନ୍ଦା ଅଧିକାରୀମାନେ ବୁଧବାର ରାତିରେ ତାଙ୍କୁ ଗିରଫ କରିଛନ୍ତି। ଜିଲା ନିୟୋଜନ କାର୍ଯ୍ୟାଳୟରେ କାମ କରୁଥିବା ଖାନ୍‌ଙ୍କ ମୋବାଇଲ୍ ଫୋନ୍‌ରୁ କେତେକ ପାକିସ୍ତାନୀ ଫୋନ୍ ନମ୍ବର ମିଳିଛି। ଏକ ମିଳିତ ଟିମ୍ ତାଙ୍କୁ ଜେରା କରୁଛି। ଏନେଇ ପ୍ରଶ୍ନ କରାଯିବାରୁ ସେ କୌଣସି ଉତ୍ତର ଦେଇପାରି ନାହାନ୍ତି। ଗତ କିଛିବର୍ଷ ମଧ୍ୟରେ ସେ ୭ ଥର ପାକିସ୍ତାନ ଯାଇଥିବା ସ୍ୱୀକାର କରିଛନ୍ତି।

## ସୁପ୍ରିମକୋର୍ଟରେ ୩ ବିଚାରପତି ନିଯୁକ୍ତ


ଜଷ୍ଟିସ୍ ଏନ୍.ଭି. ଅଞ୍ଜାରିଆ ଜଷ୍ଟିସ୍ ବିଜୟ ବିଷ୍ଣୋଇ ଜଷ୍ଟିସ୍ ଏ.ଏସ୍. ଚନ୍ଦୁରକର

ନୂଆଦିଲ୍ଲୀ, ୨୯।୫(ପି.ଟି.)

ସୁପ୍ରିମକୋର୍ଟରେ ଗୁରୁବାର ୩ ଜଣ ବିଚାରପତିଙ୍କୁ ନିଯୁକ୍ତ କରାଯାଇଛି। କର୍ନାଟକ ହାଇକୋର୍ଟ ମୁଖ୍ୟ ବିଚାରପତି ଏନ୍.ଭି. ଅଞ୍ଜାରିଆ, ଗୁଆହାଟୀ ହାଇକୋର୍ଟ ମୁଖ୍ୟ ବିଚାରପତି ବିଜୟ ବିଷ୍ଣୋଇ ଏବଂ ବମ୍ବେ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଏ.ଏସ୍. ଚନ୍ଦୁରକରଙ୍କୁ ଶୀର୍ଷ ଅଦାଲତର ବିଚାରପତି ଭାବେ ପଦୋନ୍ନତି ଦେବା ପାଇଁ ସୋମବାର ସୁପ୍ରିମକୋର୍ଟ କଲେଜିୟମ୍ ସୁପାରିସ କରିଥିଲେ। ପୂର୍ବତନ ପ୍ରଧାନ ବିଚାରପତି ସଞ୍ଜୀବ ଖାନ୍ନା, ଜଷ୍ଟିସ୍ ଅଭୟ ଏସ୍. ଓକା ଏବଂ ହୃଷୀକେଶ ରୟଙ୍କ ଅବସର ପରେ ଉପରୋକ୍ତ ବିଚାରପତିମାନଙ୍କୁ ସୁପ୍ରିମକୋର୍ଟରେ ନିଯୁକ୍ତି ଦେବା ନିମନ୍ତେ ସୁପାରିସ କରାଯାଇଥିଲା। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରଧାନ ବିଚାରପତିଙ୍କ ସହ ପରାମର୍ଶ କରିବା ପରେ ସେମାନଙ୍କୁ ନିଯୁକ୍ତି ପ୍ରଦାନ କରିଛନ୍ତି।

## ସେନାମୁଖ୍ୟଙ୍କୁ ଦକ୍ଷିଣାରେ ପିଓକେ ମାଗିଲେ ଗୁରୁ

ଚିତ୍ରକୂଟ, ୨୯।୫


ଜଗଦ୍‌ଗୁରୁ ରାମଭଦ୍ରାଚାର୍ଯ୍ୟ

ସେନାମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ବୁଧବାର ଜଗଦ୍‌ଗୁରୁ ରାମଭଦ୍ରାଚାର୍ଯ୍ୟଙ୍କୁ ତାଙ୍କ ଚିତ୍ରକୂଟସ୍ଥିତ ଆଶ୍ରମରେ ଭେଟିଥିଲେ। ଏହି ଅବସରରେ ଗୁରୁ ତାଙ୍କୁ ଦୀକ୍ଷା ଦେଇଥିଲେ ଓ ଗୁରୁ ଦକ୍ଷିଣାରେ ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ) ମାଗିଥିଲେ। ଗୁରୁବାର ଜଗଦ୍‌ଗୁରୁ ରାମଭଦ୍ରାଚାର୍ଯ୍ୟ କହିଛନ୍ତି, ସେ ସେନାମୁଖ୍ୟଙ୍କୁ ରାମ ମନ୍ତ୍ର ସହ ସମାନ ଦୀକ୍ଷା ଦେଇଥିଲେ, ଯାହା ଭଗବାନ ହନୁମାନ ମାତା ସୀତାଙ୍କଠାରୁ ପାଇଥିଲେ। ଏହି ଦୀକ୍ଷା ନେଇ ହନୁମାନ ଲଙ୍କାରେ ବିଜୟୀ ହୋଇଥିଲେ। ଏହି ଦୀକ୍ଷାର ପ୍ରତିବଦଳରେ ଦକ୍ଷିଣା ଭାବେ ସେ ପିଓକେକୁ ଭାରତକୁ ଫେରାଇ ଆଣିବା ପାଇଁ ସେନାମୁଖ୍ୟଙ୍କୁ କହିଥିଲେ। ଜେନେରାଲ ଦ୍ୱିବେଦୀ ଜଗଦ୍‌ଗୁରୁଙ୍କ ଆଶ୍ରମରେ ଅନେକ ସନ୍ଥଙ୍କ ସହ ଆଲୋଚନା କରିଥିଲେ।

## ୩ ସ୍ତ୍ରୀ, ୯ ପିଲାଙ୍କ ପାଇଁ ଚୋର ସାଜିଲେ

ବେଙ୍ଗାଲୁରୁ, ୨୯।୫ (ପି.ଟି.)


ବାବାଜାନ

ବେଙ୍ଗାଲୁରୁର ବାବାଜାନ ନାମକ ବ୍ୟକ୍ତି (୩୬) ନିଜ ୩ ସ୍ତ୍ରୀ ଓ ୯ ପିଲାଙ୍କ ଯତ୍ନ ନେବା ପାଇଁ ଅନ୍ୟ ଉପାୟ ନ ପାଇ ଚୋରି ବୃତ୍ତିକୁ ଆପଣାଇ ନେଇଛନ୍ତି। ଏକ ଚୋରି ମାମଲାରେ ଧରାପଡ଼ିବା ପରେ ବାବାଜାନ ପୋଲିସ ସମ୍ମୁଖରେ ଏହା ପ୍ରକାଶ କରିଛନ୍ତି। ଗତ ୭ରେ ବେଙ୍ଗାଲୁରୁର ବେଟ୍ଟାଦାସନ୍‌ପୁରାସ୍ଥିତ ଏକ ଘରୁ ସେ ୪.୬ ଲକ୍ଷ ଟଙ୍କାର ମୂଲ୍ୟବାନ ସାମଗ୍ରୀ ଚୋରି କରିଥିଲେ। ପୋଲିସ ବୁଧବାର ବାବାଜାନଙ୍କୁ ଧରିବା ସହ ତାଙ୍କ ନିକଟରୁ ୧୮୮ ଗ୍ରାମ୍ ସୁନା ଅଳଙ୍କାର, ୫୫୦ ଗ୍ରାମ୍ ରୁପା ଅଳଙ୍କାର ଏବଂ ନଗଦ ୧,୫୦୦ ଟଙ୍କା ଜବତ କରିଛି। ଜେରା ବେଳେ ବାବାଜାନ କହିଛନ୍ତି, ସେ ୩ ଜଣଙ୍କୁ ବିବାହ କରିଥିବାବେଳେ ତାଙ୍କର କୌଣସି ସ୍ଥାୟୀ ଚାକିରି ନ ଥିଲା। ନିଜର ୩ ସ୍ତ୍ରୀ ଓ ୯ ପିଲାଙ୍କୁ ଚଳାଇବା ତାଙ୍କ ପକ୍ଷେ କଷ୍ଟସାଧ୍ୟ ହେଉଥିଲା। ତେଣୁ ସେ ଚୋର ହୋଇଗଲେ। ସେ ବେଙ୍ଗାଲୁରୁର ବିଭିନ୍ନ ଘରେ ଚୋରି କରି ପରିବାର ଚଳାଉଥିଲେ। ସେ ଅନେକ ଚୋରି କରି ସହରର ଜଣେ ପେସାଦାର ଚୋର ପାଲଟିଥିବା ପୋଲିସ କହିଛି।

## 'ପଶ୍ଚିମବଙ୍ଗରେ ନିର୍ମମ ସରକାର'

### ମୁର୍ଶିଦାବାଦ ହିଂସା, ଶିକ୍ଷକ ଦୁର୍ନୀତିକୁ ନେଇ ମମତାଙ୍କୁ ଘେରିଲେ ମୋଦି

କୋଲକାତା, ୨୯।୫ (ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ପଶ୍ଚିମବଙ୍ଗର ଆଲିପୁରଦ୍ୱାରରେ ଏକ ଜନସଭାକୁ ସମ୍ବୋଧନ କରି ବିଭିନ୍ନ ପ୍ରସଙ୍ଗରେ ପଶ୍ଚିମବଙ୍ଗର ମମତା ବାନାର୍ଜୀ ସରକାରଙ୍କୁ ଘେରିଥିଲେ। ମୁର୍ଶିଦାବାଦ ଏବଂ ମାଲଦାର ଉଦାହରଣ ଦେଇ ମୋଦି କହିଥିଲେ, ପଶ୍ଚିମବଙ୍ଗରେ ଗୁଣ୍ଡାଗିରି କରିବା ପାଇଁ ଅପରାଧୀଙ୍କୁ ଖୋଲା ଛାଡ଼ି ଦିଆଯାଇଛି। ମୁର୍ଶିଦାବାଦର ହିଂସା ରାଜ୍ୟରେ ନିର୍ମମ ସରକାର ଚାଲିଥିବାର ଏକ ଜ୍ୱଳନ୍ତ ଉଦାହରଣ। ସେହିପରି ପଶ୍ଚିମବଙ୍ଗରେ ହୋଇଥିବା ଶିକ୍ଷକ ନିଯୁକ୍ତି ଦୁର୍ନୀତିକୁ ଟାର୍ଗେଟ କରି ମୋଦି କହିଥିଲେ, ରାଜ୍ୟରେ ଦୁର୍ନୀତି ବଢ଼ିବାରେ ଲାଗିଛି, ଯାହାଫଳରେ ପଶ୍ଚିମବଙ୍ଗର ଶାସନ ବ୍ୟବସ୍ଥା ଉପରୁ ଲୋକଙ୍କ ବିଶ୍ୱାସ ହ୍ରାସ ପାଇଛି। ମୋଦିଙ୍କ ଏହି ଟାର୍ଗେଟର ଉତ୍ତରରେ ମମତା ଭାଜପାକୁ ଏକ ଜୁମଲା ପାର୍ଟି କହିଛନ୍ତି। ପ୍ରଧାନମନ୍ତ୍ରୀ କେବଳ ମିଛ ତଥ୍ୟର ପ୍ରଚାର କରୁଛନ୍ତି ଏବଂ ଦଳୀୟ ଲାଭ ପାଇଁ ସେ ଅପରେଶନ ସିନ୍ଦୂରର ରାଜନୀତିକରଣ କରୁଥିବା ମମତା କହିଛନ୍ତି।

## 'ମଦ ପିଇ ମଣିଷ ପଶୁ ପାଲଟିଯାଏ'

### ବଳାତ୍କାର ମାମଲାରେ ଜାମିନ ନାମଞ୍ଜୁର କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୯।୫

ମଦ୍ୟପାନ କରିବା ପରେ ମଣିଷ ପଶୁ ହୋଇଯାଇଥାଏ ବୋଲି ଗୁରୁବାର ଏକ ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ କହିଛନ୍ତି। ନିଜ ୭ ବର୍ଷର ଝିଅକୁ ଯୌନ ଶୋଷଣ କରିଥିବା ଜଣେ ହୃଦ୍‌ତତ୍ତ୍ୱବିତ୍‌ଙ୍କ ଜାମିନ ଆବେଦନକୁ ଖାରଜ କରିବା ସମୟରେ ସର୍ବୋଚ୍ଚ ଅଦାଲତ ଏପରି ଟିପ୍ପଣୀ କରିଛନ୍ତି। ଜଷ୍ଟିସ୍ ବି.ଭି. ନାଗରତ୍ନା ଏବଂ ଜଷ୍ଟିସ୍ ସତୀଶ ଚନ୍ଦ୍ର ମିଶ୍ରାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ଟ୍ରାଏଲ କୋର୍ଟ ଅଭିଯୁକ୍ତ ଡାକ୍ତରଙ୍କୁ ଦୋଷୀସାବ୍ୟସ୍ତ କରିଛନ୍ତି। ସେ ଯେଉଁ ଘୃଣ୍ୟ କାର୍ଯ୍ୟ କରିଛନ୍ତି, ସେଥିପାଇଁ ସେ କୌଣସି ଆଶ୍ୱସ୍ତି ପାଇବାର ଯୋଗ୍ୟ ନୁହନ୍ତି। ଜଣେ ନିଜ ଝିଅକୁ କିପରି ଯୌନ ଶୋଷଣ କରିପାରିବ ବୋଲି ସର୍ବୋଚ୍ଚ ଅଦାଲତ ପ୍ରଶ୍ନ କରିଛନ୍ତି। ବାସ୍ତବରେ ମଦ୍ୟପାନ କରିବା ପରେ ମଣିଷ ପଶୁ ପାଲଟିଯାଇଥାଏ, ତାହା ଏହି ମାମଲାରୁ ପ୍ରମାଣିତ ହୋଇଥିବା ସୁପ୍ରିମକୋର୍ଟ କହିଛନ୍ତି।






# ବଜ୍ରପାତ ନେଲା ୩ ଜୀବନ

**ଅତାବିରା/ବିନିକା,୨୯।୫(ଯୁଧିଷ୍ଠିର ମହାପାତ୍ର/ରାମଗୋପାଳ ବାଘ)**

ବରଗଡ଼ ଜିଲା ଅତାବିରା ଥାନା ଓ ସୁବର୍ଣ୍ଣପୁର ଜିଲା ବିନିକା ଥାନା ଅଞ୍ଚଳରେ ଗୁରୁବାର ବଜ୍ରପାତରେ ୩ଜଣଙ୍କ ଜୀବନ ଯାଇଛି। ଅତାବିରା ଥାନା ଅଞ୍ଚଳରେ ୨ ମହିଳା ଓ ବିନିକାରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ଅତାବିରା ଥାନା ଖଇରପାଲି ନିକଟସ୍ଥ ନଳିଆଁ ଝୁପୁଡି ଗ୍ରାମର ସ୍ୱର୍ଗତ ରାଜେନ୍ଦ୍ର ଛତ୍ରିଆଙ୍କ ସ୍ତ୍ରୀ ଶାନ୍ତି (୪୮) ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇବା ପାଇଁ କାଠ ସଂଗ୍ରହ କରି ଘରକୁ ଫେରୁଥିବାବେଳେ ବଜ୍ରପାତ ହୋଇଥିଲା। ସେହିପରି ଅତାବିରା ଥାନା ଟୋପ ଗ୍ରାମର ଯଶୋଦା ମଲ୍ଲିକ(୩୬) କ୍ଷେତରେ ଦିନ ମଜୁରିଆ ଭାବେ କାମ କରୁଥିବା ତାଙ୍କ ସ୍ୱାମୀ ଗଣନାଥଙ୍କ ପାଖକୁ ଭାତନେଇ ଦେଇଆସୁଥିବାବେଳେ ବିଲରେ ବଜ୍ରପାତ ଘଟିଥିଲା। ଉଭୟଙ୍କୁ ଅତାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିବା ପରେ ଡାକ୍ତର ଏ ଶତିଶ କୁମାର ମୃତ ଘୋଷଣା କରିଛନ୍ତି। ଖବରପାଇ ଅତାବିରା ଥାନା ଆଇଆଇସି ପ୍ରକାଶ କର୍ଣ୍ଣଙ୍କ ନିର୍ଦ୍ଦେଶରେ ପୋଲିସ ଉଭୟ ମୃତଦେହକୁ ଜବତ କରିଛି। ବ୍ୟବଚ୍ଛେଦ ପାଇଁ ବରଗଡ଼ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି। ଏନେଇ ଦୁଇଟି ପୃଥକ୍ ଅପମୃତ୍ୟୁ ମାମଲା (ନଂ.୧୦/୨୦୨୫ ଏବଂ ୧୧/୨୦୨୫) ରୁଜୁ ହୋଇଛି।

ସେହିପରି ବିନିକା ଥାନା ଅଞ୍ଚଳରେ ବଜ୍ରପାତରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତ ଚାଷୀ ସିଂଘିଯୁବା ପଞ୍ଚାୟତ କମିରା ଗାଁର ଡୋଳାମଣୀ ପଧାନ(୬୨)। ଅପରାହ୍ଣରେ ସେ ନିଜ ଚାଷଜମିରୁ କଟାଧାନ ଆଣୁଥିବା ସମୟରେ ବଜ୍ରପାତ ହୋଇଥିଲା। ଏଥିରେ ସେ ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଦେଣ୍ଡୁପଦର ଗାଁର ଭଗବାନ ଗଡ୍ଡୁଆ (୫୦) ବିଲରୁ ଧାନ ଆଣୁଥିବା ସମୟରେ ବଜ୍ରପାତ ଘଟିଥିଲା। ଏଥିରେ ସେ ଗୁରୁତର ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

# ସତ୍ୟବାଦୀରୁ ଆରମ୍ଭ ହେଲା ବିକଶିତ କୃଷି ସଂକଳ୍ପ ଅଭିଯାନ

**ଭୁବନେଶ୍ୱର/ସାକ୍ଷୀଗୋପାଳ,୨୯।୫(ସୁନିତ୍ ମିଶ୍ର/ ପ୍ରଶାନ୍ତ କୁମାର ବାରିକ/ କିଶୋର ମହାପାତ୍ର/ ଭରତ ରାଉତ)**

ଭାରତ ସରକାରଙ୍କ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର ପୁରୀର ସାକ୍ଷୀଗୋପାଳସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରଠାରେ ବିକଶିତ କୃଷି ସଂକଳ୍ପ ଅଭିଯାନ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନ ଓ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଯୋଗଦେଇ ଏହି ଜାତୀୟ କାର୍ଯ୍ୟକ୍ରମକୁ 'ଏକ ପେଡ୍ ମା' କେ ନାମ' ଅଭିଯାନ ଆଧାରରେ ଗଛ ଲଗାଇ ଉଦ୍‌ଘାଟନ କରିଛନ୍ତି। ଆସନ୍ତା ୧୫ ଦିନ ଅର୍ଥାତ୍ ଜୁନ୍ ୧୨ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଭିଯାନରେ ପ୍ରାୟ ୧.୫ କୋଟି ଚାଷୀଙ୍କ ସହିତ ସରକାର ସିଧାସଳଖ ଭେଟି ସେମାନଙ୍କୁ ନୂତନ କୃଷି ଜ୍ଞାନ କୌଶଳ ଓ ପ୍ରଯୁକ୍ତିବିଦ୍ୟା ବିଷୟରେ ଅବଗତ କରାଇବେ। କୃଷକମାନଙ୍କ ମଧ୍ୟରେ ଆଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ନୂତନ ବିହନ କିସମ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଗୁରୁବାରଠାରୁ ଦେଶବ୍ୟାପୀ ଆରମ୍ଭ ହୋଇଥିବା 'ବିକଶିତ କୃଷି ସଂକଳ୍ପ ଅଭିଯାନ' ଭାରତ ସରକାରଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି କେନ୍ଦ୍ରମନ୍ତ୍ରୀ ଚୌହାନ କହିଛନ୍ତି।

ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ପ୍ରତ୍ୟେକ ଜିଲାସ୍ତରରେ ୩ଟି ଦଳ ଗଠନ କରାଯାଇ କୃଷି, ଉଦ୍ୟାନ କୃଷି ଓ ମୃତ୍ତିକା ସଂରକ୍ଷଣ ସମ୍ବନ୍ଧୀୟ ବିଷୟବସ୍ତୁଗୁଡ଼ିକୁ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଓ ବିଭାଗୀୟ ଅଧିକାରୀମାନେ ମିଳିତ ଭାବରେ ଗ୍ରାମୀଣ କୃଷକଙ୍କୁ ଏ ବିଷୟରେ ବୁଝାଇବେ। ପ୍ରତ୍ୟେକ ଦଳ, ଦୈନିକ ୨ଟି ଗାଁ ଗସ୍ତ କରି ପ୍ରତ୍ୟେକ ଗାଁରେ ୨୫୦ ଜଣ ଚାଷୀଙ୍କୁ ଭେଟି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର କୃଷକ କଲ୍ୟାଣ ଯୋଜନାଗୁଡ଼ିକୁ ବୁଝାଇବା ସହ ବିଭିନ୍ନ କାର୍ଯ୍ୟକ୍ରମ, ପଦକ୍ଷେପ ଏବଂ ନୂତନ ଜ୍ଞାନକୌଶଳର ପ୍ରୟୋଗାତ୍ମକ ଦିଗଗୁଡ଼ିକ ଉପରେ ଚାଷୀଭାଇ ଓ ଭଉଣୀମାନଙ୍କ ସହ ଆଲୋଚନା କରିବେ। ଗବେଷଣାଲବ୍ଧ କୃଷି ସୂଚନା କିପରି ଭାବରେ ଚାଷୀ ଭାଇ ଭଉଣୀମାନଙ୍କ ନିକଟରେ ପହଞ୍ଚିବ, ସେ ବିଷୟରେ ପଦକ୍ଷେପମାନ ନିଆଯିବ। ବିଶେଷ କରି ମୃତ୍ତିକାର ସ୍ୱାସ୍ଥ୍ୟ ପରୀକ୍ଷା, ମୃତ୍ତିକା ସ୍ୱାସ୍ଥ୍ୟକାର୍ଡର ବ୍ୟବହାରିତା, ସାର ପରିଚାଳନା, ଜଳବାୟୁ ପ୍ରତିରୋଧ କୃଷି ଇତ୍ୟାଦି ବିଷୟରେ ଚାଷୀଙ୍କୁ ଅବଗତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଚୌହାନ କହିଛନ୍ତି, ଓଡ଼ିଶା ଏବେ ସାରା ଭାରତ ପାଇଁ ଏକ ଉଦାହରଣ ସୃଷ୍ଟି କରିଛି। ସମୃଦ୍ଧ କୃଷକ ଯୋଜନା ମାଧ୍ୟମରେ ସରକାର ଚାଷୀଙ୍କଠାରୁ ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କାରେ କ୍ରୟ କରୁଛନ୍ତି, ଯାହାକି ଧାନର ସର୍ବନିମ୍ନ ସହାୟକ ମୂଲ୍ୟଠାରୁ ୮୦୦ ଟଙ୍କା ଅଧିକ। ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ କାରଣ ଚାଷୀର ଆୟ ବଢିଲେ ଦେଶର ଆୟ ବଢ଼େ। କେବଳ ଚାଷ କ୍ଷେତ୍ର ନୁହେଁ, ସୁଭଦ୍ରା ଭଳି ଯୋଜନା ଯୋଗୁ ରାଜ୍ୟର ଅନେକ ମହିଳା ଲାଭାନ୍ୱିତ ହୋଇପାରିଛନ୍ତି। ମହିଳାଙ୍କ ସଶକ୍ତୀକରଣ କଥା ହେଉ ଅବା କୃଷିର ଭିତ୍ତିଭୂମି ବିକାଶ, ସବୁଥିରେ ଓଡ଼ିଶା ସାରା ବିଶ୍ୱରେ ଦୃଷ୍ଟାନ୍ତ ହେବ, ଏହା ଆମର ବିଶ୍ୱାସ ବୋଲି କେନ୍ଦ୍ର କୃଷି ମନ୍ତ୍ରୀ କହିଥିଲେ।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି, 'ବିକଶିତ କୃଷି ସଂକଳ୍ପ ଅଭିଯାନ' ଏକ ସ୍ୱତନ୍ତ୍ର ମାଧ୍ୟମ, କୃଷକଙ୍କୁ ଯାନ୍ତ୍ରିକ ସଶକ୍ତ କରାଇବା ପାଇଁ ଏହି ଅଭିଯାନ, ଓଡ଼ିଶାରୁ ଆରମ୍ଭ ହୋଇଛି ଏବଂ ଏହାର ଉପଲବ୍ଧତା ଓଡ଼ିଶାର କୃଷକଙ୍କ ନିକଟରେ ପହଞ୍ଚିବ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, କୃଷି ଏବଂ କୃଷକ ସଶକ୍ତୀକରଣ ବିଭାଗ ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ ଏବଂ ଓୟୁଏଟିର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସାକ୍ଷୀଗୋପାଳ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ନବନିର୍ମିତ ଅଡିଟୋରିଅମକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ।




ସତ୍ୟବାଦୀ କୃଷି ବିଜ୍ଞାନକେନ୍ଦ୍ରଠାରେ ଗୁରୁବାର ଅନୁଷ୍ଠିତ ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମରେ କେନ୍ଦ୍ର ମନ୍ତ୍ରୀ ଶିବରାଜ ସିଂ ଚୌହାନ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ।

**୧୫ ଦିନ ଦେଶବ୍ୟାପୀ ଚାଲୁରହିବ ଏହି ଅଭିଯାନ**

- **ଧାନରେ କୁଇଣ୍ଟାଲ ପିଛା ୮୦୦ ଟଙ୍କା ସହାୟତା ଦେଇ ସାରା ଭାରତ ପାଇଁ ଉଦାହରଣ ସୃଷ୍ଟି କରିଛି ଓଡ଼ିଶା: କେନ୍ଦ୍ରମନ୍ତ୍ରୀ**
- **ଚାଷୀମାନଙ୍କୁ ସମାଜର ଆର୍ଥିକ ମୁଖ୍ୟସ୍ରୋତରେ ସାମିଲ କରିବାକୁ ଏକ ଐତିହାସିକ ପଦକ୍ଷେପ: ମୁଖ୍ୟମନ୍ତ୍ରୀ**

# ୧୦ ଜିଲାରେ ଅତି ପ୍ରବଳ ବର୍ଷା ସମ୍ଭାବନା

**ଭୁବନେଶ୍ୱର,୨୯।୫(ଅନୁରାଧା ମହାରଣା)**

ବଙ୍ଗୋପସାଗରରେ ସକ୍ରିୟ ଅବପାତ ଗୁରୁବାର ଗଭୀର ଅବପାତରେ ପରିଣତ ହୋଇଛି। ଏହା ଉତ୍ତର ଦିଗକୁ ଗତି କରି ଆହୁରି ଘନୀଭୂତ ହୋଇଥିବାବେଳେ ପଶ୍ଚିମବଙ୍ଗ ଓ ବାଂଲାଦେଶ ମଧ୍ୟରେ ସ୍ଥଳଭାଗକୁ ଅତିକ୍ରମ କରିଛି। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲାରେ ବର୍ଷା ଲାଗି ରହିଛି। ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ଶୁକ୍ରବାର ଉପକୂଳ ଓଡ଼ିଶା ସମେତ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶା ଏବଂ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ବଜ୍ରପାତ ସହ ବର୍ଷା ସମ୍ଭାବନା ରହିଛି। ଗଞ୍ଜାମ, ଗଜପତି, କୋରାପୁଟ, ରାୟଗଡ଼ା, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଳାହାଣ୍ଡି, କନ୍ଧମାଳ ଓ ବଲାଙ୍ଗୀର ଆଦି ୧୦ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏହିସବୁ ଜିଲାରେ ବଜ୍ରପାତ ସହ ଘଣ୍ଟାପ୍ରତି ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଥିବାରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଅନ୍ୟପଟେ ମାଲକାନଗିରି, ନବରଙ୍ଗପୁର, ବାଲେଶ୍ୱର, ପୁରୀ, ନୟାଗଡ଼, ଖୋର୍ଦ୍ଧା, କଟକ, ସମ୍ବଲପୁର, ସୋନପୁର, ଜବରଗଡ଼, ବୌଦ୍ଧ, ମୟୂରଭଞ୍ଜ ଏବଂ ଯାଜପୁରରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଦିଆଯାଇଛି। ସେହିପରି କେନ୍ଦୁଝର, ଢେଙ୍କାନାଳ, ଝାରସୁଗୁଡ଼ା, ସୁନ୍ଦରଗଡ଼, ଅନୁଗୋଳ, ଦେବଗଡ଼, ବଲାଙ୍ଗୀର ଏବଂ ନୂଆପଡ଼ା ଆଦି ଜିଲାରେ ବଜ୍ରପାତ ସହ ଝଡ଼ିକା ପବନ ନେଇ ୟେଲୋ ୱାର୍ନିଂ ଜାରି କରିଛି ପାଣିପାଗ ବିଜ୍ଞାନ କେନ୍ଦ୍ର।




# କୃଷକଙ୍କ ପାଇଁ ଅଭିଯାନ ନୂତନ ପଥ ଖୋଲିବ: ପ୍ରଧାନମନ୍ତ୍ରୀ

**ଭୁବନେଶ୍ୱର,୨୯।୫(ସୁନିତ୍ ମିଶ୍ର)**

- **ଭାରତୀୟ କୃଷିର ଦୃଶ୍ୟପଟ ପରିବର୍ତ୍ତନ ହେବ: ମୁଖ୍ୟମନ୍ତ୍ରୀ**
- **ବୈଜ୍ଞାନିକମାନେ 'ଲାବ୍ ଟୁ ଲ୍ୟାଣ୍ଡ'କୁ ଯାଆନ୍ତୁ: କେନ୍ଦ୍ରମନ୍ତ୍ରୀ**
- **ରାଜ୍ୟରେ ନିଶ୍ଚିତ ରୂପେ ଯୁଗାନ୍ତକାରୀ ପରିବର୍ତ୍ତନ ଆସିବ: ଉପମୁଖ୍ୟମନ୍ତ୍ରୀ ସିଂଦେଓ**

ପୁରୀର ସାକ୍ଷୀଗୋପାଳସ୍ଥିତ କୃଷିବିଜ୍ଞାନ କେନ୍ଦ୍ରଠାରୁ ଦେଶବ୍ୟାପୀ ବିକଶିତ କୃଷି ସଂକଳ୍ପ ଅଭିଯାନ ଆରମ୍ଭ ହୋଇଥିବା ବେଳେ ଅପରାହ୍ଣରେ ଓୟୁଏଟି ସ୍ଥିତ କୃଷି ଶିକ୍ଷା ସଦନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂ ଚୌହାନ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା କୃଷକମାନଙ୍କୁ ଭେଟିଛନ୍ତି। ଭାରତ ସରକାରଙ୍କ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନ୍‌ଫରେନ୍ସରେ ବିକାଶ କୃଷି ସଂକଳ୍ପ ଅଭିଯାନକୁ ସମ୍ବୋଧିତକରି କହିଛନ୍ତି, ବିକାଶ କୃଷି ସଂକଳ୍ପ ଅଭିଯାନର ଶୁଭାରମ୍ଭ କୃଷକମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଏବଂ କୃଷି ବିକାଶକୁ ସମର୍ଥନ କରିବା ପାଇଁ ଏକ ଅନନ୍ୟ ପ୍ରୟାସ। କୃଷି କ୍ଷେତ୍ରରେ ଆଧୁନିକୀକରଣକୁ ଆଗେଇ ନେଉଥିବା କୃଷକମାନଙ୍କ ପ୍ରଗତି ପାଇଁ ଏହି ଅଭିଯାନ ନୂତନ ପଥ ଖୋଲିବ। ମୌସୁମୀ ଆସିବା ଏବଂ ଖରିଫଋତୁ ପାଇଁ ପ୍ରସ୍ତୁତି ଆରମ୍ଭ ହେବା ସହ ଆଗାମୀ ୧୨ରୁ ୧୫ ଦିନ ମଧ୍ୟରେ ବୈଜ୍ଞାନିକ, ବିଶେଷଜ୍ଞ, ଅଧିକାରୀ ଏବଂ ପ୍ରଗତିଶୀଳ କୃଷକଙ୍କ ଦ୍ୱାରା ଗଠିତ ୨୦୦୦ ଦଳ ୭୦୦ରୁ ଅଧିକ ଜିଲା ଭ୍ରମଣ କରିବେ ଏବଂ ଗ୍ରାମାଞ୍ଚଳର ଲକ୍ଷ ଲକ୍ଷ ଚାଷୀଙ୍କ ନିକଟରେ ପହଞ୍ଚିବେ ବୋଲି ସେ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆଜିର ଏହି ବିକଶିତ କୃଷି ସଂକଳ୍ପ ଅଭିଯାନ, ଜାତୀୟସ୍ତରର ଏକ ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ। ଏହା ମାଧ୍ୟମରେ ଭାରତୀୟ କୃଷିର ଦୃଶ୍ୟପଟ ପରିବର୍ତ୍ତନ ହେବ। ବୈଜ୍ଞାନିକମାନଙ୍କ ଦ୍ୱାରା ଠିକ୍ ବୈଷୟିକ ଜ୍ଞାନକୌଶଳ କିପରି ଚାଷୀଭାଇମାନଙ୍କ ପାଖରେ ସିଧାସଳଖ ପହଞ୍ଚିପାରିବ। ଏହି ଅଭିଯାନ ତାହାକୁ ସୁନିଶ୍ଚିତ କରିବା ସହ ଆମ କୃଷକମାନଙ୍କୁ ସମୃଦ୍ଧ, ସ୍ୱାବଲମ୍ବୀ କରାଇବା ସାଙ୍ଗକୁ ସେମାନଙ୍କ ସ୍ୱୟଂସମ୍ପୂର୍ଣ୍ଣ ଭବିଷ୍ୟତ ଗଢ଼ିବାରେ ସହାୟକ ହେବ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂ ଚୌହାନ କହିଛନ୍ତି, 'ଲାବ୍ ଟୁ ଲ୍ୟାଣ୍ଡ'କୁ ସଂଯୋଗ କରିବା ପାଇଁ, ଆମର ଭାରତୀୟ କୃଷି ଗବେଷଣା ପରିଷଦ ଏବଂ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକମାନେ ଏହି ଅଭିଯାନରେ କୃଷକଙ୍କ ସହ ଜଡ଼ିତ ହୁଅନ୍ତୁ। ଏହି ଅଭିଯାନର କାର୍ଯ୍ୟକାରିତା ପାଇଁ ୧୬ ହଜାର ବୈଜ୍ଞାନିକଙ୍କ ଦଳ ଗଠନ କରାଯାଇଛି, ଯେଉଁମାନେ ଗାଁରୁ ଗାଁ ଯାଇ ଚାଷୀଙ୍କ ସହ ଯୋଗାଯୋଗ କରିବେ। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି, ଏକ ବିକଶିତ ଭାରତ ପାଇଁ, ଭାରତୀୟ କୃଷିକୁ ମଧ୍ୟ ବିକାଶ କରିବାକୁ ପଡ଼ିବ ଏବଂ ଭାରତୀୟ କୃଷି, ଭାରତର ପ୍ରତ୍ୟେକ ଗାଁର ଆତ୍ମାରେ ଅଛି। ଏହି ଅଭିଯାନ ଦ୍ୱାରା ନିକଟ ଭବିଷ୍ୟତରେ କୃଷି କ୍ଷେତ୍ରରେ, ଆମ ରାଜ୍ୟରେ ନିଶ୍ଚିତ ରୂପେ ଯୁଗାନ୍ତକାରୀ ପରିବର୍ତ୍ତନ ଆସିବ ବୋଲି ସେ କହିଛନ୍ତି।

# ଭୁବନେଶ୍ୱରରେ ସରକାର ଭଡ଼ାରେ ଯୋଗାଇଦେବେ ଘର: ନଗର ଉନ୍ନୟନ ମନ୍ତ୍ରୀ

**ଭୁବନେଶ୍ୱର, ୨୯।୫(ସୁନିତ୍ ମିଶ୍ର)**

ବର୍ତ୍ତମାନ ସମୟରେ ଭୁବନେଶ୍ୱରରେ କୋଟିଏ ଟଙ୍କା ତଳକୁ ଘର ମିଳିବ ନାହିଁ। ତେଣୁ କିଭଳି ସୁଲଭ ଦରରେ ଘର ନିର୍ମାଣକରି ଲୋକଙ୍କୁ ଦିଆଯାଇପାରିବ ସେନେଇ ସରକାର ଯୋଜନା କରୁଛନ୍ତି। ସରକାର ଏମ୍‌ଆଇଜି, ଏଲ୍‌ଆଇଜି-୧, ଏଲ୍‌ଆଇଜି-୨ ଏହିଭଳି ବିଭିନ୍ନ ପ୍ରକାର ଘର ନିର୍ମାଣ କରିବେ। ୧୫ ଲକ୍ଷ ଟଙ୍କାରୁ ଆରମ୍ଭକରି ୫୦ ଲକ୍ଷ ପର୍ଯ୍ୟନ୍ତ ବିଭିନ୍ନ ଦରରେ ଘର ନିର୍ମାଣ କରାଯିବ। ଛୋଟ ଛୋଟ ଭଲ ଘର ନିର୍ମାଣକରି ଆବଶ୍ୟକତା ଥିବା ସାଧାରଣ ଲୋକଙ୍କୁ ଯେପରି ଦିଆଯାଇପାରିବ ସେନେଇ ଚେଷ୍ଟା ଚାଲିଛି। ଏଥିଲାଗି କେଉଁମାନେ ଘର ପାଇବେ ତା'ର କ୍ରାଇଟେରିଆ ସ୍ଥିର କରାଯିବ। ଲଟେରି ମାଧ୍ୟମରେ ଘର ଦିଆଯିବ। ବସ୍ତି ଯେପରି ଆଉ ସୃଷ୍ଟି ନ ହେବ ଏହା ହେଉଛି ସରକାରଙ୍କ ମୁଖ୍ୟ ଲକ୍ଷ୍ୟ । ଅଭାବୀ ଲୋକମାନେ ସହରରେ ରହିବାକୁ ଆସିବେ ହେଲେ ସେମାନଙ୍କ ପାଇଁ କିଛି ସୁବିଧା ନାହିଁ। ସେମାନଙ୍କ ରହିବା ବ୍ୟବସ୍ଥା କରାଯିବା ସଙ୍ଗେ ସଙ୍ଗେ ସରକାର ଭଡ଼ାଘର ତିଆରି କରିବେ ବୋଲି ଗୁରୁବାର ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ କୃଷ୍ଣଚନ୍ଦ୍ର କହିଛନ୍ତି, କୋଅପରେଟିଭ ବ୍ୟାଙ୍କ ସହ ମିଳିତ ଭାବେ ୧୫ରୁ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଘର ନିର୍ମାଣ କରାଯିବ। କୋଅପରେଟିଭ ବ୍ୟାଙ୍କ ଉକ୍ତ ଘରଗୁଡ଼ିକର ରକ୍ଷଣାବେକ୍ଷଣ ସହିତ ଇଏମ୍‌ଆଇ ଟଙ୍କା ଆଦାୟ ଦାୟିତ୍ୱ ନେବ। ଏହି ବ୍ୟବସ୍ଥା ଦ୍ୱାରା ଅଧିକରୁ ଅଧିକ ଘର ନିର୍ମାଣ କରାଯାଇପାରିବ। ସେହିପରି ସହର ଏବେ ଜନଗହଳିପୂର୍ଣ୍ଣ ହୋଇଯାଉଥିବାରୁ ଭୁବନେଶ୍ୱର ବାହାରକୁ ଯିବାକୁ ଚାହୁଁଛୁ। ଭୁବନେଶ୍ୱର-କଟକରେ ରାଜ୍ୟ ସରକାର ଟିପି ସ୍କିମ୍‌କୁ ଗୁରୁତର ସହ ଚଳାଇଛନ୍ତି। ପୁରୀରେ ମଧ୍ୟ ଏହି ସ୍କିମ୍ କରାଯିବ। ଉକ୍ତ ଘର ସବୁ ନିର୍ମାଣ ଲାଗି ବଡ଼ ବଡ଼ କମ୍ପାନୀକୁ ଟେଣ୍ଡର ପାଇଁ ଡକାଯିବ। ସବୁ ସହରକୁ ବଡ଼ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

# ଦୁର୍ଦ୍ଧାନ୍ତ ମାଓବାଦୀ କୁଞ୍ଜାମ୍ ହିଡ଼ମା ଗିରଫ



କୁଞ୍ଜାମ୍ ହିଡ଼ମା

**କୋରାପୁଟ,୨୯।୫ (ଅମିତାଭ ବେହେରା)**

କୋରାପୁଟ ଜିଲା ବୈପାରୀଗୁଡ଼ା ଥାନା ପେଟିଗୁଡ଼ା ଗ୍ରାମ ନିକଟ ଜଙ୍ଗଲରୁ ଗୁରୁବାର ଦୁର୍ଦ୍ଧାନ୍ତ ମାଓବାଦୀ କୁଞ୍ଜାମ୍ ହିଡ଼ମାଙ୍କୁ କୋରାପୁଟ ଓ ଡିଭିଏଫ୍ ପୋଲିସ ଗିରଫ କରିଛି। ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ରୋହିତ ବର୍ମା ଏହି ସୂଚନା ଦେଇଛନ୍ତି। ସର୍ଚ୍ଚ ଅପରେଶନ୍ ବେଳେ ଏରିଆ କମିଟି ମେମ୍ବର(ଏସିଏମ୍) ହିଡ୍‌ମାଙ୍କ ସମେତ ତାଙ୍କର ୩ ସହଯୋଗୀ ଆନ୍ଧ୍ରକୁ ଖସି ପଳାଇବାକୁ ଚେଷ୍ଟା କରୁଥିବା ବେଳେ ତାଙ୍କୁ ପୋଲିସ ଗିରଫ କରିଥିଲା। ତାଙ୍କ ନିକଟରୁ ଏକେ-୪୭ ରାଇଫଲ ସହ ବହୁ ବିସ୍ଫୋରକ ଜବତ କରାଯାଇଛି। ହିଡ୍‌ମାଙ୍କ ନାମରେ କୋରାପୁଟରେ ୪ ଓ ମାଲକାନଗିରି ଜିଲାରେ ୩ ମାମଲା ରହିଥିବାବେଳେ ଛତିଶଗଡରେ ବହୁ ହିଂସା ଘଟଣାରେ ସେ ଜଡ଼ିତ ଥିବା ଏସ୍‌ପି କହିଛନ୍ତି। ହିଡ୍‌ମା ୨୦୦୭ରେ ମାତ୍ର ୧୪ ବର୍ଷ ବୟସରେ ମାଓବାଦୀ ସଙ୍ଗଠନରେ ସାମିଲ ହୋଇଥିଲେ ।

# ବସ୍ତର ଜିଲା ମାଓବାଦୀମୁକ୍ତ

**ରାୟପୁର, ୨୯।୫**

ଛତିଶଗଡ଼ର ବସ୍ତର ଜିଲା ମାଓବାଦୀଙ୍କ କବଳରୁ ସମ୍ପୂର୍ଣ୍ଣ ମୁକ୍ତ ହୋଇଥିବା କେନ୍ଦ୍ର ସରକାର ଘୋଷଣା କରିଛନ୍ତି। ରାଜ୍ୟରେ ଚାଲିଥିବା ମାଓବାଦ ଦମନ ଅଭିଯାନକୁ ସଫଳତା ମିଳିଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଘୋଷଣା କରାଯାଇଛି। ନିଷିଦ୍ଧ ଘୋଷିତ ସିପିଆଇ-ମାଓବାଦୀ ସାଧାରଣ ସମ୍ପାଦକ ବାସବରାଜୁ ଓ ତାଙ୍କ ୨୬ ସହଯୋଗୀ ପଡ଼ୋଶୀ ନାରାୟଣପୁର ଜିଲାରେ ପୋଲିସ ଏନ୍‌କାଉଣ୍ଟରରେ ନିହତ ହେବାର ସପ୍ତାହେ ପରେ ସରକାରଙ୍କ ପକ୍ଷରୁ ଏହି ଗୁରୁତ୍ୱପୂର୍ଣ୍ଣ ଘୋଷଣା କରାଯାଇଛି। ବସ୍ତର ଜିଲାରେ ୨୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ମାଓବାଦୀଙ୍କ ପ୍ରଭାବ ରହିଆସିଥିଲା। ଇତିମଧ୍ୟରେ କେନ୍ଦ୍ର ସରକାର ଦେଶକୁ ମାଓବାଦୀମୁକ୍ତ କରିବା ନେଇ ରହିଥିବା ଲକ୍ଷ୍ୟ ସମ୍ପର୍କରେ ଘୋଷଣା କରିବା ପରଠୁ ରାଜ୍ୟ ପୋଲିସ ଓ କେନ୍ଦ୍ରୀୟ ବଳର ମିଳିତ ଅପରେଶନ୍‌ରେ ବହୁସଂଖ୍ୟକ ମାଓବାଦୀ ନିହତ ହୋଇଥିବାବେଳେ ଅନେକେ ଆତ୍ମସମର୍ପଣ କରିସାରିଲେଣି।

# ରାଇଘର ଲ୍ୟାମ୍ପ୍‌ସ ଏମ୍‌ଡି ନିଲମ୍ବିତ

**ନବରଙ୍ଗପୁର/ରାଇଘର, ୨୯।୫ (ସଦାଶିବ ପ୍ରହରାଜ/କିରଣ ପଟ୍ଟନାୟକ)**

**ମଣ୍ଡିରେ ଧାନ ଦେଇ ଚାଷୀ ଟଙ୍କା ନ ପାଇବା ଘଟଣା**

ନବରଙ୍ଗପୁର ଜିଲା ରାଇଘର ଲ୍ୟାମ୍ପ୍‌ସରେ ୩୪୪ ଜଣ ଚାଷୀ ୧୪,୨୦୦ କୁଇଣ୍ଟାଲ ଧାନ ବିକିଥିଲେ। ଏହି ବାବଦକୁ ସେମାନଙ୍କୁ ୪ କୋଟି ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ମିଳିନାହିଁ। ଉକ୍ତ ଘଟଣାରେ ଗୁରୁବାର ଲ୍ୟାମ୍ପ୍‌ସ ଏମ୍‌ଡି ନିରାକାର ରାଉତଙ୍କୁ ନିଲମ୍ବନ କରାଯାଇଛି। ଲ୍ୟାମ୍ପ୍‌ସ ସଭାପତି ରାଇସିଂ ଗଣ୍ଡ ଲ୍ୟାମ୍ପ୍‌ସ ନିର୍ଦ୍ଦେଶକମାନଙ୍କୁ ଡାକି ଏକ ବୈଠକ କରିଥିଲେ। ଉକ୍ତ ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ ଚିଠି ନମ୍ବର ୧୪୫/୨୦୨୫-୨୬ରେ ଲ୍ୟାମ୍ପ୍‌ସ ଏମ୍‌ଡିଙ୍କୁ ନିଲମ୍ବିତ କରାଯାଇଥିବା ସଭାପତି ରାଇସିଂ ଗଣ୍ଡ ସୂଚନା ଦେଇଛନ୍ତି। ଏହାର ନକଲ ଉମରକୋଟ କେସିସି ବ୍ୟାଙ୍କ ମ୍ୟାନେଜରଙ୍କୁ ମଧ୍ୟ ପ୍ରଦାନ କରାଯାଇଛି। ପ୍ରକାଶ ଯେ, ମଣ୍ଡିରେ ଧାନ ବିକିବାର ୩ ମାସ ପରେ ମଧ୍ୟ ଏ ପର୍ଯ୍ୟନ୍ତ ଚାଷୀ ଟଙ୍କା ପାଇନାହାନ୍ତି। ବାରମ୍ବାର କାର୍ଯ୍ୟାଳୟକୁ ଯାଇ ହତାଶହେବା ପରେ ଚାଷୀ ପୂର୍ବରୁ ଲ୍ୟାମ୍ପ୍‌ସ ଘେରାଉ କରିଥିଲେ। ଏହି ଘଟଣାକୁ ନେଇ ଜିଲା ଏଆର୍‌ସିଏସ୍ ଶିବଶଙ୍କର ପ୍ରଧାନ, ଏସିଏସ୍‌ଓ ବିଷ୍ଣୁପ୍ରସାଦ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ଦାସ, ରାଇଘର ଯୋଗାଣ ନିରୀକ୍ଷକ ଦେବଧର ଧରୁଆ ତଦନ୍ତ କରିଥିଲେ। ଜିଲାପାଳଙ୍କୁ ଏହାର ତଦନ୍ତ ରିପୋର୍ଟ ଦିଆଯାଇଥିଲା। ଅନ୍ୟପକ୍ଷରେ ଜିଲା କଂଗ୍ରେସ ଓ ବିଜେଡି ମଧ୍ୟ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିବା ସହ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇ ଚାଷୀଙ୍କୁ ତାଙ୍କ ପ୍ରାପ୍ୟ ନ ମିଳିଲେ ଆନ୍ଦୋଳନ କରିବା ନେଇ ଚେତାବନୀ ଦେଇଥିଲେ।

# ଜୁଲାଇ ୨୦ରେ ସ୍ପେଶାଲ ଓଟିଇଟି

**କଟକ,୨୯।୫(କାର୍ତ୍ତିକ ସାହୁ)**

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଚାକିରିରେ ଥିବା ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସ୍ପେଶାଲ ଓଡ଼ିଶା ଟିଚର୍ସ ଏଲିଜିବିଲିଟି ଟେଷ୍ଟ (ଓଟିଇଟି) ଆସନ୍ତା ଜୁଲାଇ ୨୦ ତାରିଖ ରବିବାରରେ ଅନୁଷ୍ଠିତ ହେବ। ଉକ୍ତ ଦିନ ୧ମ ସିଟିଂ ସକାଳ ୯ଟାରୁ ପୂର୍ବାହ୍ଣ ସାଢ଼େ ୧୧ଟାରେ ପେପର-୧ ଓ ୨ୟ ସିଟିଂ ଅପରାହ୍ଣ ୨ଟାରୁ ଅପରାହ୍ଣ ୪.୩୦ ଯାଏ ପେପର-୨ର ପରୀକ୍ଷା ହେବ। ଅନ୍‌ଲାଇନ ଜରିଆରେ ବୋର୍ଡ ୱେବସାଇଟ୍‌ରୁ ପରୀକ୍ଷାର୍ଥୀମାନେ ସେମାନଙ୍କ ଆଡ୍‌ମିଟ୍ କାର୍ଡ ଡାଉନଲୋଡ୍ କରିପାରିବେ। ଆଡ୍‌ମିଟ୍ କାର୍ଡ ବୋର୍ଡ ୱେବସାଇଟ୍‌ରୁ ଆଗାମୀ ଜୁଲାଇ ୧୨ରୁ ଉପଲବ୍ଧ ହେବ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।

# ଶୀତଳଷଷ୍ଠୀ ପାଇଁ ୫୦ ଲକ୍ଷର ଅନୁଦାନ ଘୋଷଣାକଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୯।୫(ସୁନିତ୍ ମିଶ୍ର)**

ଶୀତଳଷଷ୍ଠୀର ଅଧିକ ପ୍ରଚାରପ୍ରସାର ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜସ୍ୱ ପାଣ୍ଠିରୁ ଗୁରୁବାର ୫୦ ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ ଲାଗି ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କ ଏକ୍ସ ଆକାଉଣ୍ଟରେ ଉଲ୍ଲେଖ କରିଛନ୍ତି, ଶୀତଳଷଷ୍ଠୀ ଯାତ୍ରା ଆମ ସଂସ୍କୃତି, ପରମ୍ପରାର ଅନନ୍ୟ ବାର୍ତ୍ତାବହ। ଦେବ ଦେବ ମହାଦେବ ଓ ମାତା ପାର୍ବତୀଙ୍କ ବିବାହ ଉତ୍ସବ ଐତିହ୍ୟସମ୍ପନ୍ନ ଶୀତଳଷଷ୍ଠୀ ଯାତ୍ରାକୁ ଅଧିକ ଭବ୍ୟ କରିବା ଲାଗି ଉକ୍ତ ଆର୍ଥିକ ଅନୁଦାନ ଘୋଷଣା କରିଛନ୍ତି।

# ମହାପ୍ରଭୁଙ୍କୁ ଦର୍ଶନକଲେ ଆକାଶ ଅମ୍ବାନୀ



ମହାପ୍ରଭୁଙ୍କ ଦର୍ଶନ ସାରି ଆକାଶ ଅମ୍ବାନୀ ଫେରୁଛନ୍ତି।

**ପୁରୀ,୨୯।୫(ଅଜିତ୍ କୁମାର ମହାନ୍ତି)**

ବିଶିଷ୍ଟ ଶିଳ୍ପପତି ମୁକେଶ ଅମ୍ବାନୀଙ୍କ ବଡ଼ପୁଅ ଆକାଶ ଅମ୍ବାନୀ ବୁଧବାର ବିଳମ୍ବିତ ରାତିରେ ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଆକାଶ ରିଲାଏନ୍ସ ଜିଓ ଇନ୍‌ଫୋ କମ୍ ଲିମିଟେଡ୍‌ର ଅଧ୍ୟକ୍ଷ ଅଛନ୍ତି। ସେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଆସି ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପହଞ୍ଚିଥିଲେ। ତାଙ୍କୁ ସେଠାରେ ଶ୍ରୀମନ୍ଦିର ପ୍ରଶାସନ ଏବଂ ସେବାୟତଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଆକାଶ ବାଇଶି ପାହାଚ ଦେଇ ଶ୍ରୀମନ୍ଦିରକୁ ଯାଇ ଚତୁର୍ଦ୍ଧା ବିଗ୍ରହଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ମହାପ୍ରଭୁଙ୍କ ଶ୍ରୀମୁଖ ସିଂହାର ହେବା ପରେ ସନ୍ଧ୍ୟାଧୂପରେ ସେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରଛନ୍ତି। ସେ ପତିତପାବନଙ୍କ ଦର୍ଶନକରିବା ସହ ଶ୍ରୀମନ୍ଦିର ଓ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ କିଛି ଅର୍ଥରାଶି ଦାନ କରିଥିଲେ। ଶ୍ରୀମନ୍ଦିର ପ୍ରଶାସନ ନାମରେ ସିଲ୍ ଥିବା ରିଲାଏନ୍ସ ଖାମ୍‌ରେ ଚେକ୍ ମାଧ୍ୟମରେ ସେ ଡୋନେସନ ଦେଇଥିବା ଜଣାପଡ଼ିଛି। ଏହି ଅବସରରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅମ୍ବାନୀଙ୍କୁ ଶ୍ରୀମନ୍ଦିର କ୍ୟାଲେଣ୍ଡର, ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଖଣ୍ଡୁଆ ଆଦି ପ୍ରଦାନ କରାଯାଇଥିଲା। ପରେ ସିଂହଦ୍ୱାର ସମ୍ମୁଖରେ ପୂର୍ବତନ ପରିଚାଳନା କମିଟି ସଦସ୍ୟ ତଥା ବରିଷ୍ଠ ସିଂହାରୀ ସେବାୟତ ଜଗନ୍ନାଥ କର ଆକାଶଙ୍କୁ ଖଣ୍ଡୁଆ ସମେତ ଚତୁର୍ଦ୍ଧାବିଗ୍ରହଙ୍କ ପ୍ରତିକୃତି ପ୍ରଦାନ କରିଥିଲେ। ଏହି ଅବସରରେ ଆକାଶ ସେବାୟତ କରଙ୍କ ପାଦ ଛୁଇଁ ମୁଣ୍ଡିଆ ମାରି ଆଶୀର୍ବାଦ ନେଇଥିଲେ। ସେବାୟତ କର ତାଙ୍କୁ ମହାପ୍ରଭୁଙ୍କ ଦର୍ଶନ କରାଇଥିଲେ। ମହାପ୍ରଭୁଙ୍କ ପ୍ରତି ଅମ୍ବାନୀ ପରିବାରର ଅଶେଷ ଭକ୍ତି ଓ ସମର୍ପଣ ଭାବ ରହିଛି। ଅନନ୍ତ ତାଙ୍କ ବିବାହ ପୂର୍ବରୁ ଶ୍ରୀମନ୍ଦିର ଆସି ମହାପ୍ରଭୁଙ୍କ ସାନିଧ୍ୟ ଗ୍ରହଣକରି ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦାନ ପ୍ରଦାନ କରିଥିଲେ। ତିନିଦ୍ୱାରକୁ ରୁପା ଛାଉଣି କରିବା ପାଇଁ ସହାୟତା କରିଥିଲେ।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଓଡ଼ିଶା ପ୍ରକାଶକ ସମୂହ ମହା ସମ୍ମିଳନୀ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ବିଭାଗୀୟ ମୁଖ୍ୟ ଦପ୍ତର ସ୍ୱଳ୍ପ ବେତନ ଭୋଗୀ ସରକାରୀ କର୍ମଚାରୀ ସଂଘର ଦ୍ୱିବାର୍ଷିକ ରାଜ୍ୟ ସମ୍ମିଳନୀ, ସ୍ଥାନ: ସଂଘ କାର୍ଯ୍ୟାଳୟ, ୟୁନିଟ୍-୩, ସମୟ: ପୂର୍ବାହ୍ନ ୧୧ଟା ୫।

## କଟକ
- ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ସାରସ୍ୱତ ସାଧକ ଅନାଦି ସାହୁଙ୍କ ତୈଳଚିତ୍ର ଉନ୍ମୋଚନ ଉତ୍ସବ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ
- ସପ୍ଟ ବଲ ସଂଘର କର୍ମକର୍ତ୍ତାଙ୍କ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ଝଡ଼େଶ୍ୱରୀ କ୍ଲବ, ସମୟ: ଅପରାହ୍ନ ୩ଟା।
- ପ୍ରଣତି କଳା ମନ୍ଦିରର ବାର୍ଷିକୋତ୍ସବ, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସମୟ: ଅପରାହ୍ନ ୬ଟା ୩୦।

## ବାଲେଶ୍ୱର
- ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ନୂଆପାଢ଼ୀ ହାଇସ୍କୁଲ, ରେମୁଣା, ସମୟ: ସକାଳ ୯ଟା।
- ରୋଗୀ କଲ୍ୟାଣ ସମିତି ବୈଠକ, ସ୍ଥାନ: ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମିଳନୀ କକ୍ଷ, ରୂପସା, ସମୟ: ପୂର୍ବାହ୍ନ ୧୦ଟା।
- ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଏକାଦଶ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଏଫ୍ଏମ୍‌ୟୁରେ ଜାତୀୟସ୍ତରୀୟ ଆଲୋଚନାଚକ୍ରର ଉଦ୍‌ଯାପନୀ ଦିବସ, ସ୍ଥାନ: ପିଜି କାଉନସିଲ କନଫରେନ୍ସ ହଲ୍, ନୂଆପାଢ଼ୀ କ୍ୟାମ୍ପସ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଭଦ୍ରକ
- ବିକଶିତ କୃଷି ସଂକଳ୍ପ ଅଭିଯାନ, ସ୍ଥାନ: ପଳସା, ଛୟାଳସିଂହ, ବନ୍ତ ଏବଂ ଅନହରପୁର ପ୍ରାଥମିକ ବିଦ୍ୟାଳୟ, ଭଗବାନପୁର, ଧାମନଗର, ସମୟ: ସକାଳ ୮ଟା।
- ବିକଶିତ କୃଷି ସଂକଳ୍ପ ଅଭିଯାନ, ସ୍ଥାନ: ଅର୍ଜ୍ଜୁନବିନ୍ଧା, ତିହିଡ଼ି, ସମୟ: ସକାଳ ୯ଟା।
- ଶିବବିବାହ ପାଇଁ ମଙ୍ଗଳକୃତ୍ୟ, ସ୍ଥାନ: ଆଖଣ୍ଡଳମଣି ପୀଠ, ଆରଡ଼ି, ସମୟ: ସକାଳ ୯ଟା।
- ବିକଶିତ କୃଷି ସଂକଳ୍ପ ଅଭିଯାନ, ସ୍ଥାନ:ଏରେଇ(ଭଦ୍ରକ), ରହଣିଆ(ଭଣ୍ଡାରିପୋଖରୀ), ଇରମ(ବାସୁଦେବପୁର), ସମୟ: ଅପରାହ୍ନ ୩ଟା ୩୦।

## ମୟୂରଭଞ୍ଜ
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର,ସ୍ଥାନ:ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ସକାଳ ୮ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା।
- ଅଷ୍ଟପ୍ରହର ଉପଲକ୍ଷେ ଦଧିହାଣ୍ଡି ଭଙ୍ଗା,ସ୍ଥାନ: ଶୀର୍ଷାପାଳ, ମୋରଡ଼ା, ସମୟ: ସକାଳ ୯ଟା।
- ପଞ୍ଚାୟତ ସମିତି ସ୍ୱତନ୍ତ୍ର ଅଧିବେଶନ,ସ୍ଥାନ: ଚିତ୍ରଡ଼ା ବ୍ଲକ କାର୍ଯ୍ୟାଳୟ,ସମୟ: ସକାଳ ୯ଟା।
- ୬ଷ୍ଠ ସେମିଷ୍ଟାର ଯୁକ୍ତି ପରୀକ୍ଷା ଫଳ ପ୍ରକାଶ, ସ୍ଥାନ:ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ତକତପୁର, ବାରିପଦା, ସମୟ: ଅପରାହ୍ନ ୨ଟା୩୦।

## ଗଞ୍ଜାମ
- କବାଡି ଟୁର୍ଣ୍ଣାମେଣ୍ଟ, ସ୍ଥାନ: ପିପୁଲ୍ସ କଲେଜ ବୁଗୁଡ଼ା, ସମୟ: ଅପରାହ୍ନ ୩ ଟା।

## କନ୍ଧମାଳ
- ଦାରିଙ୍ଗବାଡ଼ି ଅଞ୍ଚଳକୁ ବିଧାୟକ ପ୍ରତିନିଧି ଦଳଙ୍କ ଗସ୍ତ, ସ୍ଥାନ: କଫି ବଗିଚା ଓ ଅନ୍ୟାନ୍ୟ ସ୍ଥାନ, ସମୟ: ସକାଳ ୯ ଟା।

## ଢେଙ୍କାନାଳ
- ରଥଯାତ୍ରା ପ୍ରସ୍ତୁତି ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ସଡକ ସୁରକ୍ଷା କମିଟି ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, ଜିଲା କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା୩୦।

## କେନ୍ଦ୍ରାପଡ଼ା
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଗର୍ତ୍ତେଶ୍ୱର ଦେବ ପୀଠ, ବାଲିଚନ୍ଦ୍ରପୁର, ରାଜନଗର, ଅମରେଶ୍ୱର ପୀଠ, ଗୋପ, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର
- ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ପକ୍ଷରୁ ଦକ୍ଷତା ବିକାଶ ତାଲିମ, ସ୍ଥାନ: ରଗଡି ଉପକାରାଗାର, ସମୟ: ପୂର୍ବାହ୍ନ ୧୦ଟା।
- ପୂର୍ବତନ ବିଧାୟକ ରବି ଲାବଣ୍ୟଙ୍କ ୮୮ ତମ ଜୟନ୍ତୀ ସମାରୋହ, ସ୍ଥାନ: ଧର୍ମଶାଳା ଷ୍ଟାଡିୟମ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ଶିତଳ ଷଷ୍ଠୀ ଯାତ୍ରାର ମଙ୍ଗନ ଉତ୍ସବ, ସ୍ଥାନ:ଖଣ୍ଡପଡାର ମର୍ଦ୍ଦରାଜପୁର ମୁଣ୍ଡିଆ ହନୁମାନ ପୀଠ, କଣ୍ଟିଲୋ ହରି ସୁବନ୍ଧି ପାଟଣା, ସମୟ: ପୂର୍ବାହ୍ନ ୧୦ଟା।
- ଭଞ୍ଜ ଜୟନ୍ତୀ, ସ୍ଥାନ:ନୂଆଗାଁ ବ୍ଲକ ମାଳିସାହି ଗତିଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ:ସନ୍ଧ୍ୟା ୬ଟା।
- ଲଡୁବାବାଙ୍କ ଶିତଳ ଷଷ୍ଠୀ ଯାତ୍ରାର ମଙ୍ଗନ ଉତ୍ସବ, ସ୍ଥାନ:ଶରଣକୁଳ ଭିକାରୀପଡା ବ୍ରାହ୍ମଣ ଶାସନ, ସମୟ: ରାତି ୮ଟା।
- ରାମେଶ୍ୱରଙ୍କ ଶିତଳ ଷଷ୍ଠୀ ଯାତ୍ରାର ମଙ୍ଗନ ଉତ୍ସବ, ସ୍ଥାନ:ନୟାଗଡ ପୁରୁଣା ସହର ରାମେଶ୍ୱର ମନ୍ଦିର, ସମୟ: ରାତି ୮ଟା।
- ବିଶ୍ୱନାଥଙ୍କ ଶିତଳ ଷଷ୍ଠୀ ଯାତ୍ରାର ମଙ୍ଗନ ଉତ୍ସବ, ସ୍ଥାନ:ନୟାଗଡ ପୁରୁଣା ସହରର ବିଶ୍ୱନାଥ ମନ୍ଦିର, ସମୟ: ରାତି ୮ଟା।

## ନବରଙ୍ଗପୁର
- ବିଜେଡିର ଖବରଦାତା ସମ୍ମିଳନୀ, ସ୍ଥାନ : ହୋଟେଲ ଗଲେଜ, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର
- ସାଓଲିନ କୁଙ୍ଗ୍ ଫୁ ଉଷ୍ମ ଅନୁଷ୍ଠାନ ପକ୍ଷରୁ ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ସକାଶେ ମାର୍ଶଲ ଆର୍ଟ ପ୍ରଶିକ୍ଷଣ ଶିବିର, ସ୍ଥାନ : ସମ୍ବଲପୁର ବିନାଖିଣ୍ଡିସ୍ଥିତ ଜିଲା ଜୁଡୋ ହଲ, ସମୟ : ସକାଳ ୬ଟା ୩୦।
- ମୁଖ୍ୟମନ୍ତ୍ରୀ କପ୍ ଆନ୍ତଃଜିଲା ଜୋନାଲ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୭ଟା।
- ସାକ୍ଷୀଗୋପୀନାଥ ଠାକୁରଙ୍କ ଶୋଭାଯାତ୍ରା, ସ୍ଥାନ : ସାକ୍ଷୀପଡା, ସମୟ : ଅପରାହ୍ନ ୫ଟା।

## ବଲାଙ୍ଗୀର
- ହରିଶଙ୍କରରେ ଶିବ ବିବାହ ଓ ଶୀତଳ ଷଷ୍ଠୀ ପାଇଁ କଳସ ଶୋଭାଯାତ୍ରା, ସ୍ଥାନ: ହରଶଙ୍କର, ଖପ୍ରାଖୋଲ, ସମୟ: ସକାଳ ୯ଟା।
- ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ବାବାଙ୍କ ଶୀତଳଷଷ୍ଠୀ ଅଳଙ୍କାର ଧାରଣ, ସ୍ଥାନ: ସାଗରପଡା, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା ୩୨।

## ରାଉରକେଲା
- ଯୋଗ ଶିବିର, ସ୍ଥାନ: ବ୍ରହ୍ମକୁମାରୀ ରାଜଯୋଗ ସେଣ୍ଟର, ବାସନ୍ତୀ କଲୋନି, ସମୟ: ସକାଳ ୭ଟା।
- ଛେଣ୍ଡ ସତ୍‌ସଙ୍ଗ କେନ୍ଦ୍ରରେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଛେଣ୍ଡ ଆଶ୍ରମ, ସମୟ: ଅପରାହ୍ନ ୫ଟା ୩୦।
- ଶ୍ରୀମଦ୍ ଭାଗବତ ଗୀତାପାଠ, ସ୍ଥାନ: ଅଗ୍ରସେନ ଭବନ, ସମୟ: ସନ୍ଧ୍ୟା ୬ଟା।
- ରଥଯାତ୍ରା ପାଇଁ ଆଲୋଚନା, ସ୍ଥାନ: ମା' ବାଟ ମଙ୍ଗଳା ସମ୍ମିଳନୀ କକ୍ଷ, ସମୟ: ସନ୍ଧ୍ୟା ୬ଟା ୩୦।

## ସୁନ୍ଦରଗଡ଼
- ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀଙ୍କ ଦ୍ୱାରା ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ, ସ୍ଥାନ: ଡିଆରଡିଏ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ୧୦ଟା।
- କୃଷକ ମୋର୍ଚ୍ଚା କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା,ସ୍ଥାନ: ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୧ଟା।

## ବରଗଡ଼
- ଶୀତଳଷଷ୍ଠୀରେ ଗଣ୍ଡିଆଳ ଫିଟା ଶୋଭାଯାତ୍ରା, ସ୍ଥାନ: ବରପାଲି, ସମୟ: ସକାଳ ୯ଟା।
- ମହାଦେବ, ପାର୍ବତୀଙ୍କ ବିବାହ ପାଇଁ ଅଳଙ୍କାର ଧାରଣ, ସ୍ଥାନ: ସଂକ୍ରିପାଣି, ଗାଇସିଲେଟ୍, ସମୟ: ସକାଳ ୯ଟା।

## କଳାହାଣ୍ଡି
- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ତାଲିମ ଶିବିର, ଯୋଗଦେବେ ମୁଖ୍ୟମନ୍ତ୍ରୀ, ସ୍ଥାନ: ଭବାନୀପାଟଣା ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବାଲୁଙ୍କେଶ୍ୱର ମହାଦେବ ଓ ମାତା ପାର୍ବତୀଙ୍କ ବିବାହ, ଶୀତଳ ଷଷ୍ଠୀ ଯାତ୍ରା ଆରମ୍ଭ, ସ୍ଥାନ: ଭବାନୀପାଟଣା ପୁରୁଣାପଡା, ସମୟ: ଅପରାହ୍ନ ୪ଟା।

## ବୌଦ୍ଧ
- ବିକାଶ ମେଳା ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ ମିନି ସମ୍ମିଳନୀ କକ୍ଷ, ବୌଦ୍ଧ, ସମୟ: ସକାଳ ୮ଟା ୩୦।

## ସୁବର୍ଣ୍ଣପୁର
- ଶୀତଳଷଷ୍ଠୀ ଯାତ୍ରା ପାଇଁ ବରାନୁଗମନ, ସ୍ଥାନ: ସୋନପୁର ଚନ୍ଦ୍ରଶେଖର ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ବିନିକା ଶୀତଳଷଷ୍ଠୀ ଯାତ୍ରା ପାଇଁ କନ୍ୟା ଆନୟନ, ସ୍ଥାନ: ବିଶ୍ୱେଶ୍ୱର ମନ୍ଦିର, ସମୟ: ସନ୍ଧ୍ୟା ୭ଟା ୩୦।
- ଶିବ ପାର୍ବତୀଙ୍କ ବିବାହ, ସ୍ଥାନ: ସୋନପୁର ସହର ଘୋଡାଘାଟପଡା ସ୍ଥିତ କନ୍ୟା ମାତାପିତାଙ୍କ ବାସଗୃହ, ସମୟ: ରାତି ୧୦ଟା।

## ନୂଆପଡ଼ା
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ କାଣ୍ଡେତରା ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ଅଷ୍ଟପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ସିଆଲଲଟି ପଞ୍ଚାୟତ ବାଗମୁଣ୍ଡା ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ନାମଯଜ୍ଞ ଉପଲକ୍ଷେ ଭଣ୍ଡାରା କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ସିଆଲଲଟି ପଞ୍ଚାୟତ ବାଗମୁଣ୍ଡା ଗାଁ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଶିବ ବିବାହ ପାଇଁ ନିମନ୍ତ୍ରଣ, ସ୍ଥାନ: ଖଡିଆଳ ବ୍ଲକ ଖାସବାହାଲ ପଞ୍ଚାୟତ ଚଚରାଭଟା ଗାଁ, ସମୟ: ଅପରାହ୍ନ ୫ଟା।
- ଯୋଗେଶ୍ୱର ବାବାଙ୍କ ପ୍ରତିମୂର୍ତ୍ତି ସ୍ଥାପନ, ସ୍ଥାନ: ବାଲୁଙ୍କେଶ୍ୱର ମନ୍ଦିର ନୂଆପଡ଼ା, ସମୟ: ସନ୍ଧ୍ୟା ୭ଟା।

# ଦଳର କୁଚକ୍ରୀ ମୋତେ ହରାଇବା ପାଇଁ ଚକ୍ରାନ୍ତ କରିଥିଲେ: ସୁନୀଲ

ପୁରୀ,୨୯।୫(ଅଜିତ୍ କୁମାର ମହାନ୍ତି)

ପୁରୀ ସଦର ବିଧାୟକ ତଥା ବିଜେଡି ନେତା ସୁନୀଲ ମହାନ୍ତିଙ୍କ ବିସ୍ଫୋରକ ବୟାନ ଏବେ ରାଜ୍ୟ ରାଜନୀତିକୁ ସରଗରମ କରିଛି। ଗତ ସାଧାରଣ ନିର୍ବାଚନରେ ବିଜେଡିର କେତେଜଣ କୁଚକ୍ରୀ ମୋତେ ହରାଇବାକୁ ଚେଷ୍ଟା କରିଥିଲେ, କିନ୍ତୁ ସଫଳ ହେଲେନାହିଁ। ସୁନୀଲଙ୍କ ଏହି ବୟାନ ରାଜ୍ୟ ଏବଂ ପୁରୀ ଜିଲା ବିଜେଡିରେ ସବୁକିଛି ଠିକ୍ ନ ଥିବା ନେଇ ଇଙ୍ଗିତ କରୁଛି। ଦଳର ବରିଷ୍ଠ ନେତା ପ୍ରତାପ ଦେବଙ୍କ ବାସଭବନରେ ପୁରୀ ଜିଲା ଦଳୀୟ ବୈଠକ ଆୟୋଜନକୁ ନେଇ ସୁନୀଲ ପ୍ରଶ୍ନ ଉଠାଇଛନ୍ତି। ସୁନୀଲ କହିଛନ୍ତି, ଦଳୀୟ ବୈଠକ ଶଙ୍ଖ ଭବନ ଛଡ଼ା ହୋଟେଲ, ରେଷ୍ଟୁରାଣ୍ଟ କିମ୍ବା କାହା ଘରେ ହେବ ନାହିଁ ବୋଲି ସଭାପତି ନବୀନ ପଟ୍ଟନାୟକ କହିଥିଲେ। ତେଣୁ ଜିଲାର ଦଳୀୟ ବୈଠକ କୌଣସି ନେତାଙ୍କ ଘରେ ହେଲେ ତାକୁ ଦଳୀୟ ବୈଠକ ବୋଲି ମାନିପାରିବୁ ନାହିଁ ବୋଲି ସୁନୀଲ କହିଛନ୍ତି।

# ୨ ପୂର୍ବତନ ମନ୍ତ୍ରୀ ଚୋରି କରି ମୋ ମୁଣ୍ଡରେ ଅଠା ବୋଳିଲେ: ପ୍ରଭାତ

କଟକ,୨୯।୫(ଶିଳ୍ପା ପ୍ରିୟଦର୍ଶିନୀ)

**ମେ ୨୯ ମିଡ୍‌ନାଇଟ ଅପରେଶନକୁ ନେଇ ବିସ୍ଫୋରକ ବୟାନ**

ମେ' ୨୯ ମିଡ୍‌ନାଇଟ ଅପରେଶନ ନେଇ ବିସ୍ଫୋରକ ବୟାନ ଦେଇଛନ୍ତି ପୂର୍ବତନ ବିଧାୟକ ତଥା ବିଜେଡି ନେତା ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ। ନୂଆପଡାଠାରେ ଖବରଦାତାଙ୍କ ପ୍ରଶ୍ନରେ ଉତ୍ତର ରଖି ପ୍ରଭାତ କହିଛନ୍ତି, ଆଜକୁ ୧୨ବର୍ଷ ବିତିଯାଇଛି ହେଲେ ମେ' ୨୯ ତାରିଖକୁ ମୁଁ କେବେ ଭୁଲି ପାରିବି ନାହିଁ। ମୁଁ ସେଥିରେ ସାମିଲ ନ ଥିଲି। ସେତେବେଳର ୨ଜଣ ମନ୍ତ୍ରୀ ଚୋରି କରି ମୋ ମୁଣ୍ଡରେ ଅଠା ବୋଳିଲେ ଏବଂ ସେହି ନେତାଙ୍କ ପାଇଁ ମୋର କ୍ୟାରିୟର ପ୍ରଭାବିତ ହୋଇଛି। ସେମାନଙ୍କ ଲାଗି ମୁଁ ଆଜି ଧଳା ପୋଷାକରୁ ନାଲି ପୋଷାକ ପିନ୍ଧିଛି, ଆଉ ଏବେ ସେମାନେ ତାଙ୍କ କର୍ମର ଫଳ ଭୋଗୁଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭୋକେ ସୁଆଦ,**
**ବୟସେ ସୁନ୍ଦର।**

ଭୋକ ଲାଗୁଥିବାବେଳେ ସବୁ ଖାଦ୍ୟପଦାର୍ଥ ପାଟିକୁ ବେଶ୍ ସୁଆଦିଆ ଲାଗିଥାଏ। ସେହିପରି ଯୌବନ କାଳରେ ସମସ୍ତେ ଆଖିକୁ ଖୁବ୍ ସୁନ୍ଦର ଦିଶୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଭଉଣୀ ରାଣୀ ହେଲେ ଭାଇ ନୁହେଁ ରଜା,**
**ଅତି ସେରେନ୍ତାରେ ଡାକିବେ ରଜାଙ୍କ ପରଜା।**

ଭଉଣୀ ଯେତେ ବଡ଼ ଘରେ ବିଭା ହେଲେ ମଧ୍ୟ ଭାଇର ଚଳଣି ବା ଅବସ୍ଥାରେ କିଛି ବି ପରିବର୍ତ୍ତନ ଘଟିନଥାଏ। ପରୋକ୍ଷରେ ଭଉଣୀ ଘରେ ରହୁଥିବା ଭାଇର ଗୁରୁତ୍ୱ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଚୁକ୍ତି ସ୍ୱାକ୍ଷର ସତ୍ତ୍ୱେ ପ୍ରତିରକ୍ଷା ସାମଗ୍ରୀ ପହଞ୍ଚୁନାହିଁ: ବାୟୁସେନା ମୁଖ୍ୟ

ନୂଆଦିଲ୍ଲୀ,୨୯।୫



ଅମରପ୍ରୀତ୍ ସିଂ

ପ୍ରତିରକ୍ଷା ସାମଗ୍ରୀ କ୍ରୟ ଓ ଯୋଗାଣ ପ୍ରକ୍ରିୟାରେ ଅହେତୁକ ବିଳମ୍ବକୁ ନେଇ ବାୟୁସେନା ମୁଖ୍ୟ ଅମରପ୍ରୀତ୍ ସିଂ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ସିଷ୍ଟମ କଦାପି ଆସିବ ନାହିଁ ଜାଣି ମଧ୍ୟ ଆମେ ଅନେକ ସମୟରେ ଚୁକ୍ତି ସ୍ୱାକ୍ଷର କରିଥାଉ। ସାମରିକ ସରଞ୍ଜାମ କ୍ରୟରେ ସମୟସୀମା ଏକ ବଡ଼ ପ୍ରସଙ୍ଗ ବୋଲି ସେ ସ୍ୱୀକାର କରିଛନ୍ତି। କୌଣସି ଗୋଟିଏ ପ୍ରକଳ୍ପ ଠିକ୍ ସମୟରେ ଶେଷ ହୋଇଥିବା ନେଇ ଚିନ୍ତା କରିପାରୁ ନାହୁଁ ବୋଲି ସିଆଇଆଇ ବାର୍ଷିକ ବିଜ୍‌ନେସ୍ ସମିଟ୍‌ରେ ଉଦ୍‌ବୋଧନ ଦେଇ ଏୟାର ମାର୍ଶାଲ ଅମରପ୍ରୀତ୍ କହିଛନ୍ତି।

ସ୍ୱଦେଶୀ ପ୍ରକଳ୍ପ ସହ ସମ୍ପୃକ୍ତ ପ୍ରତିରକ୍ଷା ସିଷ୍ଟମ୍‌ରେ ବିଳମ୍ବ ହେଉଥିବାର ଅନେକ ଘଟଣା ରହିଛି। ହାଲୁକା ଲଢୁଆ ଯୁଦ୍ଧବିମାନ (ଏଲ୍‌ସିଏ) ପ୍ରସଙ୍ଗରେ ସେ କହିଛନ୍ତି, ତେଜସ୍ ଏମ୍‌କେ୧ଏ ଫାଇଟର ଜେଟ୍ କ୍ରୟ ନିମନ୍ତେ ହିନ୍ଦୁସ୍ତାନ ଏରୋନଟିକ୍ସ ଲିଃ (ହାଲ୍) ସହ ୨୦୨୧ ଫେବୃଆରୀରେ ୪୮,୦୦୦ କୋଟି ଟଙ୍କାର ଚୁକ୍ତିନାମା ସ୍ୱାକ୍ଷର ହୋଇଥିଲା, ଯାହା ଏବେ ମଧ୍ୟ ଅଟକି ରହିଛି। ୮୩ଟି ଯୁଦ୍ଧବିମାନ ପାଇଁ ଅର୍ଡର କରାଯାଇଥିବାବେଳେ ଏପର୍ଯ୍ୟନ୍ତ ଗୋଟିଏ ବି ମିଳିପାରି ନାହିଁ। ୨୦୨୪ ମାର୍ଚ୍ଚରୁ ତେଜସ୍ ଫାଇଟର ଜେଟ୍ ମିଳିବା ନେଇ ସମୟ ଧାର୍ଯ୍ୟ ହୋଇଥିଲା। ଏଭଳି ବିଳମ୍ବ ଯୋଗୁ ଅନେକ ପ୍ରମୁଖ ପ୍ରକଳ୍ପ ପ୍ରଭାବିତ ହୋଇଛି। ତେଜସ୍ ଏମ୍‌କେ୧ ଯୋଗାଣରେ ବିଳମ୍ବ ହୋଇଥିବାବେଳେ ଏମ୍‌କେ୨ର ପ୍ରୋଟୋଟାଇପ୍ ଏପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ। ସେହିପରି ଏଏମ୍‌ସିଏ ଯୁଦ୍ଧବିମାନର ପ୍ରୋଟୋଟାଇପ୍ ମଧ୍ୟ ଏପର୍ଯ୍ୟନ୍ତ ପ୍ରସ୍ତୁତ ହୋଇନାହିଁ। ସରକାରଙ୍କ ଆତ୍ମନିର୍ଭର ଭାରତ ଇନିସିଏଟିଭ୍ ଅଧୀନରେ ବାୟୁସେନା ସ୍ୱଦେଶୀ ଜ୍ଞାନକୌଶଳ ଏବଂ ଘରୋଇ ସାମର୍ଥ୍ୟ ବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ଉଦ୍ୟମ ଚଳାଇଥିବାବେଳେ ଅମରପ୍ରୀତ୍ ଏଭଳି ମନ୍ତବ୍ୟ ଦେଇଛନ୍ତି। ଆମେ କେବଳ ଭାରତରେ ଉତ୍ପାଦନ କଥା କହିପାରିବା ନାହିଁ, ଡିଜାଇନ୍ ବିଷୟରେ ମଧ୍ୟ କହିବା ଆବଶ୍ୟକ। ସେନା ଏବଂ ଶିଳ୍ପସଂସ୍ଥା ମଧ୍ୟରେ ଆସ୍ଥା ଜରୁରୀ। ଥରେ ଆମେ ପ୍ରତିଶ୍ରୁତି ଦେଇଥିଲେ, ତାହା ପ୍ରଦାନ କରିବା ଆବଶ୍ୟକ। ବାୟୁସେନା ଭାରତକୁ ସବୁଠୁ ଭଲ କରିବାକୁ ଉଦ୍ୟମ କରୁଛି। ଭବିଷ୍ୟତ ପାଇଁ ପ୍ରସ୍ତୁତ ବଦଳରେ ବର୍ତ୍ତମାନ ପାଇଁ ପ୍ରସ୍ତୁତ କରିବାକୁ ହେବ। ୧୦ ବର୍ଷରେ ଆମ ଶିଳ୍ପରୁ ଅଧିକ ଉତ୍ପାଦନ ହେବ, କିନ୍ତୁ ଆଜି ଯାହା ଦରକାର, ତାହା ଆଜି ହିଁ ମିଳିବା ଆବଶ୍ୟକ। ସେନାକୁ ସଶକ୍ତ କରିବା ଦ୍ୱାରା ଯୁଦ୍ଧ ଜିତାଯାଏ ବୋଲି ବାୟୁସେନା ମୁଖ୍ୟ କହିଛନ୍ତି। ଅପରେଶନ ସିନ୍ଦୂର ସମ୍ପର୍କରେ ନୌସେନା ମୁଖ୍ୟ ପୂର୍ବରୁ କହିଥିଲେ, ଯୁଦ୍ଧର ଚରିତ୍ରରେ ପରିବର୍ତ୍ତନ ହୋଇଛି। ପ୍ରତିଦିନ ନୂଆ ପ୍ରଯୁକ୍ତି ଆସୁଛି। ଆମକୁ ଭବିଷ୍ୟତରେ କ'ଣ ଆବଶ୍ୟକ ଅପରେଶନ ସିନ୍ଦୂର ସେ ନେଇ ଏକ ସ୍ପଷ୍ଟ ଧାରଣା ଦେଇଛି। ତେଣୁ ଆମକୁ ଅନେକ କିଛି କରିବା ଆବଶ୍ୟକ ବୋଲି ଅମରପ୍ରୀତ୍ କହିଛନ୍ତି।

# ମାଓବାଦୀଙ୍କ ହାତରେ ୪ ଟନ୍ ବିସ୍ଫୋରକ
# ଏନ୍ଆଇଏ ତଦନ୍ତ ଆରମ୍ଭ

**ସୁନ୍ଦରଗଡ଼ ଜିଲା କେ. ବଲାଙ୍ଗରେ ମଙ୍ଗଳବାର ଏକ ଟ୍ରକ୍‌ରେ ନିଆଯାଉଥିବା ୪ ଟନ୍ ବିସ୍ଫୋରକକୁ ମାଓବାଦୀମାନେ ଲୁଟିଥିଲେ। ସେମାନେ ଡ୍ରାଇଭରଙ୍କୁ ଅପହରଣ କରିବା ସହ ଉକ୍ତ ଟ୍ରକ୍‌କୁ ସରଣ୍ଡା ଜଙ୍ଗଲ ଭିତରକୁ ନେଇଯାଇଥିଲେ। ଏହାର ୨ ଦିନ ପରେ ଓଡ଼ିଶା-ଝାଡ଼ଖଣ୍ଡ ସୀମାକୁ ସିଲ୍ କରାଯିବା ସହ କୋମ୍ବିଂ ଅପରେଶନ୍‌କୁ ଜୋରଦାର କରାଯାଇଛି। ମାଓବାଦୀଙ୍କ ହାତରେ ଏତେ ପରିମାଣର ବିସ୍ଫୋରକ ମହଜୁଦ ରହିଲେ ସରକାରଙ୍କ ମାଓବାଦୀ ନିରୋଧୀ ଅଭିଯାନ ଦୁର୍ବଳ ହୋଇପାରେ ବୋଲି ଅଶଙ୍କା ଥିବାରୁ ଗୁରୁବାର ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ) ପକ୍ଷରୁ ତନାଘନା ଆରମ୍ଭ କରାଯାଇଛି। ଅନ୍ୟପକ୍ଷେ ଦୀର୍ଘଦିନ ଧରି ସମ୍ପୃକ୍ତ ଅଞ୍ଚଳରେ ମାଓବାଦୀ ସକ୍ରିୟ ରହିଥିଲେ ମଧ୍ୟ ବିନା ସୁରକ୍ଷାରେ କିପରି ଭାବେ ବିସ୍ଫୋରକ ଯାଉଥିଲା ଏବଂ ସେଥିପ୍ରତି ପୋଲିସ ତତ୍ପରତା ଦେଖାଇ ନ ଥିଲା, ତାହା ଏବେ ବଡ଼ ପ୍ରଶ୍ନ ପାଲଟିଛି। ପଶ୍ଚିମ ଓଡ଼ିଶାରେ ମାଓବାଦୀ ପୁଣି ପ୍ରଭାବ ବିସ୍ତାର କରୁଥିବା ଏହି ଘଟଣା ଦର୍ଶାଉଛି।**

ସୁନ୍ଦରଗଡ/ବଣାଇଁ,୨୯।୫ (ଜୟ ନାରାୟଣ ମେଣ୍ଟୁଲି/ ପ୍ରଦୀପ ତ୍ରିପାଠୀ)

**ଓଡ଼ିଶା-ଝାଡ଼ଖଣ୍ଡ ସୀମା ସିଲ୍**

କେନ୍ଦ୍ର ସରକାର ୨୦୨୬ ମାର୍ଚ୍ଚ ଶେଷ ସୁଦ୍ଧା ଦେଶକୁ ମାଓବାଦମୁକ୍ତ କରିବା ପାଇଁ ଉଦ୍ୟମ ଚଳାଇଥିବାବେଳେ ବିଭିନ୍ନ ରାଜ୍ୟର ପୋଲିସ ସହ ମିଶି କେନ୍ଦ୍ରୀୟ ସୁରକ୍ଷା ବଳ କୋମ୍ବିଂ ଅପରେଶନ୍ ଚଳାଇଛି। ତେବେ ମାଓବାଦୀମାନେ ଏହି ପ୍ରୟାସକୁ ଝଟ୍‌କା ଦେବା ଭଳି କାର୍ଯ୍ୟ କରିଛନ୍ତି। ସୁନ୍ଦରଗଡ଼ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ବାଙ୍କୋ ପଥର କ୍ୱାରିକୁ ମଙ୍ଗଳବାର ମଧ୍ୟାହ୍ନରେ ବ୍ଲାଷ୍ଟିଂ ପାଇଁ ଆସିଥିବା ୪ ଟନ୍ ବିସ୍ଫୋରକ ବୋଝେଇ ଏକ ଟ୍ରକ୍‌କୁ ୩୦ରୁ ୪୦ ସଶସ୍ତ୍ର ମାଓବାଦୀ ସଂଘବଦ୍ଧ ଭାବେ ଟାର୍ଗେଟ କରିଥିଲେ। ଏହି ଘଟଣାରେ ବୁଧବାର ପୋଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆ କେ. ବଲାଙ୍ଗ ଥାନାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଅପରେଶନ ଆଇଜି ଡ. ଦୀପକ କୁମାରଙ୍କ ନେତୃତ୍ୱରେ ଡିଆଇଜି ବ୍ରିଜେଶ କୁମାର ରାୟ, ଗୋଇନ୍ଦା ସଂସ୍ଥା ଡିଏସ୍‌ପି ପ୍ରଦୀପ ବାର୍ଲାଙ୍କ ସମେତ ଡିଭିଏଫ୍, ଆଇଆର୍‌ବି (ଇଣ୍ଡିଆନ ରିଜର୍ଭ ବାଟାଲିୟନ)ର ଯବାନମାନେ ଘଟଣାସ୍ଥଳରେ ତଦନ୍ତ କରିଥିଲେ। ଝାଡ଼ଖଣ୍ଡର ଜାଗୁଆର ଟିମ୍ ସର୍ଚ୍ଚ ଅପରେଶନ ଜୋରଦାର କରିବା ସହ ପୋଲିସ ଟିମ୍ ମଧ୍ୟ କୋମ୍ବିଂ ଅପରେଶନ ଚଳାଇଛି। ଏଥିସହ ବଡ଼ଗାଁ ତହସିଲଦାର ଝରଣା ପ୍ରଧାନଙ୍କ ଉପସ୍ଥିତିରେ ବଡ଼ଗାଁ ଥାନା ଆଇଆଇସି ବାଲୁଙ୍କେଶ୍ୱର ନାଏକ, ଏଏସ୍‌ଆଇ ଉମାକାନ୍ତ ନାଏକ ଇତମା ଗାଁ ନିକଟ ଜଙ୍ଗଲରେ ଥିବା ବିସ୍ଫୋରକ ସାମଗ୍ରୀ ଗୋଦାମକୁ ସିଲ୍ କରିଥିଲେ। ଏହାର ଦିନକ ପରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ) ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛି। ପୋଲିସ ଉକ୍ତ ଟ୍ରକ୍‌କୁ ଠାବ କରିଛି। କିନ୍ତୁ ସେଥିରେ ଥିବା ବିସ୍ଫୋରକକୁ ଝାଡ଼ଖଣ୍ଡର ମାଓବାଦୀମାନେ ନେଇଯାଇଛନ୍ତି। ବିସ୍ଫୋରକକୁ ଜଙ୍ଗଲ ଭିତରେ ଲୁଚାଇ ରଖିଥିବା ସନ୍ଦେହ କରାଯାଉଛି। ତେବେ ଅଦ୍ୟାବଧି କୌଣସି ମାଓବାଦୀ ସଂଗଠନ ନିଜକୁ ଦାୟୀ କରିନାହାନ୍ତି। ଟ୍ରକ୍ ଚାଳକଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ଖଣି କମ୍ପାନୀଗୁଡ଼ିକୁ ସେମାନଙ୍କ ପରିବହନ ଯନ୍ତ୍ରପାତିର ସୁରକ୍ଷା ବଢ଼ାଇବା ପାଇଁ ପରାମର୍ଶ ଦିଆଯାଇଛି। ସମ୍ପୃକ୍ତ ଅଞ୍ଚଳ ଦେଇ ଯାଉଥିବା ବିସ୍ଫୋରକ ସାମଗ୍ରୀ ଉପରେ ନଜର ରଖାଯାଇଥିବା ପୋଲିସ କହିଛି। ଉଲ୍ଲେଖଯୋଗ୍ୟ, ୨୦୦୯ରେ ମାଓବାଦୀମାନେ ଅନୁରୂପଭାବେ ବିସ୍ଫୋରକ ଲୁଟ୍ ସହ ସବ୍‌ଇନ୍ସପେକ୍ଟର ଅଜିତ ବର୍ଦ୍ଧନଙ୍କୁ ହତ୍ୟା କରିବା ପରେ ଅନେକ ଲ୍ୟାଣ୍ଡମାଇନ ବିସ୍ଫୋରଣ କରିଥିଲେ। ଗୁରୁବାର ପୋଲିସ ଡିଜି ରାଉରକେଲା ଏସପିଙ୍କ କାର୍ଯ୍ୟାଳୟରେ ଏକ ଉଚ୍ଚସ୍ତରୀୟ ବୈଠକ କରିଛନ୍ତି। ସିଆର୍‌ପିଏଫ ଆଇଜି ଅମିତେନ୍ଦ୍ର ନାଥ ସିହ୍ନା ବାଙ୍କୋରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି।

ପ୍ରଥମ ପୃଷ୍ଠାରୁ...

## ହୋମ୍‌ଗାର୍ଡ ଶାରୀରିକ...

ଘଟିଥିଲା। ଏବେ ସୁଲନ୍ତଙ୍କ ମୃତ୍ୟୁ ତାଙ୍କ ପରିବାର ପ୍ରତି ଅପୂରଣୀୟ କ୍ଷତି ଘଟାଇଛି। ଘରେ ତାଙ୍କ ବିଧବା ମା' ଓ ଝିଅ ଖବର ପାଇ ସ୍ତବ୍ଧ ହୋଇଯାଇଛନ୍ତି। ସେମାନଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ସେ ଅନୁରୋଧ କରିଛନ୍ତି। ସେହିପରି ନାରାୟଣପୁରର ଦୀପକଙ୍କ ସାନ ଭାଇ ଗୋବିନ୍ଦ ପଡାଲ ମଧ୍ୟ ହୋମଗାର୍ଡ ପାଇଁ ଶାରୀରିକ ପରୀକ୍ଷା ଦେଇଛନ୍ତି। ତେଣୁ ତାଙ୍କୁ ଅନୁକମ୍ପାମୂଳକ ଚାକିରି ପ୍ରଦାନ କରାଯିବ ବୋଲି ଏସ୍‌ପି ପଣ୍ଡା କହିଛନ୍ତି। ଏନେଇ ପରିସଲ ଗ୍ରାମର ପ୍ରରୀକ୍ଷାର୍ଥୀ ସସ୍ମିତାଙ୍କ କହିବା ହେଲା ସେମାନେ ସମସ୍ତେ ସାକ୍ଷାତ୍‌କାର ଦେବାକୁ ଆସିଥିଲେ। ହେଲେ ପରୀକ୍ଷା ସମୟରେ ଏଭଳି ଅଭାବନୀୟ ଘଟଣା ସେମାନଙ୍କୁ ଚକିତ କରିଛି ବୋଲି କହିଛନ୍ତି।

## ମୋବାଇଲରେ ଚାଷୀ...

ଭାରତରେ ମୋଟ ୧୪୫ ନିୟୁତ ଚାଷୀ ରହିଛନ୍ତି। ଜମି ମାଲିକ ଚାଷୀଙ୍କ ସଂଖ୍ୟା ପ୍ରାୟ ୮୬ ନିୟୁତ ବୋଲି ସଦ୍ୟ କୃଷି ସେନ୍‌ସସ ଡେଟାରୁ ଜଣାପଡ଼ିଛି। ରବିଚନ୍ଦ୍ର ଆହୁରି କହିଛନ୍ତି, ଏହାବ୍ୟତୀତ ଆଇଏମ୍‌ଡି ୨ଟି ବହୁବିଷୟକ ସାମୁଦ୍ରିକ ଗବେଷଣା ଜାହାଜ କିଣିବାକୁ ଯାଉଛି। ପ୍ରତ୍ୟେକ ଜାହାଜର ମୂଲ୍ୟ ୧,୦୦୦ କୋଟି ଟଙ୍କା ରହିବ। ଏଥିସହ ବର୍ତ୍ତମାନର ମୈତ୍ରି ବେସ୍ ନିକଟରେ ୨୦୨୯ ସୁଦ୍ଧା ଏକ ନୂଆ ଆଣ୍ଟାର୍କଟିକ୍ ରିସର୍ଚ୍ଚ ସେଣ୍ଟର 'ମୈତ୍ରି-୨' ମଧ୍ୟ ପ୍ରତିଷ୍ଠା କରାଯିବ। ଏଥିରେ ୨,୦୦୦ କୋଟି ଟଙ୍କା ଖର୍ଚ୍ଚ ହେବ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ବିଭିନ୍ନ ସମସ୍ୟା ବିଜଡ଼ିତ ରହି କାର୍ଯ୍ୟହାନି, ମନସ୍ତାପ ଓ ବିବାଦରେ ଲିପ୍ତ ରହିପାରନ୍ତି। ପାରିବେଶିକ କୁପ୍ରଭାବରେ ସ୍ୱାସ୍ଥ୍ୟ ଓ ପୂର୍ବ ଶତ୍ରୁତା ସମ୍ପର୍କିତ ଚିନ୍ତା କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବାରେ ଅସୁବିଧା ହେବ ନାହିଁ। ଭ୍ରାତୃ ସମ୍ପର୍କ, ବନ୍ଧୁପ୍ରୀତି, ଅର୍ଥପ୍ରାପ୍ତି, ଯାତ୍ରା ଓ ଆଲୋଚନା ଫଳପ୍ରଦ ହୋଇପାରେ।

**ବୃଷ**
ଆପଣ ଅନ୍ୟମାନଙ୍କୁ ମନେଇ ନିଜ ଆଡ଼କୁ ଆକର୍ଷିତ କରିବା ପାଇଁ ଚେଷ୍ଟା କରି ସଫଳ ହେବେ। କିନ୍ତୁ କର୍ମକ୍ଷେତ୍ରରେ ଅପ୍ରିୟସତ୍ୟ କଥା ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି। ନିକଟ ଅତୀତରେ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ। କୃତ୍ତିକା ନକ୍ଷତ୍ର ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରୁ ଭଲ ଲାଭ ପାଇବେ।

**ମିଥୁନ**
ଦୀର୍ଘଦିନରୁ ଅଟକି ରହିଥିବା କାମ ସକାଶେ ଅନୁତାପ କରିବେ। ଭ୍ରମଣ, ରାଜନୀତି, ପ୍ରଶାସନ, ସଭାସମିତି, ଲେଖାପଢ଼ା, ଯାତ୍ରା ପାଇଁ ଦିନଟି ଭଲ। ଅପରାହ୍ନେ ଅସମର୍ଥିତ ସୂତ୍ରରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରିପାରିଲେ କେତେକାଂଶରେ ଉପକୃତ ହେବେ।

**କର୍କଟ**
ରାହୁଙ୍କ କୁପ୍ରଭାବରେ ଅଶାନ୍ତ ମନ ନେଇ ଟିକିଏ ଟିକିଏ କଥାରେ ବିରକ୍ତି ପ୍ରକାଶ କଲେ ପାରିବାରିକ ସମସ୍ୟା ବଢ଼ିଯିବ। ବନ୍ଧୁଙ୍କ ନିକଟରୁ କିଛି ପାଇବାର ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ଆନୁଷ୍ଠାନିକ କାମରେ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇବେ। ଆତ୍ମୀୟମାନଙ୍କ ପରାମର୍ଶ ନେଇ କାମ କଲେ ଉପକୃତ ହେବେ।

**ସିଂହ**
ପୂର୍ବର କଳହକୁ ନେଇ ନିଜର ଆତ୍ମୀୟ ଓ ପଡ଼ୋଶୀଙ୍କ ସହ ସମ୍ପର୍କ ଭଲ ରହିବ ନାହିଁ। ବିଳମ୍ବରେ କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହେବାରୁ ମନସ୍ତାପ କରିପାରନ୍ତି। ସମସ୍ୟାର ସରଳ ସମାଧାନ ସକାଶେ ବନ୍ଧୁଙ୍କ ଦ୍ୱାରସ୍ଥ ହେବାକୁ ପଡ଼ିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନାରମ୍ଭ କିମ୍ବା ଚୁକ୍ତିପତ୍ର ସ୍ୱାକ୍ଷରିତ ହେବାର ସୂଚନା ରହିଛି।

**କନ୍ୟା**
ପୂର୍ବ ବିବାଦକୁ କେନ୍ଦ୍ରକରି କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ। ସାମାଜିକ କ୍ଷେତ୍ରରେ ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ ଓ ସାହାଯ୍ୟ ସହଯୋଗ ମିଳିବ। ଶତ୍ରୁତା କରୁଥିବା ବ୍ୟକ୍ତି ପଛରେ ନାନାଦି କଥା କହିପାରନ୍ତି। ବନ୍ଧୁଙ୍କ ସ୍ୱାସ୍ଥ୍ୟହାନି କାରଣରୁ ଡାକ୍ତରଙ୍କ ପରାମର୍ଶ ପାଇଁ ଆପଣଙ୍କୁ ଦୌଡ଼ିବାକୁ ପଡ଼ିପାରେ।

**ତୁଳା**
ପାରିବାରିକ ଆଲୋଚନାରେ ସହକର୍ମୀ କିମ୍ବା ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ଅତ୍ୟଧିକ ପରିଶ୍ରମ ଜନିତ ସାମୟିକ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। କାର୍ଯ୍ୟହାସଲ ଲାଗି ବିଶେଷ ଅର୍ଥ ବ୍ୟୟ କରି ଦୁଃଖିତ ହେବେ। ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, ଲେଖାପଢ଼ା, ନିର୍ମାଣ, ଗବେଷଣାରୁ ପ୍ରଶଂସିତ ହୋଇପାରନ୍ତି।

**ବିଛା**
କର୍ମକ୍ଷେତ୍ରରେ ମିତ୍ରବନ୍ଧୁମାନଙ୍କ ଦ୍ୱାରା ଅର୍ଥ ଓ ସମ୍ମାନ ଲାଭ କରିବେ। ଈର୍ଷାପରାୟଣ ବ୍ୟକ୍ତିଙ୍କ ପ୍ରତିରୋଧ ଏବଂ ପରୋକ୍ଷ ଶତ୍ରୁତା କାମକୁ ବିଶୃଙ୍ଖଳିତ କରିବ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରଖିବା ପାଇଁ ଚେଷ୍ଟା କଲେ ଉପକୃତ ହୋଇପାରନ୍ତି।

**ଧନୁ**
ପରିବାର ସହ ପ୍ରତ୍ୟୁଷ ଯାତ୍ରାରେ ବନ୍ଧୁମିଳନ ସାଙ୍ଗକୁ ମୂଲ୍ୟବାନ ଦ୍ରବ୍ୟ ପ୍ରାପ୍ତିର ସମ୍ଭାବନା ରହିଛି। ଫେରିବା ରାସ୍ତାରେ ଜଣେ ବନ୍ଧୁଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିବା ଦ୍ୱାରା ସୁଫଳ ମିଳିପାରିବ। ଭ୍ରମଣଜନିତ କ୍ଳାନ୍ତି ଅନୁଭବ କରିପାରନ୍ତି। ଭାବପ୍ରବଣତାର ବଶବର୍ତ୍ତୀ ହୋଇ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲାଭଳି କାମ କରିବା ଠିକ୍ ହେବ ନାହିଁ।

**ମକର**
ଯାତ୍ରା ସମୟରେ କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା କାମ ହାସଲର ମଉକା ପାଇବେ। ଆଲୋଚନା ପରିସରରେ ଯୁକ୍ତିତର୍କ କାରଣରୁ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। ଶ୍ରବଣା ନକ୍ଷତ୍ରର ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହେବ। ଅନ୍ୟମାନଙ୍କ ସହଯୋଗ ଅଭାବରୁ ଅଫିସରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ।

**କୁମ୍ଭ**
ଆଶା କରିଥିବା ଧାର୍ମିକ କାର୍ଯ୍ୟ, ବନ୍ଧୁ, ସହକର୍ମୀଙ୍କ ପାଇଁ ତ୍ୟାଗ ସ୍ୱୀକାର କଲେ ମଧ୍ୟ ସେମାନଙ୍କ ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ବ୍ୟବସାୟିକ, ସାମାଜିକ, ନୂତନପ୍ରକଳ୍ପ ସମ୍ପର୍କିତ ଯୋଜନାକୁ କାର୍ଯ୍ୟକାରୀ କରାଇନେବେ। ବସ୍ତ୍ରଭୂଷଣ, ଅର୍ଥ ଓ ସମ୍ମାନ ଲାଭ କରିବେ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ନ ଦେଲେ ଅସୁବିଧା ଭୋଗିବେ।

**ମୀନ**
ଆଜି କର୍ମକ୍ଷେତ୍ରରେ ସହଜରେ କାମ ହାସଲ କରପାରିବେ। ପାରିବାରିକ ଅଶାନ୍ତିର ସମାପ୍ତି ଘଟାଇବାରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ବ୍ୟବସାୟ, ବାଣିଜ୍ୟ, ପରିବହନ, ନିର୍ମାଣ ଓ ସଭାସମିତିରେ ସଫଳତା ହାସଲ କରିବେ। ଉତ୍ତରଭାଦ୍ରପଦ ନକ୍ଷତ୍ର ସକାଶେ ପରୋକ୍ଷ ଶତ୍ରୁତା ମନକୁ ବିଚଳିତ

ଆଜି ମେ ୩୦ ତାରିଖ, ଜ୍ୟେଷ୍ଠ ଶୁକ୍ଳ ଚତୁର୍ଥୀ ଶୁକ୍ରବାର, ଆଜି ଶିବ ବିବାହ ଡାଟ ନିମନ୍ତ୍ରଣ, ରାଶିନକ୍ଷତ୍ର-ପୁନର୍ବସୁ/ମିଥୁନ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬.୦୩ ଗତେ ଘ.୦୬.୫୫ ମଧ୍ୟେ, ଘ.୧୨.୧୦ ଗତେ ଘ.୦୨.୪୭ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦.୦୫ ଗତେ ଘ.୧୧.୪୪ ମଧ୍ୟେ ରାହୁ କାଳ।

# ମହାପ୍ରଭୁଙ୍କ ବଡ଼ ମହାସ୍ନାନ

**ପୁରୀ,୨୯।୫(ଅଜିତ୍ କୁମାର ମହାନ୍ତି)**

ଶ୍ରୀମନ୍ଦିର ଭଣ୍ଡାର ଘର ନିକଟରେ ଗୁରୁବାର ବାନ୍ତି ପଡ଼ିବା କାରଣରୁ ଶ୍ରୀବିଗ୍ରହଙ୍କ ବଡ଼ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଯାଇଛି। ମଧ୍ୟାହ୍ନ ଧୂପ ପରେ ଭକ୍ତମାନେ ଭିତର କାଠ ନିକଟକୁ ଯାଇ ଦର୍ଶନ କରୁଥିଲେ। ଏହି ସମୟରେ ଭଣ୍ଡାର ଘର ନିକଟରେ ଜଣେକ ଭକ୍ତ ବାନ୍ତି କରିଥିବା ଦେଖିବାକୁ ମିଳିଥିଲା। ଫଳରେ ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ ସମସ୍ତ ନୀତିକୁ ବନ୍ଦ କରାଯାଇ ବଡ଼ ମହାସ୍ନାନ



ନୀତି ଆରମ୍ଭ ହୋଇଥିଲା। ଏଥିନିମନ୍ତେ ଭକ୍ତଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ କରାଯାଇ ନୀତି ହୋଇ ଧୁଆ ଧୋଇ ହୋଇ ଚୂନପାଣି ପଡ଼ିଥିଲା। ପରେ ସିଂହାସନ ଧୁଆ ହୋଇ ମହାସ୍ନାନ ପୂଜା ଅନୁଷ୍ଠିତ ହୋଇଥିଲା। ଏଥିନିମନ୍ତେ ପ୍ରାୟ ୨ ଘଣ୍ଟା ନୀତି ବିଳମ୍ବ ହୋଇଥିଲା। ନୀତି ଶେଷ ହେବା ପରେ ପୁନର୍ବାର ଦର୍ଶନ ଆରମ୍ଭ ହୋଇଥିଲା।

# ଗ୍ରାମାଞ୍ଚଳରେ ନେତୃତ୍ୱ ଭାବନା ଜାଗ୍ରତକରିବା ମୂଳ ଉଦ୍ଦେଶ୍ୟ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର ଲୋକସେବା ଭବନ କନ୍‌ଭେନଶନ ସେଣ୍ଟରଠାରେ ଗୁରୁବାର ଲକ୍ଷପତି ଦିଦି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦିଦିମାନଙ୍କୁ ସମ୍ମାନିତ କରୁଛନ୍ତି। ନିକଟରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉପସ୍ଥିତ।

**ରାଷ୍ଟ୍ରୀୟ ଲକ୍ଷପତି ଦିଦି-୨୦୨୫ ସମ୍ମିଳନୀ**

- ଯୋଜନା କେବଳ କାର୍ଯ୍ୟକ୍ରମ ନୁହେଁ, ଏକ ଆନ୍ଦୋଳନ: ଉପମୁଖ୍ୟମନ୍ତ୍ରୀ
- ଲକ୍ଷପତି ଦିଦି ସୃଷ୍ଟିରେ ନୟାଗଡ଼ ଜିଲା ୧ମ
- ୨ୟରେ କେନ୍ଦ୍ରାପଡ଼ା, କଟକ, ଭଦ୍ରକ, ଜଗତ୍‌ସିଂହପୁର

**ଭୁବନେଶ୍ୱର, ୨୯।୫(ସୁନିତ୍ ମିଶ୍ର)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦର୍ଶୀ ମାର୍ଗଦର୍ଶନରେ ଲକ୍ଷପତି ଦିଦି ଯୋଜନା ମହିଳାମାନଙ୍କୁ ବାର୍ଷିକ ୧ ଲକ୍ଷ ଟଙ୍କାରୁ ଅଧିକ ରୋଜଗାର କରିବାର ପଥ ପ୍ରସ୍ତୁତ କରିଛି। ଏହାର ମୂଳ ଉଦ୍ଦେଶ୍ୟ ମହିଳାଙ୍କୁ ଆର୍ଥିକ ସ୍ୱାଧୀନତା ଦେବା ଏବଂ ଗ୍ରାମାଞ୍ଚଳ ମହିଳାଙ୍କ ମଧ୍ୟରେ ନେତୃତ୍ୱ ଭାବନା ଜାଗ୍ରତ କରିବା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ରାଷ୍ଟ୍ରୀୟ ଲକ୍ଷପତି ଦିଦି ସମ୍ମିଳନୀ-୨୦୨୫ରେ ଯୋଗଦେବା ଅବସରରେ କହିଛନ୍ତି।

ଲୋକସେବା ଭବନ କନ୍‌ଭେନସନ ସେଣ୍ଟରଠାରେ ମିଶନ ଶକ୍ତି ବିଭାଗ ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ ଦେଶର ୨୫ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ଲକ୍ଷପତି ଦିଦି ଓ ସରକାରୀ ଅଧିକାରୀମାନେ ଯୋଗ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଉକ୍ତ ସମ୍ମିଳନୀ କେବଳ ଆମ ପାଇଁ ଉପଲବ୍ଧିର ଉତ୍ସବ ନୁହେଁ ବରଂ ଏହା ଆମ ମହିଳା ନେତୃତ୍ୱ ପ୍ରତି ସଂକଳ୍ପ। ପ୍ରଧାନମନ୍ତ୍ରୀ ମହିଳାଙ୍କ ରାଜନୈତିକ, ସାମାଜିକ ଏବଂ ଅର୍ଥନୈତିକ ସ୍ୱତନ୍ତ୍ରତା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ରାଜନୈତିକ କ୍ଷେତ୍ରରେ ମହିଳାଙ୍କ ପ୍ରତିନିଧିତ୍ୱ ପାଇଁ ନାରୀଶକ୍ତି ବନ୍ଦନ ଅଧିନିୟମ ସଂସଦରେ ପାରିତ ହୋଇଛି। ଏହା ମାଧ୍ୟମରେ ଆଗାମୀ ନିର୍ବାଚନରେ ଅତି କମ୍‌ରେ ୩୩% ମହିଳା ଲୋକ ସଭା ଓ ବିଧାନସଭାକୁ ନିର୍ବାଚିତ ହୋଇ ଆସିବେ। ଓଡ଼ିଶା ଲକ୍ଷପତି ଦିଦି ମିଶନକୁ ପ୍ରତିବଦ୍ଧତାର ସହ କାର୍ଯ୍ୟକାରୀ କରିଛି। ପ୍ରାୟ ୧୭ ଲକ୍ଷ ମହିଳାଙ୍କୁ ଲକ୍ଷପତି ଦିଦି ଭାବେ ଗଢ଼ି ଆଜି ଓଡ଼ିଶା ଭାରତବର୍ଷରେ ପ୍ରଥମ ସ୍ଥାନ ଅଧିକାର କରିଛି। ଏହି ସଫଳତା ଆମ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ନିଷ୍ଠା, ମିଶନ ଶକ୍ତି ଏବଂ ଓଡ଼ିଶା ଜୀବିକା ମିଶନର ଆନ୍ତରିକତା ଓ ତୃଣମୂଳ ସ୍ତରରେ ଦକ୍ଷତାପୂର୍ଣ୍ଣ କାର୍ଯ୍ୟର ଫଳସ୍ୱରୂପ ଆମକୁ ମିଳିଛି ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରେଷ୍ଠ ଲକ୍ଷପତି ଦିଦି ଭାବରେ ଦେବଗଡ଼ ଜିଲାର ଶକୁନ୍ତଳା ଧଳ, ଗଜପତି ଜିଲାର ସୁଲମୀ ଦଳବେହେରା ଏବଂ କେନ୍ଦ୍ରାପଡ଼ା ଜିଲାର ମମତା ନାଥଶର୍ମାଙ୍କୁ ପୁରସ୍କୃତ କରିଛନ୍ତି। ଜିଲାରେ ୯୮% ଲକ୍ଷପତି ଦିଦି ସୃଷ୍ଟିକରି ପ୍ରଥମ ସ୍ଥାନ ଅଧିକାର କରିଥିବା ନୟାଗଡ଼ ଜିଲା ଏବଂ ୯୭% ଲକ୍ଷପତି ଦିଦି ସୃଷ୍ଟି କରି ୨ୟ ସ୍ଥାନ ଅଧିକାର କରିଥିବା କେନ୍ଦ୍ରାପଡ଼ା, କଟକ, ଭଦ୍ରକ, ଜଗତ୍‌ସିଂହପୁର ଜିଲାକୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଲକ୍ଷପତି ଦିଦିଙ୍କ ଉପରେ ପର୍ଯ୍ୟବସିତ ଏକ ଭିଡିଓ, ଏକ କଫି ଟେବୁଲ ବୁକ୍ ଓ ବୁକ୍‌ଲେଟ୍ ଉନ୍ମୋଚନ କରିଥିଲେ।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦ୍‌ବୋଧନଦେଇ କହିଛନ୍ତି, ଲକ୍ଷପତି ଦିଦି ଯୋଜନା କେବଳ ଏକ କାର୍ଯ୍ୟକ୍ରମ ନୁହେଁ, ଏହା ଏକ ଆନ୍ଦୋଳନ; ଯାହା ମହିଳାମାନଙ୍କୁ ଘର ଚାରିକାନ୍ଥ ମଧ୍ୟରୁ ବାହାରକରି ବିକାଶ ସ୍ରୋତରେ ଯୋଡୁଛି। ଲକ୍ଷପତି ଦିଦି ସୃଷ୍ଟି କରାଇବାରେ ଓଡ଼ିଶା ଲଗାତର ଭାବେ ୧ ନମ୍ବର ସ୍ଥାନରେ ରହିଛି। ଏହା ଆମ ପାଇଁ ବଡ଼ ଉପଲବ୍ଧି। ଏହି କାର୍ଯ୍ୟକ୍ରମ ବଳରେ ବର୍ତ୍ତମାନ ଗ୍ରାମାଞ୍ଚଳର ମହିଳାମାନେ କେବଳ ନିଜ ପାଇଁ ରୋଜଗାର କରୁନାହାନ୍ତି, ଅନ୍ୟମାନଙ୍କ ପାଇଁ ଉଦାହରଣ ମଧ୍ୟ ହୋଇଥିବା ସେ କହିଛନ୍ତି। ଏ ହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିଭାଗର କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ ସ୍ୱାଗତ ଭାଷଣ ଏବଂ ନିର୍ଦ୍ଦେଶିକା ମୋନିକା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ।

# ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ୨ ମୃତ



ଉତ୍ତ୍ୟକ୍ତ ଲୋକେ ପିକ୍‌ଅପ୍ ଭ୍ୟାନ ପୋଡ଼ିଦେଉଛନ୍ତି।

- **ପିକ୍‌ଅପ୍ ଭ୍ୟାନ୍ ଜାଳି ରାସ୍ତା ଅବରୋଧ**
- **ପୋଲିସ-ଉତ୍ତ୍ୟକ୍ତ ଲୋକେ ମୁହାଁମୁହିଁ**

**ଝାରସୁଗୁଡ଼ା, ୨୯।୫(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ବଡ଼ମାଲ-ରାଉରକେଲା ବିଜୁ ଏକ୍ସପ୍ରେସ୍ ୱେର ସାରସମାଲଠାରେ ଗୁରୁବାର ପୂର୍ବାହ୍ନ ୧୧ଟାରେ ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଝାରସୁଗୁଡ଼ାର ଅଜିତ୍ ସିଂ(୬୦) ଓ ତାଙ୍କ ସମ୍ପର୍କୀୟ ଅଶୋକ ହିନ୍ଦୁଜା(୬୮)। ଦୁର୍ଘଟଣାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକମାନେ ଦୁର୍ଘଟଣା ଘଟାଇଥିବା ପିକ୍‌ଅପ୍ ଭ୍ୟାନ୍ ଜାଳିଦେବା ସହ ଚାଳକଙ୍କୁ ଆକ୍ରମଣ କରିଥିଲେ। ଏଥିସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିରେ ଘଟଣାସ୍ଥଳରେ ରାସ୍ତା ଅବରୋଧ କରିଥିଲେ। ଖବରପାଇ ଝାରସୁଗୁଡ଼ା ସଦର ଥାନା ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବାବେଳେ ଉଭୟ ପକ୍ଷ ମଧ୍ୟରେ ମୁହାଁମୁହିଁ ହୋଇଥିଲା। ସୂଚନା ଅନୁଯାୟୀ, ଅଜିତ୍ ଓ ଅଶୋକ ଏକ ସ୍କୁଟି(ନଂ.ଓଡ଼ି୧୬କେ-୧୭୭୭)ରେ ସମ୍ବଲପୁର ଅଭିମୁଖେ ଯାଉଥିବାବେଳେ ପଛପଟୁ ପିକ୍‌ଅପ୍ ଭ୍ୟାନ୍ (ନଂ.ଓଡ଼ି୨୩ଇ-୮୧୫୫) ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ସେମାନେ ରାସ୍ତାରେ ଛିଟିକି ପଡ଼ିବାରୁ ଘଟଣାସ୍ଥଳରେ ସେମାନଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ଉତ୍ତେଜନା ପ୍ରକାଶ ପାଇବା ସହ ଲୋକମାନେ ରାସ୍ତା ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିଥିଲା। ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବାବେଳେ ଉଭୟ ପକ୍ଷ ମୁହାଁମୁହିଁ ହୋଇଥିବା ଦେଖିବାକୁ ମିଳିଥିଲା। ଖବରପାଇ ଅତିରିକ୍ତ ଏସ୍‌ପି ମଧୁସ୍ମିତା ମିଶ୍ର, ଝାରସୁଗୁଡ଼ା ଏସ୍‌ଡିପିଓ ଉମାଶଙ୍କର ସିଂ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିବା ପରେ ଅପରାହ୍ନ ପ୍ରାୟ ୧ଟାରେ ରାସ୍ତା ଅବରୋଧ ହଟିବା ସହ ପରିସ୍ଥିତି ଶାନ୍ତ ହୋଇଥିଲା। ଅଗ୍ନିଶମ କର୍ମଚାରୀ ପିକ୍‌ଅପ୍ ଭ୍ୟାନ୍‌ରୁ ନିଆଁ ଲିଭାଇଥିଲେ।

# ପ୍ରଦର୍ଶନୀ ପଡ଼ିଆ ଖାଲି ପାଇଁ ଇଡ୍‌କୋର ତତ୍ପରତା

## ୩ ସଂସ୍ଥାକୁ ନୋଟିସ

**ଭୁବନେଶ୍ୱର,୨୯।୫ (ରବିନାରାୟଣ ଜେନା)**

ରାଜ୍ୟ ସରକାରଙ୍କ ପକ୍ଷରୁ ଜୁନ୍ ୧୨ରେ ପ୍ରଥମ ବାର୍ଷିକ ଉତ୍ସବ ଜନତାମଇଦାନରେ ପାଳନ ହେବ। ଏହାକୁ ଦୃଷ୍ଟିରେ ରଖି ସେଠାରେ ଦୁବାଇ ସିଟି କାର୍ନିଭାଲ, ଅଜନ୍ତା ସର୍କସ ଓ ଅନ୍ୟ କେତେକ ସଂସ୍ଥା ପକ୍ଷରୁ ଚାଲିଥିବା କାର୍ଯ୍ୟକ୍ରମକୁ ହଟାଇବା ପାଇଁ ବୁଧବାର ଇଡ୍‌କୋ ଡିଭିଜନାଲ ମୁଖ୍ୟ ନୋଟିସ କରିଛନ୍ତି। ୪୮ଘଣ୍ଟା ମଧ୍ୟରେ ସ୍ଥାନ ଖାଲି କରିବାକୁ ନିର୍ଦ୍ଦେଶ ଦିଆଯାଇଥିବାବେଳେ ସଂପୃକ୍ତ ସଂସ୍ଥା କର୍ତ୍ତୃପକ୍ଷମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

# ଭାରତୀୟ ନୌସେନା, ତଟରକ୍ଷୀ ବାହିନୀ ସହ କିଟ୍‌ର ଏମ୍‌ଓୟୁ




**ଭୁବନେଶ୍ୱର,୨୯।୫ (ଅନୁରାଧା ମହାରଣା)**

**କିଟ୍‌ର ବିଭିନ୍ନ ପାଠ୍ୟକ୍ରମରେ ସିଟ୍ ସଂରକ୍ଷଣ ରହିବ**

କିଟ୍ ବିଶ୍ୱବିଦ୍ୟାଳୟ, ଭାରତୀୟ ନୌସେନା ଓ ଭାରତୀୟ ତଟରକ୍ଷୀ ବାହିନୀ ମଧ୍ୟରେ ଦୁଇଟି ପୃଥକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ବୁଝାମଣାପତ୍ରରେ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତି ପ୍ରଫେସର ଶରଣଜିତ ସିଂହ, ନୌସେନା ସ୍ତ୍ରୀ କଲ୍ୟାଣ ସଂଘ ସଭାପତି ଶଶି ତ୍ରିପାଠୀ ଏବଂ ନୌସେନା ଶିକ୍ଷା ଅଧିକାରୀ କମୋଡର ଏସ୍‌ଏମ୍ ଉରୁଜ ଆଥାର ସ୍ୱାକ୍ଷର କରିଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟରେ ନୌସେନା କର୍ମଚାରୀ ଏବଂ ସେମାନଙ୍କ ପରିବାର ପିଲାଙ୍କ ପାଇଁ ଛାତ୍ରବୃତ୍ତି, ଟ୍ୟୁଶନ ଫି ଛାଡ଼ ଏବଂ ବିଭିନ୍ନ ପାଠ୍ୟକ୍ରମରେ ସିଟ୍ ସଂରକ୍ଷିତ ରଖାଯିବ। ସେମାନଙ୍କ ପିଲାଙ୍କ ପାଇଁ ଏମ୍‌ବିବିଏସ୍ ପାଠ୍ୟକ୍ରମରେ ୨ଟି ସିଟ୍ ପାଇଁ ୧୦% ଟ୍ୟୁଶନ ଫି ଛାଡ, ବିଡିଏସ୍ ଏବଂ ବିଏସ୍‌ସି ନର୍ସିଂରେ ୫ଟି ସିଟ୍ ସଂରକ୍ଷଣ, ବି.ଟେକ୍ (କମ୍ପ୍ୟୁଟର ବିଜ୍ଞାନ ଏବଂ ଆନୁଷଙ୍ଗିକ ପାଠ୍ୟକ୍ରମ)ରେ ୪ଟି ସିଟ୍ ସଂରକ୍ଷଣ ରଖାଯିବା ସହ କାର୍ଯ୍ୟରତ ନୌସେନା ଅଧିକାରୀଙ୍କ ପିଲାଙ୍କ ପାଇଁ ଅନ୍ୟ ସମସ୍ତ ଅଣଡାକ୍ତରୀ ପାଠ୍ୟକ୍ରମରେ ୫୦% ଇନ୍‌ଷ୍ଟିଚ୍ୟୁଶନାଲ ଫି' ଛାତ୍ରବୃତ୍ତି ସହ ଆବଶ୍ୟକ ସିଟ୍ ପ୍ରଦାନ କରାଯିବ। କିଟ୍ ବିଶ୍ୱବିଦ୍ୟାଳୟ ଓ ତଟରକ୍ଷୀର କୋଷ୍ଟଗାର୍ଡ ୱେଲ୍‌ଫେୟାର ଆଣ୍ଡ ୱେଲନେଶ୍ ସଂଘ ମଧ୍ୟରେ ସ୍ୱାକ୍ଷରିତ ଏକ ବୁଝାମଣାପତ୍ର ଅନୁଯାୟୀ କୋଷ୍ଟଗାର୍ଡ କର୍ମଚାରୀଙ୍କ ପିଲାଙ୍କ ପାଇଁ କିଟ୍ ବିଶ୍ୱବିଦ୍ୟାଳୟରେ ଇନ୍‌ଷ୍ଟିଚ୍ୟୁଶନାଲ ଫି' ଉପରେ ୧୦% ବୃତ୍ତି ସହ ଏମ୍‌ବିବିଏସ୍ ପାଠ୍ୟକ୍ରମରେ ୨ଟି, ବିଡିଏସ୍‌ରେ ୫ଟି, ବିଏସ୍‌ସି ନର୍ସିଂରେ ୫ଟି ସିଟ୍ ସଂରକ୍ଷିତ ରଖାଯିବ। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏହାକୁ ଅନ୍ତର୍ଭୁକ୍ତୀମୂଳକ ବିକାଶ ଦିଗରେ ଏକ ଦୃଢ଼ ପଦକ୍ଷେପ ବୋଲି କହିଛନ୍ତି।

# ସେନାର ବଳିଦାନକୁ ନେଇ ଭାଜପା ରାଜନୀତି କରୁଛି: ଦୀପେନ୍ଦ୍ର

**କଂଗ୍ରେସର ଜୟହିନ୍ଦ୍ ସଭା**

**ଭୁବନେଶ୍ୱର,୨୯।୫ (ରବିନାରାୟଣ ଜେନା)**

କୌଣସି କ୍ଷେତ୍ରରେ ହିନ୍ଦୁସ୍ଥାନର ସମକକ୍ଷ ପାକିସ୍ତାନ ହୋଇପାରିବ ନାହିଁ। ଯେଉଁମାନେ କହୁଛନ୍ତି, ୭୦ବର୍ଷରେ କଂଗ୍ରେସ କ'ଣ କରିଛି। ସେମାନେ ଜାଣି ରଖିବା ଉଚିତ ଯେ ଏହି ୭୦ବର୍ଷ ପାକିସ୍ତାନକୁ ଏତେ ପଛକୁ ଠେଲି ଦେଇଛି, ଯାହା କି ଗରିବ ରାଷ୍ଟ୍ର ତାଲିକାରେ ଏବେ ପାକିସ୍ତାନ ଗଣାଯାଉଛି ବୋଲି ସାଂସଦ ଦୀପେନ୍ଦ୍ର ସିଂହ ହୁଡ୍ଡା କହିଛନ୍ତି। ଗୁରୁବାର କଂଗ୍ରେସ ପକ୍ଷରୁ ଆୟୋଜିତ ଜୟହିନ୍ଦ୍ ସଭାକୁ ସମ୍ବୋଧିତ କରି ଦୀପେନ୍ଦ୍ର କହିଛନ୍ତି, ଦେଶର ସେନାର ତ୍ୟାଗ ଓ ବଳିଦାନକୁ ଏ ଦେଶ କେବେହେଲେ ବ୍ୟର୍ଥ ହେବାକୁ ଦେବ ନାହିଁ । ମାତ୍ର ଏମାନଙ୍କ ତ୍ୟାଗ ଓ ବଳିଦାନକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତଥା ଭାଜପା ରାଜନୀତି କରୁଛି । ସେନାରେ କାର୍ଯ୍ୟରତ ସେନାଧିକାରୀଙ୍କୁ ସମ୍ମାନ ଜଣାଇବା ପରିବର୍ତ୍ତେ ତାଙ୍କର ଧର୍ମକୁ ନେଇ ତାଙ୍କୁ ସାରା ଦେଶରେ ନିନ୍ଦିତ କରାଯାଉଛି । ଏପରି କି ତାଙ୍କୁ ଆତଙ୍କବାଦୀଙ୍କର ଭଉଣୀ ବୋଲି ଆଖ୍ୟା ଦିଆଯାଉଛି । ଏହା ଅତ୍ୟନ୍ତ ପୀଡ଼ାଦାୟକ। ଭାରତବର୍ଷକୁ ଧର୍ମନାମରେ ଭାଗ ଭାଗ କରୁଥିବା ଭାଜପା ପହଲଗାମ୍‌ରେ ମୃତ୍ୟୁବରଣ କରିଥିବା ବ୍ୟକ୍ତି ଓ ତାଙ୍କର ପରିବାରକୁ ସମ୍ମାନ ଜଣାଇବା ପରିବର୍ତ୍ତେ ଏଥିରୁ ରାଜନୈତିକ ଫାଇଦା ହାସଲ କରିବାରେ ଲାଗିଛନ୍ତି ବୋଲି ସେ କହିଛନ୍ତି। ପ୍ରଦେଶ କଂଗ୍ରେସ(ପିସିସି) ସଭାପତି ଭକ୍ତ ଚରଣ ଦାସ ଭାରତୀୟ ସେନାର ପରାକ୍ରମ ଓ ବଳିଦାନର ଭୂୟସୀ ପ୍ରଶଂସା କରି କହିଥିଲେ, ୧୯୭୧ରେ ଆମ ସେନା ୯୧ ହଜାରରୁ ଅଧିକ ପାକିସ୍ତାନୀ ସେନାକୁ ଗୃହବନ୍ଦୀ କରି ରଖିଥିଲା। କିନ୍ତୁ ଦୁଃଖର କଥା ଆଜି ଦେଶର ପ୍ରଧାନମନ୍ତ୍ରୀ ଏଭଳି ଏକ ପ୍ରଚାରଜୀବୀ ନିଜ ପଦ ମର୍ଯ୍ୟାଦାକୁ ସମ୍ମାନ ନ ଜଣାଇ ସେନାର ସଫଳତା ଓ ପରାକ୍ରମକୁ ନିଜର ପରାକ୍ରମ କହି ପ୍ରଚାର କରି ବୁଲୁଛନ୍ତି। ଯୁଦ୍ଧ ଭାଜପା ପାଇଁ ରାଜନୈତିକ ପ୍ରଚାର ଓ ପ୍ରସାରର ଏକ ଅସ୍ତ୍ର ପାଲଟିଛି ବୋଲି କହି ସେ ସମାଲୋଚନା କରିଥିଲେ । ପ୍ରଭାରୀ ଅଜୟ କୁମାର ଲଲ୍ଲୁ କହିଥିଲେ, ଭାରତୀୟ ସେନା ଭାରତବର୍ଷର ଗୌରବ। ସେମାନଙ୍କର ପରାକ୍ରମ ଯୋଗୁ ଆଜି ଶତ୍ରୁମାନେ ଧୂଳିସାତ୍ ହେଉଛନ୍ତି । ମାତ୍ର ଭାରତୀୟ ସେନାର ସଫଳତାକୁ ଆଜି ଭାଜପା ନିଜର ସଫଳତା ବୋଲି କହିବାରେ ଲାଗିଛି। ଏହି କାର୍ଯ୍ୟକ୍ରମରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ,ବରିଷ୍ଠ ନେତା ଶରତ ପଟ୍ଟନାୟକ, ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ ପ୍ରମୁଖ ଯୋଗ ଦେଇଥିଲେ।




ଭୁବନେଶ୍ୱର କଂଗ୍ରେସ ଭବନଠାରେ ଗୁରୁବାର ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଆୟୋଜିତ 'ଜୟ ହିନ୍ଦ୍' ସଭାରେ ସେନା ଯବାନମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# 'ପିକ୍ ଆୱାରକୁ ଟାଳିବ ସଅଳ ମୌସୁମୀ'

**ଭୁବନେଶ୍ୱର,୨୯।୫ (ରବିନାରାୟଣ ଜେନା)**

ପ୍ରତ୍ୟେକ ବର୍ଷ ମୌସୁମୀ କେବେ ଆସିବ ତାକୁ ଚାହିଁ ଚାହିଁ ଚାଷୀ ଆଖିରୁ ପାଣି ମରିଯାଉଥିଲା। ଏମିତିକି ଅନେକ ବର୍ଷ ଗଜା ମରୁଡ଼ି ଦେଖାଦେବା ସହିତ ପାନୀୟଜଳ ସଙ୍କଟ ସୃଷ୍ଟି ହେଉଥିଲା। ହେଲେ ଚଳିତବର୍ଷ ଋତୁଚକ୍ରରେ ଓଡ଼ିଶା ପାଇଁ ନୂଆ କଥା ଦେଖିବାକୁ ମିଳିଛି। ଜ୍ୟୈଷ୍ଠରେ ମୌସୁମୀ ପାଦ ଥାପିଛି। ଏହା ଚାଷୀକୁଳର ହିତ ସାଧନ ସହ ରାଜ୍ୟ ଅର୍ଥନୀତିକୁ ମଧ୍ୟ ସମୃଦ୍ଧ କରିବ। ପ୍ରତିବର୍ଷ ଜୁନ୍‌ରେ ଦେଖାଦେଉଥିବା 'ପିକ୍ ଆୱାର'କୁ ଟାଳିବାରେ ଏହା ବିଶେଷ ସହାୟକ ହେବ ବୋଲି ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର କହିଛନ୍ତି। ସେ କହିଛନ୍ତି, ମୌସୁମୀ ପ୍ରବାହ ପାଇଁ ଚଳିତବର୍ଷ ମେ' ଓ ଜୁନ୍‌ର ପିକ୍ ଡିମାଣ୍ଡ ବିଦ୍ୟୁତ୍ ଆବଶ୍ୟକତା ପୂରଣ କରିବା ପାଇଁ ଗ୍ରୀଡ୍‌କୋକୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡିବ ନାହିଁ।

# ମହିଳାଙ୍କ ବିକାଶ ପାଇଁ ରାଜ୍ୟବାସୀ ବିଜେଡିକୁ ଯଥେଷ୍ଟ ସମୟ ଦେଇଥିଲେ: ଐଶ୍ୱର୍ଯ୍ୟା

**ଭୁବନେଶ୍ୱର, ୨୯।୫(ସୁନିତ୍ ମିଶ୍ର)**

ରାଜ୍ୟର ମହିଳାଙ୍କ ବିକାଶ ପାଇଁ ଓଡ଼ିଶାବାସୀ ବିଜେଡିକୁ ଯଥେଷ୍ଟ ସମୟ ଦେଇଥିଲେ। ମାତ୍ର ଦୁର୍ଭାଗ୍ୟର ବିଷୟ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ୨୪ ବର୍ଷ ଧରି ଦଳୀୟ ନେତାମାନେ ରାଜ୍ୟକୁ ବିକାଶ ପରିବର୍ତ୍ତେ ବିନାଶ ଆଡ଼କୁ ନେଇଯାଇଥିଲେ। ବିଜେଡିର ଗର୍ବ ଓ ଅହଂକାରର ପତନ ଘଟାଇ ଗତ ନିର୍ବାଚନରେ ରାଜ୍ୟବାସୀ ଶକ୍ତ ଜାବୁଡ଼ା ଦେବା ପରେ ବି ତାଙ୍କ ଦୋଷ ଯାଉନାହିଁ। ନିଜ ଶାସନ କାଳରେ ମହିଳାଙ୍କୁ କେବଳ ଭୋଟବ୍ୟାଙ୍କ କରି ରାଜନୀତି କରୁଥିବା ବିଜେଡିର ଅସଲ ଚେହେରା ପଦାରେ ପଡ଼ିଯାଇଛି ବୋଲି ଭାଜପା ମହିଳା ମୋର୍ଚ୍ଚା ରାଜ୍ୟ ସଭାପତି ଐଶ୍ୱର୍ଯ୍ୟା ବିଶ୍ୱାଳ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ କହିଛନ୍ତି। ବିଜେଡି ମହିଳା ସଶକ୍ତୀକରଣ କ୍ଷେତ୍ରରେ ଯାହା କରିପାରି ନ ଥିଲା, ପ୍ରଥମ ଥର ପାଇଁ ସରକାର ଗଠନ କରିଥିବା ଭାଜପାର ୧୧ ମାସ ଶାସନ କାଳରେ ତାହା ସମ୍ଭବ ହୋଇପାରୁଥିବା ଦେଖି ବିଜେଡି ନେତ୍ରୀ ବିଲିବିଲେଇବା ଆରମ୍ଭ କରିଦେଇଛନ୍ତି ବୋଲି ବିଶ୍ୱାଳ କହିଛନ୍ତି।

# ଜୁନ୍ ୨୦ ସୁଦ୍ଧା ସବୁ ଡ୍ରେନ୍ ସଫେଇ ସାରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୨୯।୫(ସୁନିତ ମିଶ୍ର)**

**କଟକ-ଭୁବନେଶ୍ୱର ଡ୍ରେନେଜ ବ୍ୟବସ୍ଥା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଲୋକସେବା ଭବନଠାରେ କଟକ-ଭୁବନେଶ୍ୱରରେ ବର୍ଷାଦିନେ ଉପୁଜୁଥିବା କୃତ୍ରିମ ଜଳବନ୍ଦୀ ସମସ୍ୟାର ସମାଧାନ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରିଛନ୍ତି।

ଭୁବନେଶ୍ୱରର ୮୦% ଡ୍ରେନ୍‌ର ସଫେଇ କାର୍ଯ୍ୟ ଶେଷ ହୋଇଥିବାବେଳେ ବାକି ଡ୍ରେନ୍‌ଗୁଡ଼ିକର ସଫେଇ ଜୁନ୍ ୨୦ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଭୁବନେଶ୍ୱର ଇସ୍କନ, କଟକ-ରୋଡ୍, ଅହଲ୍ୟାନଗର, ସମ୍ ହସ୍ପିଟାଲ ପାଖ ଆୟୁର୍ବେଦିକ କଲେଜ ଭଳି କେତେକ ପ୍ରମୁଖ ସ୍ଥାନରେ ବର୍ଷାଦିନେ ଜଳ ନିଷ୍କାସନର ଅସ୍ଥାୟୀ ବ୍ୟବସ୍ଥା କରାଯାଇଛି। ଏ ସବୁ ଜାଗାଗୁଡ଼ିକରେ ସ୍ଥାୟୀ ସମାଧାନ ବ୍ୟବସ୍ଥା କରିବା ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ଭୁବନେଶ୍ୱରରେ ମୁଖ୍ୟତଃ ୧୫ଟି ପ୍ରାକୃତିକ ନାଳ ଓ ଅନେକ ଛୋଟ ବଡ଼ ଡ୍ରେନ୍ ରହିଛି। ଏସବୁର ଜଳ ପ୍ରାୟତଃ ଯାଇ ଗଙ୍ଗୁଆ ନଦୀରେ ମିଶୁଛି। ଏଥିରେ ହସ୍ପିଟାଲ ବର୍ଜ୍ୟଠାରୁ ଆରମ୍ଭ କରି ବିଭିନ୍ନ ପ୍ରଦୂଷଣଯୁକ୍ତ ସାମଗ୍ରୀ ମଧ୍ୟ ରହୁଛି। ଗଙ୍ଗୁଆ ନଦୀ ଦୟାନଦୀ ସହିତ ମିଶିଛି। ତେଣୁ ବିଭିନ୍ନ ଜାଗାରେ ଜଳ ବିଶୋଧନାଗାର ସ୍ଥାପନ କରି ଗଙ୍ଗୁଆ ନଦୀର ପାଣିକୁ ପ୍ରଦୂଷଣ ମୁକ୍ତ କରିବାକୁ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। କଟକରେ କୃତ୍ରିମ ଜଳବନ୍ଦୀ ସମସ୍ୟାର ମୁକାବିଲା ଓ ସମାଧାନ ପାଇଁ କରାଯାଇଥିବା ବ୍ୟବସ୍ଥା ସମ୍ପର୍କରେ କଟକ ମହାନଗର ନିଗମ କମିଶନର ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଏଥିପାଇଁ ବିଭିନ୍ନ ବିଭାଗ ସହିତ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ କହିଥିଲେ। ବର୍ଷାଦିନକୁ ଦୃଷ୍ଟିରେ ରଖି ଜଳ ନିଷ୍କାସନ ସହ ଜଳବାହିତ ରୋଗର ପ୍ରତିରୋଧ ପାଇଁ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ଦୁଇ ମହାନଗର ନିଗମକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ବିଏମ୍‌ସି ଆୟୁକ୍ତ ରାଜେଶ ପ୍ରଭାକର ପାଟିଲ, ବିଡିଏ ଭି.ସି. ଡ. ଏନ୍. ତିରୁମାଲା ନାୟକ, କଟକ ମହାନଗର ନିଗମ ଆୟୁକ୍ତ ଅନାମ ଚରଣ ପାତ୍ର, ଏନ୍‌ଏଚ୍‌ଏଆଇର ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଉପସ୍ଥିତ ଥିଲେ।

# ବୋମା ଭିଡ଼ିବାବେଳେ ବିସ୍ଫୋରଣ, ଜଣେ ମୃତ

- **ଘର କାନ୍ଥ, ଶଟର ଭାଙ୍ଗିଲା**
- **୧୨ ଅଫୁଟା ବୋମା ନିଷ୍କ୍ରିୟ**

**ନିଶ୍ଚିନ୍ତକୋଇଲି, ୨୯।୫ (ଅଶୋକ କୁମାର ମହାପାତ୍ର)**

କଟକ ଜିଲା ନେମାଳ ଥାନା ଖାଡ଼େଶ୍ୱରପୁର ପଞ୍ଚାୟତ ଗୋପୀନାଥପୁର ଗ୍ରାମ ମନାନଗଡ଼ା ନିକଟରେ ଏକ କୋଠା ଘରେ ବୁଧବାର ବିଳମ୍ବିତ ରାତିରେ ବୋମା ବିସ୍ଫୋରଣ ହୋଇଛି। ବୋମା ଭିଡ଼ା ଯାଉଥିବାବେଳେ ବିସ୍ଫୋରଣ ହୋଇଥିବା କୁହାଯାଇଛି। ବିସ୍ଫୋରଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ନେମାଳ ଥାନା ଅନ୍ତର୍ଗତ ଦାଉଦପୁର ପଞ୍ଚାୟତ ନାହାଲପୁର ଗାଁର ମିର୍ଜା



ଆକବର ବେଗ (୪୭)। ସେଠାରେ ୪ ବଖରା ଘର ଥିବାବେଳେ ଗୋଟିଏ ଘରେ ଏହି ବିସ୍ଫୋରଣ ହୋଇଛି। ଅନ୍ୟ ଘରଗୁଡ଼ିକରେ ମଧ୍ୟ ଅଫୁଟା ବୋମା, ଗ୍ୟାସ୍ ସିଲିଣ୍ଡର ଥିବା ପୋଲିସ ଜାଣିବା ପରେ ବୋମା ନିଷ୍କ୍ରିୟକାରୀ ଦଳଙ୍କୁ ଡକାଇଥିଲା। ଏଥିସହ ଉକ୍ତ ଅଞ୍ଚଳକୁ ଫୋର୍ସ ଜରିଆରେ ଘେରାବନ୍ଦୀ କରି ଜନଶୂନ୍ୟ କରିଥିଲା। ଖବରପାଇ ବୋମା ନିଷ୍କ୍ରିୟକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ୧୨ ଅଫୁଟା ବୋମା ନିଷ୍କ୍ରିୟ କରିଛି। ପୋଲିସ ସେଗୁଡ଼ିକୁ ଜବତ କରିଛି। ସାଇଣ୍ଟିଫିକ୍ ମଧ୍ୟ ଘଟଣାସ୍ଥଳରୁ ବିସ୍ଫୋରକ ଦ୍ରବ୍ୟ, ଗ୍ୟାସ ସିଲିଣ୍ଡର ଜବତ କରିବା ସହ ଘଟଣା ଘଟିଥିବା ସ୍ଥାନ ମ୍ୟାପିଂ କରି ପୋଲିସକୁ ରିପୋର୍ଟ ପ୍ରଦାନ କରିଛି। କଟକ ଗ୍ରାମାଞ୍ଚଳ ଏସ୍‌ପି ପ୍ରତୀକ ସିଂ ସେଠାରେ ପହଞ୍ଚି ତଦନ୍ତ କରିଛନ୍ତି। ଏହି ଘଟଣାରେ ନେମାଳ ପୋଲିସ ଥାନାରେ ମାମଲା (ନଂ. ୧୩୧/୨୫) ରୁଜୁ କରି ତଦନ୍ତକୁ କ୍ରିୟାଶୀଳ କରିଛି।

# ଚାକିରି ବୟସସୀମା ବୃଦ୍ଧି: ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତକଲେ ଯୁବ, ଛାତ୍ର ସଙ୍ଗଠନ

**ଭୁବନେଶ୍ୱର, ୨୯।୫(ସୁନିତ୍ ମିଶ୍ର/ (ରବିନାରାୟଣ ଜେନା)**

ରାଜ୍ୟ ଅତିଥି ଭବନଠାରେ ଗୁରୁବାର ରାଜ୍ୟର ବିଭିନ୍ନ ଛାତ୍ର ଓ ଯୁବ ସଙ୍ଗଠନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ସମ୍ବର୍ଦ୍ଧିତ କରିବା ସହ କୃତଜ୍ଞତା ଜ୍ଞାପନ କରିଛନ୍ତି। ବିଭିନ୍ନ ସରକାରୀ ପଦପଦବୀରେ ପ୍ରବେଶ ପାଇଁ ସର୍ବୋଚ୍ଚ ବୟସସୀମା ପୂର୍ବରୁ ୩୨ ଥିବାବେଳେ ବୁଧବାର କ୍ୟାବିନେଟ୍‌ରେ ଏହାକୁ ୪୨କୁ ବୃଦ୍ଧି କରାଯାଇଛି। କେବଳ ପୋଲିସ, ଜଙ୍ଗଲ, ଅବକାରୀ, ଅଗ୍ନିଶମ ଇତ୍ୟାଦି ୟୁନିଫର୍ମ ସେବା(ଯେଉଁଠାରେ ଶାରୀରିକ ଦକ୍ଷତା ପରୀକ୍ଷା ଆବଶ୍ୟକ) କ୍ଷେତ୍ରରେ ଏହା ଲାଗୁ ହେବନାହିଁ। ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ପଛୁଆବର୍ଗ, ମହିଳା, ଭିନ୍ନକ୍ଷମ ବ୍ୟକ୍ତି ଓ ଅବସରପ୍ରାପ୍ତ ସୈନିକଙ୍କ କ୍ଷେତ୍ରରେ ସରକାରଙ୍କ ଦ୍ୱାରା ବିଭିନ୍ନ ସମୟରେ ଜାରି ହେଉଥିବା ନିୟମାବଳୀ ଅନୁସାରେ ସର୍ବୋଚ୍ଚ ବୟସସୀମା କୋହଳ ହେବ। ସୂଚନାଯୋଗ୍ୟ, ପୂର୍ବରୁ ସରକାରୀ ଚାକିରି ପାଇଁ ସର୍ବୋଚ୍ଚ ବୟସସୀମାକୁ ବୃଦ୍ଧିକରିବା ପାଇଁ ବିଭିନ୍ନ ମହଲରୁ ବହୁଦିନରୁ ଦାବି ହୋଇ ଆସୁଥିଲା। କିନ୍ତୁ ପୂର୍ବ ସରକାର ଏହି ଦାବିକୁ ପୂରଣ କରି ନ ଥିଲେ। ୧ବର୍ଷ ପୂର୍ତ୍ତି ପୂର୍ବରୁ ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ଯୁବବର୍ଗଙ୍କୁ ଏକ ବଡ଼ ଉପହାର ଦେଇଛନ୍ତି। ନିଯୁକ୍ତି ଆଶାୟୀ ଯୁବବର୍ଗଙ୍କ ଦୀର୍ଘ ବର୍ଷର ସ୍ୱପ୍ନ ଓ ସଂଘର୍ଷକୁ ଅନୁଭବକରି ମୁଖ୍ୟମନ୍ତ୍ରୀ ଏହି ଐତିହାସିକ ନିଷ୍ପତ୍ତି ନେଇଥିବାରୁ ଯୁବ ବର୍ଗର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଛି। ସେହିପରି ରାଷ୍ଟ୍ରୀୟ ଯୁବ କଂଗ୍ରେସର ସାଧାରଣ ସମ୍ପାଦକ ଡ଼. ସ୍ମୃତି ରଞ୍ଜନ ଲେଙ୍କା ଏହାକୁ ଲକ୍ଷାଧିକ ଯୁବକ-ଯୁବତୀଙ୍କ ଦୀର୍ଘଦିନର ନିରବଚ୍ଛିନ୍ନ ଲଢେଇର ବିଜୟ କହି ସ୍ୱାଗତ କରିଛନ୍ତି।



ଅତିଥି ଭବନଠାରେ ଗୁରୁବାର ଛାତ୍ର ଓ ଯୁବ ସଙ୍ଗଠନଗୁଡ଼ିକ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଜିଡିପି ଓ ସମୃଦ୍ଧି



କୌଶିକ ବସୁ

ମୁଖ୍ୟଧାରାର ଅର୍ଥନୀତିରେ ବିଶ୍ଳେଷଣଲବ୍ଧ ତଥ୍ୟର ବ୍ୟାଖ୍ୟାତ୍ମକ ଅର୍ଥାତ୍ ଅନୁଧ୍ୟାନ, ସଂକ୍ଷେପରେ ପ୍ରକାଶ କରିବା ଏବଂ ଉପସ୍ଥାପନକୁ ନିୟମିତ ଭାବେ ଗୌଣ କରିଦିଆଯାଉଛି। ଗୋଟିଏ କାମକୁ ସମ୍ପୂର୍ଣ୍ଣ ବ୍ୟାଖ୍ୟାତ୍ମକ ଭାବେ ବିବେଚନା କରିବା ଗୁରୁତ୍ୱପୂର୍ଣ୍ଣ ନୁହେଁ ବୋଲି ସୂଚିତ କରାଯାଉଛି। ତଥାପି ନୋବେଲ ବିଜେତା ଅର୍ଥନୀତିଜ୍ଞ ଅମର୍ତ୍ତ୍ୟସେନ ୧୯୮୦ ମସିହାର ଏକ ଗବେଷଣାତ୍ମକ ଲେଖାରେ ମତ ଦେଇଥିଲେ ଯେ, ବ୍ୟାଖ୍ୟାର ପ୍ରତ୍ୟେକ କାର୍ଯ୍ୟ ସହ ବିକଳ୍ପଗୁଡ଼ିକ ଜଡ଼ିତ ରହିଛି। ଏକ ଐତିହାସିକ ଘଟଣା ହେଉ ଅବା ବ୍ୟକ୍ତିଗତ ଘଟଣା କିମ୍ବା ଏକ ଦେଶ ସମ୍ପର୍କରେ ବ୍ୟାଖ୍ୟା କଲାବେଳେ ସେଥିରେ ଆମେ କ'ଣ ସାମିଲ କରିବାକୁ ବା ବାଦ୍‌ଦେବାକୁ ଚାହୁଁ, ତାହା ହିଁ ଗୁରୁତ୍ୱପୂର୍ଣ୍ଣ। ବ୍ୟାଖ୍ୟା ଏକ ଦୃଷ୍ଟିକୋଣ ବା ମତ ସୃଷ୍ଟି କରେ ଏବଂ ଅପରପଟେ ଦୃଷ୍ଟିକୋଣ ବି ବ୍ୟବହାରକୁ ଅତ୍ୟଧିକ ପ୍ରଭାବିତ କରିପାରେ।

ଗୋଟିଏ ଦେଶର ଅର୍ଥ ବ୍ୟବସ୍ଥାର ସ୍ଥିତିକୁ ବ୍ୟାଖ୍ୟା କରିବା ଏକ ଜଟିଳ କାମ। ଅତୀତରେ ଗୋଟିଏ ଦେଶ ଅନ୍ୟଠାରୁ ଭଲ କରୁଛି କି ନାହିଁ ତାହା ଉପରେ ବିତର୍କ କରି ଅତୀତରେ ବିଶେଷଜ୍ଞମାନେ ବହି ଲେଖିଛନ୍ତି। କିନ୍ତୁ ସମୟକ୍ରମେ, ଗୋଟିଏ ମୂଲ୍ୟାଙ୍କନ (ମାପଦଣ୍ଡ) ଆଲୋଚନାରେ ପ୍ରାଧାନ୍ୟ ବିସ୍ତାର କରିଛି, ତାହା ହେଉଛି ମୋଟ ଘରୋଇ ଉତ୍ପାଦ ବା ଜିଡିପି, ଯାହା ଗୋଟିଏ ବର୍ଷରେ ଏକ ଦେଶ ମଧ୍ୟରେ ଉତ୍ପାଦିତ ସମସ୍ତ ସାମଗ୍ରୀ ଓ ସେବା ମୂଲ୍ୟକୁ ସୂଚିତ କରେ। କିଛି ସୁଧାର ସହିତ ଏହା ମଧ୍ୟ ଜନସଂଖ୍ୟାର ସମସ୍ତ ଆୟକୁ ଆକଳନ କରିଥାଏ। ଏହା ହେଉଛି ଏକ ସ୍ୱଷ୍ଟ ମାନଦଣ୍ଡ, ଯାହା ବହୁ ସମୟରେ ଏକ ସୁସ୍ଥ ଅର୍ଥନୀତି ପାଇଁ ଶର୍ଟହ୍ୟାଣ୍ଡ ଭାବେ ବ୍ୟବହାର କରାଯାଏ। ଡିଆନେ କୋୟେଲ ୨୦୧୪ରେ ତାଙ୍କ ପ୍ରକାଶିତ ପୁସ୍ତକରେ ଜିଡିପିର ଇତିହାସ ସମ୍ପର୍କରେ ଉଲ୍ଲେଖ କରିଥିଲେ ଏବଂ ଆର୍ଥିକ ନୀତିନିର୍ଦ୍ଧାରଣରେ ଏହାର ଅତ୍ୟାବଶ୍ୟକକୁ ଗୁରୁତ୍ୱପୂର୍ଣ୍ଣ ବୋଲି ସୂଚିତ କରିଥିଲେ। ୧୯୩୦ ଦଶନ୍ଧି ପ୍ରାରମ୍ଭରେ ସିମନ କୁଜନେଟ୍‌ସ କହିଥିଲେ ଯେ, ନୀତି ବିତର୍କ ପାଇଁ ନୀତିଗତ ଭାବେ ଜିଡିପି ଉପରେ ବିଚାର ଓ ଆକଳନର ବହୁ ଆବଶ୍ୟକତା ରହିଛି। ରାଜନେତାମାନେ ଉଚ୍ଚା କୋଠାକୁ ଦେଶର ପ୍ରଗତି ଓ ସମୃଦ୍ଧି ଭାବେ ଦର୍ଶାଇ ପାରୁ ନ ଥିଲେ (ଏବେସୁଦ୍ଧା ଅନେକେ ଏମିତି କରୁଛନ୍ତି)। ଏବେ ଗୋଟିଏ ସମୟରେ ଗୋଟିଏ ଦେଶର ଆର୍ଥିକ ପ୍ରଦର୍ଶନ ଉପରେ ଆକଳନ କରିବା ମାନେ ଏହାର ଜିଡିପି ଅଭିବୃଦ୍ଧିକୁ ବୁଝିବା ଓ ପ୍ରଦର୍ଶନ କରିବା। ଏହା ନିଶ୍ଚିତ ଯେ, ଜାତୀୟ ସମୃଦ୍ଧି କିମ୍ବା ସଫଳତା ଆକଳନ କରିବା ପାଇଁ ଅନ୍ୟ ଉପାୟ ସବୁ ରହିଛି। ଯଥା ଜାତିସଂଘର ମାନବ




ବିକାଶ ସୂଚକାଙ୍କ ଏବଂ ବିଶ୍ୱବ୍ୟାଙ୍କର ସହଭାଗୀ ସମୃଦ୍ଧି ସୂଚକାଙ୍କ। କିନ୍ତୁ ଗୋଟିଏ ଅର୍ଥ ବ୍ୟବସ୍ଥା ଅନ୍ୟଠାରୁ ବହୁତ ଭଲ ପ୍ରଦର୍ଶନ କରୁଛି କି ନାହିଁ ତାହା ନିର୍ଣ୍ଣୟ କରିବାବେଳେ ଜିଡିପି (କିମ୍ବା ମୁଣ୍ଡପିଛା ଜିଡିପି) ତ୍ରୁଟିପୂର୍ଣ୍ଣ ମାପଦଣ୍ଡ ହୋଇଥାଏ।

ଏହା ନିଃସନ୍ଦେହ ଯେ, ଆଧୁନିକ ତଥା ବିକଶିତ ଅର୍ଥନୀତିରେ ଜିଡିପି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। କିନ୍ତୁ ଏହା ସ୍ୱୀକାର୍ଯ୍ୟ ଯେ, ଏହାର ନିୟନ୍ତ୍ରଣ ଦିନକୁ ଦିନ କଠିନ ହୋଇଯାଉଛି। ସମୟକ୍ରମେ, ଏହା ଏକ ଲକ୍ଷ୍ୟ ପାଲଟିଯାଇଛି। ଲମ୍ବା ସମୟ ଧରି ରହିଥିବା ସାମାଜିକ ଓ ଆର୍ଥିକ ଦୁର୍ବଳ ସ୍ଥିତିରୁ ଦୃଷ୍ଟି ହଟାଇବା ପାଇଁ ଜିଡିପି ଅଭିବୃଦ୍ଧି ତଥ୍ୟକୁ ରାଜନେତାମାନେ ବ୍ୟବହାର କରିବାକୁ ସକ୍ଷମ ହୋଇଛନ୍ତି। ଜିଡିପି କୈନ୍ଦ୍ରିକ ନୀତିବିଚାରରେ ବଢୁଥିବା ସମସ୍ୟା ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସଙ୍କ ୨୦୨୧ ରିପୋର୍ଟ 'ଆମ ସାଧାରଣ କାର୍ଯ୍ୟସୂଚୀ'ରେ ପ୍ରକାଶ କରାଯାଇଥିଲା ଏବଂ ବିଶ୍ୱସ୍ତରରେ ନୀତି ନିର୍ଦ୍ଧାରକମାନେ ଏକ ବ୍ୟାପକ ଶ୍ରେଣୀର ପ୍ରଗତି ମାନାଙ୍କ ଗ୍ରହଣ କରିବାକୁ ଏଥିରେ କୁହାଯାଇଥିଲା।

ଏକ ଆର୍ଥିକ ସୂଚକାଙ୍କ ଭାବେ ଜିଡିପିର ତିନୋଟି ଦୁର୍ବଳତା ରହିଛି। ପ୍ରଥମେ, ଦେଶର ମୋଟ ଆୟ ଉପରେ କେବଳ ଗୁରୁତ୍ୱ ଦେଇ ଏହା ବ୍ୟାପକ ସମୃଦ୍ଧିର ଦ୍ୱନ୍ଦ୍ୱ ସୃଷ୍ଟି କରିପାରେ, ଏପରି କି ଅସମାନତା ବୃଦ୍ଧି ପାଉଥିବା ସମୟରେ ମଧ୍ୟ। ଏପରି କି ବହୁ ସଂଖ୍ୟକ ଲୋକ ଏକ ବିପରୀତ ତଥା ଅନଗ୍ରସର ସ୍ଥିତିରେ ରହିଥିଲେ ମଧ୍ୟ ମୁଣ୍ଡପିଛା ଜିଡିପି ବୃଦ୍ଧିକୁ ଦର୍ଶାଯାଇପାରେ। ଜୋଶେଫ ଇ. ଷ୍ଟିଗଲିଜ ୨୦୧୦ରେ ପ୍ରକାଶିତ ତାଙ୍କ ପୁସ୍ତକ 'ଫ୍ରିଫଲ୍'ରେ ଉଲ୍ଲେଖ କରିଥିଲେ ଯେ, ଗୋଟିଏ ବଡ଼ ପିଜା ସମସ୍ତଙ୍କ ପାଇଁ କିମ୍ବା ଅଧିକାଂଶ ଲୋକଙ୍କ ଲାଗି ଆବଶ୍ୟକ ହୁଏ ନାହିଁ, ଏଥିରୁ ଏକ ବଡ଼ ଅଂଶ ନିଆଯାଇପାରେ। ସେହିଭଳି ଅଧିକାଂଶ ଲୋକ ଜିଡିପି ଅଭିବୃଦ୍ଧିରେ କାହାର ଲାଭ ହେଉଛି କି ନାହିଁ ତାହା ଉପରେ ପ୍ରଶ୍ନ ନ ଉଠାଇ ଅଭିବୃଦ୍ଧିକୁ ନେଇ ଉତ୍ସବ ପାଳନ କରନ୍ତି, ଯାହା ସେମାନଙ୍କ ଦେଶ ଅଲିମ୍ପିକ୍ସରେ ମେଡାଲ ଜିତିଲା ଭଳି ଖୁସି ସହ ସମାନ ହୋଇଥାଏ। ୨୦୦୮ରେ ସେତେବେଳର ଫ୍ରାନ୍ସ ରାଷ୍ଟ୍ରପତି ନିକୋଲାସ ସାର୍କୋଜିଙ୍କ ସମେତ ଷ୍ଟିଗଲିଜ ଓ ସେନ୍ ତଥା ଅନ୍ୟ ବିଶିଷ୍ଟ ଅର୍ଥନୀତିଜ୍ଞଙ୍କ ଦ୍ୱାରା ଗଠନ କରାଯାଇଥିବା କମିଶନ ଅନ୍ ମେଜର୍‌ମେଣ୍ଟ ଅଫ୍ ଇକୋନୋମିକ ପରଫର୍ମାନ୍ସ ଆଣ୍ଡ୍ ସୋସିଆଲ ପ୍ରୋଗ୍ରେସ ଦ୍ୱାରା ଏହି ସମସ୍ୟାକୁ ସାମ୍ନାକୁ ଅଣାଯାଇଥିଲା। ଏହାର ବୃତ୍ତାନ୍ତ ରିପୋର୍ଟରେ ଆୟ ବଣ୍ଟନ ଓ ଅସମାନତାକୁ ଜିଡିପିରେ ସାମିଲ କରିବାର ପଦକ୍ଷେପ ନେବାକୁ କୁହାଯାଇଥିଲା।

ଜିଡିପିର ଦ୍ୱିତୀୟ ଦୁର୍ବଳତା ହେଉଛି ଏହାର ଅତ୍ୟଧିକ ଅଭିବୃଦ୍ଧି ବହୁ ସମୟରେ ବିଭିନ୍ନ କାର୍ଯ୍ୟକଳାପକୁ ପ୍ରଶଂସା କରେ, ଯାହା ଗଣତାନ୍ତ୍ରିକ ସରକାରକୁ ଦୁର୍ବଳ କରିଥାଏ। ଜଣେ ବିଶେଷ ଧନୀ ଅଧିକ କାର୍, ଘର, ପ୍ଲେନ୍‌ଗୁଡ଼ିକର ମାଲିକ ହୋଇ ଆହୁରି ଅଧିକ ଚାହିଁଥାଏ। ବିଶେଷକରି ସୋସିଆଲ ମିଡିଆ ଓ ଏଆଇ ଯୁଗରେ ଅତ୍ୟଧିକ ଧନର ମାନେ ହେଉଛି ଲୋକଙ୍କ ବିଚାର ଉପରେ ଅନ୍ୟର ଶକ୍ତିଶାଳୀ ସ୍ୱର ଓ ବ୍ୟାପକ ପ୍ରଭାବକୁ ସୂଚିତ କରିବା। ଏକ ପରମ୍ପରାଗତ ସମାଜରେ ଯେତେବେଳେ ଜଣେ ସାମନ୍ତବାଦୀ ମାଲିକ ଏକ ଗ୍ରାମସଭାକୁ ପ୍ରବେଶ କରେ, ସେତେବେଳେ ସଭାରେ ଯୁକ୍ତି କରୁଥିବା ଏବଂ ପରିବର୍ତ୍ତନ ପାଇଁ ପ୍ରାର୍ଥନା କରୁଥିବା ସାଧାରଣ ଲୋକମାନେ ତାଙ୍କ ଆସିବାର କିଛି ସମୟ ପୂର୍ବରୁ ଶାନ୍ତ ହୋଇଯାଆନ୍ତି। ଏହିଭଳି ଗତିଶୀଳତା ଏବେ ବୈଶ୍ୱିକ ସ୍ତରରେ ପ୍ରକାଶ ପାଉଛି। ଏବେ କେତୋଟି ହାତଗଣତି ଲୋକଙ୍କ ପାଖରେ ଧନ ରହିଛି ଏବଂ ଅଧିକ ଅନ୍‌ଲାଇନ ପ୍ଲାଟଫର୍ମ ଅଛି, ଯାହାକୁ ଅନେକ କୋଟି ଲୋକ ବ୍ୟବହାର କରୁଛନ୍ତି ଏବଂ ଦେଖୁଛନ୍ତି। ଫଳରେ ଏମାନଙ୍କ ଦ୍ୱାରା ଅନେକେ ସେମାନଙ୍କ ସ୍ୱର ଅବଦମିତ ହେଉଥିବା ଜାଣିପାରୁଛନ୍ତି। ମନେରଖିବାକୁ ହେବ ଯେ, ବ୍ୟକ୍ତିର ସ୍ୱାଧୀନ ସ୍ୱର ବା ମତ ଏକ ଗଣତାନ୍ତ୍ରିକ ଦେଶର ସବୁଠୁ ଗୁରୁତ୍ୱପୂର୍ଣ୍ଣ ସାଧନ।

ଏହା ସ୍ପଷ୍ଟ ଯେ, ଏବେ ଜାତୀୟ ବିକାଶ ପାଇଁ ନୂଆ ପଦକ୍ଷେପ ନିଆଯିବାର ସମୟ ଉପନୀତ, ଯାହା ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରୁଥିବା ଶକ୍ତିଗୁଡ଼ିକୁ ଯେମିତି ଶକ୍ତିଶାଳୀ ନ କରିବ। ଆମେରିକାର ସୁପ୍ରିମକୋର୍ଟ ବିଚାରପତି ଲୁଇସ ବ୍ରାଣ୍ଡିସ ସତର୍କ କରିଦେଇଥିଲେ, "ଆମର ଏହି ଦେଶରେ ଗଣତନ୍ତ୍ର ଥାଇପାରେ କିମ୍ବା କିଛି ଲୋକଙ୍କ ପାଖରେ ଅତ୍ୟଧିକ ଧନ ଠୁଳ ହୋଇଥାଇ ପାରେ, କିନ୍ତୁ ଆମ ପାଖରେ ଉଭୟ ନ ରହିପାରେ।" ଶେଷରେ, ଜିଡିପିକୁ ବୃଦ୍ଧି କରାଯାଇପାରେ, ଯାହା ଆଗାମୀ ପିଢ଼ିର କ୍ଷତି କରିବ। ଆମେ କାର୍ଯ୍ୟକ୍ରମ ମାଧ୍ୟମରେ ଜିଡିପି ଅଭିବୃଦ୍ଧି ବଢ଼ାଇପାରିବା, ଯାହା ପରିବେଶକୁ କ୍ଷତି କରିବା ସହ ଜଳବାୟୁ ପରିବର୍ତ୍ତନକୁ ମଧ୍ୟ ତୀବ୍ର କରିବ। ଏହା ଆମ ଆଗାମୀ ପିଢି ପାଇଁ ଏକ କ୍ଷତିଗ୍ରସ୍ତ ପୃଥିବୀ ଛାଡ଼ିଯିବ। ଏହି ଦୃଷ୍ଟିରୁ କେବଳ ଜଳବାୟୁ ପରିବର୍ତ୍ତନ ରୋକିବା ପାଇଁ ପଦକ୍ଷେପର ଆବଶ୍ୟକତାକୁ ଗ୍ରହଣ କରିବା ଯଥେଷ୍ଟ ହେବ ନାହିଁ। ଏକ ସୁସ୍ଥ ତଥା ପରିବେଶ ଉପଯୋଗୀ ଭବିଷ୍ୟତ ପାଇଁ ଆମେ ଆମ ଅର୍ଥନୀତିର ମଙ୍ଗଳକାରୀ ତଥା ସବୁଠୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପରେ ସୁଧାର ଆଣିବାକୁ ପଡ଼ିବ, ଯେଉଁଥିରେ ସ୍ଥାୟୀ ସମୃଦ୍ଧି ଆସିପାରିବ।

**-ପୂର୍ବତନ ମୁଖ୍ୟ ଅର୍ଥନୀତିଜ୍ଞ, ବିଶ୍ୱବ୍ୟାଙ୍କ**

## ଏଇ ଭାରତରେ

ମହାରାଷ୍ଟ୍ରର ପଚେଗାଁଓ ଗ୍ରାମ ନିକଟରେ ପ୍ରବାହିତ ବିମଲ ନଦୀ ବର୍ଷାଦିନ ପରେ ପ୍ରାୟତଃ ଶୁଖିଲା ରହୁଥିଲା। କାରଣ ଏହା ବର୍ଜ୍ୟ ଓ ପଙ୍କରେ ପୋତିହାଇ ଯାଇଥିଲା। ଏହା ଯୋଗୁ ଲୋକମାନେ ଗାଁ ଛାଡ଼ି କୋହ୍ଲାପୁର, ପୁଣେ ଏବଂ ପଶ୍ଚିମ ମହାରାଷ୍ଟ୍ରର ବିଭିନ୍ନ ଅଞ୍ଚଳକୁ କାମ ଅନ୍ୱେଷଣରେ ୬୯ ପ୍ରତିଶତ ଲୋକ ଚାଲି ଯାଆନ୍ତି। ଏହି ଗାଁରେ ୪୫୦ ପରିବାର ରୁହନ୍ତି। କିନ୍ତୁ ଏବେ ନଭାଙ୍ଗ ଫାଉଣ୍ଡେଶନ ନାମକ ଏକ ଏନ୍‌ଜିଓ ତତ୍ତ୍ୱାବଧାନରେ ଏବଂ ଗ୍ରମବାସୀଙ୍କ ସହଯୋଗରେ ଗାଁ ନିକଟରେ ଥିବା ନଦୀର ପୁନରୁଦ୍ଧାର ହୋଇପାରିଛି। ଏହି ଫାଉଣ୍ଡେଶନର ପ୍ରତିଷ୍ଠାତା ହେଉଛନ୍ତି ରାଜଶ୍ରୀ ଦେଶପାଣ୍ଡେ ଏବଂ ଉପଦେଷ୍ଟା ଭାବେ ଜଳ ବିଶେଷଜ୍ଞ ଡ. ସୁମନ୍ତ ପାଣ୍ଡେ ରହିଛନ୍ତି। ନଦୀଟି ପୂରା ପୋତି ହୋଇପଡ଼ିଥିଲା। ସେଥିରେ ବର୍ଜ୍ୟ ଓ ପଙ୍କ ବାହାର କରାଯିବା ପରେ ଜଳ ପ୍ରବାହିତ ହେଉଛି। ଗାଁର ଲୋକେ କାମ ପାଇଁ ଆଉ ବାହାରକୁ ନ ଯାଇ ଚାଷ କରୁଛନ୍ତି, ଯାହାଦ୍ୱାରା ବାହାରକୁ ଚାଲିଯାଉଥିବା ଲୋକଙ୍କ ସଂଖ୍ୟା ୫୧ ପ୍ରତିଶତ କମିଯାଇଛି। ଗାଁର ଲୋକେ ଏବେ ଯଅ ଓ ବାଜରା ଚାଷ କରୁଛନ୍ତି। ପାଖାପାଖି ୪୦୪ ଏକର ଜମିକୁ ଜଳସେଚନ ସୁବିଧା ହୋଇପାରିଛି।

## ୫୦ ବର୍ଷ ତଳର ଧରିତ୍ରୀ

୩୦ ମେ ୧୯୭୬

- ପଞ୍ଜାବ ପ୍ରଦେଶ କଂଗ୍ରେସ ସଭାପତି ତଥା ଜନୈକ ପ୍ରବୀଣ ସ୍ୱାଧୀନତା ସଂଗ୍ରାମୀ ନିରଞ୍ଜନ ସିଂହ ତାଲିବ୍‌ଙ୍କ ୭୫ ବର୍ଷ ବୟସରେ ପରଲୋକ।
- ମାର୍କିନ କଥାଚିତ୍ର 'ଟ୍ୟାକ୍ସି ଡ୍ରାଇଭର' କାନ୍ସ ଅନ୍ତର୍ଜାତିକ ଚଳଚ୍ଚିତ୍ର ଉତ୍ସବରେ ସର୍ବୋଚ୍ଚ ପୁରସ୍କାର ଲାଭ କରିଛି।
- ଗୋଲାନ ହାଇଟ୍ସରେ ଜାତିସଂଘ ବାହିନୀର ଅବସ୍ଥାପନ ସଂକ୍ରାନ୍ତ ନିଷ୍ପତ୍ତିର ମିଆଦକୁ ୬ ମାସ ବଢ଼ାଇ ଦିଆଯିବା ନିମିତ୍ତ ଏକ ପ୍ରସ୍ତାବ ଜାତିସଂଘ ନିରାପତ୍ତା ପରିଷଦ ଦ୍ୱାରା ଅନୁମୋଦିତ।

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | 5 | | | | | 8 | | 3 |
| | 3 | | | | | | | 1 |
| | 7 | | 5 | | 9 | | 2 | 4 |
| 3 | 9 | | 4 | | | | | |
| 1 | 8 | | | | | | | 9 |
| 7 | | | 6 | | | | | |
| | | | | | 8 | | 1 | |
| | | | | 5 | 4 | | 9 | 7 |
| | | | | | | | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏଉରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 3 | 9 | 1 | 8 | 5 | 2 | 4 | 7 |
| 4 | 1 | 5 | 3 | 7 | 2 | 6 | 9 | 8 |
| 8 | 2 | 7 | 4 | 9 | 6 | 5 | 1 | 3 |
| 3 | 8 | 6 | 9 | 2 | 7 | 1 | 5 | 4 |
| 7 | 5 | 4 | 6 | 1 | 8 | 9 | 3 | 2 |
| 2 | 9 | 1 | 5 | 3 | 4 | 7 | 8 | 6 |
| 9 | 4 | 2 | 7 | 5 | 3 | 8 | 6 | 1 |
| 5 | 6 | 8 | 2 | 4 | 1 | 3 | 7 | 9 |
| 1 | 7 | 3 | 8 | 6 | 9 | 4 | 2 | 5 |

ଗତକାଲିର ଉତ୍ତର

# ଜଳବାୟୁ ପରିବର୍ତ୍ତନ ଓ ବୟସ୍କ ବିଶ୍ୱ



ଭାରତୀ ଚକ୍ର

ପୃଥିବୀର ପ୍ରାୟ ସବୁ ଦେଶରେ ବୟସ୍କ ଲୋକଙ୍କ ସଂଖ୍ୟା ଓ ଅନୁପାତ ବୃଦ୍ଧି ପାଉଛି। ଇତିହାସରେ ପ୍ରଥମ ଥର ପାଇଁ ୨୦୧୮ରେ ବିଶ୍ୱରେ ୬୫ ବର୍ଷରୁ ଅଧିକ ବୟସର ଲୋକଙ୍କ ସଂଖ୍ୟା ୫ ବର୍ଷରୁ କମ୍ ବୟସର ପିଲାଙ୍କ ସଂଖ୍ୟାଠାରୁ ଅଧିକ ଥିଲା। ୨୦୫୦ ବେଳକୁ ବିଶ୍ୱରେ ପ୍ରତି ୫ ଜଣଙ୍କ ମଧ୍ୟରୁ ଜଣେ ୬୦ ବର୍ଷରୁ ଅଧିକ ବୟସ୍କ ହେବେ ଏବଂ ବିଶ୍ୱର ପ୍ରାୟ ୮୦ ପ୍ରତିଶତ ବୟସ୍କ ଲୋକ ନିମ୍ନ ଓ ମଧ୍ୟମ ଆୟକାରୀ ଦେଶରେ ରହିବେ। ଭାରତରେ ୨୦୫୦ ମସିହାରେ ମୋଟ ଜନସଂଖ୍ୟାର ୨୦ ପ୍ରତିଶତଙ୍କ ବୟସ ୬୦-୯୯ ବର୍ଷ ହେବ। ସାରା ବିଶ୍ୱରେ ବୟସ୍କ ଲୋକଙ୍କ ସଂଖ୍ୟା ଦ୍ରୁତ ଗତିରେ ବଢ଼ିଚାଲିଛି ଏବଂ ସାମାଜିକ, ରାଜନୈତିକ ତଥା ଜଳବାୟୁ ପରିବର୍ତ୍ତନର ଏକ ବିରାଟ ପ୍ରଭାବ ଏହି ବର୍ଗ ଉପରେ ପଡ଼ିବାକୁ ଯାଉଛି। ଆଉ ଟିକେ ସରଳ ଭାବରେ ବୁଝିବାକୁ ହେଲେ ଏପରି କହିପାରିବା। ଧରାଯାଉ ୨୦୧୧ ଜନଗଣନା ଅନୁସାରେ ଭାରତରେ ବୟସ୍କ ଲୋକଙ୍କ ସଂଖ୍ୟା ଥିଲା ପ୍ରାୟ ୧୦ଭାଗ ଓ ୨୦୫୦ରେ ତାହା ଦ୍ୱିଗୁଣିତ ହେବାକୁ ଯାଉଛି ଅର୍ଥାତ୍ ୨୦ ଭାଗ। ଆମ ଘରେ ଯଦି ୨୦୧୧ରେ ବା ଏବେ ୨ ଜଣ ବୟସ୍କ ଲୋକ ଅଛନ୍ତି ତେବେ ୨୦୫୦ରେ ୪ ଜଣ ୬୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତି ଥିବେ। ସେ ଦୃଷ୍ଟିରୁ ଦେଖିଲେ ଘରର ଅର୍ଥନୀତି, ଦୈନନ୍ଦିନ ଆବଶ୍ୟକତା, ସ୍ୱାସ୍ଥ୍ୟ ଓ ଜୀବନଶୈଳୀ, ସବୁ କିଛି ଉପରେ ତାହାର ପ୍ରଭାବ ପଡ଼ିବ ଓ ସମାନ ପ୍ରଭାବ ଭାରତ ତଥା ସାରା ବିଶ୍ୱ ଉପରେ ମଧ୍ୟ ଆକଳନ କରାଯାଇପାରେ। ବୈଷୟିକ ଜ୍ଞାନକୌଶଳର ବିକାଶ ଓ ବ୍ୟବହାର, ଉନ୍ନତ ସ୍ୱାସ୍ଥ୍ୟସେବାର ଉପଲବ୍ଧତା ଆଦି ମନୁଷ୍ୟର ଜୀବନଧାରଣର ମାନରେ ଉନ୍ନତି ଆଣିବା ସହ ସମ୍ଭାବ୍ୟ ଜୀବନକାଳ ବା ଲାଇଫ୍ ଏକ୍ସପେକ୍ଟାନ୍ସିରେ ଉନ୍ନତି ଆଣିଛି। ସ୍ୱାଧୀନତା ସମୟରେ ହାରାହାରି ଆୟୁଷ ୩୭ ବର୍ଷ ଥିବା ବେଳେ ଭାରତରେ ବର୍ତ୍ତମାନ ହାରାହାରି ଆୟୁଷ ୬୭ ବର୍ଷ। ତା' ସହ ପ୍ରଜନନ ହାର କମିଚାଲିଛି। ଏ ସବୁର ମିଳାମିଶା ପ୍ରଭାବ ହେଉଛି ବୟସ୍କମାନଙ୍କର ସଂଖ୍ୟାରେ ବୃଦ୍ଧି। ବୟସ୍କ ଲୋକଙ୍କ ମଧ୍ୟରେ ଥିବା ପାର୍ଥକ୍ୟକୁ ଅଧିକ ସୂକ୍ଷ୍ମ ଭାବରେ ବୁଝିବାର ଆବଶ୍ୟକତା ରହିଛି। କାରଣ ୬୦, ୭୦, ୮୦ ବର୍ଷରୁ ଅଧିକ ବୟସର ଲୋକମାନଙ୍କ ଆଚରଣ ଏବଂ ଆବଶ୍ୟକତାର ଅନନ୍ୟ ଏବଂ ଭିନ୍ନ ଢାଞ୍ଚା ଥାଇପାରେ। ହେଲ୍‌ଦି ଏଜିଙ୍ଗ ବା ସୁସ୍ଥ ବାର୍ଦ୍ଧକ୍ୟ କହିଲେ ଆମେ ସାଧାରଣ ଭାବେ ବୁଝିବା ଜଣେ ବ୍ୟକ୍ତି ମାନସିକ ଓ ଶାରୀରିକ ଭାବେ ନିଜର ସାଧାରଣ ଦୈନନ୍ଦିନ ଆବଶ୍ୟକତା ପୂରଣ କରିପାରୁଥିବେ। ଅର୍ଥାତ୍ ନିଜର ନିତ୍ୟକର୍ମ ବିନା ସହାୟତାରେ ସମାପନ କରିପାରୁଥିବେ, ନିଜର ନିତିଦିନିଆ ମୌଳିକ ଆବଶ୍ୟକତା ପାଇଁ ଅନ୍ୟ ଉପରେ ନିର୍ଭର କରୁ ନ ଥିବେ, ବୁଝିବିଚାରି ନିଜ ନିଷ୍ପତ୍ତି ନିଜେ ନେଇପାରୁଥିବେ, ନିଜେ ବିନା ସହାୟତାରେ ଚଳପ୍ରଚଳ କରିପାରୁଥିବେ, ଜନସମ୍ପର୍କ ରକ୍ଷା କରିପାରୁଥିବେ ତଥା ସମାଜ ପ୍ରତି ତାଙ୍କର କିଛି ଅବଦାନ ଥିବ। ଏସବୁ ସ୍ଥିତିରୁ କେଉଁଟି ଯଦି କୌଣସି କାରଣରୁ ପୂରଣ ନ ହୋଇପାରିଲା ତେବେ ଆମେ ତାହାକୁ ଅସୁସ୍ଥ ବୋଲି ଗଣନା କରିପାରିବା। ଏ ଦିଗରୁ ବିଚାରକଲେ ଜଳବାୟୁ ପରିବର୍ତ୍ତନ ଯୋଗୁ ଅତ୍ୟଧିକ ତାପମାତ୍ରା ବୃଦ୍ଧି, ବନାଗ୍ନି, ମରୁଡ଼ି, ବନ୍ୟା, ବାତ୍ୟା, ବାୟୁର ଗୁଣବତ୍ତା ତଥା ପରିବେଶ ସମ୍ବେଦନଶୀଳ ସଂକ୍ରମଣ ଆଦି ଅନେକ କ୍ଷେତ୍ରରେ ବୟସ୍କ ବ୍ୟକ୍ତିଙ୍କୁ ସିଧାସଳଖ ପ୍ରଭାବିତ କରିଥାଏ। ଜଳବାୟୁ ପରିବର୍ତ୍ତନ ବୟସ୍କ ଲୋକଙ୍କ ସ୍ୱାସ୍ଥ୍ୟ, କଲ୍ୟାଣ ଏବଂ ଜୀବିକାକୁ ମଧ୍ୟ ବାଧାପ୍ରାପ୍ତ କରେ।



ତା' ସହ ଏହା ସେହି ବୟସ୍କ ବ୍ୟକ୍ତିଙ୍କ ପରିବାର, ସମାଜ ତଥା ରାଜ୍ୟ ବା ଦେଶ ଉପରେ ମଧ୍ୟ ଅନେକ ଚାପ ସୃଷ୍ଟି କରିଥାଏ। କିନ୍ତୁ ବିଶ୍ୱବ୍ୟାପୀ ଜଳବାୟୁ ପରିବର୍ତ୍ତନ ନେଇ ହେଉଥିବା ବିତର୍କରେ ବୃଦ୍ଧାବସ୍ଥା ଉପରେ ଏହାର ପ୍ରଭାବ ତଥା ସମଗ୍ର ବିଶ୍ୱ ଉପରେ ତଜ୍ଜନିତ ସାମାଜିକ, ଅର୍ଥନୈତିକ ତଥା ରାଜନୈତିକ ପ୍ରଭାବ ବିଷୟରେ ଆଲୋଚନାକୁ ସେଭଳି ଗୁରୁତ୍ୱ ବା ପ୍ରାଧାନ୍ୟ ଦେବା ଦେଖିବାକୁ ମିଳୁନାହିଁ। ଏହା ସର୍ବବିଦିତ ଯେ ଋଣ ବୋଝ ବୃଦ୍ଧି, ଖରାପ ପ୍ରାକୃତିକ ପରିବେଶ ଏବଂ ବିକାଶ ସୂଚକାଙ୍କରେ ମନ୍ଥର ଅଗ୍ରଗତି କାରଣରୁ ନିମ୍ନ ଓ ମଧ୍ୟମ ଆୟକାରୀ ଦେଶଗୁଡ଼ିକ, ଜଳବାୟୁଜନିତ ଅଧିକ ବିପଦ ଏବଂ ଉଚ୍ଚ ସାମାଜିକ, ଅର୍ଥନୈତିକ ଦୁର୍ବଳତାର ସମ୍ମୁଖୀନ ହେବେ। ଭାରତ ମଧ୍ୟ ସେଥିରୁ ବାଦ୍ ପଡ଼ିବ ନାହିଁ। ତେଣୁ ସଜାଗ ହେବାର ସମୟ ଆସିଯାଇଛି। ନିରନ୍ତର ବିକାଶ ପାଇଁ ୨୦୩୦ କାର୍ଯ୍ୟସୂଚୀରେ ୧୭ଟି ପରସ୍ପର ସହ ଜଡ଼ିତ ବିଶ୍ୱ ନିରନ୍ତର ବିକାଶ ଲକ୍ଷ୍ୟ(ଏସ୍‌ଡିଜି)ର ରୂପରେଖ ଦିଆଯାଇଛି ଯାହା କି ସମସ୍ତଙ୍କ ପାଇଁ ଏକ ଉନ୍ନତ ଏବଂ ଅଧିକ ସ୍ଥାୟୀ ଭବିଷ୍ୟତ ହାସଲକରିବା ପାଇଁ ବ୍ଲୁପ୍ରିଣ୍ଟ ଭାବରେ ପ୍ରସ୍ତୁତ କରାଯାଇଛି। ତେବେ କ୍ଷମତା, ଦକ୍ଷତା ଓ ସମ୍ବଳର ଅଭାବ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତିବନ୍ଧକ ହୋଇଥିବାରୁ ଅନେକ ନିମ୍ନ ଓ ମଧ୍ୟମ ଆୟକରୀ ଦେଶ ୨୦୩୦ ସୁଦ୍ଧା ଏସ୍‌ଡିଜି ହାସଲ କରିବାର ସମ୍ଭାବନା ନାହିଁ। ନିମ୍ନ ଏବଂ ମଧ୍ୟମ ଆୟକରୀ ଦେଶଗୁଡ଼ିକ ବୟସ୍କ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଦୁର୍ବଳ ଏବଂ ଅଳ୍ପ ସମ୍ବଳଯୁକ୍ତ ସ୍ୱାସ୍ଥ୍ୟ ଏବଂ ସାମାଜିକ ଯତ୍ନ ବ୍ୟବସ୍ଥା ସହ ସଂଘର୍ଷ କରୁଛନ୍ତି ଏବଂ ସେମାନଙ୍କର ସ୍ୱାସ୍ଥ୍ୟ ବ୍ୟବସ୍ଥା ଜଳବାୟୁ ପରିବର୍ତ୍ତନର ପ୍ରଭାବ ବିରୋଧରେ ଲଢ଼ିବାକୁ ଅସମର୍ଥ। ବାସ୍ତବରେ ୭୫ ପ୍ରତିଶତ ନିମ୍ନ ଓ ମଧ୍ୟମ ଆୟକରୀ ଦେଶରେ ବୟସ୍କ ଲୋକଙ୍କ ସ୍ୱାସ୍ଥ୍ୟ ଓ ସାମାଜିକ ଯତ୍ନ ଯୋଜନା ସମ୍ପର୍କରେ ସୂଚନା ଦେବା ପାଇଁ କୌଣସି ତଥ୍ୟ ନାହିଁ। ଭିତ୍ତିଭୂମି ଏବଂ ସେବା ଯୋଗାଣ ଏବଂ ଚାହିଦା ମଧ୍ୟରେ ଅସମାନତା ଏଡ଼ାଇବା ପାଇଁ ବାର୍ଦ୍ଧକ୍ୟ ସହ ଜଡ଼ିତ ଦ୍ରବ୍ୟ ଏବଂ ସେବାର ଚାହିଦାର ଧାରାକୁ ବୁଝିବା ଜରୁରୀ। ଜଳବାୟୁ ପରିବର୍ତ୍ତନ ପାରିବାରିକ ଢାଞ୍ଚାକୁ ପ୍ରଭାବିତ କରିବ। ଆୟ, ସମ୍ପତ୍ତି, ସ୍ୱାସ୍ଥ୍ୟ ଏବଂ ନିରାପତ୍ତା ଉପରେ ଏକାଧିକ ଝଟକା ଲାଗିବ, ବୟସ୍କ ଲୋକମାନଙ୍କର ଯତ୍ନ ନେବାର କ୍ଷମତା ହ୍ରାସ କରିବ। ଏକଥା ମଧ୍ୟ ମନେରଖିବାକୁ ହେବ ଯେ, ବୟସ୍କ ଲୋକଙ୍କ ବିନା ଜଳବାୟୁ କାର୍ଯ୍ୟ ସଫଳ ହୋଇପାରିବ ନାହିଁ। ପୁରୁଣା ପିଢ଼ି ତୁଳନାରେ ଯୁବପିଢ଼ି ଏବେ ଅଧିକ ଶିକ୍ଷିତ ଏବଂ ଜଳବାୟୁ ପରିବର୍ତ୍ତନ ପ୍ରସଙ୍ଗରେ ଅଧିକସଚେତନ। କିନ୍ତୁବୟସ୍କ ଲୋକମାନେ ବାସ୍ତବରେ ଜଳବାୟୁ କିପରି ସେମାନଙ୍କ ସମ୍ପ୍ରଦାୟକୁ ପ୍ରଭାବିତ କରିପାରେ, ସାମାଜିକ ଭାବରେ ସଂଯୁକ୍ତ ଏବଂ ସେମାନଙ୍କ ସମ୍ପ୍ରଦାୟ ମଧ୍ୟରେ ନୈତିକ ଅଧିକାର ଧାରଣ କରିପାରେ, ସେ ବିଷୟରେ ବିବିଧ ଅନୁଭୂତି ଏବଂ ଜ୍ଞାନ ଧାରଣ କରନ୍ତି। ଦ୍ରୁତ ବୃଦ୍ଧାବସ୍ଥା ଦେଇ ଗତି କରୁଥିବା ଦେଶଗୁଡ଼ିକରେ ସାମଗ୍ରୀ ଏବଂ ସେବାର ଚାହିଦା ଉପରେ ବାର୍ଦ୍ଧକ୍ୟର ପ୍ରଭାବ ବିଷୟରେ ଆଇପିସିସି ଏ ପର୍ଯ୍ୟନ୍ତ ବିଚାର କରୁନାହିଁ। ଜୀବନର ବିଭିନ୍ନ ପର୍ଯ୍ୟାୟରେ ବିଳାସପୂର୍ଣ୍ଣ କାର୍ବନ ନିର୍ଗମନଠାରୁ ଅତ୍ୟାବଶ୍ୟକ କାର୍ବନ ନିର୍ଗମନକୁ ପୃଥକ୍ କରିବା ପାଇଁ ବୟସ ସହ ଉଚ୍ଚ କାର୍ବନ ଦ୍ରବ୍ୟ ଏବଂ ସେବାର ଆବଶ୍ୟକତା କିପରି ବିକଶିତ ହୁଏ ତାହା ନୀତି ନିର୍ଦ୍ଧାରକମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ତେଣୁ ବର୍ତ୍ତମାନ ଭାରତ ତଥା ସାରା ବିଶ୍ୱରେ ନୂତନ ବୟସ୍କ ନୀତି ବିକଶିତ କରିବା ଆହୁରି ଜରୁରୀ ହୋଇପଡିଛି, ଯାହା ବୟସ୍କ ଲୋକଙ୍କ ଅଧିକାର ଏବଂ କଲ୍ୟାଣ ପାଇଁ ଜଳବାୟୁ ଓ ଅନ୍ୟାନ୍ୟ ପରିବେଶଜନିତ ବିପଦର ଆକଳନ କରି ଏକ ସୁନ୍ଦର ଭବିଷ୍ୟତ ବିଶ୍ୱର ପରିକଳ୍ପନାକୁ ସାକାର ରୂପ ପ୍ରଦାନ କରିପାରିବ।

ମୋ: ୭୯୭୮୫୦୧୧୫୧

# ବନ୍ଧୁ ସାଙ୍ଗ ସାଥୀ



ଅଲେଖ ଚନ୍ଦ୍ର ମିଶ୍ର

ବନ୍ଧୁ, ସାଙ୍ଗ ଓ ସାଥୀ ଏ ତିନୋଟି ଏକାର୍ଥ ବୋଧକ ଶବ୍ଦ ହେଲେ ବି ପ୍ରତ୍ୟେକର ମର୍ମ ସ୍ୱତନ୍ତ୍ର। ବନ୍ଧୁ ଏକ ଆକସ୍ମିକତା, ସାଙ୍ଗ ଏକ ସଂଘଟନ ଏବଂ ସାଥୀ ଏକ ଭାବାବେଗ। ବନ୍ଧୁ ଭୁଲି ଯାଏ, ସାଙ୍ଗ ମନେରହେ, ସାଥୀ ମନେପଡ଼େ। ବନ୍ଧୁତା ସୃଷ୍ଟି ହେବା ପାଇଁ ଅନେକ ମାର୍ଗ ରହିଛି ଯଥା ପାରିବାରିକ ସମ୍ପର୍କ ସ୍ଥାପନ, କର୍ମକ୍ଷେତ୍ରରେ ସଂସ୍ପର୍ଶରେ ଆସିବା, ବାଟ ଘାଟରେ ପରିଚିତ ହେବା, ଅସୁବିଧାରେ ସାହାଯ୍ୟ କରିବା, ଅନେକ ବର୍ଷରୁ ଭୁଲିଯାଇଥିବା ପୁରୁଣା ବନ୍ଧୁଙ୍କ ସ୍ମୃତି, ବାରମ୍ବାର ସମ୍ପର୍କରେ ଆସିବା, ବନ୍ଧୁ ମାଧ୍ୟମରେ ବନ୍ଧୁ, ଦେବା ନେବା, ସ୍ନେହ, ପ୍ରେମ, ପସନ୍ଦ ଇତ୍ୟାଦି। ଏଭଳି ଘଟଣା ଆକସ୍ମିକ ଘଟେ ଏବଂ ସେଥିରୁ ବନ୍ଧୁତାର ସୂତ୍ରପାତ ହୁଏ। ଶାସ୍ତ୍ର ଅନୁସାରେ ଅଜଣା ଲୋକଟି ସହିତ ସାତ ପାଦ ଚାଲିଲେ କିମ୍ବା ସାତ ପଦ କଥା ହେଲେ ବନ୍ଧୁତା ସୃଷ୍ଟି ହୋଇଯାଏ (ପ୍ରାହୁ ସାପ୍ତପଦିଂ ମୈତ୍ରିଂ)। ବନ୍ଧୁତାର ଷଡ଼ବିଧ ଲକ୍ଷଣ ହେଲା, ଦବା ନବା, ଗୁପ୍ତକଥା କହିବା ଶୁଣିବା, ଖାଇବା ଖୋଇବା। ବିପଦ ଆପଦ ଭଲ ମନ୍ଦରେ ସହାୟତାର ହାତ ବଢ଼େଇବା, ଖୋଜିବା ଲୋଡ଼ିବା ବନ୍ଧୁତାର ସଂକେତ। ବନ୍ଧୁ ପାଇଁ ଜୀବନ ଦେବାର ଦୃଷ୍ଟାନ୍ତ ଯେପରି ବହୁଳ ବନ୍ଧୁ ପ୍ରତି ବିଶ୍ୱାସଘାତକତା କରିବାର ନଜିର ବି ସେହିପରି ଅନେକ। ବନ୍ଧୁତାକୁ ଅତୁଟ ରଖିବା ପାଇଁ ମହାବୀର କର୍ଣ୍ଣ ନିଜର ସହୋଦର ଭାଇଙ୍କଠାରୁ ଦୂରେଇ ଯାଇ ଅକାଳ ମୃତ୍ୟୁକୁ ଆଦରି ନେଲେ ପଛକେ ଦୁର୍ଯ୍ୟୋଧନ ସହିତ ବନ୍ଧୁତାକୁ ଛିନ୍ନ କଲେନାହିଁ। ବନ୍ଧୁ ପାଇଁ ଜୀବନ ଉତ୍ସର୍ଗ ଉପରେ ଆଧାରିତ ଗ୍ରୀକ୍ ସାହିତ୍ୟର ଲୋକପ୍ରିୟ କାହାଣୀ ଡାମନ ଓ ପିଥିୟାସ ଏବଂ ବନ୍ଧୁକୁ ମୃତ୍ୟୁମୁଖକୁ ଠେଲିଦେବା ଭଳି ସଂସ୍କୃତ ଗଳ୍ପ ସସେମିରା କଥା ବନ୍ଧୁତାର ଉଭୟ ପାର୍ଶ୍ୱର କାଳଜୟୀ ଦୃଷ୍ଟାନ୍ତ ହୋଇ ରହିଯାଇଛି। ମାଙ୍କଡ଼ କୁମ୍ଭୀର କଥା ତ ଚିର ସ୍ମରଣୀୟ। ବନ୍ଧୁତା ଭଳି ଏକ ପବିତ୍ର ସମ୍ପର୍କ ଭିତରେ ବିଶ୍ୱାସଘାତକତା ଆଶା କରା ଯାଏନା, କିନ୍ତୁ ସେପରି ଘଟେ ଯେତେବେଳେ ତା' ଭିତରକୁ ସ୍ୱାର୍ଥ ପଶିଆସେ।

ସାଙ୍ଗ ମିଳନ୍ତି ମୁଖ୍ୟତଃ କୈଶୋର ଅବସ୍ଥାରେ। ଯେତେବେଳେ ବିଦ୍ୟାଳୟରେ ପିଲାଟିର ନାମ ଲେଖାଯାଏ ସେବେଠାରୁ ସେ ତା' ଭଳି ଅନେକ ପିଲାଙ୍କ ସଂସ୍ପର୍ଶରେ ଆସେ ଯେଉଁମାନଙ୍କ ସହିତ ବିଶେଷ କରି ଏକା ଶ୍ରେଣୀରେ ପଢୁଥିବା ପିଲାଙ୍କ ସହିତ ନିତି ଚଳ ପ୍ରଚଳ ଓ ଭାବର ଆଦାନ ପ୍ରଦାନ ମଧ୍ୟରେ ଯେଉଁ ସାଙ୍ଗମାନେ ସୃଷ୍ଟି ହୁଅନ୍ତି ବିଦ୍ୟାଳୟ ଛାଡ଼ିଲା ପରେ ବି ଅନେକ ବର୍ଷ ପର୍ଯ୍ୟନ୍ତ ସେମାନେ ମନେରହନ୍ତି। ଘଟଣା ଚକ୍ରରେ ଏକା ସମୟରେ ଏକା ବିଦ୍ୟାଳୟରେ ପଢ଼ିବାକୁ ସୁଯୋଗ ମିଳି ଥିବାରୁ ଏପରି ସାଙ୍ଗ ହେବା ସମ୍ଭବ ହୁଏ। ସ୍କୁଲକୁ ଯାଇ ନ ଥିବା ସମ ବୟସର ପିଲାମାନେ ବି ପରସ୍ପରର ସଂସ୍ପର୍ଶରେ ଆସି ସାଙ୍ଗ ହୁଅନ୍ତି। କାଳକ୍ରମେ ସେମାନଙ୍କର ସ୍ମୃତି ଝାପ୍ସା ହୋଇ ଆସେ ଏବଂ ଶେଷରେ ଆଉ ମନେପଡେନା। ଏହିଭଳି ସାଙ୍ଗ ଥିଲେ ପ୍ରଭୁ ଶ୍ରୀକୃଷ୍ଣ ଓ ସୁଦାମା। ପରସ୍ପରଠାରୁ ବିଛିନ୍ନ ହେଲା ପରେ ଯିଏ ଯାହା କର୍ମରେ ବ୍ୟସ୍ତ ରହି ସବୁ ଭୁଲି ଯାଇଥିଲେ ବି ପୁରୁଣା ସ୍ମୃତି ଉଭୟଙ୍କର ମନରେ ଥିଲା ଏବଂ ଆକସ୍ମିକ ସାକ୍ଷାତ୍‌ରେ ପୁନରୁଜ୍ଜୀବିତ ହୋଇ ପରସ୍ପରକୁ ଅତୁଟ ବନ୍ଧନରେ ବାନ୍ଧି ଦେଇଥିଲା। ଅଥଚ ସେହିଭଳି ଏକା ସ୍ଥିତିରେ ସାଙ୍ଗ ଥିଲେ ବି ମହାରାଜା ଦ୍ରୁପଦ ଓ ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ମଧ୍ୟରେ ଅନେକ ବର୍ଷର ବ୍ୟବଧାନ ପରେ ଯେତେବେଳେ ଭେଟ ହେଲା ସେ ପରିସ୍ଥିତି ଥିଲା ସମ୍ପୂର୍ଣ୍ଣ ବିପରୀତ। ଦ୍ରୁପଦ ନିଜ ସାଙ୍ଗ ଦ୍ରୋଣାଚାର୍ଯ୍ୟଙ୍କୁ ଚିହ୍ନି ବି ଚିହ୍ନିଲେନି, ବରଂ ଅପମାନିତ କରି ବିଦା କରିଦେଲେ। ଏହା ହେଉଛି ସାଙ୍ଗ ସମ୍ପର୍କର ଦୁଇଟି ପାର୍ଶ୍ୱ ' ଯାହା ଏବେ ବି କଦାଚିତ ଅନୁଭୂତ ହୁଏ। କିନ୍ତୁ ବନ୍ଧୁ କଣ ନ ଜାଣି, ସାଙ୍ଗ କଣ ନ ବୁଝି ଶିଶୁଟିଏ ସମ ବୟସ୍କ ସହିତ ଯେଉଁ ଅନାବିଳ ଭବାବେଗରେ ବାନ୍ଧି ହୋଇପଡେ ସେ ହୁଏ ସାଥୀ। ତାକୁ ଭୁଲି ହୁଏନା, କାରଣ ସେହୃଦୟରେ ଥାଏ। ତା' ଭିତରେ ରାଗ, ରୁଷା,ଅଭିମାନ, ଦୁଇ ହାତର ବିଶି ଆଙ୍ଗୁଠିକୁ ଛକି ପକେଇ କଟି, ଡବଲ କଟି ପୁଣି କୁଟାଖଣ୍ଡକୁ ବା ଦୁବଘାସଟିକୁ ଛିଣ୍ଡେଇ ଦେଲେ କଟିଯାଏ ଫିଟି, ସମସ୍ତେହୁଅନ୍ତି ଏକାଠି। କେତେ ଅନାବିଳ ସେ ସଂପର୍କ। ସାଥୀର ମୂଲ୍ୟ ନ ବୁଝିବି ସେମାନେ ସାଥୀ, ଶୈଶବର ସାଥୀ,ବାଲ୍ୟସାଥୀ। ସେ ସାଥୀ ଜୀବନ ସାଥୀ ହୋଇ ପାରେନା, କିନ୍ତୁ ତା'ର ସ୍ମୃତି ଏତେ ମଧୁର ଯେ କଞ୍ଚା ସିଲଟରେ ପଡ଼ିଥିବା ଗାରଟିଏ ପରି ଜୀବନ ସାରା ଅଲିଭା ରହିଯାଏ।

ମୋ:୯୪୩୮୬୭୩୮୯୮

## ଚିରନ୍ତନୀ

ସେ ସଙ୍ଗୀତ ପ୍ରିୟାର ନୂପୁରେ,
ଅଛି କେଉଁ ବଇକୁଣ୍ଠ ପୁରେ ?
ପ୍ରିୟା ରୂପ-ଶଶୀ ସେ କେଉଁ ଉର୍ବଶୀ
ପାରେ ଜିଣି ଗରବିଣୀ !
-(ପୁରୀ-ମନ୍ଦିର)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଅବହେଳିତ ଖେଳପଡ଼ିଆ

ମହାଶୟ,

ଭଦ୍ରକ ଜିଲାର ସାବରଙ୍ଗ ଗ୍ରାମପଞ୍ଚାୟତ ଅଧୀନରେ କୁଶପଦା ନାମକ ଏକ ପଡ଼ିଆ ଅଛି । ରକ୍ଷଣାବେକ୍ଷଣ ଅଭାବରୁ ଏହା ଅଦରକାରୀ ହୋଇପଡିଛି । ଏହା ଛୋଟ ଛୋଟ ଖାଲଖମା ଓ ଅନାବନା ଗଛରେ ପରିପୂର୍ଣ୍ଣ । ଏଣୁ ଏହା କୌଣସି ସମୟରେ ଖେଳ ଉପଯୋଗୀ ହୋଇପାରୁନି । ସୁତରାଂ ଏହି ପଡିଆଟିର ଉନ୍ନତିକରଣ ହୋଇପାରିଲେ ସ୍ଥାନୀୟ ପିଲାମାନେ ଖେଳିବାର ସୁଯୋଗ ପାଇପାରନ୍ତେ । ଏଥିପ୍ରତି ସ୍ଥାନୀୟ ବିଧାୟକ ଓ ବିଭାଗୀୟ ମନ୍ତ୍ରୀଙ୍କର ଦୃଷ୍ଟି ଆକର୍ଷଣ କରିବା ସଙ୍ଗେ ସଙ୍ଗେ ଯଥାଶୀଘ୍ର ଏହି ଖେଳପଡ଼ିଆର ଉନ୍ନତି ପାଇଁ କାର୍ଯ୍ୟ ଆରମ୍ଭ କରିବାକୁ ଅନୁରୋଧ ।

**-ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଆମ ସାହିତ୍ୟିକ ପରମ୍ପରାରେ ଅସୀମ ବିବିଧତା ରହିଛି: ରାଷ୍ଟ୍ରପତି

## କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ସାହିତ୍ୟ ସମ୍ମିଳନୀ

ଭୁବନେଶ୍ୱର,୨୯।୫ (ସୌମ୍ୟରଞ୍ଜନ ରାଉତ)



ସମ୍ମିଳନୀରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ଅନ୍ୟ ଅତିଥିମାନେ।

ସାହିତ୍ୟ ଏକାଡେମୀ ଏବଂ ରାଷ୍ଟ୍ରପତି ଭବନ ସାଂସ୍କୃତିକ କେନ୍ଦ୍ର ନୂଆଦିଲ୍ଲୀ ପକ୍ଷରୁ 'କେତେ ପରିବର୍ତ୍ତିତ ହୋଇଛି ସାହିତ୍ୟ ?' ଶୀର୍ଷକ ଦୁଇଦିନିଆ ସାହିତ୍ୟ ସମ୍ମିଳନୀ ଆରମ୍ଭ ହୋଇଛି। ସାଂସ୍କୃତିକ କେନ୍ଦ୍ରରେ ଆୟୋଜିତ ଏହି ସାହିତ୍ୟ ସମ୍ମିଳନୀକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଲେ, ୧୪୦ କୋଟି ଦେଶବାସୀ ବିଶିଷ୍ଟ ଆମ ପରିବାରରେ ଅନେକ ଭାଷା ଏବଂ ଅଗଣିତ ଉପଭାଷା ଅଛି। ଆମ ସାହିତ୍ୟିକ ପରମ୍ପରାରେ ଅସୀମ ବିବିଧତା ରହିଛି। କିନ୍ତୁ ଏହି ବିବିଧତାରେ ଭାରତୀୟତାର ସ୍ପନ୍ଦନ ଅନୁଭୂତ ହୁଏ। ଭାରତୀୟତାର ଏହି ଭାବନା ଆମ ଦେଶର ସାମୂହିକ ଚେତନାରେ ସନ୍ନିହିତ ହୋଇରହିଛି। ସାହିତ୍ୟରୁ ପ୍ରେରଣା ନେଇ ମଣିଷ ସ୍ୱପ୍ନ ଦେଖେ ଏବଂ ସେଗୁଡ଼ିକୁ ସାକାର କରେ। ସମାଜ ଏବଂ ସାମାଜିକ ଅନୁଷ୍ଠାନ ବଦଳିବା ସହିତ ଆହ୍ୱାନ ଓ ପ୍ରାଥମିକତାରେ ପରିବର୍ତ୍ତନ ହୋଇଛି। ସାହିତ୍ୟରେ ମଧ୍ୟ ସମାନ ପରିବର୍ତ୍ତନ ଦେଖାଯାଇଛି। କିନ୍ତୁ ସ୍ଥାୟୀ ମାନବିକ ମୂଲ୍ୟବୋଧର ପ୍ରତିଷ୍ଠା ହେଉଛି କାଳଜୟୀ ସାହିତ୍ୟର ପରିଚୟ ବୋଲି ରାଷ୍ଟ୍ରପତି କହିଛନ୍ତି। ବିଶିଷ୍ଟ ଅତିଥି ଭାବେ କେନ୍ଦ୍ର ସଂସ୍କୃତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ ଯୋଗଦେଇ କହିଲେ, ସାହିତ୍ୟ ହେଉଛି ସମାଜ ତଥା ସାମାଜିକ ଭାବନାର ଦର୍ପଣ। ଏହା ମାର୍ଗଦର୍ଶକ ଭାବରେ ମଧ୍ୟ କାର୍ଯ୍ୟ କରେ। ସଂସ୍କୃତି ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଥିବା ଅନୁଷ୍ଠାନଗୁଡ଼ିକ ମଧ୍ୟରେ ସାହିତ୍ୟ ଏକାଡେମୀ ଏକ ଅଗ୍ରଣୀ ଏବଂ ପ୍ରଭାବଶାଳୀ ଅନୁଷ୍ଠାନ ବୋଲି ମନ୍ତ୍ରାଳୟର ସ୍ୱତନ୍ତ୍ର ସଚିବ ତଥା ଅର୍ଥ ପରାମର୍ଶଦାତା ରଞ୍ଜନା ଚୋପ୍ରା କହିଛନ୍ତି। ଏହି ଅବସରରେ ଏକାଡେମୀ ଅଧ୍ୟକ୍ଷ ମାଧବ କୌଶିକ ରାଷ୍ଟ୍ରପତି ଓ କେନ୍ଦ୍ରମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉଦ୍‌ଘାଟନୀ ଅଧିବେଶନ ପରେ ଉର୍ଦ୍ଦୁ କବି ଶୀନ କାଫ ନିଜାମ୍‌ଙ୍କ ଅଧ୍ୟକ୍ଷତାରେ 'ସିଧା ଦିଲ୍ ସେ: କବି ସମ୍ମିଳନୀ' ଆୟୋଜିତ ହୋଇଥିଲା। ଏଥିରେ ରଣଜିତ ଦାସ (ବଙ୍ଗଳା), ମାମଙ୍ଗ ଦାଇ (ଇଂଲିଶ), ଦିଲୀପ ଜାଭେରୀ (ଗୁଜରାଟୀ), ଅରୁଣ କମଲ (ହିନ୍ଦୀ), ମହେଶ ଗର୍ଗ (ହିନ୍ଦୀ), ଶାଫି ଶୌକ (କଶ୍ମୀରୀ), ଦମୟନ୍ତୀ ବେଶ୍ରା (ସାନ୍ତାଳୀ) ଏବଂ ରବି ସୁବ୍ରମଣ୍ୟମ (ତାମିଲ) ପ୍ରମୁଖ କବି କବିତା ପାଠ କରିଥିଲେ। ଶୁକ୍ରବାର 'ଭାରତର ନାରୀବାଦୀ ସାହିତ୍ୟ: ନୂତନ ଆଧାରର ସନ୍ଧାନରେ', 'ସାହିତ୍ୟରେ ପରିବର୍ତ୍ତନ ବନାମ ପରିବର୍ତ୍ତନର ସାହିତ୍ୟ' ଏବଂ 'ବିଶ୍ୱ ପରିପ୍ରେକ୍ଷୀରେ ଭାରତୀୟ ସାହିତ୍ୟର ନୂତନ ଦିଗ୍‌ଦର୍ଶନ' ଶୀର୍ଷକ ୩ଟି ଅଧିବେଶନରେ ଭାରତୀୟ ଲେଖକ ଏବଂ ବିଦ୍ୱାନମାନେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଧୀରେନ


@ କାର୍ତ୍ତିକ


@ ଖୁସି


@ ପ୍ରଦୀପ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଏଚ୍‌ଆର୍‌ଏମ୍‌ଏସ୍‌ରେ ପ୍ରତିଷ୍ଠା ସମୀକ୍ଷା ରିପୋର୍ଟ ଦାଖଲ କରିବାକୁ ୬୧ ବିଇଓଙ୍କୁ ଚିଠି

ଭୁବନେଶ୍ୱର,୨୯।୫(ସୁଚିସ୍ମିତା ସାହୁ)

ବ୍ଲକ୍ ଶିକ୍ଷା ଅଧିକାରୀମାନେ ହ୍ୟୁମାନ ରିସର୍ଚ୍ଚ ମ୍ୟାନେଜ୍‌ମେଣ୍ଟ ସିଷ୍ଟମ୍ (ଏସ୍‌ଆର୍‌ଏମ୍‌ଏସ୍)ରେ ପ୍ରତିଷ୍ଠା ସମୀକ୍ଷା ରିପୋର୍ଟ (ଇଆର୍‌ଆର୍) ଦାଖଲ କରୁନାହାନ୍ତି। ଅର୍ଥ ବିଭାଗ ପକ୍ଷରୁ ଦିଆଯାଇଥିବା ସମୟ ଭିତରେ ମଧ୍ୟ ଅଧିକାଂଶ ବିଇଓ ରିପୋର୍ଟ ଦାଖଲ କରିନାହାନ୍ତି। ତେଣୁ ୨୦ ଜିଲାର ୬୧ଜଣ ବିଇଓଙ୍କୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଚିଠି କରାଯାଇଛି। ତୁରନ୍ତ ଏଚ୍‌ଆର୍‌ଏମ୍‌ଏସ୍‌ରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବଅଁରପାଳ, ଲୋଇସିଂହା, ଆଗଲପୁର, ଖପ୍ରାଖୋଲ, ସିମୁଳିଆ, ଜଳେଶ୍ୱର, ବାସୁଦେବପୁର, କଣ୍ଟାପଡା, ନିଆଳି, ଖଲ୍ଲିକୋଟ, କାଶୀନଗର, ବିରିଡି, ରଘୁନାଥପୁର, ତିର୍ତ୍ତୋଲ, ଦାନଗଦି, କୋରେଇ, ଦଶରଥପୁର, ବରି, ରସୁଲପୁର, ଲକ୍ଷ୍ମଣପୁର, ଜୁନାଗଡ, ଲାଞ୍ଜିଗଡ, ଭବାନୀପାଟଣା, ଟି.ରାମପୁର, କଲମପୁର, ଗୋଲମୁଣ୍ଡା, ମହାକାଳପଡା, ମାର୍ଶାଘାଇ, ରାଜକନିକା, ଆଳି, ଯୋଡା, ବାଲିପାଟଣା, ବାଲିଅନ୍ତା, ଟାଙ୍ଗୀ, ବାଣପୁର, ଦଶମନ୍ତପୁର, ବନ୍ଧୁଗାଁ, ଖଇରପୁଟ, ସାରସକଣା, ବିଶୋଇ, ରାଇରଙ୍ଗପୁର, କୁସୁମି, ଖୁଣ୍ଟା, ରାସଗୋବିନ୍ଦପୁର, ସମଖୁଣ୍ଟା, ବାହଲଦା, ଯଶିପୁର, ଶୁକ୍ଲି, କରଞ୍ଜିଆ, ପାପଡାହାଣ୍ଡି, ବ୍ରହ୍ମଗିରି, କୃଷ୍ଣପ୍ରସାଦ, କୋସାଗୁମ୍‌ଡା, କାକଟପୁର, ବିଷମକଟକ, ବିନିକା, ଗୁରୁଣ୍ଡିଆ, ବାଲିଶଙ୍ଖ, କୁତ୍ରା, ଘଟଗାଁ ଏବଂ ପାଟଣା ବ୍ଲକର ଶିକ୍ଷା ଅଧିକାରୀଙ୍କୁ ଏହି ନିର୍ଦ୍ଦେଶ ଦିଆଯାଇଛି।

# ରଥ କାର୍ଯ୍ୟର ସମୀକ୍ଷା କଲେ ଗଜପତି ମହାରାଜା


ରଥଖଳାରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ବିଶ୍ୱକର୍ମା ମହାରଣାଙ୍କ ସହ ଆଲୋଚନା କରୁଛନ୍ତି।

## ବିଶ୍ୱକର୍ମା ମହାରଣା ସେବକଙ୍କୁ ସମସ୍ୟା ପଚାରି ବୁଝିଲେ

ପୁରୀ,୨୯।୫(ଅଜିତ କୁମାର ମହାନ୍ତି)

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ନିମନ୍ତେ ଶ୍ରୀନହର ସମ୍ମୁଖସ୍ଥ ଅସ୍ଥାୟୀ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ପୂର୍ବାହ୍ନରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ରଥଖଳାକୁ ଯାଇ ରଥ ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏଥିସହ ରଥ ନିର୍ମାଣରେ ନିୟୋଜିତ ଥିବା ବିଶ୍ୱକର୍ମା ମହାରଣା ସେବକଙ୍କ ସହ ଆଲୋଚନା କରିଛନ୍ତି। ବର୍ଷା ସମୟରେ ରଥ କାର୍ଯ୍ୟ ଯେପରି ବ୍ୟାହତ ନ ହେବ ଏବଂ ରଥକାଠ ଅଭାବ ସମେତ ଅନ୍ୟାନ୍ୟ ବିଷୟରେ ଗଜପତି ମହାରାଜା ଆଲୋଚନା କରିଥିବା ଜଣାପଡ଼ିଛି।

ଏ ନେଇ ନନ୍ଦିଘୋଷ ରଥର ମୁଖ୍ୟ ବିଶ୍ୱକର୍ମା ମହାରଣା ସେବକ ବିଜୟ ମହାପାତ୍ର କହିଛନ୍ତି, ଗଜପତି ମହାରାଜା ରଥଖଳାକୁ ଆସି କାର୍ଯ୍ୟ ଅନୁଧ୍ୟାନ କରିଥିଲେ। କାର୍ଯ୍ୟ କିପରି ଚାଲିଛି, କ'ଣ ସମସ୍ୟା ରହିଛି, ରଥକାଠର ମାନ, ଠିକ୍ ସମୟରେ କାଠ ପହଞ୍ଚୁ କି ନାହିଁ, ବର୍ଷା ସମୟରେ ଯେପରି ସମସ୍ୟା ନ ହେବ, ସେଥିପାଇଁ କ'ଣ ପଦକ୍ଷେପ ନିଆଯାଇଛି ଆଦି ସମ୍ପର୍କରେ ପଚାରି ବୁଝିଥିଲେ। ଗଜପତି ମହାରାଜାଙ୍କୁ ସମସ୍ତ ବିଷୟରେ ଅବଗତ କରିଛୁ। ବୁଧବାର ରଥଖଳାରେ କାଠ ପହଞ୍ଚିଛି। ଅବଶିଷ୍ଟ କାଠ ପର୍ଯ୍ୟାୟକ୍ରମେ ଆସି ପହଞ୍ଚିବ। ଚଳିତ ବର୍ଷ ନିର୍ଦ୍ଧାରିତ ସମୟରେ ରଥ ନିର୍ମାଣ ସରିବ ବୋଲି ଗଜପତିଙ୍କୁ ସୂଚନା ଦିଆଯାଇଛି। ଏଥିରେ ଗଜପତି ମହାରାଜା ସନ୍ତୋଷ ବ୍ୟକ୍ତ କରିଥିବା ମହାପାତ୍ର କହିଛନ୍ତି। ସୂଚନାଯୋଗ୍ୟ, କିଛିଦିନ ତଳେ ଅଖ ଓ ଦଣ୍ଡା କାର୍ଯ୍ୟ ନିମନ୍ତେ କାଠର ଅଭାବ ଦେଖାଦେଇଥିଲା। ଫଳରେ ବିଶ୍ୱକର୍ମା ମହାରଣାମାନେ କ୍ଷୋଭ ପ୍ରକାଶ କରିବା ସହ ଶ୍ରୀମନ୍ଦିର ପ୍ରଶାସନକୁ ଜଣାଇଥିଲେ। ଏହାପରେ ବୁଧବାର ବନ ବିଭାଗ ସହାୟତାରେ ବୌଦ୍ଧରୁ ଆବଶ୍ୟକ ୪୦ ଫୁଟିଆ ଧଉରା ରଥ କାଠ ଆସି ପୁରୀରେ ପହଞ୍ଚିଛି।

# ଅଜଣା ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଜବତ

ଖୋର୍ଦ୍ଧା,୨୯।୫(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ସଦର ଥାନା ଅଧୀନ ଓସିସି ଛକ ନିକଟ ଏକ ଗଛରୁ ଗୁରୁବାର ଜଣେ ବ୍ୟକ୍ତିଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକଙ୍କ ପରିଚୟ ମିଳିପାରି ନ ଥିବା ବେଳେ ସେ ସ୍ଥାନୀୟ ଅଞ୍ଚଳରେ ଶ୍ରମିକ ଭାବେ କାମ କରୁଥିବା ଜଣାପଡିଛି। ସେ ଏକ ହାଫ୍ ପ୍ୟାଣ୍ଟ ଓ ପିଙ୍କ୍ ଚେକ୍ ଶାର୍ଟ ପିନ୍ଧିଥିବା ବେଳେ ଏକ ନୀଳ ରଙ୍ଗ ଲୁଙ୍ଗିରେ ଗଛରେ ଓହଳିଥିବା ଦେଖିବାକୁ ମିଳିଥିଲା। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୭/୨୫) ରୁଜୁ ହୋଇଛି। ମୃତଦେହ ଚିହ୍ନଟ ଲାଗି ବ୍ୟବଚ୍ଛେଦ ଗୃହରେ ସଂରକ୍ଷିତ ରଖାଯାଇଥିବା ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁ କହିଛନ୍ତି।

# ନଦୀପଠାରୁ ମିଳିଲା ଠାକୁରଙ୍କ ମୂର୍ତ୍ତି

ନିରାକାରପୁର,୨୯।୫(ମାନସ ଚନ୍ଦ୍ର ପଟ୍ଟନାୟକ)



ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅନ୍ତର୍ଗତ ସରପାରୀ ଏବଂ ଛଣଗିରି ମଧ୍ୟବର୍ତ୍ତୀ ଅଞ୍ଚଳରେ ଥିବା ମନ୍ଦାକିନୀ ନଦୀପଠାରୁ ଠାକୁରଙ୍କ କାଷ୍ଠ ମୂର୍ତ୍ତି ମିଳିଛି। ଏଗୁଡ଼ିକ ମଧ୍ୟରେ ବଳଭଦ୍ର, ସୁଭଦ୍ରା ମୂର୍ତ୍ତି ଏବଂ ଗରୁଡ଼ ସ୍ତମ୍ଭ ରହିଥିବା ଚର୍ଚ୍ଚା ହେଉଛି। ଏହି ଖବର ପ୍ରଚାରିତ ହେବା ପରେ ନଦୀପଠାରେ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଥିଲା। ସୂଚନାଥାଉ କି, ଦୀର୍ଘ ବର୍ଷ ହେବ ଉକ୍ତ ନଦୀପଠାରୁ ବେଆଇନ ଭାବେ ବାଲି ଚାଲାଣ ଚାଲିଛି। ନଦୀପଠାରେ କେତେଜଣ ବ୍ୟକ୍ତି ବାଲି ଖୋଳୁଥିବା ବେଳେ ଉପରୋକ୍ତ ମୂର୍ତ୍ତିଗୁଡିକୁ ଦେଖିବାକୁ ପାଇଥିଲେ। ଏହି ଖବର ପ୍ରଚାରିତ ହେବା ପରେ ସମ୍ପୃକ୍ତ ବ୍ୟକ୍ତିମାନେ ମୂର୍ତ୍ତିଗୁଡ଼ିକୁ ବାଲିରେ ପୋତିଦେଇ ସେଠାରୁ ପଳାଇଥିଲେ। କେତେଜଣ ଗ୍ରାମବାସୀଙ୍କ କହିବାନୁଯାୟୀ, ସରପାରୀ ଗ୍ରାମରେ ଦୁଇଟି ପୁରାତନ ମଠ ରହିଛି। ପତିତପାବନ ମଠରେ ଜଗନ୍ନାଥ, ବଳଭଦ୍ର ଏବଂ ମା' ସୁଭଦ୍ରା ପୂଜା ପାଉଥିଲେ। ନବକଳେବର ସମୟରେ କୌଣସି ବ୍ୟକ୍ତି ସେହି ପୁରୁଣା ମୂର୍ତ୍ତିଗୁଡ଼ିକୁ ନଦୀରେ ବିସର୍ଜନ କରିଥିବା ଅନୁମାନ କରାଯାଉଛି।

# ୨ରେ ଭାରତ ଫେରିବ ବୁଦ୍ଧଙ୍କ ପବିତ୍ର ଅବଶେଷ

ଭୁବନେଶ୍ୱର, ୨୯।୫(ସୌମ୍ୟରଞ୍ଜନ ରାଉତ)

ଭାରତରୁ ଭିଏତ୍‌ନାମକୁ ନିଆଯାଇଥିବା ଭଗବାନ ବୁଦ୍ଧଙ୍କ ପବିତ୍ର ଅବଶେଷ ଜୁନ୍ ୨ରେ ଭାରତ ଫେରିବ। ଏଥିଲାଗି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଶୁକ୍ରବାର ନୂଆଦିଲ୍ଲୀରୁ ଭିଏତ୍‌ନାମ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ବିଶ୍ୱବ୍ୟାପୀ ବୌଦ୍ଧ ଧର୍ମାବଲମ୍ବୀଙ୍କ ପାଇଁ ଗଭୀର ଆଧ୍ୟାତ୍ମିକ ଗୁରୁତ୍ୱ ବହନ କରୁଥିବା ପବିତ୍ର ଅବଶେଷଗୁଡ଼ିକୁ ଭାରତରୁ ଭିଏତ୍‌ନାମକୁ ଜାତିସଂଘ ଭେଶକ ଦିବସ ଉତ୍ସବ ଅବସରରେ ପ୍ରଦର୍ଶନ ପାଇଁ ନିଆଯାଇଥିଲା। ପ୍ରତିବର୍ଷ ମେ' ମାସ ପୂର୍ଣ୍ଣିମାରେ ଭଗବାନ ବୁଦ୍ଧଙ୍କ ଜନ୍ମ, ଜ୍ଞାନ ଏବଂ ଇହଲୀଳା ସମ୍ବରଣକୁ ସ୍ମରଣ କରିବା ପାଇଁ ଭେଶକ ଦିବସ ପାଳନ କରାଯାଏ। ଏହି ପରିପ୍ରେକ୍ଷୀରେ ଗତ ୬ରୁ ୮ ତାରିଖ ପର୍ଯ୍ୟନ୍ତ ଭେଶକ ଉତ୍ସବ ପାଳନ ଅବସରରେ ବୁଦ୍ଧଙ୍କ ଅବଶେଷ ଭିଏତ୍‌ନାମରେ ପ୍ରଦର୍ଶିତ ହୋଇଥିଲା ଓ ପରବର୍ତ୍ତୀ ସମୟରେ ସେହି ଦେଶର ବିଭିନ୍ନ ସ୍ଥାନରେ ପ୍ରଦର୍ଶିତ ହେଉଛି। ଏ ସମ୍ପର୍କରେ ରାଜ୍ୟପାଳ କହିଛନ୍ତି, ଭଗବାନ ବୁଦ୍ଧଙ୍କ ପବିତ୍ର ଅବଶେଷ ସହିତ ଭାରତକୁ ଫେରିବା ଏକ ମହାନ୍ ସମ୍ମାନର ବିଷୟ। ଏହି ଆଧ୍ୟାତ୍ମିକ ଯାତ୍ରା ଭିଏତ୍‌ନାମ ସହିତ ଆମର ସହଭାଗୀ ସଭ୍ୟତା ଐତିହ୍ୟକୁ ପ୍ରତିଫଳିତ କରେ। ଭାରତ ଭିଏତ୍‌ନାମ ସହିତ ଥିବା ଏହାର ସମୃଦ୍ଧ ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ସମ୍ପର୍କକୁ ଗଭୀର ଭାବେ ଗୁରୁତ୍ୱ ଦେଇଥାଏ। ଭଗବାନ ବୁଦ୍ଧଙ୍କର ପବିତ୍ର ଅବଶେଷ ଭାରତ ଫେରିବା ଦୁଇ ରାଷ୍ଟ୍ର ମଧ୍ୟରେ ଥିବା ସ୍ଥାୟୀ ବନ୍ଧୁତାକୁ ସୁଦୃଢ଼ କରିବ ବୋଲି ରାଜ୍ୟପାଳ କହିଛନ୍ତି। ସୂଚନାଯୋଗ୍ୟ, ଭଗବାନ ବୁଦ୍ଧ ତାଙ୍କର ଧର୍ମ ପ୍ରଚାର କରିଥିବା ପ୍ରଥମ ସ୍ଥାନ ସାରନାଥରୁ ଅବଶେଷକୁ ଭାରତୀୟ ବାୟୁସେନାର ସ୍ୱତନ୍ତ୍ର ବିମାନରେ ଭିଏତ୍‌ନାମକୁ ନିଆଯାଇଥିଲା। କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ ରିଜିଜୁ, ଆନ୍ଧ୍ର ପ୍ରଦେଶର ପର୍ଯ୍ୟଟନ ଏବଂ ସଂସ୍କୃତି ମନ୍ତ୍ରୀ କାଣ୍ଡୁଲା ଦୁର୍ଗେଶ, ପୂଜ୍ୟ ଭିକ୍ଷୁ ଏବଂ ଭାରତୀୟ ଅଧିକାରୀମାନେ ପବିତ୍ର ଅବଶେଷ ସହ ଯାଇଥିଲେ। ଭାରତୀୟ ସାଂସ୍କୃତିକ ଦଳ ଶାକ୍ୟ ମୁନି ବୁଦ୍ଧଙ୍କ ଜୀବନୀ ଏବଂ ଶିକ୍ଷାକୁ ଚିତ୍ରଣ କରି ନୃତ୍ୟ ନାଟକ 'ଗୌତମ ବୁଦ୍ଧଙ୍କ ଜୀବନ ଯାତ୍ରା' ପରିବେଷଣ ପାଇଁ ଭିଏତ୍‌ନାମ ଯାତ୍ରା କରିଥିଲେ।

# ମହାପ୍ରଭୁଙ୍କୁ ଦର୍ଶନକଲେ କେନ୍ଦ୍ର କୃଷିମନ୍ତ୍ରୀ



କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନ ସସ୍ତ୍ରୀକ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନକରି ଫେରୁଛନ୍ତି। (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

ପୁରୀ,୨୯।୫(ଅଜିତ କୁମାର ମହାନ୍ତି)

ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର ସାକ୍ଷୀଗୋପାଳସ୍ଥିତ କୃଷିବିଜ୍ଞାନ କେନ୍ଦ୍ରଠାରେ ବିକଶିତ କୃଷି ସଂକଳ୍ପ ଅଭିଯାନ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନ ଯୋଗଦେଇଥିଲେ। ତେବେ କାର୍ଯ୍ୟକ୍ରମରେ ଯୋଗଦେବା ପୂର୍ବରୁ କେନ୍ଦ୍ରମନ୍ତ୍ରୀ ଚୌହାନ ସସ୍ତ୍ରୀକ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଚୌହାନ ଓ ତାଙ୍କ ସହଧର୍ମିଣୀ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ଉଭୟଙ୍କୁ ଶ୍ରୀମନ୍ଦିର ପ୍ରଶାସନ, ସେବାୟତ ଏବଂ ଜିଲା ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଥିଲା। କେନ୍ଦ୍ରମନ୍ତ୍ରୀ ଚୌହାନ ଓ ତାଙ୍କ ସହଧର୍ମିଣୀ ବାଇଶି ପାହାଚ ଦେଇ ଶ୍ରୀମନ୍ଦିରକୁ ଯାଇ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନକରିଥିଲେ। ପରେ ସେମାନେ ଭିତରବେଢ଼ାରେ ଥିବା ପାର୍ଶ୍ୱଦେବଦେବୀଙ୍କୁ ଦର୍ଶନକରି କିଛି ସମୟ ଶ୍ରୀମନ୍ଦିର ପରିସରରେ ବିତାଇ ପ୍ରସ୍ଥାନ କରିଥିଲେ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଉଭୟଙ୍କୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ଖଣ୍ଡୁଆ ଓ ପତିତପାବନ ବାନା ଆଦି ପ୍ରଦାନ କରାଯାଇଥିଲା।

# 'ଖବରକାଗଜ ତଥ୍ୟ ଆଧାରରେ ଆଇନ ସହାୟତା ଦିଆଯାଉ'

## ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷଙ୍କ ଆଭାସି ବୈଠକ

କଟକ,୨୯।୫(କାର୍ତ୍ତିକ ସାହୁ)

ରାଜ୍ୟ ଆଇନ ସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ଓଡ଼ିଶା ହାଇକୋର୍ଟ ବିଚାରପତି ସଙ୍ଗମ କୁମାର ସାହୁ ଆଭାସି ସମ୍ମିଳନୀ ମାଧ୍ୟମରେ ରାଜ୍ୟର ସମସ୍ତ ଜିଲା ଆଇନ ସେବା ପ୍ରାଧିକରଣର ସଚିବ ଓ ଜିଲା ପ୍ରଶାସନିକ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ବିଭିନ୍ନ ଖବରକାଗଜରେ ପ୍ରକାଶିତ ଖବରକୁ ଆଧାର କରି ତୁରନ୍ତ ଆଇନଗତ ସହାୟତା ପ୍ରଦାନ ସମ୍ପର୍କରେ ହାଇକୋର୍ଟ ବିଚାରପତି ସାହୁ ଆହ୍ୱାନ ଦେଇଛନ୍ତି। ବୈଠକରେ ବିଚାରପତି କିଛିଦିନ ପୂର୍ବରୁ କେନ୍ଦ୍ରାପଡ଼ା ଜିଲାସ୍ଥିତ କୋରା ଗ୍ରାମର ଶ୍ରୀଧର ସାହୁଙ୍କୁ ଗଣମାଧ୍ୟମରୁ ଖବର ପାଇ ଜିଲା ପ୍ରଶାସନ ପକ୍ଷରୁ ତ୍ୱରିତ ସାହାଯ୍ୟ ଓ ସୁବିଧା ଯୋଗାଇ ଦିଆଯାଇଥିବା ଉଲ୍ଲେଖ କରିଥିଲେ। ଉପରୋକ୍ତ ଘଟଣା ଉଦାହରଣସ୍ୱରୂପ ନେଇ ଗଣମାଧ୍ୟମ ତଥା ବିଭିନ୍ନ ଖବରକାଗଜରେ ପ୍ରକାଶିତ ସମ୍ବେଦନଶୀଳ ଖବରଗୁଡ଼ିକରେ ପରସ୍ପର ସହଭାଗିତାରେ ଆଇନସମ୍ମତ ପଦକ୍ଷେପ ନେବା ପାଇଁ ବିଚାରପତି ଉପସ୍ଥିତ ଆଇନ ସେବା ପ୍ରାଧିକରଣର ସଚିବ ଏବଂ ପ୍ରଶାସନିକ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହି ସେବା ମାଧ୍ୟମରେ ବିଚାରପତି ରାଜ୍ୟର ଆଭ୍ୟନ୍ତରୀଣ ଅଞ୍ଚଳଗୁଡ଼ିକରେ ପହଞ୍ଚି ଉପେକ୍ଷିତ ନାଗରିକମାନଙ୍କୁ ସେମାନଙ୍କ ସାମ୍ବିଧାନିକ ଅଧିକାର ଉପଲବ୍ଧ କରାଇବାକୁ ପରାମର୍ଶ ଦେଇଛନ୍ତି। ଇତିମଧ୍ୟରେ ସେ ଖବରକାଗଜଗୁଡ଼ିକରେ ପ୍ରକାଶିତ ତଥ୍ୟକୁ ଆଧାରକରି ଉପଯୁକ୍ତ ଆଇନ ସେବା ପ୍ରଦାନ ସମ୍ପର୍କରେ ଗଠିତ ସ୍ୱତନ୍ତ୍ର କୋଷ ବିଷୟରେ ଅବଗତ କରାଇଥିଲେ। ଏ ସମ୍ପର୍କରେ ଜିଲା ଆଇନ ସେବା ପ୍ରାଧିକରଣର ସଚିବମାନେ ରାଜ୍ୟ ଆଇନ ସେବା ପ୍ରାଧିକରଣଠାରୁ ପ୍ରେରିତ ଖବରଗୁଡ଼ିକ ଉପରେ ତତ୍‌କ୍ଷଣାତ ଜିଲା ପ୍ରଶାସନ ଓ ଅଧିକାରୀ ମିତ୍ରମାନଙ୍କ ସହଯୋଗରେ ନିଆଯାଇଥିବା ନ୍ୟାୟୋଚିତ ପଦକ୍ଷେପଗୁଡ଼ିକୁ ୧୦ ଦିନ ମଧ୍ୟରେ ରାଜ୍ୟ ଆଇନ ସେବା ପ୍ରାଧିକରଣକୁ ଅବଗତ କରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆଭାସି ବୈଠକରେ ବିଚାରପତି ବିଗତ ଏକ ମାସ ମଧ୍ୟରେ ରାଜ୍ୟ ଆଇନ ସେବା ପ୍ରାଧିକରଣଠାରୁ ପ୍ରେରିତ ଖବରଗୁଡ଼ିକ ଉପରେ ନିଆଯାଇଥିବା ପଦକ୍ଷେପମାନ କଟକ ଓ କୋରାପୁଟ ଜିଲା ଆଇନ ସେବା ପ୍ରାଧିକରଣର ସଚିବ ଏବଂ ଜିଲା ପ୍ରଶାସନ ଅଧିକାରୀମାନଙ୍କଠାରୁ ବୁଝିଥିଲେ। ବିଭିନ୍ନ ଖବରକାଗଜର ସ୍ଥାନୀୟ ପ୍ରକାଶନଗୁଡ଼ିକରୁ ଉଦ୍ଧୃତ ଖବର ଉପରେ ତ୍ୱରିତ ପଦକ୍ଷେପ ନେବା ପାଇଁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି। ମାନବ ସେବା ହିଁ ମାଧବ ସେବାରେ ମନ୍ତ୍ରିତ ହୋଇ ରାଜ୍ୟବାସୀଙ୍କୁ ନିଃସ୍ୱାର୍ଥପର ଓ ତ୍ୱରିତ ଆଇନ ସେବା ଏବଂ ସରକାରୀ ସହାୟତା ଯୋଗାଇଦେବା ପାଇଁ ବିଚାରପତି ଆହ୍ୱାନ ଦେଇଛନ୍ତି। ଆଭାସି ବୈଠକରେ ରାଜ୍ୟ ଆଇନ ସେବା ପ୍ରାଧିକରଣର ସଦସ୍ୟ ସଚିବ, ଉପସଚିବ, ସହସଚିବ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।



ଶ୍ରୀଲିଙ୍ଗରାଜଙ୍କ ଶୀତଳଷଷ୍ଠୀ ଓ ବିବାହ ଉତ୍ସବ ପାଇଁ ମନ୍ଦିରକୁ ଆଲୋକମାଳାରେ ସଜ୍ଜିତ କରାଯାଇଛି।

# ଶ୍ରୀଲିଙ୍ଗରାଜଙ୍କ ମଙ୍ଗଳକୃତ୍ୟ ସମ୍ପନ୍ନ

ପୁରୁଣା ଭୁବନେଶ୍ୱର,୨୯।୫(ସୁବାସ ଚନ୍ଦ୍ର ପ୍ରଧାନ)

ଶୀତଳ ଷଷ୍ଠୀ ଅବସରରେ ପ୍ରଭୁ ଶ୍ରୀଲିଙ୍ଗରାଜ ଏବଂ ମା'ପାର୍ବତୀ ଦେବଦମ୍ପତିଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହେବ। ଏନେଇ ମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଗୁରୁବାର ବିଧି ମୁତାବକ ଦେବଦମ୍ପତିଙ୍କ ମଙ୍ଗଳକୃତ୍ୟ ଅନୁଷ୍ଠିତ ହୋଇଯାଇଛି। ପାରମ୍ପରିକ ରୀତି ଅନୁଯାୟୀ ପ୍ରାତଃରୁ ସମସ୍ତ ନୀତିକାନ୍ତି କରାଯାଇଥିଲା। ସନ୍ଧ୍ୟାଧୂପ ପରେ ରାତି ୮ଟା ୧୫ରେ ଅଷ୍ଟଚଣ୍ଡୀଙ୍କୁ ନିମନ୍ତ୍ରଣ କରାଯାଇଥିଲା। ସନ୍ଧ୍ୟାଧୂପରେ ଯେଉଁ ଚଳୁ ଅନ୍ନ ଭୋଗ କରାଯାଇଥିଲା ଉକ୍ତ ଚଳୁ ଅନ୍ନକୁ ମନ୍ଦିର ବେଢ଼ାରେ ପୂଜା ପାଉଥିବା ଠାକୁର ଠାକୁରାଣୀଙ୍କୁ



ଶ୍ରୀଲିଙ୍ଗରାଜ ଓ ମାତା ପାର୍ବତୀଙ୍କ ବିବାହ ଲାଗି କେଦାରୀ ଗୌରୀ ମନ୍ଦିରରେ ପ୍ରସ୍ତୁତି ଚାଲିଛି।

ସମର୍ପଣ ହୋଇଥିଲା। ପରେ ପାଳିଆ ପୂଜା ପଣ୍ଡା ତାହାକୁ ମା'ମୋହିନୀ, ରାମାୟଣୀ, କପାଳୀ, ଉତ୍ତରାୟଣୀ, ଗୌରୀ, ଆମ୍ବିକେ, ଦ୍ୱାରବାସିନୀ ଏବଂ ମା'ବିନ୍ଧ୍ୟବାସିନୀ ଅଷ୍ଟଚଣ୍ଡୀଙ୍କୁ ସମର୍ପଣ କରିଥିଲେ। ମନ୍ତ୍ର ଦ୍ୱାରା ଶ୍ରୀଲିଙ୍ଗରାଜଙ୍କ ବିବାହ କାର୍ଯ୍ୟରେ ଯୋଗଦେବା ପାଇଁ ନିମନ୍ତ୍ରଣ କରିଥିଲେ। ଶୁକ୍ରବାର ଶ୍ରୀଲିଙ୍ଗରାଜଙ୍କ ବିବାହ ଉତ୍ସବ। ପ୍ରାତଃରୁ ସମସ୍ତ ନୀତିକାନ୍ତି ସମାପନ ପରେ ରାତି ୯ଟାରୁ ୯ଟା ୩୦ମଧ୍ୟରେ ମଧ୍ୟରେ ଶ୍ରୀଲିଙ୍ଗରାଜ ମନ୍ଦିରରେ ବରଯାତ୍ରୀ ଭୋଜି ସମାପନ ହେବ। ରାତି ୧୧ଟାରୁ ୧୧ଟା ୩୦ ମଧ୍ୟରେ ଶ୍ରୀଲିଙ୍ଗରାଜ ମା'ପାର୍ବତୀଙ୍କ ସହ ଶ୍ୱଶୁରାଳୟ କେଦାରଗୌରୀ ମନ୍ଦିରକୁ ବରାନୁଗମନରେ ବାହାରିବେ। ଅନ୍ୟପଟେ ବିବାହ ଶୋଭାଯାତ୍ରାରେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିଭିନ୍ନ କାର୍ଯ୍ୟ ସମ୍ପାଦନ କରିବାକୁ ମନ୍ଦିର ପ୍ରଶାସନ ପକ୍ଷରୁ ସବୁଜ ସଂକେତ ଦିଆଯାଇଛି।

# ମହାପ୍ରଭୁଙ୍କୁ ଦର୍ଶନ କଲେ ଭକ୍ତ, ଲଲ୍ଲୁ, ଦୀପେନ୍ଦ୍ର

ପୁରୀ,୨୯।୫(ଅଜିତ୍ କୁମାର ମହାନ୍ତି)

ଭୁବନେଶ୍ୱରସ୍ଥିତ କଂଗ୍ରେସ ଭବନରେ ଗୁରୁବାର ଆୟୋଜିତ 'ଜୟହିନ୍ଦ୍ କାର୍ଯ୍ୟକ୍ରମ'ରେ ଯୋଗଦେବା ପରେ ସନ୍ଧ୍ୟାରେ ପିସିସି ସଭାପତି ଭକ୍ତଚରଣ ଦାସ, ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଏବଂ ହରିୟାଣାର ରୋହତକ ଏମ୍‌ପି ଦୀପେନ୍ଦ୍ର ସିଂ ହୁଡ୍ଡା ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ଏହି ଅବସରରେ ସଭାପତି ଦାସ କହିଛନ୍ତି, 'ମହାପ୍ରଭୁଙ୍କ ଦର୍ଶନ କରି ଆମେ ସମସ୍ତେ ଖୁସି। ମହାପ୍ରଭୁଙ୍କ ଆଶୀର୍ବାଦ ଦେଶ ପ୍ରତି ରହୁ। ଭାରତର ଗୌରବମୟ ଗାଥା ସାରା ବିଶ୍ୱରେ ପ୍ରଚାର ହେଉ। ସେନାବାହିନୀକୁ ସର୍ବଦା ବଳ ମିଳୁ।' ଏ ନେଇ ଆମେ ପ୍ରାର୍ଥନା କରିଛୁ। ସେହିପରି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ଖାଡ୍‌ଗେଙ୍କ ପାଇଁ ପ୍ରାର୍ଥନା କରିଛୁ ବୋଲି ଦାସ କହିଛନ୍ତି। ସେହିପରି ହୁଡ୍ଡା କହିଛନ୍ତି, ସାରା ବିଶ୍ୱରେ ମହାପ୍ରଭୁଙ୍କ କୃପା ରହୁ, ସୁଖ, ଶାନ୍ତି ଓ ସମୃଦ୍ଧି ହେଉ। ଭାରତର ଜାତୀୟପତାକା ଉଞ୍ଚା ରହୁ। ଜୟହିନ୍ଦ୍ କାର୍ଯ୍ୟକ୍ରମ ମାଧ୍ୟମରେ ବିଶ୍ୱକୁ ସନ୍ଦେଶ ଦିଆଯାଇଛି ଯେ, ସେନା ସହ ଭାରତବାସୀ ଠିଆ ହୋଇଛନ୍ତି। ସେନାକୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ମିଳୁ ବୋଲି ପ୍ରାର୍ଥନା କରିଥିବା ହୁଡ୍ଡା କହିଛନ୍ତି।

# ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ବାଲକାଟୀ,୨୯।୫(ମନୋଜ ମଣ୍ଡଳ)

ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡ୍‌ରେ ପାସ୍ କରିଥିବା ଜୟଦେବ ନିର୍ବାଚନ ମଣ୍ଡଳୀର କୃତୀ ଛାତ୍ରୀଛାତ୍ରଙ୍କୁ ବାଲକାଟୀର ଏକ ଘରୋଇ କଲ୍ୟାଣ ମଣ୍ଡପରେ ସମ୍ବର୍ଦ୍ଧିତ କରାଯାଇଛି। ଗୀତାଞ୍ଜଳି ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟ ଅଧ୍ୟକ୍ଷ ରଞ୍ଜନ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ଡ. ଅରବିନ୍ଦ ଢାଲି, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଲକ୍ଷ୍ମୀଧର ପ୍ରଧାନ, ବିଧୁଭୂଷଣ ପଟ୍ଟନାୟକ, ନାରାୟଣ ବେହେରା ଓ ସିଦ୍ଧେଶ୍ୱର ମହାନ୍ତି, ଅରୁଣ ପତି ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଶୁଭଜିତ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ପ୍ରକୃତି ବନ୍ଧୁ ଦୀନବନ୍ଧୁ ଭୋଇ ଧନ୍ୟବାଦ ଦେଇଥିଲେ। ବାଲିଅନ୍ତା ଓ ବାଲିପାଟଣା ବ୍ଲକରେ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଏ-୧ ରଖିଥିବା ୧୨ ଜଣ ଛାତ୍ରୀଛାତ୍ର, ୭ ଜଣ ଆଦର୍ଶ ଶିକ୍ଷକ ଓ ୩ ବିଦ୍ୟାଳୟକୁ ଆଦର୍ଶ ବିଦ୍ୟାଳୟ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା।



ଓୟୁଏଟିଠାରେ ଗୁରୁବାର ବିକଶିତ କୃଷି ସଙ୍କଳ୍ପ ଅଭିଯାନର ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂ ଚୌହାନ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ବିଧାୟକ ବାବୁ ସିଂ, କୃଷି ବିଭାଗର ପ୍ରମୁଖ ସଚିବ ଅରବିନ୍ଦ ପାଢ଼ୀ ଏବଂ ଓୟୁଏଟି କୁଳପତି ପ୍ରଭାତ କୁମାର ରାଉଳ।

# ଆମ ବସ୍ ଚାଳକ ଗିରଫ, ଜେଲ ଗଲେ

ଭୁବନେଶ୍ୱର,୨୯।୫(ସତ୍ୟଜିତ ରାଉତ)

**ଦୁର୍ଘଟଣାରେ ସୁରକ୍ଷା କର୍ମୀଙ୍କ ମୃତ୍ୟୁ ଘଟଣା**

ଆମ ବସ୍ ଦୁର୍ଘଟଣାରେ ସୁରକ୍ଷା କର୍ମୀଙ୍କ ମୃତ୍ୟୁ ଘଟଣାରେ କାର୍ଯ୍ୟାନୁଷ୍ଠାନ ହୋଇଛି। ଖଣ୍ଡଗିରି ଥାନା ପୋଲିସ ଅଟକ ରଖିଥିବା ଅଭିଯୁକ୍ତ ଚାଳକଙ୍କୁ ଗୁରୁବାର ଗିରଫ କରିଛି। ସେ ହେଲେ ପୁରୀ ଜିଲା କଣାସ ଥାନା ଅନ୍ତର୍ଗତ ଗଡବଳଭଦ୍ରପୁର ଗ୍ରାମର ସଞ୍ଜୟ କୁମାର ରାଉତରାୟ(୪୮)। କୋର୍ଟଚାଲାଣ ପରେ ସଞ୍ଜୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତାଙ୍କଠାରୁ ଡିଏଲ୍ ଓ ଗାଡି ସମ୍ବନ୍ଧୀୟ କାଗଜପତ୍ର ଜବତ ହୋଇଛି।

ସୂଚନାଯୋଗ୍ୟ, ଖଣ୍ଡଗିରି ଅଞ୍ଚଳର ଏକ ବାଇକ୍ ଶୋ'ରୁମ୍‌ରେ ସୁରକ୍ଷା କର୍ମୀ ଭାବେ କାମ କରୁଥିବା ଏୟାରଫିଲ୍ଡ ଥାନା ଅନ୍ତର୍ଗତ ମୋଟାବାଡି ଗ୍ରାମର ତ୍ରିନାଥ ବାରିକ (୫୪) ବୁଧବାର ଘରକୁ ଫେରୁଥିବାବେଳେ ଦୁର୍ଘଟଣାର ଶିକାର ହୋଇଥିଲା। ସନ୍ଧ୍ୟା ପ୍ରାୟ ୭ଟା ୩୦ରେ ତ୍ରିନାଥ ଶୋ'ରୁମ୍‌ରୁ ସାଇକେଲ୍ ଧରି ରାସ୍ତା ପାର୍ ହେଉଥିବାବେଳେ ରସୁଲଗଡ ଆଡକୁ ଦ୍ରୁତଗତିରେ ଆସୁଥିବା ୧୯ ନଂ. ରୁଟ୍‌ର (ଏମ୍‌ସରୁ ଓମ୍‌ପି ଛକ) ବସ୍‌ଟି କୋଳଥିଆ-ଖଣ୍ଡଗିରି ସର୍ଭିସ୍ ରୋଡ ମୟୂରୀ ଶୋ'ରୁମ୍ ସମ୍ମୁଖରେ ତାଙ୍କୁ ଧକ୍କା ଦେଇ ୨୦୦ ମିଟର ଯାଏ ଘୋଷାରି ନେଇଥିଲା। ଘଟଣାସ୍ଥଳରେ ହିଁ ତ୍ରିନାଥଙ୍କର ପ୍ରାଣବାୟୁ ଉଡିଯାଇଥିଲା। ଏହାପରେ ପରିବାର ଲୋକଙ୍କ ସହ ସ୍ଥାନୀୟ ଲୋକେ ବିକ୍ଷୋଭ ଓ ରାସ୍ତାରୋକୋ କରିଥିଲେ। ଏହି ସମୟରେ ଉତ୍ୟକ୍ତ ଲୋକେ ମୋ ବସ୍‌କୁ ଭଙ୍ଗାରୁଜା କରିଥିଲେ। ଝିଅ ସୁନିତାଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୩୪୯/୨୦୨୫) ରୁଜୁ କରି ତଦନ୍ତ କରୁଛି। ଅଭିଯୁକ୍ତ ସଞ୍ଜୟ ବେପରୁଆ ଭାବେ ଗାଡି ଚଳାଇ ଦୁର୍ଘଟଣା ଘଟାଇଥିବା ପୋଲିସ କହିଛି।

# ଜମୁଛି ଅନ୍ତର୍ଜାତୀୟ ବାଣିଜ୍ୟ ମେଳା



ବାଣିଜ୍ୟ ମେଳାର ଏକ ଷ୍ଟଲ୍‌ରେ ଗ୍ରାହକମାନେ କିଣାକିଣି କରୁଛନ୍ତି।

ଭୁବନେଶ୍ୱର,୨୮।୫(ଅନୁରାଧା ମହାରଣା)

ଜନତା ମଇଦାନରେ ଜମୁଛି ଅନ୍ତର୍ଜାତୀୟ ବାଣିଜ୍ୟ ମେଳା। ହସ୍ତତନ୍ତ ହେଉ କି ହସ୍ତଶିଳ୍ପ, ଘରସଜା ହେଉ ବା ରୂପ ସଜ୍ଜା, ସବୁକିଛି ଉପକରଣ ଗୋଟିଏ ସ୍ଥାନରେ ମିଳୁଛି। ୫ ହଜାରରୁ ଅଧିକ ଜନଜାତି ସାମଗ୍ରୀ, କେରଳ ହାଲଓ୍ୱା, ମହାରାଷ୍ଟ୍ର ନମ୍‌କିନ୍‌ର ବେଶ୍ ଚାହିଦା ରହିଛି। ଜୁନ୍ ୨ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଶୀତତାପ ନିୟନ୍ତ୍ରିତ ମେଳାରେ ଦିନ ୨ଟାରୁ ଭିଡ଼ ଆରମ୍ଭ ହୋଇଯାଉଛି। ରାତି ୧୦ ପର୍ଯ୍ୟନ୍ତ ଲୋକଙ୍କ ଗହଳି ଲାଗିରହୁଛି। ମାଲେସିଆ ଫାଉଣ୍ଟେନ, ଆଣ୍ଟିକ ଫର୍ଣ୍ଣିଚର୍, ୧୫୦୦ରୁ ଅଧିକ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଆଣ୍ଟିକ ଉପକରଣ ସହରବାସୀଙ୍କୁ ଏଠାକୁ ଟାଣିଆଣୁଛି। ମେଳାରେ ଆଚାର, ପାମ୍ପଡଠାରୁ ଆରମ୍ଭ କରି ବିଭିନ୍ନ ମାଉଥ୍ ଫ୍ରେଶନର୍ ଷ୍ଟଲ୍ ପଡ଼ିଛି। ମାତ୍ର ଆଫଗାନୀ ଡ୍ରାଏଫ୍ରୁଟ୍ସ ଷ୍ଟଲ୍‌ରେ ଗ୍ରାହକଙ୍କ ସବୁଠୁ ଅଧିକ ଭିଡ ଜମୁଛି। ଏହି ଷ୍ଟଲ୍‌ରେ ମିଳୁଥିବା ଡ୍ରାଏଫ୍ରୁଟ୍‌ଗୁଡ଼ିକର ଦର ୫୦୦ ଟଙ୍କାରୁ ଆରମ୍ଭ ହୋଇ ୫ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। କେବଳ କାଜୁ, କିସମିସ୍ ବା ପେସ୍ତା ବାଦାମ ନୁହେଁ, ସପୁରି, କଦଳୀ, କିୱି, ସେଓ, ଡ୍ରାଗନ୍ ଫ୍ରୁଟ୍ ସହ ଖଜୁରା, ଆପ୍ରିକୋଟ୍, ଆମ୍ବ ଆଦି ଉପଲବ୍ଧ ହେଉଛି। ଘର ତିଆରି ହେଉ ବା ଜମି କିଣିବା, ଯିବା ଆସିବା ପାଇଁ ହେଉ କି ଜିନିଷ ବୋହିବା ପାଇଁ ଗାଡ଼ି, କୌଣସି ନୂଆ ବ୍ୟବସାୟ ପାଇଁ ଉପାୟ ହେଉ ବା କୌଣସି ପର୍ବ ବା କାର୍ଯ୍ୟକ୍ରମର ଆୟୋଜନ ସବୁ ପ୍ରକାର ସେବା ଯୋଗାଇଦେବା ପାଇଁ ନାମୀ କମ୍ପାନୀ ଏଠାରେ ଷ୍ଟଲ୍ ଖୋଲିଛନ୍ତି। ଓଡ଼ିଶାର ବିଭିନ୍ନ ଜିଲା ସହ ଦେଶର ବିଭିନ୍ନ ପ୍ରାନ୍ତରୁ କମ୍ପାନୀ ଓ କାରିଗର ଏଠାରେ ଗହଣା, ପୋଷାକ, ଚପଲ ଆଦି ଷ୍ଟଲ ପକାଇଛନ୍ତି। ଆକର୍ଷଣୀୟ ରୂପସଜ୍ଜା ସାମଗ୍ରୀ ମିଳୁଥିବାରୁ ପ୍ରତିଦିନ ମହିଳା ଗ୍ରାହକଙ୍କ ସଂଖ୍ୟା ଖୁବ୍ ବେଶି ରହୁଛି। ଫୁଡ୍ କୋର୍ଟ ଆଉ ଏକ ଆକର୍ଷଣ ରହିଛି। ଚମ୍ପାରନ୍ ମଟନ୍ ହେଉ କି ବାରିପଦା ମାଂସ ମୁଢ଼ି, ଦେଶୀ ବିଦେଶୀ ଖାଦ୍ୟର ସ୍ୱାଦ ମେଳାକୁ ଆସୁଥିବା ଗ୍ରାହକଙ୍କୁ ବାନ୍ଧି ରଖୁଛି। ସେହିପରି ପ୍ରତି ସନ୍ଧ୍ୟାରେ ଆୟୋଜିତ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଉଛି।

# ମା' ସନ୍ତୋଷୀଦେବୀଙ୍କ ୧୮ତମ ବାର୍ଷିକ ଉତ୍ସବ

ଭୁବନେଶ୍ୱର, ୨୮।୫
(ସୌମ୍ୟରଞ୍ଜନ ରାଉତ)

ବରମୁଣ୍ଡାସ୍ଥିତ ମା' ସନ୍ତୋଷୀ ଦେବୀ ମନ୍ଦିରର ୧୮ତମ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ପାଳିତ ହୋଇଯାଇଛି। ଏହା ତିନିଦିନ ଧରି ଚାଲିଥିଲା। ୨୭ ତାରିଖରେ ଅଙ୍କୁରା ରୋପଣ, ୨୮ରେ ଜଳଯାତ୍ରା, ମଣ୍ଡଳାଧିବାସ, ଘଟସ୍ଥାପନ ଏବଂ ୨୯ରେ ସୂର୍ଯ୍ୟପୂଜା, ଗୋପୂଜା, ସର୍ବାଦେବାଦେବୀ ପୂଜା, ଦେବୀଙ୍କ ଷୋଡ଼ଶ ଉପଚାର, ଅଗ୍ନିସ୍ଥାପନ, ଚଣ୍ଡୀପାଠ, ଆହୂତି ଓ ପୂର୍ଣ୍ଣାହୂତି କରାଯାଇଥିଲା। ପରେ ତୁଳସୀ ଭଜନ ସନ୍ଧ୍ୟା ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା। ମୁଖ୍ୟଅତିଥି ଭାବେ ୫୦ ନମ୍ବର ୱାର୍ଡର କର୍ପୋରେଟର ରାମଚନ୍ଦ୍ର ରଣସିଂ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ନାଗରିକ ନାରାୟଣ ପ୍ରଧାନ, ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ର ସାଧାରଣ ସମ୍ପାଦକ ତଥା ମା' ସନ୍ତୋଷୀ ଦେବୀ ଅନୁଷ୍ଠାନର ଉପଦେଷ୍ଟା ସନତ ମିଶ୍ର, ସାମ୍ବାଦିକ ବିବେକାନନ୍ଦ ଜେନା, ଦେବକାନ୍ତ ମହାପାତ୍ର, ମାଧବାନନ୍ଦ ବେହୁରା ଓ ତପନ କୁମାର, ସମାଜିକ କର୍ମୀ ନେହେରୁ ସେନାପତି, ବିଶ୍ୱରଞ୍ଜନ ସାହୁ, ସୁଧାଂଶୁ ଶେଖର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ମା' ସନ୍ତୋଷୀ ଦେବୀଙ୍କ ପୂଜକ ଆଦିତ୍ୟ କୁମାର ସ୍ୱାଇଁଙ୍କ ସମେତ ଅନ୍ୟାନ କାର୍ମକର୍ତ୍ତା ବିଶ୍ୱଶାନ୍ତି ଯଜ୍ଞ ଆୟୋଜନ କରିଥିଲେ।

# କେନ୍ଦ୍ର କୃଷିମନ୍ତ୍ରୀଙ୍କ ଦ୍ୱାରା ସିଫାରେ ବିକଶିତ କୃଷି ସଂକଳ୍ପ ଅଭିଯାନ ଆରମ୍ଭ



ବାଲକାଟୀ,୨୯।୫(ମନୋଜ ମଣ୍ଡଳ)

ଭୁବନେଶ୍ୱର ଉପକଣ୍ଠ କୌଶଲ୍ୟାଗଙ୍ଗସ୍ଥିତ ଆଇସିଏଆର୍-ସିଫାରେ ଗୁରୁବାର କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂ ଚୌହାନ ବିକଶିତ କୃଷି ସଂକଳ୍ପ ଅଭିଯାନର ଶୁଭାରମ୍ଭ କରିଛନ୍ତି। ଭାରତୀୟ କୃଷିକୁ ରୂପାନ୍ତରିତ କରିବା ଉଦ୍ଦେଶ୍ୟରେ ଏହା ଏକ ଐତିହାସିକ ପଦକ୍ଷେପ। ସାରା ଦେଶରେ ଉନ୍ନତ କୃଷି ଓ ପ୍ରଯୁକ୍ତି ବିଦ୍ୟାର ବ୍ୟାପକତାକୁ ପ୍ରୋତ୍ସାହିତ କରିବା ଏହାର ଉଦ୍ଦେଶ୍ୟ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରମନ୍ତ୍ରୀ ଚୌହାନ ଯୋଗଦେଇ କହିଥିଲେ, ପ୍ରଯୁକ୍ତି ବିଦ୍ୟାର ପ୍ରସାର ଓ ଭିତ୍ତିଭୂମି ନିର୍ମାଣ ତୃଣମୂଳସ୍ତରରେ ଜନସାଧାରଣଙ୍କ ସମ୍ପୃକ୍ତି ମାଧ୍ୟମରେ ସାରା ଭାରତରେ ୧.୫ କୋଟିରୁ ଅଧିକ ଚାଷୀଙ୍କ ନିକଟରେ ପହଞ୍ଚିବା ଏହି ଅଭିଯାନର ଲକ୍ଷ୍ୟ। ଏହି ଅବସରରେ ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ କୃଷି ଓ କୃଷକଙ୍କ ନିମନ୍ତେ ଓଡ଼ିଶା ସରକାରଙ୍କ ପ୍ରତିବଦ୍ଧତାକୁ ପରିପ୍ରକାଶ କରିଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଏକାମ୍ର ବିଧାୟକ ବାବୁ ସିଂ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାରତ କୃଷି ଅନୁସନ୍ଧାନ ପରିଷଦ ନୂଆଦିଲ୍ଲୀର ମହାନିର୍ଦ୍ଦେଶକ ଡ. ଏମ୍. ଏଲ୍. ଜାଟ, କୃଷି ସମ୍ପ୍ରସାରଣ ଉପମହାନିର୍ଦ୍ଦେଶକ ଡ. ରାଜବୀର ସିଂ, ଅଟାରୀର ନିର୍ଦ୍ଦେଶକ ଡ. ପ୍ରଦୀପ ଦେ ପ୍ରମୁଖ ଯୋଗଦେଇଥିଲେ। ଆୟୋଜିତ ବୈଜ୍ଞାନିକ ଓ କୃଷକ ଭାବ ବିନିମୟ କାର୍ଯ୍ୟକ୍ରମରେ ୬୦୦ କୃଷକ, ମହିଳା କୃଷକ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଯୋଗଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ଚୌହାନ୍ ସିଫା ଦ୍ୱାରା ଉଦ୍ଭାବିତ ମତ୍ସ୍ୟ ଭାକ୍ସିନ ଲୋକାର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଆଇସିଏଆର୍ ଉପମହାନିର୍ଦ୍ଦେଶକ (ମତ୍ସ୍ୟ ବିଜ୍ଞାନ) ଡ. ଜେ.କେ. ଜେନା ସ୍ୱାଗତ ଭାଷଣ ଦେଇଥିଲେ। ସିଫାର ନିର୍ଦ୍ଦେଶକ ଡ. ପି. କେ. ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଡ. ରାଜବୀର ସିଂ ଧନ୍ୟବାଦ ଦେଇଥିଲେ।

# ଓଡ଼ିଶୀ ଫାଉଣ୍ଡେଶନ ପକ୍ଷରୁ ୧୦ଜଣଙ୍କୁ ଶୌର୍ଯ୍ୟ ସମ୍ମାନ



ଅତିଥିଙ୍କ ଗହଣରେ ଶୌର୍ଯ୍ୟ ସମ୍ମାନପ୍ରାପ୍ତ ବ୍ୟକ୍ତିତ୍ୱମାନେ।

ଭୁବନେଶ୍ୱର,୨୯।୫(ଅନୁରାଧା ମହାରଣା)

ଜନତାମଇଦାନରେ ଚାଲିଥିବା ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଓଡ଼ିଶୀ ଫାଉଣ୍ଡେଶନ ପକ୍ଷରୁ କୁନି ପିଲାଙ୍କ ଦ୍ୱାରା ସାଂସ୍କୃତିକ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ବାବୁ ସିଂ, ସମ୍ମାନିତ ଅତିଥି ଭାବେ ଭାଜପା ନେତା ପ୍ରିୟଦର୍ଶୀ ମିଶ୍ର ଓ ପରିଚୟ ଫାଉଣ୍ଡେଶନର ପ୍ରତିଷ୍ଠାତା ଡ. ରୋଜାଲିନ ମିଶ୍ର ପାଟଶାଣୀ, ଡବ୍ଲୁସିଏସ୍‌ଡବ୍ଲୁ ଅଧ୍ୟକ୍ଷ ନିବେଦିତା ଶତପଥୀ ଯୋଗଦେଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ସୋନାଲିଶା ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଡ. ଦିଲୀପ ଶ୍ରୀଚନ୍ଦନ, ଡ. ନାରାୟଣ ମହାପାତ୍ର, ଶୁଭକାନ୍ତ ସାମଲ, ଡ. ବନୋଜ ରାୟ, କଳିଙ୍ଗ ଯୁବ ସଂସ୍ଥାନ, ପ୍ରଦୀପ୍ତ କୁମାର କର, ମହମ୍ମଦ ଜାହିର, ଜୟକୃଷ୍ଣ ରାଜହଂସ, କୁମୁଲି ହେମଲତା, ବିଚିତ୍ରା ନନ୍ଦ ଖୁଣ୍ଟିଆ ପ୍ରମୁଖ ବ୍ୟକ୍ତିତ୍ୱଙ୍କୁ 'ଓଡ଼ିଶୀ ଶୌର୍ଯ୍ୟ ସମ୍ମାନ-୨୦୨୫' ପ୍ରଦାନ କରାଯାଇଥିଲା। ପିଲାଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ଅତି ଉଚ୍ଚକୋଟୀର ହୋଇଥିଲା। ଓଡ଼ିଶୀ ଫାଉଣ୍ଡେଶନର ବର୍ଷା ଓ ଶୁଭ୍ରଜିତ ମଞ୍ଚ ପରିଚାଳନା କରିଥିଲେ। ସାଇ କ୍ରିଷ୍ଣା ମହାନ୍ତି, ମୌସମୀ ମୋନାଲିସା ରଥ ଭାଗ୍ୟଶ୍ରୀଙ୍କ ତତ୍ତ୍ୱାବଧାନରେ ପାୟଲ ଆଚାର୍ଯ୍ୟ, ନାରାୟଣ ମହାଭୋଇ, ମୋନାଲିସା ବେହେରା, ଓମ୍ ପ୍ରକାଶ ଧଳ, ଶୁଚିସ୍ମିତା ସାହୁ, ଅନୁଶ୍ରୀ ଶୁକ୍ଳା, ସୌମ୍ୟ ଭୂଷଣ ଶତପଥୀ, ଦୀପିକା ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

# ବର୍ଷାଋତୁକାଳୀନ ରୋଗ ନିୟନ୍ତ୍ରଣ ପାଇଁ ସ୍ୱାସ୍ଥ୍ୟ ବିଭାଗର ପ୍ରସ୍ତୁତି

ଭୁବନେଶ୍ୱର, ୨୯।୫ (ବନ୍ଦନା ସେଠୀ)

- **ପର୍ଯ୍ୟାପ୍ତ ଔଷଧ ମହଜୁଦ ରଖିବାକୁ ନିର୍ଦ୍ଦେଶ**
- **ସମ୍ବେଦନଶୀଳ ଜିଲା ବୁଲିବେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟର ବରିଷ୍ଠ ଅଧିକାରୀ**

ଚଳିତ ବର୍ଷ ବର୍ଷାଋତୁକାଳୀନ ରୋଗ ପ୍ରତିରୋଧ ଓ ନିୟନ୍ତ୍ରଣ ନିମନ୍ତେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ପ୍ରାକ-ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ବିଭାଗୀୟ ସମ୍ମିଳନୀ କକ୍ଷଠାରେ କମିଶନର ତଥା ଶାସନ ସଚିବ ଅଶ୍ୱଥୀ ଏସ୍‌ଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଶାସନ ସଚିବ ବିଭାଗ ଅଧୀନ ବିଭିନ୍ନ ନିର୍ଦ୍ଦେଶାଳୟ ଦ୍ୱାରା କରାଯାଇଥିବା ବିଭିନ୍ନ ପ୍ରସ୍ତୁତିର ସମୀକ୍ଷା କରିଥିଲେ। ତୃଣମୂଳସ୍ତରରେ ସଚେତନତା କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ସହ ଆଶାକର୍ମୀ ଓ ଉପକେନ୍ଦ୍ରଠାରୁ ଆରମ୍ଭ କରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଉପଖଣ୍ଡ ତଥା ଜିଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ଅଧିକ ପରିମାଣର ଔଷଧ ମହଜୁଦ ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ତୃଣମୂଳସ୍ତରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଲୋକ ପ୍ରତିନିଧି, ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ ଏବଂ ସ୍ୱେଚ୍ଛାସେବୀଙ୍କୁ ସାମିଲ କରି ଜନସାଧାରଣଙ୍କୁ ପ୍ରତିରୋଧକ ଏବଂ ପ୍ରତିଷେଧକ ବ୍ୟବସ୍ଥା ବିଷୟରେ ଠିକ୍ ସୂଚନା ଦେବାକୁ କହିଥିଲେ। ଦୀର୍ଘସ୍ଥାୟୀ ଔଷଧଯୁକ୍ତ ମଶାରିର ଶତପ୍ରତିଶତ ବଣ୍ଟନ ଏବଂ ବାସ୍ତବ କ୍ଷେତ୍ରରେ ସେଗୁଡ଼ିକର ବ୍ୟବହାର ଉପରେ ବିଶେଷ ଗୁରୁତ୍ୱ ଦେଇ ଏହାକୁ ସୁନିଶ୍ଚିତ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟର ବରିଷ୍ଠ ଅଧିକାରୀମାନେ ସମ୍ବେଦନଶୀଳ ଜିଲାମାନଙ୍କୁ ଗସ୍ତ କରି ସେଠାରେ ଔଷଧଯୁକ୍ତ ମଶାରି ବଣ୍ଟନ, ସଚେତନତା ଅଭିଯାନ, ବିଭିନ୍ନ ସ୍ତରରେ ଆବଶ୍ୟକ ଔଷଧ ମହଜୁଦ, ମ୍ୟାଲେରିଆ, ଡେଙ୍ଗୁ ଆଦି ଜ୍ୱରର ନିରୂପଣ ନିମନ୍ତେ ଟେଷ୍ଟିଂ-କିଟ୍‌ର ଉପଲବ୍ଧି, ସକ୍ରିୟ କ୍ଷେତ୍ର ନିରୀକ୍ଷଣ, ନିୟମିତ ଯାଞ୍ଚ ଓ ନମୁନା ପରୀକ୍ଷଣ ଆଦି ସୁନିଶ୍ଚିତ କରାଇବେ। ବରିଷ୍ଠ ଅଧିକାରୀଙ୍କ ଗସ୍ତ ନିମନ୍ତେ ନିର୍ଦ୍ଦିଷ୍ଟ ସମୟ ନିର୍ଘଣ୍ଟ ଓ କାର୍ଯ୍ୟସୂଚୀ ପ୍ରସ୍ତୁତ କରିବା ପାଇଁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଗତ ବର୍ଷଗୁଡ଼ିକରେ ଅଧିକ ସଂଖ୍ୟକ ମ୍ୟାଲେରିଆ ରୋଗୀ ଚିହ୍ନଟ ହୋଇଥିବା ୭ଟି ଜିଲା ରାୟଗଡ଼ା, କଳାହାଣ୍ଡି, କୋରାପୁଟ, କନ୍ଧମାଳ, ମାଲକାନଗିରି, ଗଜପତି ଓ ବୌଦ୍ଧର ସମ୍ବେଦନଶୀଳ ସାମାଜିକ ବର୍ଗଙ୍କ ମଧ୍ୟରେ ଶତପ୍ରତିଶତ ବଣ୍ଟନ ପାଇଁ ୪୦.୪୯ ଲକ୍ଷରୁ ଉର୍ଦ୍ଧ୍ୱ ଔଷଧଯୁକ୍ତ ମଶାରୀ ଯୋଗାଇଦିଆଯାଇଛି। ଗତ ବର୍ଷ ଡେଙ୍ଗୁ ମାମଲା ଅଧିକ ଥିବା ସୁନ୍ଦରଗଡ଼ ଓ ଖୋର୍ଦ୍ଧା ଜିଲାରେ ବିଶେଷ ଧ୍ୟାନ କେନ୍ଦ୍ରୀଭୂତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା. ବିଜୟ କୁମାର ମହାପାତ୍ର, ସମସ୍ତ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଜାତୀୟ ସ୍ୱାସ୍ଥ୍ୟ ମିଶନ, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୯।୦୫।୨୦୨୫

| ୬,୦୨, ୦୪୭ ଟଙ୍କା | |
|---|---|
| ସୁନା | ୧.୫୦ ଗ୍ରାମ୍ |
| ରୁପା | ୫୫.୭୫୦ ଗ୍ରାମ୍ |

# ବିଭିନ୍ନ ବିଭାଗର କାର୍ଯ୍ୟ ସମୀକ୍ଷାକଲେ ଶିଳ୍ପମନ୍ତ୍ରୀ

## ରଥଯାତ୍ରା ପାଇଁ ସମସ୍ତ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ

ପୁରୀ,୨୯।୫ (ଅଜିତ୍ କୁମାର ମହାନ୍ତି)

ସରକାରଙ୍କ ପ୍ରତିଟି ଯୋଜନା ସାଧାରଣ ଜନତାଙ୍କ ହିତ ପାଇଁ ଉଦ୍ଦିଷ୍ଟ। ଏହାର ସଫଳ ରୂପାୟନ ସହ ପ୍ରକୃତ ହିତାଧିକାରୀଙ୍କ ନିକଟରେ ସମସ୍ତ ଯୋଜନା ଯେପରି ପହଞ୍ଚେ, ସେଥିପାଇଁ ଉତ୍ତରଦାୟୀ ଭାବେ କାର୍ଯ୍ୟ କରିବାକୁ ଅଧିକାରୀମାନଙ୍କୁ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପରାମର୍ଶ ଦେଇଛନ୍ତି। ଗୁରୁବାର ସନ୍ଧ୍ୟାରେ ସ୍ୱତନ୍ତ୍ର ସର୍କିଟ ହାଉସରେ ପୁରୀ ଜିଲାରେ ବିଭିନ୍ନ ବିଭାଗର କାର୍ଯ୍ୟ ଓ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ମନ୍ତ୍ରୀ ସ୍ୱାଇଁ ସମୀକ୍ଷା କରିଥିଲେ। ସାଧାରଣ ଜନତା ଯେପରି ମୌଳିକ ସୁବିଧା ସୁଯୋଗ ଏବଂ ତ୍ୱରିତ ସେବା ପାଇବେ ସେଥିପ୍ରତି ଯତ୍ନବାନ୍ ହେବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ରଥଯାତ୍ରା ଆସୁଥିବାରୁ ରାସ୍ତାଘାଟ ମରାମତି, ପାନୀୟଜଳ, ପରିମଳ, ଆଲୋକ, ଆଇନଶୃଙ୍ଖଳା, ପରିବହନ, ଗମନାଗମନ, ପାର୍କିଂ, ଟ୍ରାଫିକ୍ ବ୍ୟବସ୍ଥା ଇତ୍ୟାଦି କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ବିଭିନ୍ନ ବିଭାଗର ସମୀକ୍ଷା କରାଯାଇଥିଲା।

ବୈଠକରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଯୋଜନା ଓ ପର୍ଯ୍ୟାଲୋଚନା ଯୁଗ୍ମ ନିର୍ଦ୍ଦେଶକ ଶ୍ରୀଧର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଜିଲାର ସ୍ଥିତି ସମ୍ପର୍କରେ ସୂଚନା ଦେଇଥିଲେ। ଜିଲା ଆରକ୍ଷୀ ଅଧୀକ୍ଷକ ବିନୀତ ଅଗ୍ରୱାଲ ଆରକ୍ଷୀ ବିଭାଗର ସ୍ଥିତି ଓ କାର୍ଯ୍ୟକାରିତା, ଆଇନ ଶୃଙ୍ଖଳା ପରିସ୍ଥିତି ଓ ରଥଯାତ୍ରା ପାଇଁ ଗ୍ରହଣ କରାଯାଉଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ବୈଠକ ପରିଚାଳନା କରିଥିଲେ।



ସମୀକ୍ଷା ବୈଠକରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏବଂ ଅନ୍ୟମାନେ।

## ରଥଖଳାରୁ...

# ଶେଷ ପର୍ଯ୍ୟାୟରେ ୨୧ ଅଖ ନିର୍ମାଣ



ପୁରୀ,୨୯।୫ (ଅଜିତ୍ କୁମାର ମହାନ୍ତି)

ରଥ ନିର୍ମାଣର ୨୯ତମ ଦିବସରେ ଗୁରୁବାର ରଥଖଳାରେ ଅଖ ଓ ବିଭିନ୍ନ ଅଂଶର ନିର୍ମାଣ କାର୍ଯ୍ୟ ଜାରି ରହିଛି। ତିନିରଥର ୨୧ ଅଖ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପାଞ୍ଚଦଣ୍ଡା ଚଉପଟ ହୋଇ ଉଭୟ ପଟରେ ମୁହାଁଟି ସଂଯୋଗ ସହ ରଥଫ୍ରେମ୍ ପ୍ରସ୍ତୁତ ହେବ। ଏହି ଫ୍ରେମ୍ ଉଭୟ ପାର୍ଶ୍ୱରେ କୁତୁକା ଦ୍ୱାରା ପାର୍ଶ୍ୱଦଣ୍ଡା ସଂଯୁକ୍ତ ହେବ। ଦଣ୍ଡା ଆଗ ଓ ପଛରେ ଗରଗରା ପଡ଼ି ଚାରିନାହାକା ଉଠିବ। ଚାରିନାହାକା ଚତୁଃପାର୍ଶ୍ୱର ଚଉଦ ନାହାକା ଉଠିବ। ପରେ ତିନିରଥର ଭୂଇଁ ସ୍ଥାପନ ହେବ।

ତିନିରଥର ଦୁଇଟି ଲେଖାଏ ୨୯ ଫୁଟିଆ ଗରଗରାର ଚଉପଟ ଶେଷ ପରେ ଗରଗରା ଉଭୟ ପାର୍ଶ୍ୱରେ ବିନ୍ଧ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୨୦ ଫୁଟିଆ ଚାରିନାହାକାର ଚଉପଟ ସହ ଅଷ୍ଟକୋଣୀ ଅଂଶମରା କାର୍ଯ୍ୟ ଶେଷ ପର୍ଯ୍ୟାୟରେ ଚାଲିଛି। ତିନିରଥର ୧୦ଟି ଲେଖାଏ ୧୪ ନାହାକାର ଚଉପଟ ସହ ଆଠକୋଣୀ ଆଁସ ମରା ସରିଛି। ବାକି ୪ଟି ଲେଖାଏ ୧୪ ନାଗାକାର ଚଉପଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୮ଟି ଲେଖାଏ ନାଟଗୋଡ଼ ଉଭୟ ପାର୍ଶ୍ୱର ମୁଖସାଳ ସରିଛି। ନାଟଗୋଡ଼ରେ ଗନ୍ଧର୍ବ ରୂପ ଖୋଦେଇ ହେବ। ରୂପକାର ସେବକମାନେ ତିନିରଥର ସାଲଗୁଜ ବା କୋଣଗୁଜ ଖୋଦେଇ ରୂପରେ ଅଳଙ୍କାର ପକା କାର୍ଯ୍ୟର ଶେଷସ୍ପର୍ଶ ଦେଉଛନ୍ତି। ଶୁକ୍ରବାରଠାରୁ ରଥ ସିଂହାସନ ଫ୍ରେମ୍‌ର ରୂପ ଖୋଦେଇ ଆରମ୍ଭ ହେବ। ତାଳଧ୍ୱଜ ରଥର ୪୦ ଫୁଟିଆ ପୋଲ ଗୟଳ ଚିରଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶୁକ୍ରବାର ୩ରଥ ପାଞ୍ଚଦଣ୍ଡାର ଅନୁକୂଳ ସହ ଚଉପଟ କାର୍ଯ୍ୟ ଆରମ୍ଭ ହେବ ବୋଲି ମୁଖ୍ୟ ମହାରଣାମାନେ ସୂଚନା ଦେଇଛନ୍ତି। ଦୋଳବେଦି ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ଗଣ୍ଡାକଣ୍ଟା, ଗୟଳ କଣ୍ଟା ଓ ଗରଗରା କଣ୍ଟା ତିଆରିରେ ବ୍ୟସ୍ତ ରହିଛନ୍ତି। ଦୋଳବେଦିଠାରେ ପାହି ମହାରଣାମାନେ ଅଣସର ତଥା ରଥଯାତ୍ରାରେ ସେବା ନୀତି ପାଇଁ କାଠ ନିର୍ମିତ ସରଞ୍ଜାମ ନିର୍ମାଣରେ ଲାଗିଛନ୍ତି।

## ଆତଙ୍କ ସୃଷ୍ଟି ସହ ବଟି ଆଦାୟକରି ଯୁବକ ଗିରଫ

କୋଣାର୍କ,୨୯।୫(ଜ୍ୟୋତିରାଜ ମହାନ୍ତି)

ଆତଙ୍କ ସୃଷ୍ଟି ସହ ବଟି ଆଦାୟ ଅଭିଯୋଗରେ ରାମଚଣ୍ଡୀ ଥାନା ଅଧୀନ କବିରାଜପୁର ଗ୍ରାମର ପବିତ୍ର ପୃଷ୍ଟି ଓରଫ ପବି (୩୭)ଙ୍କୁ ପୋଲିସ ଗିରଫ କରିଛି। ଗୁରୁବାର ପୂର୍ବାହ୍ନରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

ସୂଚନା ଅନୁଯାୟୀ, ବୁଧବାର ରାତିରେ ରାମଚଣ୍ଡୀ ଥାନା ପୋଲିସ ପକ୍ଷରୁ ପାଟ୍ରୋଲିଂ କରାଯାଉଥିଲା। ରାତି ପ୍ରାୟ ୧୦ଟାରେ ଛଇତନା ଛକ ମୁଖ୍ୟରାସ୍ତାରେ ପବିତ୍ର ଭୁଜାଲି ଦେଖାଇ ଗୋପ ଓ ପୁରୀ ଅଭିମୁଖେ ବାଇକ୍ ଯୋଗେ ଯାତାୟାତ କରୁଥିବା ଯାତ୍ରୀଙ୍କୁ ଧମକାଇ ବଟି ଆଦାୟ କରୁଥିଲେ। ଖବର ପାଇ ରାମଚଣ୍ଡୀ ଥାନା ଅଧିକାରୀ ବସନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଛଇତନା ବଜାରରେ ପହଞ୍ଚି ପବିତ୍ରଙ୍କୁ ଗିରଫ କରିଥିଲା। ତାଙ୍କଠାରୁ ଏକ ଭୁଜାଲି ଓ ୨୩୦ ଟଙ୍କା ଜବତ ହୋଇଛି। ଏ ନେଇ ଥାନାରେ ଏକ ମାମଲା (୭୨/୨୫) ରୁଜୁକରାଯାଇଛି।

## ରଣ ସବ୍‌ସିଡି ନ ପାଇବାରୁ ପ୍ରଧାନମନ୍ତ୍ରୀଙ୍କୁ ଅଭିଯୋଗ

ଯୋଗେଶ୍ୱରପୁର,୨୯।୫(ରଶ୍ମିରଞ୍ଜନ ସାହୁ)

ବେକାର ଯୁବତୀ ଯୁବକଙ୍କୁ ରୋଜଗାରକ୍ଷମ କରିବାକୁ କେନ୍ଦ୍ର ସରକାର ପିଏମ୍‌ଇଜିପି ମାଧ୍ୟମରେ ରଣ ପ୍ରଦାନ କରୁଛନ୍ତି। ପୁରୀ ଡିଆଇସିଙ୍କ ଦ୍ୱାରା ଜଣେ ଯୁବକଙ୍କୁ ଏହି ଯୋଜନାରେ ୫ ଲକ୍ଷ ଟଙ୍କା ରଣ ଦିଆଯାଇଥିଲା। ତେବେ ତାଙ୍କୁ ସବ୍‌ସିଡି ଦିଆ ନ ଯିବା ଓ ହଇରାଣ କରାଯାଉଥିବା ନେଇ ସମ୍ପୃକ୍ତ ଯୁବକ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ରେଜିଷ୍ଟ୍ରି ଡାକ ଯୋଗେ ଅଭିଯୋଗପତ୍ର ପଠାଇଛନ୍ତି।

ପ୍ରକାଶ ଯେ, ପୁରୀ ଜିଲା ନୟାହାଟ ଫାଣ୍ଡି ଅଧୀନ ଜଙ୍ଗଲବୋରି ପଞ୍ଚାୟତର ବିସୁଲିପଡ଼ା ସାମିଲି ଚଢ଼େଇଖିଆ ଗ୍ରାମର ଅବ୍ଦୁଲ ରେହେମାନ ପିଏମ୍‌ଇଜିପି ମାଧ୍ୟମରେ ପୁରୀ ଡିଆଇସିରୁ ବ୍ୟାଙ୍କ ଜରିଆରେ ଗତ ଅଗଷ୍ଟ ୨୦ରେ ୫ ଲକ୍ଷ ଟଙ୍କା ରଣ କରିଥିଲେ। ଏଥିରେ ତାଙ୍କୁ ୧ ଲକ୍ଷ ୭୫ ହଜାରେ ଟଙ୍କା ସବ୍‌ସିଡି ମିଳିବା କଥା। କିନ୍ତୁ ଅବଦୁଲଙ୍କୁ ଅଦ୍ୟାବଧି ଉକ୍ତ ସବ୍‌ସିଡି ଟଙ୍କା ନ ମିଳିବା ଓ ବାରମ୍ବାର ପୁରୀ ଦୌଡ଼ିନିରାଶ ହେବା ପରେ ସେ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ମେ ୨୬ରେ ସେ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ଅଭିଯୋଗପତ୍ର ପଠାଇଥିବା ଅବଦୁଲ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଏ ନେଇ ପୁରୀ ଡିଆଇସିଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ତ୍ରିଦିବସୀୟ ବିଶ୍ୱ କଲ୍ୟାଣ ମହାଯଜ୍ଞ

କୋଣାର୍କ,୨୯।୫(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ନିକଟସ୍ଥ ସୋରଭା ଗ୍ରାମପଞ୍ଚାୟତର ଓଟାଙ୍ଗ ଗ୍ରାମସ୍ଥିତ ଐତିହାସିକ କଳାବୁଦା ଗାଦି ପୀଠଠାରେ ସ୍ୱର୍ଗତ ବାବା ଜଗନ୍ନାଥ ଦାସଙ୍କ ୨୮ତମ ବାର୍ଷିକ ମହୋତ୍ସବ ପାଳନ ଅବସରରେ ତ୍ରିଦିବସୀୟ ବିଶ୍ୱ କଲ୍ୟାଣ ମହାଯଜ୍ଞ ବୁଧବାରଠାରୁ ଆରମ୍ଭ ହୋଇଛି। ଓଟାଙ୍ଗସ୍ଥିତ ସିଦ୍ଧ ମହାପୁରୁଷଙ୍କ ପୀଠ କଳାବୁଦା ଗାଦିଙ୍କ ମାହାତ୍ମ୍ୟ ଓ ମହିମା ଅପାର। ଛୋଟ ଛୋଟ ଶିଶୁ ଓ ଗାଈଗୋରୁଙ୍କ ବିଭିନ୍ନ ପ୍ରକାର ସମାସ୍ୟାର ସମାଧାନ ବାବାଙ୍କ ବିଭୂତି, ମନ୍ତ୍ରିତ ପଇତା ଓ ପଘା ଦ୍ୱାରା ଉପଶମ ପ୍ରାପ୍ତି ହୋଇଥାଏ ବୋଲି ରାଜ୍ୟରେ ପ୍ରସିଦ୍ଧ ଲାଭ କରିଛି। ବିଶ୍ୱ କଲ୍ୟାଣ ସୌର ମହାଯଜ୍ଞର ପ୍ରଥମ ଦିନରେ ଅଧିବାସ, ଅଙ୍କୁରାରୋପଣ କାର୍ଯ୍ୟ ସମ୍ପାଦନ କରାଯାଇଥିଲା। ଦ୍ୱିତୀୟା ଦିନରେ ସୂର୍ଯ୍ୟ ପୂଜା, ଗୀତା ପଠନ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ମହାଯଜ୍ଞର ପୂର୍ଣ୍ଣାହୁତି, ଅଷ୍ଟମପ୍ରହର ନାମଯଜ୍ଞ କାର୍ଯ୍ୟକ୍ରମ, ସାଧୁସନ୍ଥ ସମ୍ମିଳନୀ ଆୟୋଜିତ ହେବ। ଅନ୍ତିମ ଦିବସରେ ସ୍ୱର୍ଗତ ଗୁରୁ ବାବା ଜଗନ୍ନାଥ ଦାସଙ୍କ ବାର୍ଷିକ ମହୋତ୍ସବ ହେବ ବୋଲି ମଠାଧୀଶ ବାବାଜୀ ସୀତାରାମ ଦାସ ପ୍ରକାଶ କରିଛନ୍ତି। ଓଟାଙ୍ଗ ଗ୍ରାମର ଗ୍ରାମବାସୀ, ମଠର କର୍ମକର୍ତ୍ତା ଓ ଶ୍ରଦ୍ଧାଳୁ ଭକ୍ତ ପରିଚାଳନା କରିଥିଲେ।

# ମହାପ୍ରଭୁଙ୍କୁ ଦର୍ଶନକଲେ ଭକ୍ତ, ଲଲ୍ଲୁ, ଦୀପେନ୍ଦ୍ର


ପିସିସି ସଭାପତି ଭକ୍ତଚରଣ ଦାସ, ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଏବଂ ରୋହତକ ଏମ୍‌ପି ଦୀପେନ୍ଦ୍ର ସିଂ ହୁଡା ମହାପ୍ରଭୁଙ୍କୁ ଦର୍ଶନ କରି ଫେରୁଛନ୍ତି।

ପୁରୀ,୨୯।୫ (ଅଜିତ୍ କୁମାର ମହାନ୍ତି)

ଭୁବନେଶ୍ୱରସ୍ଥିତ କଂଗ୍ରେସ ଭବନରେ ଗୁରୁବାର ଆୟୋଜିତ 'ଜୟହିନ୍ଦ୍ କାର୍ଯ୍ୟକ୍ରମ'ରେ ଯୋଗଦେବା ପରେ ସନ୍ଧ୍ୟାରେ ପିସିସି ସଭାପତି ଭକ୍ତଚରଣ ଦାସ, ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଏବଂ ହରିୟାଣାର ରୋହତକ ଏମ୍‌ପି ଦୀପେନ୍ଦ୍ର ସିଂ ହୁଡା ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ଏହି ଅବସରରେ ସଭାପତି ଦାସ କହିଛନ୍ତି, 'ମହାପ୍ରଭୁଙ୍କ ଦର୍ଶନକରି ଆମେ ସମସ୍ତେ ଖୁସି। ମହାପ୍ରଭୁଙ୍କ ଆଶୀର୍ବାଦ ଦେଶ ପ୍ରତି ରହୁ। ଭାରତର ଗୌରବମୟ ଗାଥା ସାରା ବିଶ୍ୱରେ ପ୍ରଚାର ହେଉ। ସୈନ୍ୟବାହିନୀକୁ ସର୍ବଦା ବଳ ମିଳୁ।' ଏ ନେଇ ଆମେ ପ୍ରାର୍ଥନା କରିଛୁ। ସେହିପରି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ଖାର୍ଗେଙ୍କ ପାଇଁ ପ୍ରାର୍ଥନା କରିଛୁ ବୋଲି ଦାସ କହିଛନ୍ତି। ସେହିପରି ହୁଡା କହିଛନ୍ତି, ସାରା ବିଶ୍ୱରେ ମହାପ୍ରଭୁଙ୍କ କୃପା ରହୁ, ସୁଖ, ଶାନ୍ତି ଓ ସମୃଦ୍ଧି ହେଉ। ଭାରତର ଜାତୀୟ ପତାକା ଉଞ୍ଚା ରହୁ। ଜୟହିନ୍ଦ୍ କାର୍ଯ୍ୟକ୍ରମ ମାଧ୍ୟମରେ ବିଶ୍ୱକୁ ସନ୍ଦେଶ ଦିଆଯାଇଛି ଯେ, ସେନା ସହ ଭାରତବାସୀ ଠିଆ ହୋଇଛନ୍ତି। ସେନାକୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ମିଳୁ ବୋଲି ପ୍ରାର୍ଥନା କରିଥିବା ହୁଡା କହିଛନ୍ତି।

## ୪ କଂଗ୍ରେସ କର୍ମୀଙ୍କୁ ଉଠାଇନେଲା ପୋଲିସ

### ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଭଣ୍ଡୁରକରିବା ଆଶଙ୍କା

ଡେଲାଙ୍ଗ/ ସାକ୍ଷୀଗୋପାଳ,୨୯।୫ (ରଶ୍ମିରଞ୍ଜନ ପ୍ରଧାନ/ ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଭଣ୍ଡୁର କରିବା ଆଶଙ୍କା କରି ଡେଲାଙ୍ଗ ପୋଲିସ ଜଣେ କଂଗ୍ରେସ ନେତ୍ରୀଙ୍କୁ ଘରୁ ଉଠାଇନେଇଥିଲା। ତାଙ୍କୁ ଡେଲାଙ୍ଗ ଥାନାରେ ଦୀର୍ଘ ସମୟ ଧରି ଅଟକ ରଖାଯାଇଥିଲା। ସୂଚନା ଅନୁଯାୟୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ସତ୍ୟବାଦୀ ବ୍ଲକ୍‌ର ଏକ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେବାକୁ ଥିବାବେଳେ ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ଏହି ଗସ୍ତକୁ ଭଣ୍ଡୁର କରିବା ଆଶଙ୍କା ନେଇ ଡେଲାଙ୍ଗ ବ୍ଲକ୍ ହରିରାଜପୁର ଗ୍ରାମର କଂଗ୍ରେସ ନେତ୍ରୀ ନିରୁପମା ପାତ୍ରଙ୍କୁ ଥାନା ଆଇଆଇସି ଶ୍ୟାମଘନ ବାରିକ୍ ସଦଳବଳ ଭୋର ୪ଟାରେ ଘରୁ ଉଠାଇ ଆଣି ଥାନାରେ ଅଟକ ରଖିଥିଲେ। ପରେ ଅପରାହ୍ନ ୨ଟାରେ ତାଙ୍କୁ ଛାଡ଼ି ଦେଇଥିଲେ। ଏନେଇ ପାତ୍ର କହିଛନ୍ତି, ପିପିଲି ଅଞ୍ଚଳରେ ବଳାତ୍କାର ଓ ଅସଦାଚରଣ ନେଇ ୧୧ଟିରୁ ଉର୍ଦ୍ଧ୍ୱ ଘଟଣା ଘଟିବା, ଡେଲାଙ୍ଗ ଅଞ୍ଚଳରୁ ଜଣେ ନାବାଳକଙ୍କ ଗଳିତ ମୃତଦେହ ମିଳିବା ପରେ ପିପିଲି ନିର୍ବାଚନମଣ୍ଡଳୀରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି। ଅନ୍ୟପଟେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଭଣ୍ଡୁର କରିବା ଆଶଙ୍କା ନେଇ ତାଙ୍କୁ ଘରୁ ପୋଲିସ ଉଠାଇନେବା କେତେଦୂର ଠିକ୍ ତାହା ଜନସାଧାରଣ ବିଚାର କରିବେ। ସେ ସର୍ବଦା ଲୋକଙ୍କ ହକ୍ ପାଇଁ ଲଢ଼େଇ କରୁଛନ୍ତି ଓ କରିବେ ବୋଲି ପାତ୍ର କହିଥିଲେ।

ସେହିପରି ସତ୍ୟବାଦୀ ପୋଲିସ ସତ୍ୟବାଦୀ ଯୁବ କଂଗ୍ରେସ ସଭାପତି ଲିପ୍ତି ରଞ୍ଜନ ପ୍ରଧାନ, ଯୁବ କଂଗ୍ରେସ ନେତା ପ୍ରସାଦ ନାୟକ ଓ ଛାତ୍ର କଂଗ୍ରେସ ସଭାପତି ଆଦର୍ଶ ମିଶ୍ରଙ୍କୁ ଘରୁ ଉଠାଇ ବଳଙ୍ଗା ଥାନାରେ ଅଟକ ରଖିଥିଲା। ପରେ ସେମାନଙ୍କୁ ଛାଡ଼ିଦେଇଥିବା ଜଣାପଡ଼ିଛି।

# ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ପାଇଁ ୮ ଖେଳାଳି ମନୋନୀତ



ମଥୁରା ଯାତ୍ରା କରୁଥିବା ନିମାପଡ଼ାର ଟାଏକୋଣ୍ଡୋ ଖେଳାଳି।

ନିମାପଡ଼ା,୨୯।୫ (ବିଚିତ୍ରାନନ୍ଦ)

ଉତ୍ତର ପ୍ରଦେଶର ମଥୁରାଠାରେ ଆସନ୍ତା ଜୁନ୍ ୧ରୁ ୩ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ସ୍ୱାମୀ ବିବେକାନନ୍ଦ ଓପନ ଜାତୀୟ ଟାଏକୋଣ୍ଡୋ ଚାମ୍ପିୟନଶିପ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଭାଗନେବାକୁ ନିମାପଡ଼ା ଅମିତ ଟାଏକୋଣ୍ଡୋ ଆସୋସିଏଶନର ୮ ଜଣ କୃତୀ ଖେଳାଳି ମନୋନୀତ ହୋଇଛନ୍ତି। ସେମାନେ ହେଲେ ତନିଷ୍କା ଦାଶ, ପ୍ରିୟଙ୍କା ପ୍ରିୟଦର୍ଶନୀ ବେହେରା, ସାଇସ୍ମୃତି ପରିଡ଼ା, ଜ୍ୟୋତ୍ସ୍ନାଜସ୍ମିତା ସାହୁ, ସୋନାଲି ନାୟକ, ଅନୁଷ୍କା ଅଭିମୁକ୍ତା, ସୌମ୍ୟରଞ୍ଜନ ପଳତା, ବୈଶାଖୀ ପୋଲାଇ। ନିମାପଡ଼ାର ଏହି ମନୋନୀତ କୃତୀ ଟାଏକୋଣ୍ଡୋ ଖେଳାଳିମାନେ ଶୁକ୍ରବାର ଉତ୍ତରପ୍ରଦେଶର ମଥୁରା ଅଭିମୁଖେ ଯାତ୍ରା କରିବେ। ଖେଳାଳିଙ୍କ ସହ ତାଙ୍କ କୋଚ୍ ତଥା ମୁଖ୍ୟ ପ୍ରଶିକ୍ଷକ ଅମିତ କୁମାର ରାଉତ ମଧ୍ୟ ଯାତ୍ରା କରିବେ। ଅମିତ ଟାଏକୋଣ୍ଡୋ ଆସୋସିଏଶନ ସମ୍ପାଦକ ପାର୍ଥ ସାରଥି ରାଉତ, କୃଷ୍ଣଚନ୍ଦ୍ର ଦାଶ, ନିର୍ମଳ ମିଶ୍ର, ମୃତ୍ୟୁଞ୍ଜୟ ଦାଶ, ପ୍ରଶାନ୍ତ ସାହୁ, ସୁମନ୍ତ ପରିଡ଼ା, ରୟାଲ ଟାଏକୋଣ୍ଡୋ ସଂଘ ସଭାପତି ହିମାଂଶୁ ଶେଖର ପ୍ରଧାନ ପ୍ରମୁଖ ଏହି ମଥୁରା ଯାତ୍ରା ପାଇଁ ଖେଳାଳି ଓ କୋଚ୍‌ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଶୀତଳଷଷ୍ଠୀ ପାଇଁ ସଜେଇ ହେଉଛି ଈଶ୍ୱରନାଥ ପୀଠ

## ୩୧ରେ ବିବାହ, ୧ରେ ଶୀତଳଷଷ୍ଠୀ ଓ ନଗର ପରିକ୍ରମା

କାକଟପୁର/ଅସ୍ତରଙ୍ଗ,୨୯।୫ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ଉପକଣ୍ଠ ଜିଉନ୍ତି ଗ୍ରାମର ବହୁ ପୁରାତନ ପ୍ରସିଦ୍ଧ ଶୈବପୀଠ ଶ୍ରୀଶ୍ରୀ ଈଶ୍ୱରନାଥ ପୀଠରେ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଶୀତଳଷଷ୍ଠୀ ପାଇଁ ପାରମ୍ପରିକ ପ୍ରଥାରେ ମହାଦେବ ଈଶ୍ୱରନାଥ-ପାର୍ବତୀଙ୍କ ବିବାହ ଉତ୍ସବ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି।

ଶୀତଳ ଷଷ୍ଠୀ ଯାତ୍ରାର ସ୍ୱତନ୍ତ୍ର ଦିବସରେ ବାବା ଈଶ୍ୱରନାଥଙ୍କ ପକ୍ଷରୁ ଶ୍ରୀଶ୍ରୀ ହରପାର୍ବତୀ ଓ ଶିବଙ୍କ ସ୍ନାନ ପରେ ଶତ ଆରତି ଅର୍ପଣ, ପ୍ରାର୍ଥନା, ଭୋଗଲାଗି କରାଯାଇଥିଲା। ମଧ୍ୟାହ୍ନରେ ଅମୃତ ମଣୋହି ଭୋଗ ଏବଂ ସନ୍ଧ୍ୟା ସମୟରେ ଆରତି ପ୍ରାର୍ଥନା ପରେ ଶ୍ରୀଶ୍ରୀ ଈଶ୍ୱରନାଥ ପକ୍ଷରୁ କନ୍ୟା ମନୋନୟନ (ପତରପେଣ୍ଡି) କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ବିବାହଯୋଗ୍ୟ ପୁଅ ପାଇଁ ବରପକ୍ଷରୁ କନ୍ୟା ପକ୍ଷଙ୍କ ନିକଟକୁ ଆସିଥିଲେ। ପ୍ରଥମେ ମହାଦେବଙ୍କ ବିଷୟରେ ବରପକ୍ଷ ପଣ୍ଡିତ ଅମୂଲ୍ୟ କୁମାର ମିଶ୍ର ଶ୍ଳୋକ ମାଧ୍ୟମରେ ବର୍ଣ୍ଣନା କରିଥିଲେ। କନ୍ୟା ପକ୍ଷରୁ ପଣ୍ଡିତ ଘନଶ୍ୟାମ କର ମାତା ପାର୍ବତୀଙ୍କ ଗୁଣଗାନ ବର୍ଣ୍ଣନା କରି ଜଣେ ଶ୍ମଶାନଚାରୀଙ୍କୁ ତାଙ୍କ କନ୍ୟାଙ୍କୁ ବିବାହ ଦେବେ ନାହିଁ ବୋଲି କହିଥିଲେ। ଏଥିରେ ପଣ୍ଡିତ ଅମୂଲ୍ୟ ଶିବଙ୍କୁ ସତ୍ୟ-ଶିବ-ସୁନ୍ଦର ଏବଂ ସ୍ୱୟଂ ସୃଷ୍ଟିକର୍ତ୍ତା ବୋଲି କହିଥିଲେ। ଏଥିସହ ମାତା ପାର୍ବତୀଙ୍କ ଗର୍ଭରୁ କାର୍ତ୍ତିକ ଜନ୍ମ ନେବା ପରେ ତାରକାସୁରର ଅତ୍ୟାଚାରରୁ ପୃଥିବୀ ପୃଷ୍ଠକୁ ରକ୍ଷା କରିହେବ। ମାତା ପାର୍ବତୀଙ୍କୁ ବାବା ଈଶ୍ୱରନାଥଙ୍କୁ ବିବାହ କରିବାକୁ ଅନୁରୋଧ କରିଥିଲେ। ବୁଝାମଣା ହେବା ସହ ବିବାହ ସ୍ଥିର ହୋଇଥିଲା। ମମତା ପଣ୍ଡା ଓ ଶରତ ଚନ୍ଦ୍ର ପଣ୍ଡା କନ୍ୟା କର୍ତ୍ତା, ମଞ୍ଜୁଲତା ମିଶ୍ର ଓ ଅକ୍ଷୟ କୁମାର ଦାଶ ବର କର୍ତ୍ତା ରୂପେ ଦାୟିତ୍ୱ ତୁଲାଇବେ। ସମ୍ପୂର୍ଣ୍ଣ ଓଡ଼ିଆ ପରମ୍ପରା ତଥା ବୈଦିକ ରୀତିନୀତିରେ ବିବାହ ସମ୍ପନ୍ନ ହେବ।

# ଦକ୍ଷତା ବୃଦ୍ଧି ତାଲିମ ଶିବିର ଉଦ୍‌ଘାଟିତ

ନିମାପଡ଼ା,୨୯।୫(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ବିଭାଗ ପକ୍ଷରୁ ଅଙ୍ଗନୱାଡି କର୍ମୀଙ୍କ ୩ ଦିନିଆ ଦକ୍ଷତା ବୃଦ୍ଧି ଶୀର୍ଷକ ତାଲିମ ଶିବିର ପଞ୍ଚାୟତ ସମିତି ସଭାକକ୍ଷରେ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଅତିଥି ଭାବେ ଅତିରିକ୍ତ ବିଡିଓ ପ୍ରିୟଦର୍ଶିନୀ ବରାଳ, ଏନ୍ଏସିର ଏମ୍‌ପିଙ୍କ ପ୍ରତିନିଧି ମୀନଲତା ମହାନ୍ତି, ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ମାଧବୀ ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଜନ୍ମରୁ ୩ ବର୍ଷର ଶିଶୁଙ୍କ ଯତ୍ନ, ଲାଳନପାଳନ, ସାମଗ୍ରିକ ବିକାଶ, ପୋଷଣ, ସ୍ୱାସ୍ଥ୍ୟ ସୁରକ୍ଷା ସମ୍ପର୍କରେ ଶିବିରରେ ଅଙ୍ଗନୱାଡି କର୍ମୀଙ୍କୁ ତାଲିମ ଦିଆଯାଇଥିଲା। ଶିଶୁଙ୍କ ସାମୂହିକ ବିକାଶ ଦିଗରେ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ସିଡିପିଓ ମହାପାତ୍ର କହିଛନ୍ତି। ମହିଳା ଓ ଶିଶୁ ବିକାଶ ବିଭାଗର ସୁପରଭାଇଜର ନମିତା ନନ୍ଦ, ସୁଶ୍ରୀ ଗୀତା ଗୌତମ, ସ୍ୱର୍ଣ୍ଣଲତା ଦେଇ, ମୀନାକ୍ଷୀ ମଲ୍ଲିକ, ବନଲତା ନନ୍ଦ, ସିତାଂଶୁବାଳା ମହାନ୍ତି ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ଉଦ୍‌ଘାଟନୀ ଦିବସରେ ୧୨୭ ଜଣ ଅଙ୍ଗନୱାଡି କର୍ମୀ ତାଲିମ ଗ୍ରହଣ କରିଥିଲେ। ୩ ଦିନ ବ୍ୟାପୀ ଏହି ଶିବିରରେ ମୋଟ ୨୭୧ ଜଣ ଅଙ୍ଗନୱାଡି କର୍ମୀଙ୍କୁ ତାଲିମ ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି।


ଦକ୍ଷତା ବୃଦ୍ଧି ତାଲିମ ଶିବିରରେ ମଞ୍ଚାସୀନ ଅତିଥିମାନେ।

# ଜବରଦଖଲରେ ନୟନଯୋରି, ନିଷ୍କାସନ ହୋଇପାରୁନି ବର୍ଷାଜଳ

## ଯାତାୟାତରେ ସମସ୍ୟା

ଗୋପ,୨୯।୫ (ଭାରତୀ ଭୂଷଣ ଉପାଧ୍ୟାୟ)

ଲଘୁଚାପଜନିତ ବର୍ଷା ଯୋଗୁ ନିମାପଡ଼ା-କୋଣାର୍କ ରାସ୍ତାର ଗୋପ ବଜାରରେ ବର୍ଷାଜଳ ଜମି ରହିଛି। ଏହି ରାସ୍ତାରେ ଥିବା ନୟନଯୋରିକୁ କେତେଜଣ ବ୍ୟକ୍ତି ଜବରଦଖଲ କରିବା ଫଳରେ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି।

ପ୍ରକାଶ ଯେ, କିଛିବର୍ଷ ଧରି ଗୋପ ବଜାର ସମେତ ନିମାପଡ଼ା-କୋଣାର୍କ ରାସ୍ତାରେ ନୟନଯୋରି ଜବରଦଖଲରେ ରହିଛି। ମାତ୍ର ଜବରଦଖଲ ହଟିବାକୁ ବାରମ୍ବାର ଦାବି ହେଉଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏହି ରାସ୍ତାରେ ଦୈନିକ ଦେଶ ବିଦେଶ, ରାଜ୍ୟ ଓ ରାଜ୍ୟ ବାହାରର ଶହଶହ ପର୍ଯ୍ୟଟକ କୋଣାର୍କ, ପୁରୀ ବୁଲି ଯାଉଥିବାବେଳେ ଟ୍ରାଫିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପରିକି ଦୈନିକ ପୁରୀ, କୋଣାର୍କ ବୁଲିବାକୁ ଯାଉଥିବା ଭିଆଇପିମାନେ ମଧ୍ୟ ଏହି ସମସ୍ୟାର ସମ୍ମୁଖୀନ ହେଉଥିବା ଭଳି ଅଭିଯୋଗ ହେବା ପରେ ଗୋପ ତହସିଲ କାର୍ଯ୍ୟାଳୟ ପକ୍ଷରୁ ମାପଚୁପ ଆରମ୍ଭ ହୋଇଛି। କିନ୍ତୁ ସରକାରଙ୍କ ନିର୍ଦ୍ଦେଶରେ ମାପଚୁପ କରୁଥିବା ଅଧିକାରୀ ପକ୍ଷପାତିତା କରୁଥିବା ଭଳି ଅଭିଯୋଗ ମଧ୍ୟ ହୋଇଛି। ଗୋପ-ଚାରିଛକ, ଗୋପ-ବାଲିଘାଇ ସହିତ ଗୋପ-କୋଣାର୍କ ରାସ୍ତାର ୨ ପାର୍ଶ୍ୱରେ ବ୍ୟକ୍ତିଗତ କୋଠା ସହିତ ଦୋକାନ ବଜାର କରୁଥିବା ବ୍ୟବସାୟୀ ଜବରଦସ୍ତ ଭାବେ ନୟନଯୋରିକୁ ଜବରଦଖଲ କରି ରଖିଛନ୍ତି। ଖୁବ୍‌ଶୀଘ୍ର ଏହି ନୟନଯୋରି ଜବରଦଖଲ ହଟିବ ବୋଲି ତହସିଲଦାର ଅନିଲ କୁମାର ମହାନ୍ତି ସୂଚନା ଦେଇଛନ୍ତି। ହେଲେ ମାପଚୁପ ଅଧିକାରୀଙ୍କ ପକ୍ଷପାତିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନୟନଯୋରି ଜବରଦଖଲ ଯୋଗୁ ବର୍ଷାଜଳ ନିଷ୍କାସନ ନ ହୋଇ ପାରିବାରୁ ଏପରି ଅବସ୍ଥା ସୃଷ୍ଟି ହେଉଥିବା ଜଣାପଡ଼ିଛି। ଏପରି ଅଭିଯୋଗକୁ ନେଇ ଗୋପ ତହସିଲଦାର ମହାନ୍ତିଙ୍କୁ ପଚାରିବାରେ, ମାପଚୁପ ଉପରେ ଗୁରୁତ୍ୱ ଦିଆଯିବା ସହ ନିର୍ଦ୍ଦେଶ ଆସିଲେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହେବ ବୋଲି କହିଛନ୍ତି।



ରାସ୍ତାରେ ବର୍ଷା ଜଳ ଜମି ରହିଛି।

# ୩୦ବର୍ଷରୁ ଉର୍ଦ୍ଧ୍ୱ ଲୋକଙ୍କ ହେବ ମଧୁମେହ, ରକ୍ତଚାପ ପରୀକ୍ଷା

କଟକ,୨୯।୫(କାର୍ତ୍ତିକ ସାହୁ)



ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ ସମନ୍ୱୟ କମିଟି ବୈଠକରେ ଉପସ୍ଥିତ ଅଧିକାରୀମାନେ ଆଲୋଚନା କରୁଛନ୍ତି।

**ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ ସମନ୍ୱୟ କମିଟି ବୈଠକ**

- ଘରକୁ ଘର ବୁଲି ସଚେତନ କରାଇବେ ସ୍ୱଚ୍ଛସାଥୀ
- ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ହେବନାହିଁ ଡେଙ୍ଗୁ, ମ୍ୟାଲେରିଆ ପରୀକ୍ଷା
- ସ୍ୱାସ୍ଥ୍ୟକେନ୍ଦ୍ର ମହଜୁଦ ରହିବ ପର୍ଯ୍ୟାପ୍ତ ଔଷଧ

କଟକ ମହାନଗର ନିଗମ (ସିଏମ୍‌ସି) ଅଞ୍ଚଳରେ ସ୍ୱାସ୍ଥ୍ୟସେବା ନିମନ୍ତେ ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ ସମନ୍ୱୟ କମିଟି ବୈଠକ ଚୌଧୁରୀବଜାରସ୍ଥିତ ବିଜୁ ଭବନ ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସିଏମ୍‌ସି ମେୟର ସୁବାସ ଚନ୍ଦ୍ର ସିଂହଙ୍କ ଅଧ୍ୟକ୍ଷତାରେ କଟକ ସହରରେ ବିଭିନ୍ନ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ନେଇ ସିଏମ୍‌ସି ପକ୍ଷରୁ ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଜରିଆରେ ନିଆଯାଉଥିବା ପଦକ୍ଷେପଗୁଡ଼ିକ ସମ୍ବନ୍ଧରେ ବିସ୍ତୃତ ଆଲୋଚନା ହୋଇଛି। ସହରରେ ମ୍ୟାଲେରିଆ, ଡେଙ୍ଗୁ, ଝାଡ଼ାବାନ୍ତି ଆଦି ରୋଗ ନିୟନ୍ତ୍ରଣ କରାଯିବା ନେଇ ସମନ୍ୱୟ ରଖି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ରୋଗଗୁଡ଼ିକ ପ୍ରତି ଜନସଚେତନତା ସୃଷ୍ଟି ଓ ସତର୍କତା ଅବଲମ୍ବନ ନିମନ୍ତେ ସହାୟତା କେନ୍ଦ୍ର ଖୋଲାଯିବା, ଜନଗହଳିପୂର୍ଣ୍ଣ ତଥା ସହରର ମୁଖ୍ୟ ସ୍ଥାନରେ ପୋଷ୍ଟର, ବ୍ୟାନର ଲଗାଇବା ଏବଂ ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର ପ୍ରସାର କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ଉପରୋକ୍ତ ସମସ୍ତ ରୋଗର ଲକ୍ଷଣ ଓ ପ୍ରତିକାର ନିମନ୍ତେ ସମସ୍ତ ୱାର୍ଡରେ ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡି, ସ୍ୱଚ୍ଛସାଥୀମାନେ ଲିଫଲେଟ ସହ ଘରକୁ ଘର ବୁଲି ସାଧାରଣ ଲୋକଙ୍କୁ ସଚେତନ କରାଇବେ। ବିଦ୍ୟାଳୟଗୁଡ଼ିକରେ ମଧ୍ୟ ଏ ସମ୍ବନ୍ଧୀୟ ସଚେତନତା କରାଯିବା ନେଇ ନିଷ୍ପତ୍ତି ହୋଇ ନଗର ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ବିଭିନ୍ନ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଦାୟିତ୍ୱରେ ଥିବା ଚିକିତ୍ସା ଅଧିକାରୀମାନେ ସ୍ଥାନୀୟ କର୍ପୋରେଟରଙ୍କ ସହ ସମନ୍ୱୟ ରକ୍ଷାପୂର୍ବକ ବୈଠକ ଅନୁଷ୍ଠିତ କରି ସତର୍କତା, ସଚେତନତା ଏବଂ ରୋଗ ପ୍ରତିକାର ନିମନ୍ତେ ପଦକ୍ଷେପ ଗ୍ରହଣ କରିବେ। ସମ୍ପୃକ୍ତ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ପର୍ଯ୍ୟାପ୍ତ ପରିମାଣରେ ଔଷଧ ମହଜୁଦ ରଖିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ୩୦ ବର୍ଷରୁ ଅଧିକ ବୟସର ପୁରୁଷ, ମହିଳାଙ୍କ ମଧୁମେହ ଏବଂ ଉଚ୍ଚରକ୍ତ ଚାପ ପରୀକ୍ଷା କରାଯିବ ବୋଲି ସମନ୍ୱୟ ବୈଠକରେ ଆଲୋଚନା ହୋଇଛି। କୌଣସି ଉପାୟରେ ଘରୋଇ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡେଙ୍ଗୁ, ମ୍ୟାଲେରିଆ ଆଦି ରୋଗର ରକ୍ତ ନମୁନା ପରୀକ୍ଷା କରାଯିବା ପାଇଁ ସିଏମ୍‌ସି କମିଶନର ଅନାମ ଚରଣ ପାତ୍ର ବାରଣ କରିଛନ୍ତି। ଏଥି ନିମନ୍ତେ ଏକ ଟିମ ଗଠନ କରିବା ପାଇଁ କମିଶନର ନିର୍ଦ୍ଦେଶ ଦେଇଛନ୍ତି। କେବଳ ନିର୍ଦ୍ଦିଷ୍ଟ ସରକାରୀ ଚିକିତ୍ସା କେନ୍ଦ୍ର ଓ ସହାୟତା କେନ୍ଦ୍ରରେ ରକ୍ତ ନମୁନା ଗ୍ରହଣ କରି ପରୀକ୍ଷା କରାଯିବ ବୋଲି କମିଶନର ସ୍ପଷ୍ଟ କରିଛନ୍ତି। ନଗର ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ର, ଅତିରିକ୍ତ ସହରାଞ୍ଚଳ ସ୍ୱାସ୍ଥ୍ୟ ଅଧିକାରୀ ଡା. କାନ୍ତି ନାୟକ, ଏଣ୍ଟେମୋଲୋଜିଷ୍ଟ ଡା. ଦୀପ୍ତି ମହାପାତ୍ର, ଜାତୀୟ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟକ୍ରମ ପରିଚାଳକ ନେହା ରାଜପୁତ ପ୍ରମୁଖ ସହରାଞ୍ଚଳରେ ସ୍ୱାସ୍ଥ୍ୟ ସେବା ନିମନ୍ତେ ମହାନଗର ନିଗମ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଏବଂ କାର୍ଯ୍ୟନିର୍ବାହ ଖସଡ଼ା ପ୍ରସ୍ତୁତି ସମ୍ବନ୍ଧରେ ଆଲୋଚନାପୂର୍ବକ ମତାମତ ରଖିଥିଲେ। ବୈଠକରେ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକର ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

# ବହୁମୁଖୀ ପ୍ରତିଭାର ଅଧିକାରୀ କାଳୀପ୍ରସନ୍ନ



କାଳୀପ୍ରସନ୍ନ ପରିଡାଙ୍କ ଶ୍ରାଦ୍ଧୋତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

କଟକ,୨୯।୫(କାର୍ତ୍ତିକ ସାହୁ)

ବିଶିଷ୍ଟ ଶିକ୍ଷାବିତ, ସାହିତ୍ୟିକ, ଭାଷାବିତ୍ ଓ ଝଙ୍କାର୍ତ୍ତା କାଳିପ୍ରସନ୍ନ ପରିଡା ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ବୋଲି ତାଙ୍କ ଶ୍ରାଦ୍ଧୋତ୍ସବରେ ବକ୍ତାମାନେ ମତପ୍ରକାଶ କରିଛନ୍ତି। ବନ୍ଦେ ଉତ୍କଳ ପକ୍ଷରୁ ପ୍ରତିଷ୍ଠାତା ଆଇନଜୀବୀ ଦେବସ୍ମିତ ଦାସଙ୍କ ଅଧ୍ୟକ୍ଷତାରେ ବଙ୍ଗାଳିସାହିସ୍ଥିତ ମା' ଶାରଳା ସଦନଠାରେ ଗୁରୁବାର ଅନୁଷ୍ଠିତ ଉତ୍ସବକୁ ସାମାଜିକ କର୍ମୀ ବରଦା ପ୍ରସନ୍ନ ରାଉତ ଉଦ୍ଘାଟନ କରିଥିଲେ। ପ୍ରଫେସର ଡକ୍ଟର ସୁଦର୍ଶନ ପଟ୍ଟନାୟକ କାଳିପ୍ରସନ୍ନ ପରିଡାଙ୍କ କୃତି ଓ କୀର୍ତ୍ତି ସମ୍ପର୍କରେ ଆଲୋକପାତ କରିଥିଲେ। କଟକ ବାର୍ ଆସୋସିଏସନ ପୂର୍ବତନ ସମ୍ପାଦକ ଜ୍ୟୋତିର୍ମୟ ମହାନ୍ତି, ଆଇନଜୀବୀ ଆନନ୍ଦ ସାଗର ପାତ୍ର, ଭୁବନାନନ୍ଦ ମହାନ୍ତି, ଅରୁଣ କୁମାର ଅଗ୍ରୱାଲ, ବିଜ୍ଞାନ ରାଉତ, ଡିଜି ଦୁନିଆର ସମ୍ପାଦିକା ନମିତା ମହାନ୍ତି, ଝଙ୍କାର ସାହିତ୍ୟ ସଂସଦର ସଙ୍ଗଠନ ସମ୍ପାଦକ ବାସବ କୁମାର ନନ୍ଦ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସ୍ୱର୍ଗତ ପରିଡା ଉତ୍କଳ ସାହିତ୍ୟ ସମାଜ ଜଗତସିଂହପୁର ଶାଖାର ପ୍ରଥମ ସଭାପତି ଭାବେ ନିର୍ବାଚିତ ହୋଇଥିଲେ, ତାଙ୍କ ଗବେଷଣାମୂଳକ ସାରସ୍ୱତ କୃତି ଚିର ଭାସ୍ୱର ବୋଲି ସଭାପତି ଦାସ କହିଥିଲେ। ଅନୁଷ୍ଠାନ ସମ୍ପାଦକ ପ୍ରାଧ୍ୟାପକ ଜୟନ୍ତ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ଓ ଆଇନଜୀବୀ ରାଜ ନାରାୟଣ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ଚିକିତ୍ସାଧୀନ ରେଲୱେ ପୋଲିସ ମୃତ

**କାର ସହ ବାଇକ୍ ଧକ୍କାରେ ଆହତ ହୋଇଥିଲେ**

ମଞ୍ଜୁରି-ଜଗତପୁର,୨୯।୫(ମାନସ ସାମଲ)

ଜଗତପୁର ଥାନା ଅଧୀନ କଟକ ଚାନ୍ଦବାଲି ରାସ୍ତା ପାଗା ବଜାର ନିକଟରେ ମାସେତଳେ ଏକ କାର ସହ ବାଇକ୍‌ର ମୁହାଁମୁହିଁ ଧକ୍କାରେ ଆହତ ହୋଇ ଚିକିତ୍ସିତ ହେଉଥିବା ରେଲୱେ ପୋଲିସର ଗୁରୁବାର ମୃତ୍ୟୁ ଘଟିଛି। ରେଲୱେ ପୋଲିସ ହେଲେ ପାଗା ଫାଣ୍ଡି ଅଧୀନ ଗୋପୀନାଥପୁର କୋରପାଳି ଗ୍ରାମର ହେମନ୍ତ ସାମଲ। ପୋଲିସ ସୂତ୍ରରୁ ମୁତାବକ, ହେମନ୍ତ ପ୍ରତିଦିନ ପରି ଗତ ମାସରେ କଟକରୁ ଡ୍ୟୁଟି ସାରି ରାତି ପ୍ରାୟ ୯ଟାରେ ବାଇକ୍‌ରେ ଘରକୁ ଫେରୁଥିଲେ। ସେହି ସମୟରେ ସାଲେପୁରରୁ କଟକ ଅଭିମୁଖେ ଯାଉଥିବା ଏକ କାର ପାଗା ବଜାର ନିକଟରେ ହେମନ୍ତଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ହେମନ୍ତଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ ଚେତାଶୂନ୍ୟ ହୋଇପଡ଼ିଥିଲେ। ପାଗା ପୋଲିସ ପହଞ୍ଚି ହେମନ୍ତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କଟକ ବଡ ମେଡିକାଲ ପଠାଇଥିଲା। ପରେ ପରିବାର ଲୋକେ ହେମନ୍ତଙ୍କୁ ଏକ ଘରୋଇ ହସ୍ପିଟାଲ ନେଇ ଚିକିତ୍ସା କରାଉଥିଲେ। ପୋଲିସ ଦୁର୍ଘଟଣା ଘଟାଇଥିବା କାର ଜବତ କରିବା ସହ ଡ୍ରାଇଭରଙ୍କୁ ନୋଟିସରେ ଛାଡିଥିଲା। ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।



ଅନ୍ନପୂର୍ଣ୍ଣା ଥିଏଟରରେ ଗୁରୁବାର ସନ୍ଧ୍ୟାରେ ମିରର ଥିଏଟର ବେଲପାହାରର କଳାକାରଙ୍କ ଦ୍ୱାରା ମଞ୍ଚସ୍ଥ ନାଟକ 'ଉଲଫି'ର ଏକ ଦୃଶ୍ୟ। (ଫଟୋ: ରାଜକିଶୋର ମହାନ୍ତି)

# ଆମ୍ବୁଲାନ୍ସ ଚାଳକଙ୍କୁ ମାନସିକ ନିର୍ଯାତନା ଅଭିଯୋଗ

କଟକ,୨୯।୫(ଶିଲ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲ

କଟକ ଏସ୍‌ସିବି ମେଡିକାଲରେ ଆମ୍ବୁଲାନ୍ସ ଚାଳକଙ୍କୁ ମାନସିକ ନିର୍ଯାତନା ଦିଆଯାଉଛି। ମୁଖ୍ୟ ଚାଳକଙ୍କ ବ୍ୟକ୍ତିଗତ ସେବା ନ କଲେ ଆମ୍ବୁଲାନ୍ସ ଚାଳକଙ୍କୁ ଡ୍ୟୁଟି ମିଳୁନାହିଁ। କିଛି ମାସ ହେବ ମୁଖ୍ୟ ଚାଳକ ଏଭଳି ନିର୍ଯାତନା ଦେଉଥିବା ଏସ୍‌ସିବି ଆମ୍ବୁଲାନ୍ସ ଚାଳକମାନେ ଗୁରୁବାର ମେଡିକାଲ କଲେଜ ଅଧ୍ୟକ୍ଷଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗର ତଦନ୍ତ କରି ପଦକ୍ଷେପ ଗ୍ରହଣ କରିବାକୁ ଠିକା ଭିତ୍ତିରେ କାର୍ଯ୍ୟ କରୁଥିବା ଆମ୍ବୁଲାନ୍ସ ଚାଳକମାନେ ଦାବି କରିଛନ୍ତି। ଏସ୍‌ସିବି ମେଡିକାଲର ନିଜସ୍ୱ ୫ଟି ଆମ୍ବୁଲାନ୍ସର ପରିଚାଳନା ନିମନ୍ତେ କେତେ ଜଣଙ୍କୁ ନିୟମିତ ଭିତ୍ତିରେ ସରକାର ନିଯୁକ୍ତି ଦେଇଛନ୍ତି। ହେଲେ ଗତବର୍ଷଠାରୁ ଠିକା ଭିତ୍ତିରେ ୧୦ରୁ ଅଧିକ ଚାଳକଙ୍କୁ ନିୟୋଜିତ କରାଯାଇଛି। ନିୟମିତ ଚାଳକଙ୍କ ଡ୍ୟୁଟି ସମୟ ୮ ଘଣ୍ଟା ଥିବା ବେଳେ ଠିକା ଚାଳକଙ୍କ ୧୨ଘଣ୍ଟା ଧାର୍ଯ୍ୟ ହୋଇଛି। ନିଯୁକ୍ତି ପାଇଥିବା ମୁଖ୍ୟ ଡ୍ରାଇଭରଙ୍କ ଠିକା ଭିତ୍ତିରେ କାର୍ଯ୍ୟ କରୁଥିବା ଆମ୍ବୁଲାନ୍ସ ଚାଳକମାନଙ୍କୁ ମାନସିକ ନିର୍ଯାତନା ଦେବା ଭଳି ଅଭିଯୋଗ ଆସିଛି। ଜଣେ ଚାଳକ ନିଜ ନାମ ଗୋପନ ରଖି ଅଭିଯୋଗ କରିଛନ୍ତି, ମୁଖ୍ୟ ଡ୍ରାଇଭର ଡ୍ୟୁଟି ଆବଣ୍ଟନରେ ପକ୍ଷପାତିତା କରୁଛନ୍ତି। ତାଙ୍କ କଥା ଶୁଣୁଥିବା ଓ ବୋଲ ମାନୁଥିବା ଚାଳକମାନେ ସବୁଦିନିଆ ଡ୍ୟୁଟି ପାଉଛନ୍ତି। ଡ୍ୟୁଟି ଦିନ ଅନୁସାରେ ସ୍ୱତନ୍ତ୍ର ଭତ୍ତା ମାସିକ ୪ ହଜାର ଟଙ୍କା ରହିଛି, କିନ୍ତୁ ମୁଖ୍ୟ ଡ୍ରାଇଭରଙ୍କ ମନଲୁଖି କାର୍ଯ୍ୟ ଯୋଗୁ ଠିକା ଚାଳକମାନଙ୍କ ରୋଜଗାର ହୋଇପାରୁନି। ଏପରିକି ଗାଡ଼ିର କୌଣସି ଯାନ୍ତ୍ରିକ ତ୍ରୁଟି ହେଲେ ଏହି ବାବଦରେ ଠିକା ଚାଳକଙ୍କଠାରୁ ଟଙ୍କା ଆଦାୟ କରୁଛନ୍ତି। ଏସବୁ ସହ ଆମ୍ବୁଲାନ୍ସରୁ ତେଲ ଚୋରି ମଧ୍ୟ କରୁଛନ୍ତି ବୋଲି କହିଛନ୍ତି। ଅନ୍ୟପଟେ ଅଭିଯୋଗ ପରେ ଅଧ୍ୟକ୍ଷ ପ୍ରଫେସର ଡା. ଲୁସି ଦାସଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

# କନ୍ଦରପୁର ଅଞ୍ଚଳରେ ଟ୍ରାନ୍ସଫର୍ମର ଚୋରି

କଟକ ସଦର,୨୯।୫(ସୁଶାନ୍ତ କୁମାର ଜେନା)

କନ୍ଦରପୁର ବିଦ୍ୟୁତ୍ ସେକ୍ସନ ଅନ୍ତର୍ଗତ ନାହାଙ୍ଗା ଓ ଦଣ୍ଡୁଆସି ପଡ଼ାର ୨ଟି ୧୬ କେଭିଭିଏ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଦୁର୍ବୃତ୍ତମାନେ ଚୋରି କରିଛନ୍ତି। ବୁଧବାର ବିଳମ୍ବିତ ରାତିରେ ୧୧କେଭି ଲାଇନ କାଟି ଦୁର୍ବୃତ୍ତମାନେ ଚୋରି କରିଥିବା କନ୍ଦରପୁର ବିଦ୍ୟୁତ୍ ସେକ୍ସନ ଅଫିସ ସୂତ୍ରରୁ ଜଣାପଡ଼ିଛି। ରାତିରେ ଆକସ୍ମିକ ଲାଇନ କଟିଲେ ଉପଭୋକ୍ତାମାନେ ଘର ପାଖରେ ଥିବା ଛୋଟ ଟ୍ରାନ୍ସଫର୍ମର ଉପରେ ଦୃଷ୍ଟି ରଖିଲେ ଚୋରି ହୋଇପାରିବ ନାହିଁ ବୋଲି ବିଦ୍ୟୁତ୍ ସେକ୍ସନ ସହକାରୀ ପରିଚାଳକ ତୁଳସୀ ଚରଣ ଦାସ କହିବା ସହ ଏଥିପାଇଁ ସମସ୍ତଙ୍କୁ ଅନୁରୋଧ କରିଛନ୍ତି।

# ଏସ୍‌ଜିଆଇ ପକ୍ଷରୁ ବାର୍ଷିକ ଏକାଡେମିକ୍ ଏକ୍ସଲେନ୍ସ ପୁରସ୍କାର

ଭୁବନେଶ୍ୱର/ତ୍ରିଶୁଳିଆ,୨୯।୫ (ତୁଷାରକାନ୍ତ ବେହେରା)

ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ କଟକର ସରସ୍ୱତୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସ (ଏସ୍‌ଜିଆଇ) ପକ୍ଷରୁ ଗୁରୁବାର ବାର୍ଷିକ ଏକାଡେମିକ୍ ଏକ୍ସଲେନ୍ସ ପୁରସ୍କାର ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଟକ ଜିଲାପାଳ ଦତ୍ତାତ୍ରୟ ଭାଉ ସାହେବ ସିନ୍ଦେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲାବେଳେ ଏସ୍‌ଜିଆଇର ପ୍ରତିଷ୍ଠାତା ତଥା ସିଏମ୍‌ଡି ଡ. ଦେବବ୍ରତ ସ୍ୱାଇଁ, ଅଧ୍ୟକ୍ଷ ଡ. ବିଶ୍ୱଜିତ ତ୍ରିପାଠୀ, ସିଇଓ ଅରୁଣ ବିଶ୍ୱାଳ, ଡିନ୍ ବ୍ୟୋମକେଶ ମିଶ୍ରଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ ଅଣଶିକ୍ଷକ, ଅଭିଭାବକ ଓ ଛାତ୍ରାଛାତ୍ରୀମାନେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ୧୩୦ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲାବେଳେ ଏସ୍‌ଜିଆଇ ଛାତ୍ର ତଥା ରାଜ୍ୟ ବିଜ୍ଞାନ ଟପ୍ପର ବିନିତ ମହାନ୍ତି (୯୭.୬୬%)ଙ୍କୁ ୫୦,୦୦୧ ନଗଦ ପୁରସ୍କାର ପ୍ରଦାନ କରାଯାଇଥିଲା। ଅପରପକ୍ଷରେ ୯୦%ରୁ ଅଧିକ ନମ୍ବର ପାଇଥିବା ଅନ୍ୟ ୩୦ ଜଣ ଛାତ୍ରାଛାତ୍ରୀଙ୍କୁ ପ୍ରତ୍ୟେକଙ୍କୁ ୧୦,୦୦୦ ନଗଦ ଅର୍ଥ ରାଶି ପୁରସ୍କାର ଆକାରରେ ଦିଆଯାଇଛି। କଟକ ଜିଲାପାଳ ଭାବେ ବ୍ୟସ୍ତ ଦାୟିତ୍ୱ ମଧ୍ୟରେ ସିନ୍ଦେ ଏହି ସମାରୋହର ଶୋଭାବୃଦ୍ଧି କରିଥିବାବେଳେ ସରସ୍ୱତୀ ଗ୍ରୁପ୍ ସିନ୍ଦେଙ୍କୁ ଗଭୀର କୃତଜ୍ଞତା ଜ୍ଞାପନ କରିଥିଲା। ସେହିଭଳି ସିନ୍ଦେଙ୍କ ଜୀବନଯାତ୍ରା ଏସ୍‌ଜିଆଇର ଛାତ୍ରଛାତ୍ରୀଙ୍କ ପାଇଁ ଏକ ଶକ୍ତିଶାଳୀ ପ୍ରେରଣା ସୃଷ୍ଟି କରିଛି। ଅପରପକ୍ଷରେ ଜିଲାପାଳ ସିନ୍ଦେ ନୂତନ ଶିକ୍ଷାନୀତି (ଏନ୍‌ଇପି)ର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। କେବଳ ଜଣେ ପ୍ରଶାସକ ରୂପେ ନୁହେଁ, ବରଂ ନୀତିଗତ ନେତୃତ୍ୱର ଜ୍ୟୋତିସ୍ୱରୂପ ଭାବେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଏହି ଉପସ୍ଥିତି ଯୁବମାନସରେ ଅତୁଳନୀୟ ପ୍ରେରଣା ଶକ୍ତିର ସଂଚାରିତ କରିଛି। ସିନ୍ଦେଙ୍କ ଅବଦାନକୁ ପ୍ରେରଣା ନେଇ ଛାତ୍ରଛାତ୍ରୀମାନେ ସହାନୁଭୂତି ସହ ଉତ୍କର୍ଷକୁ ସମର୍ପିତକରି ଜୀବନ ଗଠନ କରନ୍ତୁ ବୋଲି ଡ. ଦେବବ୍ରତ ସ୍ୱାଇଁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ।



ଜିଲାପାଳ ରାଜ୍ୟ ବିଜ୍ଞାନ ଟପ୍ପର ବିନିତ ମହାନ୍ତିଙ୍କୁ ଟ୍ରଫି ସହ ଚେକ୍ ପ୍ରଦାନ କରୁଛନ୍ତି।

# ଲକ୍ଷଣ ଦେଖାଦେବା ମାତ୍ରେ ପ୍ରତିକାର ଆବଶ୍ୟକ

କଟକ,୨୯।୫(ଶିଲ୍ପା ପ୍ରିୟଦର୍ଶିନୀ)

**ଏସ୍‌ସିବିରେ ବିଶ୍ୱ ପାଚନ ସ୍ୱାସ୍ଥ୍ୟ ଦିବସ ପାଳିତ**

ଏସ୍‌ସିବି ମେଡିକାଲର ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗ ପକ୍ଷରୁ ବିଶ୍ୱ ପାଚନ ସ୍ୱାସ୍ଥ୍ୟ ଦିବସ ବା ବିଶ୍ୱ ଡାଇଜେଷ୍ଟିଭ ହେଲଥ୍ ଦିବସ ମେଡିକାଲର ଅଡିଟୋରିୟମରେ ଗୁରୁବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ମେଡିକାଲ କଲେଜ ଅଧ୍ୟକ୍ଷା ପ୍ରଫେସର ଡା. ଲୁସି ଦାସ, ମେଡିକାଲର ଦାୟିତ୍ୱରେ ଥିବା ଅଧୀକ୍ଷକ ପ୍ରଫେସର ଡା. ଗୌତମ ଶତପଥୀ, ପ୍ରଫେସର ଡା. ସିଆର୍ ପଣ୍ଡା, ପ୍ରଫେସର ଡା. ବନବିହାରୀ ମିଶ୍ର, ପ୍ରଫେସର ଡା. ସୁଷମା ପାତ୍ର, ପ୍ରଫେସର ଡା. ଭୁବନ ଦାସ, ପ୍ରଫେସର ଡା. ଜୟନ୍ତ କୁମାର ପଣ୍ଡା ଯୋଗ, ପ୍ରଫେସର ଡା. ସୁବାସ ଚରଣ ସାମଲ, ଆସିଷ୍ଟାଣ୍ଟ ପ୍ରଫେସର ଡା. ରଞ୍ଜନ କୁମାର ପଟେଲ, ପ୍ରଫେସର ଡା. ସୁପ୍ରି ଘୋଷାଲ ଯୋଗଦେଇଥିଲେ। ରୋଗ ଲକ୍ଷଣ ଦେଖାଦେବା ମାତ୍ରେ ଏହାର ପ୍ରତିକାର କରାଇବା ନିତାନ୍ତ ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ। ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ହରିଭକ୍ତି ସେବା ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଆସିଷ୍ଟାଣ୍ଟ ପ୍ରଫେସର ଡା. ପ୍ରଶାନ୍ତ କୁମାର ପରିଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ପିଜି ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା ଆସିଷ୍ଟାଣ୍ଟ ପ୍ରଫେସର ଡା. ସମୀର ହୋତା ପରିଚାଳନା କରିଥିଲେ। ଆସିଷ୍ଟାଣ୍ଟ ପ୍ରଫେସର ଡା. କୈବଲ୍ୟ ରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ମେଡିକାଲର ସର୍ଜରୀ, ଭେଷଜ, ପାଥଲୋଜି ଓ ରେଡିଓଲୋଜି ସମେତ ଅନ୍ୟାନ୍ୟ ବିଭାଗ ଛାତ୍ରଛାତ୍ରୀ ଓ ଡାକ୍ତରମାନେ ଉପସ୍ଥିତ ଥିଲେ।



ଏସ୍‌ସିବିରେ ବିଶ୍ୱ ପାଚନ ସ୍ୱାସ୍ଥ୍ୟ ଦିବସ ପାଳନ ଅବସରରେ ଉପସ୍ଥିତ ଡାକ୍ତର ଓ ଅନ୍ୟମାନେ।

# ତୋରଳ ଗ୍ରାମ ପୋଖରୀରେ ମଲାମାଛ ଭାସୁଛି

ମଞ୍ଜୁରି-ଜଗତପୁର,୨୯।୫(ମାନସ ସାମଲ)



ପୋଖରୀରେ ମରି ପଡ଼ିରହିଥିବା ମାଛ।

- ପୋଖରୀରେ ମିଶୁଛି ଡ୍ରେନ୍‌ରୁ କୀଟନାଶକ ଔଷଧ ମିଶ୍ରିତ ବର୍ଜ୍ୟଜଳ
- ସିଏମସି ପକ୍ଷରୁ ଡ୍ରେନ୍‌ରେ କୀଟନାଶକ ଔଷଧ ସିଞ୍ଚନ କରିଛି
- ୯ ଘଣ୍ଟାରେ ଭାସିଲା ଲକ୍ଷାଧିକ ଟଙ୍କାର ମଲାମାଛ

ଜଗତପୁର ୪୯ ନମ୍ବର ୱାର୍ଡ ତୋରଳ ଗ୍ରାମ ପୋଖରୀରେ ମଲା କୁତକୁତ ମାଛ ଗୁରୁବାର ଭାସୁଥିବା ଦେଖାଯାଇଛି। ଏଥିରେ ସିଏମ୍‌ସି ବିଭାଗୀୟ କର୍ତ୍ତୃପକ୍ଷଙ୍କ ବେପରୁଆ କାମ ପାଇଁ ମାଛ ମରିଥିବା ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ଏହି ପୋଖରୀର ମାଛଚାଷର ଯୋଗୁଁ ଲାଭ ବାହାରେ ସେଥିରେ ଅଞ୍ଚଳ ବିକାଶ କାର୍ଯ୍ୟ ଲାଗିଥାଏ ବୋଲି ମାଛ ଚାଷ ଦାୟିତ୍ୱରେ ଥିବା ମନୋଜ ବିଶାଳ ଓ ବାବୁଲି ଦଳାଇ କହିଛନ୍ତି। ମଲାମାଛ ଓଜନ ୧୪ରୁ ୧୫କ୍ୱିଣ୍ଟାଲ ହେବା ସହିତ ଏହାର ମୂଲ୍ୟ ଦେଢ଼ ଲକ୍ଷ ଟଙ୍କା ହେବ ବୋଲି ସେମାନେ କହିଛନ୍ତି। ଅଭିଯୋଗ ମୁତାବକ, ତୋରଳ ମୌଜାର ୩ରୁ ୪ ଏକର ପରିମିତର ବୃହତ ଜଳାଶୟରୁ ପଙ୍କଉଦ୍ଧାର ଓ ଉନ୍ନୟନ ପାଇଁ ଦୀର୍ଘ ବର୍ଷରୁ ଗ୍ରାମବାସୀ ସିଏମ୍‌ସି କର୍ତ୍ତୃପକ୍ଷଙ୍କଠାରେ ଅଭିଯୋଗ କରି ଆସୁଥିଲେ। କିନ୍ତୁ ପୋଖରୀର କୌଣସି ଉନ୍ନତିକରଣ ନ ହୋଇ ପୂର୍ବପରି ପଡି ରହିଛି। ଗତ କିଛି ଦିନ ହେବ ତୋରଳ ଗ୍ରାମ ପୋଖରୀର ଉନ୍ନତିକରଣ ହେବା ତ ଦୂରର କଥା ସ୍ଥାନୀୟ ବାସିନ୍ଦା କୁଳମଣି ବେହେରା ଓ ମାଧବାନନ୍ଦ ପାର୍ଶ୍ୱରେ ଥିବା ସିଏମ୍‌ସି ଦ୍ୱାରା ନିର୍ମିତ ଡ୍ରେନ୍‌ରୁ ଲଗାତାର ବର୍ଜ୍ୟଜଳ ଓ ପ୍ରବେଶ କରି ଏହି ବୃହତ ଜଳାଶୟକୁ ପ୍ରଦୂଷିତ କରୁଛି। ବୁଧବାର ଅପରାହ୍ନରେ ଡ୍ରେନ୍ ମଧ୍ୟରେ ସିଏମ୍‌ସି ପକ୍ଷରୁ କୀଟନାଶକ ଔଷଧ ସିଞ୍ଚନ କରାଯାଇଥିଲା। ଏହି କୀଟନାଶକ ଔଷଧ ମିଶ୍ରିତ ବର୍ଜ୍ୟଜଳ ଡ୍ରେନ୍‌ରୁ ପୋଖରୀ ମଧ୍ୟକୁ ପ୍ରବେଶରୁ ଏହି ମାଛ ମଡକ ହୋଇଥିବା ଅଭିଯୋଗ କରାଯାଇଛି। ସିଏମ୍‌ସି ପକ୍ଷରୁ କୌଣସି ସ୍ଥାୟୀ ପଦକ୍ଷେପ ନିଆ ନ ଗଲେ ବାଧ ହୋଇ ଆଇନର ଆଶ୍ରୟ ନେବେ ବୋଲି ସ୍ଥାନୀୟ ବାସିନ୍ଦା ବେଣୁଧର ପରିଡା, ମନୋଜ ବିଶାଳ, ବାବୁଲି ଦଳାଇ, ସଙ୍ଗମ ଦଳାଇ, ରାମଚନ୍ଦ୍ର ବେହେରା, ନକୁଳ ବେହେରା, ଅର୍ଜୁନ ବେହେରା, ବିମଳ ବିଶ୍ୱାଳ ପ୍ରମୁଖଙ୍କ ସହିତ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ସଂକ୍ଷେପରେ

### ଦେଶୀମଦ ସହ କାର୍ ଜବତ, ଚାଳକ ଗିରଫ




ବେଗୁନିଆ, ୨୯।୫(ସନ୍ଧ୍ୟାରାଣୀ ମିଶ୍ର): ଖୋର୍ଦ୍ଧା ଜିଲା ଅବକାରୀ ବିଭାଗ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ସଦର ରେଞ୍ଜ ଅଧିକାରୀ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ବେଗୁନିଆ ଅବକାରୀ ଥାନା ସହାୟତାରେ ଗୁରୁବାର ଅପରାହ୍ଣରେ ଏକ କାର୍ ସହିତ ଦେଶୀମଦ ଜବତ କରାଯାଇଛି। ଏଥିସହ କାର ଚାଳକଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ବେଗୁନିଆ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ରାଜେନ୍ଦ୍ର ଖେସ ଏବଂ ବେଗୁନିଆ ଅବକାରୀ ଥାନା କର୍ମଚାରୀ ପାଟ୍ରୋଲିଂ କରୁଥିବା ସମୟରେ କୁଶପଲା ଗ୍ରାମଠାରେ ଏକ କାରକୁ ସନ୍ଦେହରେ ଅଟକାଇଥିଲେ। ଯାଞ୍ଚ ବେଳେ ୫୨୫ ଲିଟର ଦେଶୀମଦ ସହ କାରକୁ ଜବତ କରାଯାଇଛି। ଏଥିସହ କାର୍ ଚାଳକ ମହେଶ୍ୱର ସ୍ୱାଇଁଙ୍କୁ ଗିରଫ କରାଯାଇଛି। ଆଠଗଡ଼ରୁ ଏହି ଦେଶୀ ମଦ ପ୍ରସ୍ତୁତ ହୋଇ ବେଗୁନିଆ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ମଦ ବେପାରୀଙ୍କୁ ବିକ୍ରି ପାଇଁ ଯାଉଥିବା ଜଣାପଡ଼ିଛି।

### ବଜ୍ରପାତରେ ମହିଳା ଆହତ

ବେଗୁନିଆ, ୨୯।୫(ସନ୍ଧ୍ୟାରାଣୀ ମିଶ୍ର): ବେଗୁନିଆ ବ୍ଲକ ଅନ୍ତର୍ଗତ ପୋଢ଼ାଡିହ ଗ୍ରାମର କେଶବ ଚନ୍ଦ୍ର ସେଠୀଙ୍କ ସ୍ତ୍ରୀ ପୂର୍ଣ୍ଣମାସୀ ବୁଧବାର ବଜ୍ରପାତରେ ଆହତ ହୋଇଛନ୍ତି। ପରିବାର ଲୋକେ ତାଙ୍କୁ ତୁରନ୍ତ ଚିକିତ୍ସା ପାଇଁ ଖୋର୍ଦ୍ଧା ମୁଖ୍ୟ ମେଡିକାଲରେ ଭର୍ତ୍ତି କରିଥିଲେ। ଏଥିସହ ବଜ୍ରପାତରେ ତାଙ୍କ ଘରର ବିଦ୍ୟୁତ୍ ଉପକରଣ ମଧ୍ୟ ପୋଡ଼ିଯାଇଥିବା ଜଣାପଡ଼ିଛି।

### ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲା ଯୁବମୋର୍ଚ୍ଚା

ଖୋର୍ଦ୍ଧା, ୨୯।୫(ପ୍ରଭାତ ପାଣିଗ୍ରାହୀ): ବିଭିନ୍ନ ସରକାରୀ ପଦପଦବୀ ଏବଂ ସେବାରେ ପ୍ରବେଶ ପାଇଁ ସର୍ବୋଚ୍ଚ ବୟସ ସୀମା ବୃଦ୍ଧି କରାଯାଇଛି। ପୂର୍ବରୁ ଏହା ୩୨ ବର୍ଷ ଥିବା ବେଳେ ଏହାକୁ ୪୨ବର୍ଷ କରାଯାଇଛି। କ୍ୟାବିନେଟ୍ ନିଷ୍ପତ୍ତି ଦ୍ୱାରା ସରକାରୀ ଚାକିରି ପାଇଁ ପ୍ରସ୍ତୁତି କରି ବୟସସୀମା ପାର୍ ହୋଇଯାଇଥିବା ଆଶାୟୀ ଉପକୃତ ହେବେ। ଏନେଇ ଯୁବବର୍ଗଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଏନେଇ ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଳାଷ ପଣ୍ଡାଙ୍କ ନେତୃତ୍ୱରେ ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତାମାନେ ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ୍ କରି କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ଅବସରରେ ଖୋର୍ଦ୍ଧାରୁ ଜିଲା ଯୁବମୋର୍ଚ୍ଚା ସମ୍ପାଦକ ଗୋପବନ୍ଧୁ ଜେନା, ମାନସ ରଞ୍ଜନ ସାହୁ, ବିଶ୍ୱଦୀପ ପ୍ରଧାନ, ଶୁଭ୍ରଜିତ ମଙ୍ଗରାଜ, ଚନ୍ଦନ ପାଟ୍ଟଶାଣୀ, ସୁନିଲ ପ୍ରଧାନ, ଅଂଶୁମାନ୍ ପଟ୍ଟନାୟକ, ପ୍ରଭୁଦତ୍ତ ଝୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।

### ଟାଙ୍ଗୀରେ ବ୍ଲକସ୍ତରୀୟ ଷ୍ଟାଡିୟମ ନିର୍ମାଣ ଦାବି

ଟାଙ୍ଗୀ, ୨୯।୫(ରଘୁନାଥ ସାହୁ): ରାଜ୍ୟର ସମସ୍ତ ବ୍ଲକ ଅଞ୍ଚଳରେ ବ୍ଲକସ୍ତରୀୟ ଷ୍ଟାଡିୟମ ଏବଂ କ୍ରୀଡ଼ା ଭିତ୍ତିଭୂମି ପ୍ରକଳ୍ପ ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ସଦରମହକୁମାରେ ଥିବା ଚିଲିକା ଷ୍ଟାଡିୟମକୁ ବ୍ଲକସ୍ତରୀୟ ଷ୍ଟାଡିୟମ ନିର୍ମାଣ ପାଇଁ ଅଞ୍ଚଳର ପୁରାତନ ଛାତ୍ର, ଖେଳାଳିମାନେ ଦାବି କରିଛନ୍ତି। ବ୍ଲକ ସଦରମହକୁମାରେ ଥିବା ପୁରାତନ ଶିକ୍ଷାନୁଷ୍ଠାନ ବଳରାମ ଦେବ ବିଦ୍ୟାପୀଠ ଖେଳପଡ଼ିଆ ତଥା ଚିଲିକା ଷ୍ଟାଡିୟମରେ ବର୍ଷସାରା ଖେଳ ହୋଇଥାଏ। ବିଦ୍ୟାଳୟସ୍ତରରୁ ସର୍ବଭାରତୀୟସ୍ତରୀୟ ପର୍ଯ୍ୟନ୍ତ ପ୍ରତିଯୋଗିତା ଏହି ଖେଳପଡ଼ିଆରେ ହୋଇଥାଏ। ଏହି ଖେଳପଡ଼ିଆକୁ ବ୍ଲକସ୍ତରୀୟ ଷ୍ଟାଡିୟମ କରିବା ପାଇଁ ପୁରାତନ ଖେଳାଳିମାନେ ଦାବି ଜଣାଇଛନ୍ତି। ଖେଳପଡ଼ିଆରେ ନିୟମିତ ପାଣି ସିଞ୍ଚନର ବ୍ୟବସ୍ଥା, ଆଲୋକୀକରଣ, ଚତୁଃପାର୍ଶ୍ୱ ଗ୍ୟାଲେରି ନିର୍ମାଣ, ପୋଷାକ ବଦଳ ଗୃହ ନିର୍ମାଣ, ପ୍ରାତଃଭ୍ରମଣ ପାଇଁ ପାଦଚଲା ରାସ୍ତା ନିର୍ମାଣର ଆବଶ୍ୟକତା ରହିଛି। ତେଣୁ ଏହି ପଡ଼ିଆକୁ ରାଜ୍ୟ କ୍ରୀଡ଼ା ମନ୍ତ୍ରୀ ବ୍ଲକସ୍ତରୀୟ ଷ୍ଟାଡିୟମ ଘୋଷଣା କଲେ ଏଠାରେ ବହୁ ସଂଖ୍ୟାରେ ଖେଳାଳି ସୃଷ୍ଟି ହୋଇପାରିବେ ବୋଲି ସାଧାରଣରେ ମତପ୍ରକାଶ ପାଉଛି।

# ଜବରଦଖଲ ଉଚ୍ଛେଦକୁ ନେଇ ଉତ୍ତେଜନା

## ଜଣେ ମହିଳା ଆହତ

ବୋଲଗଡ଼, ୨୯।୫(ଦେବବ୍ରତ ହୋତା)


ଜେସିବି ଆଗରେ ମହିଳାମାନେ ବସି ଉଚ୍ଛେଦକୁ ବିରୋଧ କରୁଛନ୍ତି।

ବୋଲଗଡ଼ ତହସିଲ ଅନ୍ତର୍ଗତ ଟିକାତାଳ ନିକଟ ଜାତୀୟ ରାଜପଥ ପାର୍ଶ୍ୱ ବିଜୁ ଭବନ ପଛପଟେ ଥିବା ସରକାରୀ ଜମିରୁ ଗୁରୁବାର ଜବରଦଖଲ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଛି। ତେବେ ଜବରଦଖଲକାରୀ ଏବଂ ପ୍ରଶାସନ ମଧ୍ୟରେ କଥା କଟାକଟି ସହ ଉତ୍ତେଜନା ପ୍ରକାଶ ପାଇଥିଲା। କେତେଜଣ ମହିଳା ଜେସିବି ମେଶିନ ଆଗରେ ଶୋଇ ବିରୋଧ କରିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କେତେକ ଘର ଭଙ୍ଗାଯିବା ସହ ଏହି ଜାଗାକୁ ଆବଦ୍ଧ କରିବାକୁ ପାଚେରି ନିର୍ମାଣ ପାଇଁ ନିଅଁ ଖୋଳାଯାଇଛି। ବିରୋଧ ସମୟରେ ଜଣେ ମହିଳା ଆହତ ହୋଇ ଖୋର୍ଦ୍ଧା ଜିଲା ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଏହି କାର୍ଯ୍ୟକୁ ପ୍ରକ୍ରିୟାକରଣ ପାଇଁ ଗତ ଦୁଇଦିନ ଧରି ବୋଲଗଡ଼, ବେଗୁନିଆ ପୋଲିସ ଏବଂ ବ୍ଲକ ପ୍ରଶାସନ ଚେଷ୍ଟା ଜାରି ରଖିଥିବା ବେଳେ ସ୍ଥାନୀୟ ଲୋକଙ୍କ ସହିତ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ସୂଚନା ଅନୁଯାୟୀ, ବୋଲଗଡ଼ ତହସିଲ ଅଧୀନ ଟିକାତାଳସ୍ଥିତ ପ୍ଲଟ ନଂ.୧୧୬୭୦ାରୁ ୧୧୭୬ ପର୍ଯ୍ୟନ୍ତ ପ୍ରାୟ ୭ ଏକରରୁ ଊର୍ଦ୍ଧ୍ୱ ସରକାରୀ ଜମିରେ ସେଠାକାର କେତେଜଣ ଲୋକ ବର୍ଷ ବର୍ଷ ଧରି ବିଭିନ୍ନ ଗଛ ଲଗାଇ ଏବଂ ପରେ ଘର କରିଥିଲେ। ତେବେ ପ୍ରଶାସନ ବିନା ନୋଟିସ୍‌ରେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିଥିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ଉଚ୍ଛେଦ କାର୍ଯ୍ୟକ୍ରମ ଜଣେ ବିଧାୟକଙ୍କ ଜାଗା ନିକଟରେ ହେଉଥିବାରୁ ତାଙ୍କ ଇଙ୍ଗିତରେ ଏହା ହୋଇଥିବା ଉତ୍ତ୍ୟକ୍ତ ଲୋକେ ଅଭିଯୋଗ ଆଣିଛନ୍ତି। ସ୍ଥାନୀୟ ଅଞ୍ଚଳରେ ଏପରି ଅନେକ ସରକାରୀ ଜାଗା ଜବରଦଖଲରେ ଥିବା ବେଳେ କେବଳ ଏହି ଜାଗାରୁ କ'ଣ ପାଇଁ ଉଚ୍ଛେଦ ହେଉଛି ବୋଲି ଲୋକେ ପ୍ରଶ୍ନ ଉଠାଇଛନ୍ତି। ଏହି ଉଚ୍ଛେଦ ସମୟରେ ବୋଲଗଡ଼ ବିଡିଓ ସୁମନ ସୁଧା କୁଣ୍ଡୁ, ତହସିଲଦାର ବିଜୟ କୁମାର ସେଠୀ, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅମୂଲ୍ୟ ବାହିନୀପତିଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଥାନା ଅଧିକାରୀ ଜ୍ୟୋତିପ୍ରକାଶ ପଣ୍ଡାଙ୍କ ନେତୃତ୍ୱରେ ପୋଲିସ ଟିମ୍ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ମୁତୟନ ହୋଇଥିଲେ।

# ଗାଧୁଆ ଶଙ୍ଖ ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ



## ବର୍ଷାଜଳ ନିଷ୍କାସନରେ ବାଧା

ଟାଙ୍ଗୀ, ୨୯।୫(ରଘୁନାଥ ସାହୁ)

ଟାଙ୍ଗୀ ଚାନ୍ଦପୁର ପୁରୁଣା ଜାତୀୟ ରାଜପଥରେ ଥିବା ଗାଧୁଆ ଶଙ୍ଖ ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ହୋଇ ରହିଛି। ଫଳରେ ନାଳରେ ଆସୁଥିବା ପାଣି ନିଷ୍କାସନ ହୋଇ ପାରୁନାହିଁ। ନିକଟରେ ଥିବା ଜମି ଜଳମଗ୍ନ ହେଉଥିବା ଦେଖାଯାଉଛି। ଏହା ମଙ୍ଗଳଜିତ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ମୁଖ୍ୟ ନାଳ। ଏହା ଉପରେ ଟାଙ୍ଗୀ, ମଙ୍ଗଳାଯୋଡ଼ି, କାଲୁପଡ଼ା, ଅଁଳାଡିହ ଗ୍ରାମର ଚାଷୀମାନେ ନିର୍ଭର କରିଥାନ୍ତି। ପୂର୍ତ୍ତ ବିଭାଗର ଏହି ରାସ୍ତାର ଉଭୟ ପାର୍ଶ୍ୱ ସମ୍ପ୍ରସାରଣ କାର୍ଯ୍ୟ ଚାଲିଛି। ବର୍ଷାଦିନ ପୂର୍ବରୁ ରାସ୍ତାରେ ଥିବା ଶଙ୍ଖଗୁଡ଼ିକର ନିର୍ମାଣ କାର୍ଯ୍ୟ ଶେଷ କରିବା କଥା। ବର୍ଷାଦିନ ପୂର୍ବରୁ ଏହି ଶଙ୍ଖକାର୍ଯ୍ୟ ଆରମ୍ଭ ହୋଇଥିବାରୁ ଚାଷୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବେ। ଅନ୍ୟପଟେ ସମ୍ପ୍ରସାରଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ବିଭାଗୀୟ ଯନ୍ତ୍ରୀଙ୍କ ବିନା ଉପସ୍ଥିତିରେ ନିମ୍ନମାନର କାର୍ଯ୍ୟ ହୋଇଥିବା ସାଧାରଣରେ ଅଭିଯୋଗ ହେଉଛି। ତୁରନ୍ତ ଏହି ଶଙ୍ଖକାର୍ଯ୍ୟ ଶେଷ କରିବାକୁ ସାଧାରଣରେ ଦାବି ହେଉଛି।

# ରଙ୍ଗ ପ୍ରଣାଳୀ, ବୁଣାଶୈଳୀ ତାଲିମ ଶିବିର ଉଦ୍‌ଘାଟିତ



ରଙ୍ଗ ପ୍ରଣାଳୀ, ବୁଣାଶୈଳୀ ତାଲିମ ଶିବିର ଉଦ୍‌ଘାଟନ ଅବସରରେ ଅତିଥିଙ୍କ ସହ ବୁଣାକାର ମହିଳାମାନେ।

ବୋଲଗଡ଼, ୨୯।୫(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଗୋପାଳପୁର ପଞ୍ଚାୟତର ଦେଉଳି ପ୍ରାଥମିକ ବିଦ୍ୟାଳୟଠାରେ ଗ୍ରାମର ବୁଣାକାର ମହିଳାମାନଙ୍କୁ ନେଇ ରଙ୍ଗ ପ୍ରଣାଳୀ ଏବଂ ବୁଣିବା ଶୈଳୀ ତାଲିମ ଶିବିର ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଶିବିର ଜୁନ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଦିଲ୍ଲୀସ୍ଥିତ ଡେଭଲପ୍‌ମେଣ୍ଟ କମିଶନର ଅଫ୍ ଟେକ୍ସଟାଇଲ କାର୍ଯ୍ୟାଳୟ ସହଯୋଗରେ ଏବଂ ଭୁବନେଶ୍ୱରସ୍ଥିତ ବୁଣାକାର ସେବା କେନ୍ଦ୍ର ଆନୁକୂଲ୍ୟରେ ଆୟୋଜିତ ଏହି ତାଲିମ ଶିବିରରେ ବୁଣାକାର ମହିଳାଙ୍କୁ ଉନ୍ନତ ମାନର ସୂତା ଓ ଲୁଗା ରଙ୍ଗ ପ୍ରଣାଳୀ ଏବଂ ନୂତନ ଶୈଳୀର ବସ୍ତ୍ର ପ୍ରସ୍ତୁତି ସମ୍ବନ୍ଧରେ ତାଲିମ ପ୍ରଦାନ କରାଯିବ। ମୁଖ୍ୟ ଅତିଥିଭାବେ ସରପଞ୍ଚ ପ୍ରଦୀପ ବାରିକ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରି କହିଥିଲେ, ଏହି ତାଲିମ ମହିଳାଙ୍କ ଦକ୍ଷତା ବୃଦ୍ଧି କରିବା ସହ ସେମାନଙ୍କୁ ସ୍ୱାବଲମ୍ବୀ ହେବାରେ ସହାୟକ ହେବ। ମୁଖ୍ୟ ବକ୍ତାଭାବେ ବ୍ଲକ ଉପାଧ୍ୟକ୍ଷ ରମେଶ ସାହୁ ଏବଂ ସମ୍ମାନିତ ଅତିଥିଭାବେ ତରାବୋଇ ହ୍ୟାଣ୍ଡଲୁମ ୱେଭର ପ୍ରଡ୍ୟୁସର୍ କମ୍ପାନୀ ନିର୍ଦ୍ଦେଶକ ପ୍ରତାପ ଦାସ, ବୁଣାକାର ସେବା କେନ୍ଦ୍ର ଭୁବନେଶ୍ୱରର ପ୍ରୋସେସିଂ ଆଟେଣ୍ଡାଣ୍ଟ ଶାନ୍ତନୁ ବର୍ମନ, ସିନିଅର ପ୍ରିଣ୍ଟର ଆଲୋକ ରଞ୍ଜନ, ଟ୍ରେନର ମାଷ୍ଟର ଦାଶରଥି ନାୟକ, ପ୍ରକାଶ ଚନ୍ଦ୍ର ନାୟକ, କୁମର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବସନ୍ତ କୁମାର ଦେବତା ଧନ୍ୟବାଦ ଅର୍ପଣ କରିଥିଲେ।

# ଗର୍ଭବତୀଙ୍କୁ ମରଣାନ୍ତକ ଆକ୍ରମଣ

ନିରାକାରପୁର, ୨୯।୫(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନାର ଭୁଷଣ୍ଡପୁର ଫାଣ୍ଡି ଅନ୍ତର୍ଗତ ବାଲିପାଟପୁର ଅଞ୍ଚଳର ଜଣେ ଗର୍ଭବତୀ ମହିଳାଙ୍କୁ ତାଙ୍କ ସ୍ୱାମୀ, ନଣନ୍ଦ ଏବଂ ନଣନ୍ଦେଇ ମରଣାନ୍ତକ ଆକ୍ରମଣ କରିଥିବା ନେଇ ଫାଣ୍ଡିରେ ଗୁରୁବାର ଅଭିଯୋଗ ହୋଇଛି। ଆହତ ମହିଳା ହେଲେ ଲିଲି ବେହେରା। ଅଭିଯୋଗ ମୁତାବକ, ସାବିତ୍ରୀ ବ୍ରତ ଦିନ କୌଣସି କାରଣକୁ ନେଇ ଲିଲିଙ୍କୁ ତାଙ୍କ ସ୍ୱାମୀ ସଞ୍ଜୟ ବେହେରା ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ଲିଲିଙ୍କ ହାତ ପାପୁଲିରେ ଗଭୀର ଆଘାତ ଲାଗିଛି। ଆକ୍ରମଣ ପରେ ସଞ୍ଜୟ କେଉଁଆଡ଼େ ପଳାଇଛନ୍ତି। ସେହିପରି ବୁଧବାର ଲିଲିଙ୍କୁ ତାଙ୍କ ନଣନ୍ଦେଇ ସୁରେନ୍ଦ୍ର ବେହେରା ଏବଂ ନଣନ୍ଦ ନିସ୍ଥୁକ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଟାଙ୍ଗୀ ଏବଂ ଭୁଷଣ୍ଡପୁର ପୋଲିସ ଘଟଣାର ତଦନ୍ତ ଚଳାଇଥିବା ବେଳେ ଖବର ଲେଖା ହେବା ପର୍ଯ୍ୟନ୍ତ କେହି ଗିରଫ ହୋଇ ନ ଥିବା ଜଣାପଡ଼ିଛି।

# ଜେଲ ଗଲେ ଆମ ବସ୍ ଚାଳକ

## ଦୁର୍ଘଟଣାରେ ସୁରକ୍ଷା କର୍ମୀଙ୍କ ମୃତ୍ୟୁ ଘଟଣା

ଭୁବନେଶ୍ୱର, ୨୯।୫(ସତ୍ୟଜିତ ରାଉତ)

ଆମ ବସ୍ ଦୁର୍ଘଟଣାରେ ସୁରକ୍ଷା କର୍ମୀଙ୍କ ମୃତ୍ୟୁ ଘଟଣାରେ କାର୍ଯ୍ୟାନୁଷ୍ଠାନ ହୋଇଛି। ଖଣ୍ଡଗିରି ଥାନା ପୋଲିସ ଅଟକ ରଖିଥିବା ଅଭିଯୁକ୍ତ ଚାଳକଙ୍କୁ ଗୁରୁବାର ଗିରଫ କରିଛି। ସେ ହେଲେ ପୁରୀ ଜିଲା କଣାସ ଥାନା ଅନ୍ତର୍ଗତ ଗଡବଳଭଦ୍ରପୁର ଗ୍ରାମର ସଞ୍ଜୟ କୁମାର ରାଉତରରାୟ(୪୮)। କୋର୍ଟଚାଲାଣ ପରେ ସଞ୍ଜୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତାଙ୍କଠାରୁ ଡିଏଲ୍ ଓ ଗାଡି ସମ୍ବନ୍ଧୀୟ କାଜପତ୍ର ଜବତ ହୋଇଛି।

# ବିଶ୍ୱଶାନ୍ତି ଚଣ୍ଡୀ ମହାଯଜ୍ଞ ଉଦ୍‌ଯାପିତ



ବାଣପୁର, ୨୯।୫(ଦିଲୀପ କୁମାର ସ୍ୱାଇଁ)

ଗମ୍ଭାରୀମୁଣ୍ଡା ପଙ୍କାଳ ଏବଂ ମହତପଲ୍ଲା ଗ୍ରାମର ଆରାଧ୍ୟା ମା' ଖିଲାମୁଣ୍ଡା ଦେବୀଙ୍କ ପୀଠରେ ଚାରିଦିନ ବ୍ୟାପୀ ବିଶ୍ୱଶାନ୍ତି ଚଣ୍ଡୀ ମହାଯଜ୍ଞ ଅନୁଷ୍ଠିତ ହୋଇଥିବା ବେଳେ ଗୁରୁବାର ଅନ୍ତିମ ଦିବସରେ ଦଶ ଦୁର୍ଗା, ଗୋପୀନାଥ ଦେବ ଏବଂ ବାଙ୍କନିଧି ଦେବଙ୍କ ମହାମେଳନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଗତ ସୋମବାର ଅଙ୍କୁରାରୋପଣ ହୋଇଥିବା ବେଳେ ମଙ୍ଗଳବାର କଳସ ଯାତ୍ରା ଏବଂ ଯଜ୍ଞ ଆରମ୍ଭ ହୋଇଥିଲା। ବୁଧବାର ପ୍ରାତଃରୁ ସୂର୍ଯ୍ୟ ପୂଜା, ଶାଳା ପୂଜା ସହ ଯଜ୍ଞ ଆରମ୍ଭ ହୋଇ ଗୁରୁବାର ଅପରାହ୍ଣରେ ପୂର୍ଣ୍ଣାହୁତି ହୋଇଥିଲା। ଏହି ଅବସରରେ ନଗର କୀର୍ତ୍ତନ ହୋଇଥିଲା। ପୂର୍ଣ୍ଣାହୁତି ଦିବସରେ ମା' ଖିଲାମୁଣ୍ଡା ଦେବୀଙ୍କ ନିମନ୍ତ୍ରଣ ପାଇ ଆଖପାଖ ଅଞ୍ଚଳର ୧୦ଦେବୀ ମା' ଖିଲାମୁଣ୍ଡା ବିଜେ ପଙ୍କାଳ, ମା' ଶୂଳିଆ ଦେବୀ ବିଜେ ଓଡ଼ଗାଁ, ମା' ଆଙ୍କୁଲେଇ ବିଜେ ଗମ୍ଭାରୀମୁଣ୍ଡା, ମା' ବ୍ରାହ୍ମଣୀ ଦେବୀ ବିଜେ ଗମ୍ଭାରୀମୁଣ୍ଡା, ମା'ବ୍ରାହ୍ମଣୀ ଦେବୀ ବିଜେ କରଡ଼ାପଲ୍ଲୀ, ମା'ବ୍ରାହ୍ମଣୀ ଦେବୀ ବିଜେ ଟାଙ୍ଗୀ, ମା' ଉତ୍ତରାୟଣୀ ବିଜେ ବିଞ୍ଝଳା, ମା'ବୁଢ଼ୀମା ବିଜେ ରାହାଣବେଲୀ, ମା'ବ୍ରାହ୍ମଣୀ ଦେବୀ ବିଜେ ତୋଟା, ମା'ବାଞ୍ଛାବତୀ ବିଜେ ଗାଲୁଆ ପ୍ରମୁଖ ବିଜେ ପ୍ରତିମା ସୁସଜ୍ଜିତ ବିମାନ ସହିତ ଶୋଭାଯାତ୍ରାରେ ଆସି ସ୍ଥାନୀୟ ମେଳଣ ପଡ଼ିଆରେ ପହଞ୍ଚିଥିଲେ। ପରେ ପୂଜାର୍ଚ୍ଚନା ସହ ଅପରାହ୍ଣରେ ସମସ୍ତ ବିଜେ ପ୍ରତିମାଙ୍କ ମହାମେଳଣ ପର୍ବ ଅନୁଷ୍ଠିତ ହୋଇଥିଲା। ପଙ୍କାଳ ଏବଂ ମହତପଲ୍ଲା ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଗମ୍ଭାରୀମୁଣ୍ଡା ପୋଲିସ ବିଟ୍ ହାଉସର ଅଧିକାରୀ କେଶବ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ପୋଲିସ ମୁତୟନ ହୋଇଥିଲେ।

# ସମନ୍ୱୟ ଅଭାବରୁ ହୋଇପାରିନି ବିକାଶ

## ଜନପ୍ରତିନିଧି, ପ୍ରଶାସନ ଦୃଷ୍ଟିଦେବାକୁ ଦାବି

ଖୋର୍ଦ୍ଧା, ୨୯।୫(ପ୍ରଭାତ ପାଣିଗ୍ରାହୀ)

ମୁକ୍ତି ସଂଗ୍ରାମରେ ଖୋର୍ଦ୍ଧାମାଟିର ଅବଦାନ ଅତୁଳନୀୟ। ସ୍ୱାଧୀନତା ଆନ୍ଦୋଳନର ପ୍ରଥମ ସଂଗ୍ରାମର ବୀଜ ଏଠାରୁ ହିଁ ରୋପିତ ହୋଇଥିଲା। ଭାରତୀୟ ଇତିହାସରେ ଖୋର୍ଦ୍ଧାର ସ୍ଥାନ ସ୍ୱତନ୍ତ୍ର। ଦୀପ ତଳ ଅନ୍ଧାର ଭଳି ରାଜଧାନୀଠାରୁ ୨୯କିମି ଦୂରରେ ଖୋର୍ଦ୍ଧାର ଅବସ୍ଥିତି ସତ୍ତ୍ୱେ ସେପରି ଆଖିଦୃଶିଆ ବିକାଶ ହୋଇପାରିନାହିଁ। ରାଜନୈତିକ ଇଚ୍ଛାଶକ୍ତି, ସମନ୍ୱୟ ଅଭାବରୁ ବିକାଶ ପଛେଇଯାଇଛି। ସମସ୍ତ ଜନପ୍ରତିନିଧି ଏବଂ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

ଐତିହ୍ୟର ମୂକସାକ୍ଷୀ ଭାବେ ଦଣ୍ଡାୟମାନ ବରୁଣେଇ ପାହାଡ଼। ଏଠାରେ ଖୋର୍ଦ୍ଧା ରାଜାଙ୍କ ଇଷ୍ଟଦେବୀ ମା' ବରୁଣେଇ ଏବଂ କରୁଣେଇ ବିଜେ କରିଛନ୍ତି। ଗବେଷକଙ୍କ ମତରେ, ଏଠାରେ ୨ହଜାର ବର୍ଷ ତଳର ଓଡ଼ିଆରେ ଲେଖାଯାଇଥିବା ଶିଳାଲେଖ, ବୌଦ୍ଧି କୀର୍ତ୍ତି ରହିଛି। ଏହି ପାହାଡ଼ର ସଂରକ୍ଷଣ ପାଇଁ କୌଣସି ଯୋଜନା କରାଯାଉ ନାହିଁ। ପାହାଡ଼କୁ ସଂଯୋଗ ଲାଗି ଏକ ପାଦଚଲା ରାସ୍ତା କରାଯାଇପାରିଲା ନାହିଁ। ବରୁଣେଇ ପାଦଦେଶରୁ ପାହାଡ଼ ଉପରକୁ ରୋପ୍ ୱେ ଏବଂ ପାହାଡ଼ ଉପରେ ପାଇକ ବିଦ୍ରୋହର ମୁଖ୍ୟ ନାୟକ ଜୟୀ ରାଜଗୁରୁ ଏବଂ ବକ୍ସି ଜଗବନ୍ଧୁଙ୍କ ସୁଉଚ୍ଚ ପ୍ରତିମୂର୍ତ୍ତି ନିର୍ମାଣ କରାଗଲେ ଅନ୍ତର୍ଜାତୀୟ ସ୍ତରରେ ଏହାର ଗୌରବ ବୃଦ୍ଧି ପାଇବ। ଖୋର୍ଦ୍ଧାଗଡ଼ ବିଲୁପ୍ତ ହେବାକୁ ବସିଛି। ଏହାର ସଂଲଗ୍ନ ପାର୍ଶ୍ୱରେ ରହିଥିବା ଐତିହ୍ୟ ମଠ, ମନ୍ଦିର, ପୋଖରୀ ଅସ୍ତିତ୍ୱ ହରାଉଛି। ଏହି ଗଡ଼ର ପୁନରୁଦ୍ଧାର କରାଗଲେ ତଥା ଏହାର ଚତୁଃପାର୍ଶ୍ୱ ଉନ୍ନତୀକରଣ କରାଗଲେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରିବ। ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ଗୌରବମୟ ଇତିହାସ ରହିଛି। ଏହାକୁ ଏକକ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଁ ଦାବି ସତ୍ତ୍ୱେ ଗୁରୁତ୍ୱ ଦିଆଯାଉନାହିଁ। ରାଜ୍ୟର ଲବ୍ଧ ପ୍ରତିଷ୍ଠିତ ହାଇସ୍କୁଲ ମଧ୍ୟରେ ଖୋର୍ଦ୍ଧାସ୍ଥିତ ବିଜେବି ହାଇସ୍କୁଲ ଅନ୍ୟତମ। ଏହି ବିଦ୍ୟାଳୟ ୧୨୫ବର୍ଷରେ ପଦାର୍ପଣ କରିଛି। ଏହି ଶିକ୍ଷାନୁଷ୍ଠାନକୁ ଜାତୀୟ ସ୍ତରୀୟ ବିଦ୍ୟାଳୟ ମାନ୍ୟତା ପାଇଁ ଦାବି ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ସେହିପରି ଖୋର୍ଦ୍ଧାର ଅନ୍ୟତମ ପରିଚୟ ନାଲିଗାମୁଛା। ପ୍ରୋତ୍ସାହନ ଅଭାବରୁ କାରିଗରମାନେ ଏଥିରୁ ମୁହଁ ଫେରାଉଛନ୍ତି। ବରୁଣେଇ ପାହାଡ଼ ପାଦଦେଶରେ ପ୍ରସ୍ତାବିତ ସ୍ମାରକୀ ନିର୍ମାଣ ମନ୍ଥର ଗତିରେ ଚାଲିଛି। ସେହିପରି ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ସହରର ଅନ୍ୟତମ ସମସ୍ୟା ହେଉଛି କ୍ୟାବିନ। ପୁରୁଣା ବସଷ୍ଟାଣ୍ଡଠାରୁ ଏସ୍‌ବିଆଇ ଛକ ପର୍ଯ୍ୟନ୍ତ କ୍ୟାବିନ ଲମ୍ବିଥିବା ବେଳେ ଏବେ ପ୍ରଥମ ପର୍ଯ୍ୟାୟରେ ଟ୍ରାଫିକ ଛକ, ମାରୱାଡି ପଟି, ଟାଉନ ଥାନା ପାର୍ଶ୍ୱ, ସମବାୟ ଛକରୁ କ୍ୟାବିନ ଏବଂ ଉଠାଦୋକାନୀ, ପରିବା ବଜାରକୁ ଟିଏଲ୍‌ସିକୁ ସ୍ଥାନାନ୍ତର କରାଯାଇଛି। ତେବେ ପାଞ୍ଚ ମାସ ବିତିବାକୁ ବସିଲାଣି, ଏ ପର୍ଯ୍ୟନ୍ତ ଟ୍ରାଫିକ ଛକଠାରୁ ତହସିଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ ବଳକା କ୍ୟାବିନ ଉଠାଯାଇପାରୁନାହିଁ। ସେହିପରି ସହରର ପରିମଳ ବିପର୍ଯ୍ୟସ୍ତ ହୋଇପଡ଼ିଛି। ସାମାନ୍ୟ ବର୍ଷାରେ ଡ୍ରେନ ପାଣି ନିଷ୍କାସନ ହୋଇ ନ ପାରି ରାସ୍ତାରେ ଜମିବା ସହ ଅଳିଆ ଆବର୍ଜନା ଭାସୁଛି। ଏ ସମ୍ପର୍କରେ ଏସ୍‌ପି ସାଗରିକା ନାଥ କୁହନ୍ତି, ସହରର ଟ୍ରାଫିକ ସମସ୍ୟା ନିୟନ୍ତ୍ରଣ, ଆଇନଶୃଙ୍ଖଳା, ସାଇବର ଅପରାଧ ରୋକିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ସେହିପରି ବିଧାୟକ ପ୍ରଶାନ୍ତ ଜଗଦେବ କୁହନ୍ତି, ସହରର ସର୍ବାଙ୍ଗୀନ ବିକାଶ ପାଇଁ ଭାଜପା ସରକାର ପ୍ରତିଶ୍ରୁତିବଦ୍ଧ। ଅନ୍ୟପକ୍ଷରେ ପୌର ନିର୍ବାହୀ ଅଧିକାରୀ ରିଜୱାନା କଅକବ କୁହନ୍ତି, ପରିମଳ ସୁଧାର ଆଣିବା ସହରବାସୀଙ୍କ ସହଯୋଗ ଜରୁରୀ।

# ଜାତୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ସୌମେନ୍‌ଙ୍କୁ କାଂସ୍ୟ

ବାଲୁଗାଁ, ୨୯।୫(ସଂଗ୍ରାମ ପାଇକରାୟ)



ମହାରାଷ୍ଟ୍ରର କଲହାପୁରଠାରେ ଗତ ୨୦ରୁ ୨୫ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଜାତୀୟ କନିଷ୍ଠ ଓ ଉପକନିଷ୍ଠ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ବାଲୁଗାଁସ୍ଥିତ ଅଶୋକ ନଗରର ସୌମେନ ସେନାପତି ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିଲେ। ସେ ବେଞ୍ଚ ପ୍ରେସରେ ୧୪୨.୫ କେଜି ଉଠାଇ ଜାତୀୟ ରେକର୍ଡ ସୃଷ୍ଟି କରିବା ସହ କାଂସ୍ୟ ପଦକ ହାସଲ କରିଛନ୍ତି। ସୌମେନ ପାଠପଢ଼ା ସହ ଖେଳରେ ରୁଚି ରଖି ନିଜର ପରିଶ୍ରମ ଓ ଏକାଗ୍ରତା ବଳରେ ଏହି ଯୋଗ୍ୟତା ହାସଲ କରିଛନ୍ତି। ସେ କରାଟେ ଓ ଫିଟ୍‌ନେସ କୋଚ ଦୀପକ କୁମାର ସାମନ୍ତରାଙ୍କ ନିକଟରେ ପ୍ରଶିକ୍ଷଣ ପ୍ରାପ୍ତ କରିଛନ୍ତି। ସୌମେନ ଭବିଷ୍ୟତରେ ଜାତୀୟ ସ୍ୱର୍ଣ୍ଣ ପଦକ ହାସଲ କରି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ପଦକ ପାଇବା ପାଇଁ ଆଶା ରଖିଛନ୍ତି। ତାଙ୍କର ଏହି ସଫଳତା ପାଇଁ ରାଜ୍ୟ ଶକ୍ତି ଉତ୍ତୋଳନ ସଂଘର ସମ୍ପାଦକ ଡ. ହରି ପ୍ରସାଦ ପଟ୍ଟନାୟକ, ଅଧ୍ୟକ୍ଷ ଇ. ଚିତ୍ତରଞ୍ଜନ ସ୍ୱାଇଁ ଏବଂ ଅଞ୍ଚଳର କ୍ରୀଡ଼ାପ୍ରେମୀ ଶୁଭେଚ୍ଛା ଜଣାଇଛନ୍ତି।

# ମିନାବଜାର ପଡ଼ିଆରେ ନିର୍ମାଣ ହେବ ୩୪୪ ଦୋକାନ ଗୃହ

## ଜଟଣୀ ପୌରପରିଷଦର ୨୪ତମ ବୈଠକ

- ଥଇଥାନ ହେବେ କ୍ଷତିଗ୍ରସ୍ତ ବ୍ୟବସାୟୀ
- ସରକାରୀ ଜମିରୁ ହେବ ଜବଖଦଖଲ ଉଚ୍ଛେଦ

ଜଟଣୀ, ୨୯।୫(ରବୀନ୍ଦ୍ରନାଥ ମହାକୁଡ଼)



ବୈଠକରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

ଜଟଣୀ ପୌର ପରିଷଦର ୨୪ତମ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ନଗରପାଳ ଅନନ୍ତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଜଟଣୀ ପୌରାଞ୍ଚଳର ବିକାଶ ସହିତ ଜନସାଧାରଣଙ୍କ ସୁବିଧାକୁ ଗୁରୁତ୍ୱ ପ୍ରଦାନ କରାଯାଇଛି। ରାସ୍ତା ପ୍ରଶସ୍ତୀକରଣ ଏବଂ ଫ୍ଲାଏ ଓଭରବ୍ରିଜ ନିର୍ମାଣ ପାଇଁ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଥିବା ବ୍ୟବସାୟୀଙ୍କୁ ଥଇଥାନ କରିବା ଉଦ୍ଦେଶ୍ୟରେ ପ୍ରଥମ ପର୍ଯ୍ୟାୟରେ ସ୍ଥାନୀୟ ପୌର କାର୍ଯ୍ୟାଳୟ ନିକଟ ମିନାବଜାର ପଡ଼ିଆରେ ୧୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଦୁଇ ମହଲା ବିଶିଷ୍ଟ ୩୪୪ଟି ଦୋକାନ ଗୃହ ନିର୍ମାଣ କରାଯିବ, ଯାହାର ଡିପିଆର୍ ସରିଛି। ରେଲ୍‌ୱେ କଲୋନୀରୁ ଉଚ୍ଛେଦ ବସ୍ତିବାସୀଙ୍କ ପାଇଁ ସ୍ଥାନୀୟ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ନିକଟରେ ୭ ଏକର ଜମିରେ ସରକାରଙ୍କ ଆଫୋର୍ଡେବଲ ସ୍କିମରେ ବିସ୍ଥାପିତଙ୍କୁ ଘର ଯୋଗାଇ ଦିଆଯିବ। ଲୋକଙ୍କ ଗମନାଗମନ ସୁବିଧା ଏବଂ ଟ୍ରାଫିକ ସମସ୍ୟା ଦୂର କରିବା ପାଇଁ ସ୍ଥାନୀୟ ଆନ୍ଧ୍ରା ବ୍ୟାଙ୍କ ଛକଠାରୁ କୁଦିଆରୀ ବଜାର ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ବେଆଇନ ଦୋକାନ ଗୃହ ଆସନ୍ତା ସପ୍ତାହରେ ଉଚ୍ଛେଦ କରାଯିବ। ଜଟଣୀ ପୌରାଞ୍ଚଳରେ ରହିଥିବା ସରକାରୀ ଜମି ଜବରଦଖଲକାରୀଙ୍କୁ ନୋଟିସ ଜାରି କରିବା ସହିତ ଉକ୍ତ ସରକାରୀ ଜମିରୁ ଉଚ୍ଛେଦ ଏବଂ ପ୍ରୋଟେକ୍ସନ ଅଫ ଗଭର୍ଣ୍ଣମେଣ୍ଟ ଲ୍ୟାଣ୍ଡ ଆକ୍ଟ ମାଧ୍ୟମରେ ଉକ୍ତ ଜମିଗୁଡିକୁ ଆବଦ୍ଧ କରାଯିବା ଆଦି ବିଷୟ ଉପରେ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ପୌରାଧ୍ୟକ୍ଷ ଅନନ୍ତ ବେହେରା କହିଛନ୍ତି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୌର କାର୍ଯ୍ୟନିର୍ବାହୀ ଅଧିକାରିଣୀ ରଶ୍ମିତା ନାଥ, ଉପାଧ୍ୟକ୍ଷା ଆରତୀ ରାଉତ, ପୌର ସହାୟକ ଯନ୍ତ୍ରୀ ଦୀପକ ରଥ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପଟେ ଜଟଣୀରେ ନିର୍ମାଣ ହେବାକୁ ଥିବା ୫୮୮ ଦୋକାନ ଗୃହ ଆବଣ୍ଟନ ପାଇଁ ପ୍ରସ୍ତୁତ ତାଲିକାରେ ତ୍ରୁଟି ରହିଥିବା ଏବଂ ପୁନର୍ବାର କୌଣସି ନିର୍ଦ୍ଦିଷ୍ଟ ସଂସ୍ଥା ଦ୍ୱାରା ତଦନ୍ତ କରି କ୍ଷତିଗ୍ରସ୍ତ ଦୋକାନୀଙ୍କ ତାଲିକା ପ୍ରସ୍ତୁତ କରିବା ସହିତ ବର୍ତ୍ତମାନର ତାଲିକାକୁ ଶୀଘ୍ର ସାର୍ବଜନୀନ କରିବା ପାଇଁ ସାଧାରଣରେ ଦାବି ହେଉଛି।

# ତୃଣମୂଳସ୍ତରରେ ପହଞ୍ଚିବ ଜନହିତକର ଯୋଜନା

## 'ସେବା ପ୍ରସାର' ଜିଲାସ୍ତରୀୟ କାର୍ଯ୍ୟକ୍ରମ ପ୍ରସ୍ତୁତି ବୈଠକ

ଖୋର୍ଦ୍ଧା,୨୯।୫(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାପରିଷଦ ସମ୍ମିଳନୀ କକ୍ଷରେ ରାଜ୍ୟ ସରକାରଙ୍କ 'ସେବା ପ୍ରସାର' ଜିଲାସ୍ତରୀୟ କାର୍ଯ୍ୟକ୍ରମ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଚଞ୍ଚଳ ରାଣା ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ସରକାରଙ୍କ ଏକବର୍ଷ ପୂର୍ତ୍ତି ଉପଲକ୍ଷେ ରାଜ୍ୟର ଐତିହ୍ୟ ଓ ପରମ୍ପରା, ସଂସ୍କୃତି, ଓଡ଼ିଆର ଅସ୍ମିତା ସହ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସମସ୍ତ ବିକାଶମୂଳକ ଯୋଜନାର ବ୍ୟାପକ ପ୍ରଚାର ପ୍ରସାର ଏବଂ ସେବା ଉପଲବ୍ଧ ଉଦ୍ଦେଶ୍ୟରେ ଆସନ୍ତା ୫ରୁ ୨୦ତାରିଖ ମଧ୍ୟରେ ଜିଲାସ୍ତରୀୟ ଏକବର୍ଷ ପୂର୍ତ୍ତି ଉତ୍ସବ ପାଳନ କରାଯିବ। ଜିଲାସ୍ତରୀୟ ଉତ୍ସବ ସ୍ଥାନୀୟ ହାବେଳି ପଡ଼ିଆରେ ଆୟୋଜିତ ହେବ। ଏହି ଉତ୍ସବରେ ପ୍ରତ୍ୟେକ ବିଭାଗର ଷ୍ଟଲ ଖୋଲାଯାଇ ଜନସାଧାରଣଙ୍କୁ ଯୋଜନା ସମ୍ବନ୍ଧରେ ଅବଗତ କରାଯିବ। ସଫଳ ହିତାଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯିବ। ପ୍ରତ୍ୟେକ ବ୍ଲକରେ ଜନମଙ୍ଗଳ ଯୋଜନା ଓ ବିକାଶର ବାର୍ତ୍ତା ପ୍ରଚାର, ରଜ ଉତ୍ସବ ପାଳନ, ପଲ୍ଲିଶ୍ରୀ ମେଳା ଆୟୋଜନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଶିକ୍ଷା, ସୂଚନା ଏବଂ ଦ୍ରୁତ ବିକାଶର ବାର୍ତ୍ତା ପ୍ରଚାର ପ୍ରସାର କରାଇ ସେମାନଙ୍କୁ ବିକଶିତ ଓଡ଼ିଶାର ବିକାଶ ସ୍ରୋତରେ ସାମିଲ କରାଯିବ ବୋଲି ଜିଲାପାଳ ପ୍ରକାଶ କରିଛନ୍ତି। ସମସ୍ତ ଅଧିକାରୀ ବିଭାଗୀୟ ସଫଳତା ଓ ସେବା ସମ୍ବନ୍ଧରେ ବିସ୍ତୃତ ତଥ୍ୟ ଆସନ୍ତା ମଙ୍ଗଳବାର ସୁଦ୍ଧା ଜିଲା ପ୍ରଶାସନକୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ଅତିରିକ୍ତ ଜିଲାପାଳ(ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ଅତିରିକ୍ତ ଜିଲାପାଳ(ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ, ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଉପଜିଲାପାଳ କିଶୋର କୁମାର ପଣ୍ଡା, ସମସ୍ତ ଡେପୁଟି କଲେକ୍ଟର, ବିଡିଓ, ତହସିଲଦାର, ପୌର ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାହୀ ଅଧିକାରୀଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀ ଉପସ୍ଥିତ ଥିଲେ।



ବୈଠକରେ ଜିଲାପାଳ ଚଞ୍ଚଳ ରାଣା ଏବଂ ଅନ୍ୟ ଅଧିକାରୀ।

# ମହିଳାଙ୍କ ସମେତ ୩ ବ୍ୟବସାୟୀ ଧରାପଡ଼ିଲେ

## ୯ ହଜାର ଲିଟର ମହୁଲି ମଦ, ପୋଚ ନଷ୍ଟ

ବାଲୁଗାଁ/ବାଣପୁର,୨୯।୫
(ସଂଗ୍ରାମ ପାଇକରାୟ/ଦିଲୀପ ସ୍ୱାଇଁ)

ଖୋର୍ଦ୍ଧା, ଟାଙ୍ଗୀ ଏବଂ ବାଲୁଗାଁ ଅବକାରୀ ବିଭାଗର ମିଳିତ ଟିମ୍ ଗୁରୁବାର ଶାଳିଆ ଡ୍ୟାମ୍ ନିକଟ କୋଷରଡ଼ା ଜଙ୍ଗଲ ଅଞ୍ଚଳରେ ଚଢ଼ାଉ କରି ବେଆଇନ ଭାବେ ପ୍ରସ୍ତୁତ ହେଉଥିବା ୨ ହଜାର ଲିଟର ଦେଶୀ ମହୁଲି ମଦ ସହ ୭ ହଜାର ଲିଟର ମହୁଲି ପୋଚ ଏପରି ମୋଟ ୯ ହଜାର ଲିଟର ନଷ୍ଟ କରିଛନ୍ତି। ତେବେ ଚଢ଼ାଉ ବେଳେ ସମ୍ପୃକ୍ତ ମଦ ପ୍ରସ୍ତୁତକାରୀମାନେ ଖସି ପଳାଇଛନ୍ତି। ସେହିପରି ଏହି ଟିମ୍ ବାଲୁଗାଁ ନିକଟ ବଡ଼କୁଳ ବଜାରରୁ ୩୦୭ ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରିଥିବା ବେଳେ ସମ୍ପୃକ୍ତ ଜଣେ ମହିଳାଙ୍କ ସମେତ ୩ଜଣ ବ୍ୟବସାୟଙ୍କୁ ଗିରଫ କରାଯାଇଛି । ସେମାନେ ହେଲେ ଗୀତାଞ୍ଜଳି ସାହୁ, କୃଷ୍ଣମୋହନ ସାହୁ ଏବଂ କିଶୋର ସାହୁ । ଏନେଇ ପୃଥକ୍ ଭାବେ ତିନୋଟି ମାମଲା (ନଂ. ୪୫, ୪୬ ଏବଂ ୪୭/୨୫) ରୁଜୁ ପରେ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଅଭିଯୁକ୍ତମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଖୋର୍ଦ୍ଧା ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଜିଲା ଭ୍ରାମ୍ୟମାଣ ଉପନିରୀକ୍ଷକ ସୁଜିତ କୁମାର ନାଗ, ଟାଙ୍ଗୀ ଅବକାରୀ ନିରୀକ୍ଷକ ରାଧାକାନ୍ତ ଭୋଇ ଏବଂ ବାଲୁଗାଁ ଅଧିକାରୀ ସୁଜିତ କୁମାର ମୁଦୁଲିଙ୍କ ନେତୃତ୍ୱରେ ଏହି ଚଢ଼ାଉରେ ବାଲୁଗାଁ ଏଏସ୍ଆଇ ସଞ୍ଜୟ କୁମାର ସୁବୁଦ୍ଧି, ସଞ୍ଜୟ କୁମାର ରାଉତ, କନଷ୍ଟେବଲ ରଞ୍ଜିତ ପଟେଲ, ସୁନିତା ମହାରଣା, ସସ୍ମିତା ସେଠୀ, ମନୋଜ ଜୟସିଂ, ବିକାଶ ରାଉତ, କାଳୁ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।



ଗିରଫ ୩ ଅଭିଯୁକ୍ତ ଏବଂ ଜବତ ସାମଗ୍ରୀ।

# ଋତୁସ୍ରାବ ଈଶ୍ୱରଙ୍କ ପ୍ରଦତ୍ତ ଆଶୀର୍ବାଦ: ପ୍ରଭାତୀ




ଅତିଥିମାନେ ଋତୁସ୍ରାବ ପରିଚ୍ଛନ୍ନତା ସର୍ଭେ ରିପୋର୍ଟ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର, ୨୯।୫ (ବନ୍ଦନା ସେଠୀ)

ସମାଜରୁ ଋତୁସ୍ରାବଜନିତ ନୀରବତା ଭାଙ୍ଗିବାକୁ ପଡ଼ିବ। ଋତୁସ୍ରାବ ମହିଳାଙ୍କ ପାଇଁ ଈଶ୍ୱରଙ୍କ ପ୍ରଦତ୍ତ ଆଶୀର୍ବାଦ। ଋତୁସ୍ରାବଜନିତ ଅନ୍ଧବିଶ୍ୱାସ ସହ ଲଢ଼ିବା ପାଇଁ ଆମକୁ ତୃଣମୂଳସ୍ତରରେ ପରିବର୍ତ୍ତନ କରିବା ସହ ନିଜ ମାନସିକତାରେ ମଧ୍ୟ ପରିବର୍ତ୍ତନ ଆଣିବାକୁ ପଡ଼ିବ। ଘରର ମା'ମାନେ ପୁଅ ଅପେକ୍ଷା ଝିଅମାନଙ୍କୁ ଅଧିକ ଯତ୍ନ କରିବା ଦରକାର। ଏହାସହ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଛାତ୍ରୀଙ୍କ ପାଇଁ ସ୍ୱଚ୍ଛ ଶୌଚାଳୟ ଉପରେ ଗୁରୁତ୍ୱାରୋପ କରାଯିବା ଆବଶ୍ୟକ ବୋଲି ରାଜ୍ୟ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଗୁରୁବାର ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଆଇନା' ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର ସହଭାଗିତାରେ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନରେ ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜରେ ଋତୁସ୍ରାବ ଅନୁକୂଳ (ପିରିୟଡ୍ ଫ୍ରେଣ୍ଡଲି) ପରିବେଶ ସୃଷ୍ଟି କରିବା ପାଇଁ ପ୍ରତି ସର୍ବସାଧାରଣ ସ୍ଥାନରେ ଏକ ମହିଳା ଅନୁକୂଳ (ୱମେନ ଫ୍ରେଣ୍ଡଲି) ଜୋନ୍ ସୃଷ୍ଟି କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଯୋଗଦେଇ ଋତୁସ୍ରାବଜନିତ ଅସୁବିଧାଗୁଡ଼ିକୁ ବର୍ଣ୍ଣନା କରିଥିଲେ। ଏହି ପରିପ୍ରେକ୍ଷୀରେ ସେ ରାଜ୍ୟ ସରକାରଙ୍କ ବିଭିନ୍ନ ପଦକ୍ଷେପଗୁଡ଼ିକୁ ଉଲ୍ଲେଖ କରିଥିଲେ। ଆଇନା ଦ୍ୱାରା କରାଯାଇଥିବା ଋତୁସ୍ରାବ ପରିଚ୍ଛନ୍ନତା ସର୍ଭେ ରିପୋର୍ଟକୁ ଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା।

बैंक ऑफ़ बड़ौदा Bank of Baroda

ଚାପଗ୍ରସ୍ତ ସମ୍ପତ୍ତି ପରିଚାଳନା ଭର୍ଟିକାଲ
ବ୍ୟାଙ୍କ ଅଫ୍ ବରୋଦା, ବରୋଦା କର୍ପୋରେଟ୍ ସେଣ୍ଟର, ସି-୨୬, ଜି-ବ୍ଲକ, ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସ, ବାନ୍ଦ୍ରା ପୂର୍ବ, ମୁମ୍ବାଇ-୪୦୦୦୫୧
ଇମେଲ: wfd.bcc@bankofbaroda.co.in

BOB: SAMV:117:1101 Date: 17.05.2025

ଇଚ୍ଛାକୃତ ଋଣ ଖିଲାପୀ ଶ୍ରେଣୀ ବିଭାଗ :
ସମୀକ୍ଷା କମିଟି ନିକଟରେ ପକ୍ଷ ଉପସ୍ଥାପନ କରିବା ସୁଯୋଗ

| | |
|---|---|
| ମେସର୍ସ ଗୁପ୍ତା ପାୱାର ଇନ୍‌ଫ୍ରାଷ୍ଟ୍ରକ୍‌ଚର ଲିଃ., ପଞ୍ଜିକୃତ କାର୍ଯ୍ୟାଳୟ ଠିକଣା- ଇଏନ୍-୬୨, ସେକ୍ଟର-୫, ୭ମ ଫ୍ଲୋର, ସଲ୍ଟ ଲେକ୍ ସିଟି, କୋଲକାତା, ପଶ୍ଚିମବଙ୍ଗ-୭୦୦୦୯୧ | ଶ୍ରୀ ପ୍ରବୀଣ କୁମାର ଅଗ୍ରୱାଲ (ନିର୍ଦ୍ଦେଶକ), ଫ୍ଲାଟ୍ ନଂ.: ୬୨୭, ଗୋବିନ୍ଦ ବ୍ଲକ, ବାଲାଜୀ କମ୍ପ୍ଲେକ୍ସ, ଜେଲ୍ ରୋଡ଼, ଝାରପଡ଼ା, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ରାଜ୍ୟ: ଓଡ଼ିଶା-୭୫୧୦୦୬ |

**No.B-152** : The **Chief Engineer, Balangir (R&B) Circle, Balangir** on behalf of Governor of Odisha invites percentage rate bid in double cover system in **ONLINE MODE** for the construction of works detailed in the table below from **"B" "A" & "Special" Class** Contractors registered with the State Governments and contractors of equivalent Grade/Class registered with Central Government/MES/Railways for execution of Civil works. The proof of registration from the appropriate authority shall be enclosed along with the bid.

| | | | |
|---|---|---|---|
| 1. | Nature of Work | : | Building work |
| 2. | No. of tender | : | Building work - 3 Nos. |
| 3. | Tender Cost | : | Rs. 10,000/- |
| 4. | Class of Contractor | : | **"B" "A" & "Special" Class** |
| 5. | Date & Time of sale & Receipt of Bids | : | From Dt. 05.06.2025, 05.00 P.M. to Dt. 19.06.2025 up to 05.00 P.M. |
| 6. | Date of opening Bid | | Dt. 20.06.2025 at 11.00 A.M. |
| 7. | The bidders have to participate in ONLINE bidding only. Further details can be seen from the website : http://tendersorissa.gov.in. All future corrigendum will be available on ONLINE MODE only. | | |

Sd./- Chief Costruction Engineer,
Balangir (R&B) Circle, Balangir

OIPR-34131/11/0011/2526



**कार्यपालक अभियंता का कार्यालय,**
**पथ निर्माण विभाग, पथ प्रमंडल, राँची**

**ई–प्रोक्योरमेंट सूचना**
टेन्डर रेफरेंन्स नं0–प0नि0वि0/राँची–02/2025–26 दिनांक :–28.05.2025

| | | |
|---|---|---|
| 1. | कार्य का नाम | हरमू रोड से टेलिफोन एक्सेन्ज रोड भाया अवधूत आश्रम, सेवा सदन एवं जालान टिम्बर रोड तथा मेन रोड उर्दू लाईब्रेरी से किषोरगंज चौक भाया राँची लेक रोड (कुल लम्बाई–4.110 कि0मी0) का राईडिंग क्वालिटी में सुधार (IRQP) कार्य वर्ष 2025–26. |
| 2. | प्राक्कलि राषि (रू0 लाख में) | रू0 320.22455 लाख (रूपये तीन करोड़ बीस लाख बाईस हजार चार सौ पचपन रूपये) मात्र। |
| 3. | अग्रधन की राशि (रू0 लाख में) | रू0 3.21 लाख (रूपये तीन लाख एक्कीस हजार) मात्र। |
| 4. | कार्य पूर्ण करने की अवधि | 03 (तीन) माह |
| 5. | वेबसाईड पर निविदा प्रकाशन की तिथि | 30.05.2025 10.30 बजे पूर्वाह्न |
| 6. | निविदा प्राप्ति की अंतिम तिथि/समय | 19.06.2025 12.00 बजे दोपहर तक |
| 7. | निविदा खोलने तिथि/समय | 20.06.2025 12.30 बजे |
| 8. | निविदा प्रकाशित करने वाले कार्यालय का नाम एवं पता | कार्यपालक अभियंता पथ निर्माण विभाग, पथ प्रमंडल राँची, मोहराबादी, राँची–834008. |
| 9. | प्रोक्योरमेंट पदाधिकारी का सम्पर्क संख्या | 0651–2361018 |
| 10. | ई–प्रोक्योरमेंट सेल का हेल्पलाईन संख्या | 0651–2403007 |

- प्राक्कलित राशि एवं अग्रधन की राशि घट–बढ़ सकती है, जिसे **Tender Online Upload** में देखा जा सकता है, एवं किसी भी प्रकार का बदलाव ***http://jharkhandtenders.gov.in*** पर देखा जा सकता है।
- पथ निर्माण विभाग, झारखण्ड सरकार में निबंधित संवेदकों के लिए ***UCAN*** निबंघन आवश्यक है।
- नियम एवं शर्तो के लिए वेबसाईट ***http://jharkhandtenders.gov.in*** पर देखें।

**PR 353787 Road Construction Dept Road Division Ranchi(25-26)#D**
कार्यपालक अभियंता
पथ निर्माण विभाग,पथ प्रमंडल, राँची

# ୟୁଜିରେ ପାସ୍ ହାର ୮୨.୬%, ପିଜିରେ ୯୨.୮%

## ଏସ୍‌ସିଏସ୍ କଲେଜର ୟୁଜି, ପିଜି, ବିବିଏ, ଏମ୍‌ବିଏ, ବିଏଡ୍ ପରୀକ୍ଷାଫଳ ପ୍ରକାଶ

ପୁରୀ, ୨୯।୫(ଅଜିତ୍ କୁମାର ମହାନ୍ତି)

ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟର ୟୁଜି, ପିଜି, ବିବିଏ, ଏମ୍‌ବିଏ, ବିଏଡ୍ ଆଦିର ପରୀକ୍ଷାଫଳ ଗୁରୁବାର ପ୍ରକାଶ ପାଇଛି। ୟୁଜିରେ ୮୮୪ ଜଣ ପରୀକ୍ଷା ଦେଇଥିବା ବେଳେ ୭୩୦ ଜଣ କୃତକାର୍ଯ୍ୟ ହୋଇଛନ୍ତି। ୮୨.୬% ପାସ୍ ହାର ରହିଛି। ପିଜିରେ ୩୦୭ ଜଣଙ୍କ ମଧ୍ୟରୁ ୨୮୫ ଜଣ ପାସ୍ ହୋଇଥିବା ବେଳେ ପାସ୍ ହାର ୯୨.୮% ରହିଛି। ବିବିଏରେ ୫୩ ଜଣଙ୍କ ମଧ୍ୟରୁ ୪୮ ଜଣ ପାସ୍ ହୋଇଥିବା ବେଳେ ପାସ୍ ହାର ୯୦.୬% ରହିଛି। ଏମ୍‌ବିଏରେ ୬୧ ଜଣ ଜଣଙ୍କ ମଧ୍ୟରୁ ୫୯ଜଣ କୃତକାର୍ଯ୍ୟ ହୋଇଛନ୍ତି। ପାସ୍‌ହାର ୯୬.୭ ଧ୍% ରହିଛି। ଏମ୍‌ଏଫ୍‌ସିରେ ୧୦ ଜଣରୁ ୧୦ ଜଣ ପାସ୍ ହୋଇଥିବା ବେଳେ ପାସ୍ ହାର ଶତପ୍ରତିଶତ ହୋଇଛି। ୨ୟ ବର୍ଷ ଜେନରାଲ ବିଏଡ୍‌ରେ ୪୫ ଜଣଙ୍କ ମଧ୍ୟରୁ ୪୨ ଜଣ ପାସ୍ ହୋଇଛନ୍ତି। ପାସ ହାର ୯୩.୩% ରହିଛି। ୪ର୍ଥ ବର୍ଷ ଇଣ୍ଟର ବିଏଡ୍‌ରେ ୯୮ ଜଣଙ୍କ ମଧ୍ୟରୁ ୯୦ ଜଣ ପାସ୍ କରିଛନ୍ତି। ପାସ୍ ହାର ୯୧.୮% ରହିଛି। ବି.କମ୍‌ରେ ସସ୍ମିତା ମହାପାତ୍ର ୨୭୫୦ରୁ ୨୨୯୫ ମାର୍କ ସହ ଟପ୍ପର ହୋଇଛନ୍ତି। ବି.ଏ. ଅର୍ଥନୀତି ସ୍ନାତକରେ ଶିବପ୍ରସାଦ ମିଶ୍ର, ଏଜୁକେଶନରେ ପାର୍ବତୀ ଲେଙ୍କା, ଇଂଲିଶରେ ଶୁଭଙ୍କରୀ ବାହିନୀପତି, ଭୂଗୋଳରେ ଶୁଭେନ୍ଦୁ ବାରିକ, ଇତିହାସରେ ପ୍ରିୟଙ୍କା ପ୍ରିୟଦର୍ଶିନୀ ସ୍ୱାଇଁ, ଓଡ଼ିଆରେ ନରସିଂହ ସୁଆର, ଦର୍ଶନରେ ଶୁଭଲକ୍ଷ୍ମୀ ପ୍ରଧାନ, ରାଜନୀତି ବିଜ୍ଞାନରେ ଆୟୁଶ୍ରୀ ପ୍ରଧାନ, ସଂସ୍କୃତରେ ସରୋଜା ଭୋଇ, ସମାଜ ବିଜ୍ଞାନରେ କସ୍ତୁରୀ ମହାନ୍ତି, ମନୋବିଜ୍ଞାନରେ ପ୍ରିୟାଂଶୁ ମିଶ୍ର, ହିନ୍ଦୀରେ ଆଶୁତୋଷ ଜେନା ଏବଂ ଆନ୍ଥ୍ରୋପୋଲୋଜି ତଥା ମାନବ ବିଜ୍ଞାନରେ ଅଂଶୁମାନ ମହାପାତ୍ର ଶୀର୍ଷରେ ରହିଛନ୍ତି। ବିଏସ୍‌ସି ବଟାନିରେ ରତିପ୍ରଜ୍ଞା ଦାସ, କେମିଷ୍ଟ୍ରିରେ ସସ୍ମିତା ନାୟକ, ଗଣିତରେ ବର୍ଷା ପ୍ରିୟଦର୍ଶିନୀ ବେହେରା, ଫିଜିକ୍ସରେ ଦୀପ୍ତିମୟୀ ନାୟକ, ଜୁଲୋଜିରେ ଦେବଶ୍ରୀ ଚାଟାର୍ଜୀ ଏବଂ କମ୍ପ୍ୟୁଟର ସାଇନ୍ସରେ ଇପ୍ସିତା ପୃଷ୍ଟି ପ୍ରଥମ ହୋଇଛନ୍ତି।



ଗୁରୁବାର ସତ୍ୟବାଦୀସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ନବନିର୍ମିତ ଅଡିଟୋରିୟମ୍ ଉଦ୍‌ଘାଟନ ଅବସରରେ କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂ ଚୌହାନ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଅନ୍ୟ ଅତିଥି।

# ବେଆଇନ ଗୃହ ହଟିବ, ଅଟୋଷ୍ଟାଣ୍ଡ ପାଇଁ ଜାଗା ମିଳିବ



କୋଣାର୍କ ଅତିରିକ୍ତ ତହସିଲଦାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭଗବତୀ ଅଟୋ ସଂଘର ସଦସ୍ୟମାନେ ଧାରଣା ଦେଇଛନ୍ତି।

## ତହସିଲଦାରଙ୍କ ପ୍ରତିଶ୍ରୁତି ପରେ ଭଗବତୀ ଅଟୋ ସଂଘର ଧାରଣା ପ୍ରତ୍ୟାହୃତ

କୋଣାର୍କ,୨୯।୫(ଜ୍ୟୋତିରାଜ ମହାନ୍ତି)

ମା' ଭଗବତୀ ଅଟୋ ଆସୋସିଏଶନ ପକ୍ଷରୁ କୋଣାର୍କ ଅତିରିକ୍ତ ତହସିଲଦାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ପୂର୍ବାହ୍ନରେ ଧାରଣା ଦିଆଯାଇଥିଲା। କୋଣାର୍କ ରିଙ୍ଗରୋଡ୍ ନିକଟ ରାସ୍ତା ପାର୍ଶ୍ୱରେ ଜବରଦଖଲକାରୀ ଗୃହ ନିର୍ମାଣ କରି ଅଟୋଷ୍ଟାଣ୍ଡକୁ ବନ୍ଦ କରିବା ପ୍ରତିବାଦରେ ମା' ଭଗବତୀ ଅଟୋ ଆସୋସିଏଶନର ସଭାପତି ଶ୍ରୀକାନ୍ତ ନାୟକ, ସମ୍ପାଦକ ନଟରାଜ ପରିଡ଼ା, ପ୍ରଦୀପ୍ତ ମହାନ୍ତି, ବିଜୟ ନାୟକଙ୍କ ସମେତ ସମସ୍ତ ସଦସ୍ୟ ଧାରଣାରେ ବସିଥିଲେ। ଏ ସମ୍ପର୍କରେ ପୁରୀ ଜିଲାପାଳ, ଗୋପ ତହସିଲଦାର ଓ କୋଣାର୍କ ଥାନା ଅଧିକାରୀଙ୍କୁ ସଂଘ ପକ୍ଷରୁ ଲିଖିତ ଅଭିଯୋଗ କରାଯାଇଥିଲା। ଏହି ଧାରଣାର ୩ ଘଣ୍ଟା ପରେ ଅତିରିକ୍ତ ଜିଲାପାଳଙ୍କ ଶରତ ଚନ୍ଦ୍ର ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଗୋପ ତହସିଲଦାର ଅନୀଲ କୁମାର ମହାନ୍ତି ଏବଂ କୋଣାର୍କ ଥାନା ଆଇଆଇସି ପୂର୍ଣ୍ଣଚନ୍ଦ୍ର ସେଠୀ ଧାରଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ଜବରଦଖଲ ଗୃହ ଉଚ୍ଛେଦ କରାଯାଇ ସେହି ସ୍ଥାନରେ ଅଟୋଷ୍ଟାଣ୍ଡ ଅନୁମତି ଦେବା ପାଇଁ ଦାବିପତ୍ର ପ୍ରଦାନ କରାଯାଇଥିଲା। ବେଆଇନ ଗୃହ ନିର୍ମାଣ ବିରୋଧରେ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ ନିମନ୍ତେ ଗୋପ ତହସିଲଦାର ସଂଘ କର୍ମକର୍ତ୍ତାମାନଙ୍କୁ ପ୍ରତିଶ୍ରୁତି ଦେଇଥିବାବେଳେ ଅଟୋଷ୍ଟାଣ୍ଡ ପାଇଁ ଜାଗା ଯୋଗାଇବାକୁ ଜିଲା ପ୍ରଶାସନକୁ ଅବଗତ କରାଇବା ସହ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ ବୋଲି ତହସିଲଦାର ମହାନ୍ତି କହିଥିଲେ। ଏହାପରେ ଅଟୋ ଚାଳକ ସଂଘର ଧାରଣା ପ୍ରତ୍ୟାହୃତ ହୋଇଥିଲା।

# 'ସମବାୟ ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି'

**ପୁରୀ,୨୯।୫(ଅଜିତ୍ କୁମାର ମହାନ୍ତି):** ସଶକ୍ତ ସମବାୟ, ସୁଦୃଢ଼ ସମାଜ ଓ ସମୃଦ୍ଧ ଜୀବନର ବାର୍ତ୍ତା ନେଇ ବୁଧବାର ପୁରୀ ସଂସ୍କୃତି ଭବନରେ ଡିଆର୍‌ସିଏସ୍ ସୁନିତା ପତିଙ୍କ ଅଧକ୍ଷତାରେ ଆନ୍ତର୍ଜାତିକ ସମବାୟ ବର୍ଷ ପାଳିତ ହୋଇଯାଇଛି। ସମବାୟ ଏକ ଜନ ଆନ୍ଦୋଳନରେ ପରିଣତ ହୋଇ ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବା ସହ ପରିବାର ମୁହଁରେ ହସ ଫୁଟାଇଛି। ଚଳିତ ମାସର ଥିମ୍ ଏଫ୍‌ଏକ୍ୟୁ ଧାନ ଉପରେ ସଚେତନତା, ଚାଷୀଙ୍କୁ ସାର, ଉନ୍ନତ ବିହନ, କୀଟନାଶକର ପ୍ରୟୋଗ ଏବଂ କୃଷି ଉପକରଣ ବ୍ୟବହାର ଉପରେ ଥିଲା। ଏହି ଥିମ୍ ଉପରେ ଅତିଥିମାନେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ୟୁପିଏନ୍‌ସିସି ବ୍ୟାଙ୍କ ପୁରୀର ଡିଜିଏମ୍ ତପତି ପଟ୍ଟନାୟକ, ବରିଷ୍ଠ ଏଆର୍‌ସିଏସ୍ ସ୍ୱରୂପ କର, ଏଆର୍‌ସିଏସ୍ ସନାତନ ବେହେରା, ସାକ୍ଷୀଗୋପାଳ ଆର୍‌ସିଏମ୍ ସମ୍ପାଦକ ଜିତେନ୍ଦ୍ର ଦାସ, ନିମାପଡ଼ା ଆର୍‌ସିଏମ୍ ସମ୍ପାଦକ ସୁଶାନ୍ତ ରାଉତ ପ୍ରମୁଖ ଯୋଗଦେଇ ସମବାୟ ସହଯୋଗ, ସମନ୍ୱୟ ଓ ସହଭାଗିତାର ବନ୍ଧନ ବିଷୟରେ ଆଲୋଚନା କରିଥିଲେ। କୃଷି ସମବାୟ ସମିତି ଗଠନ, ଲ୍ୟାମ୍ପସ ଓ ପ୍ୟାକ୍ସ ମାଧ୍ୟମରେ କୃଷି ଋଣ ପ୍ରଦାନ, ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧି କେନ୍ଦ୍ର ଖୋଲିବା, ସମବାୟ ମାଧ୍ୟମରେ ଗ୍ରାମୀଣ ଅର୍ଥ ବ୍ୟବସ୍ଥା ସୁଦୃଢ଼ ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲାରେ ୨୪୫ ପ୍ୟାକ୍ସ କାର୍ଯ୍ୟ କରୁଛି। ବିଗତ ଖରିଫ ବର୍ଷରେ ସମବାୟ ବିଭାଗ ମାଧ୍ୟମରେ ୧୮ ଲକ୍ଷ ୫୨ ହଜାର ୩୦୦ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଛି, ଯାହାକି ବିଗତ ବର୍ଷର ୧୫୦%ରୁ ଅଧିକ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉତ୍ତମ କାର୍ଯ୍ୟ କରିଥିବା ସମବାୟ ସମିତି ଏହାର ସମ୍ପାଦକମାନଙ୍କୁ ପୁରସ୍କୃତ କରାଯାଇଥିଲା। ଚଳିତବର୍ଷ ଖରିଫ ଧାନ ସଂଗ୍ରହରେ ଜିଲାର ୨ ଆର୍‌ଏମ୍‌ସିର ଅବଦାନ ପାଇଁ ମଧ୍ୟ ପୁରସ୍କୃତ କରାଯାଇଥିଲା। ସମବାୟ ନିରୀକ୍ଷକ ସତ୍ୟବ୍ରତ ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ।

# ମା' ତାରିଣୀଙ୍କ ସୁନାଚିତା, ହୁଣ୍ଡି ଚୋରି

ଡେଲାଙ୍ଗ,୨୯।୫ (ରଶ୍ମିରଞ୍ଜନ ପ୍ରଧାନ):ଡେଲାଙ୍ଗ ଥାନା ଅଧୀନ ବଡ଼ ଅଙ୍କୁଲା ଗ୍ରାମସ୍ଥିତ ମା' ତାରିଣୀଙ୍କ ମନ୍ଦିରରୁ ମା'ଙ୍କ ମଥାରେ ଲାଗିଥିବା ସୁନାଚିତା ସମେତ ହୁଣ୍ଡି ଭାଙ୍ଗି ଦୁର୍ବୃତ୍ତମାନେ ଟଙ୍କା ଚୋରି କରି ନେଇଥିବା ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ସୂଚନା ମୁତାବକ, ଗତ ବୁଧବାର ରାତିରେ ମନ୍ଦିର ପୂଜାରୀ ଧୂପ ଦେଇ ମନ୍ଦିର ଫାଟକ ବନ୍ଦ କରିଥିଲେ। ତେବେ ଗୁରୁବାର ସକାଳୁ ଗ୍ରାମର କେତେଜଣ ଲୋକ ମନ୍ଦିର ବାଟ ଦେଇ ଯିବା ସମୟରେ ମନ୍ଦିରର ହୁଣ୍ଡି ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। ମନ୍ଦିର ଖୋଲି ଦେଖିବା ବେଳକୁ ମା'ଙ୍କ ମଥାରେ ଲାଗିଥିବା ସୁନାଚିତା ନ ଥିବା ଦେଖିବା ପରେ ମନ୍ଦିର କମିଟି ଏବଂ ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଏନେଇ ଗ୍ରାମବାସୀ ଡେଲାଙ୍ଗ ହାଟ ଫାଣ୍ଡିରେ ଏକ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ଏହି ଚୋରିକୁ ମିଶାଇ ସମ୍ପୃକ୍ତ ମନ୍ଦିରରୁ ୩ ଥର ଚୋରି ହୋଇଥିଲେ ମଧ୍ୟ ପୋଲିସ ଚୋରଙ୍କୁ ଧରିବାରେ ସଫଳ ହୋଇ ନ ଥିବା ଗ୍ରାମବାସୀ କହିଛନ୍ତି।

## ନାବାଳିକାଙ୍କୁ ଉଦ୍ଧାର କରିବାକୁ ଯାଇ ପୋଲିସ ନିରାଶ

ଯୋଗେଶ୍ୱରପୁର,୨୯।୫(ରଶ୍ମିରଞ୍ଜନ ସାହୁ): ନୟାହାଟ ଅଞ୍ଚଳର ଜଣେ ନାବାଳିକାଙ୍କ ନିଖୋଜ ନେଇ ପୋଲିସ ପକ୍ଷରୁ ଖୋଜାଖୋଜି ଆରମ୍ଭ ହୋଇଛି। ନୟାହାଟ ଫାଣ୍ଡି ଅଧୀନ ଦେଓ୍ୱଳି ପଞ୍ଚାୟତର ଜଣେ ୧୬ ବର୍ଷୀୟା ନାବାଳିକାଙ୍କ ନିଖୋଜ ନେଇ ଫାଣ୍ଡିରେ କିଛିଦିନ ପୂର୍ବେ ଅଭିଯୋଗ ହୋଇଥିଲା। ନାବାଳିକା ଜଣଙ୍କ ଖୋର୍ଦ୍ଧା ଜିଲା ବେଗୁନିଆ ଥାନା କୋଠିଆଖାଲ ଗ୍ରାମର ଜଣେ ଯୁବକଙ୍କ ସହ ଥିବା ପୋଲିସ ଖବର ପାଇ ବୁଧବାର ସେଠାକୁ ଯାଇଥିଲା। ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ସଦବଳ ସେଠାରେ ପହଞ୍ଚିବା ପୂର୍ବରୁ ଦୁହେଁ ଜଙ୍ଗଲକୁ ପଳାଇଥିଲେ। ଫଳରେ ପୋଲିସ ନିରାଶ ହୋଇଥିଲା।

## ଭକ୍ତଙ୍କଠାରୁ ଚେନ୍ ଲୁଟ୍, ଜଣେ ଗିରଫ

**ପୁରୀ,୨୯।୫( ଅଜିତ୍ କୁମାର ମହାନ୍ତି):** ଶ୍ରୀମନ୍ଦିର ଭିତରେ ଭକ୍ତଙ୍କ ବେକରୁ ସୁନାଚେନ୍ ଲୁଟ୍ କରିବା ଅଭିଯୋଗରେ ସିଂହଦ୍ୱାର ଥାନା ପୋଲିସ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ଟାଉନ ଥାନା ଅଧୀନ ସୁଆର ସାହିର ଦୀପକ ସୁଆର। ପୋଲିସ ତାଙ୍କ ନିକଟରୁ ସୁନାଚେନ୍ ଜବତ କରିଛି। ଏନେଇ ପୋଲିସ ୭୭/୨୫ରେ ଏକ ମାମଲା ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ଯାଜପୁର ଜିଲା ସଦର ଥାନା ଅଞ୍ଚଳର ଅନିଲ କୁମାର ସାହୁ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଶ୍ରୀମନ୍ଦିରକୁ ଆସିଥିଲେ। ଭିତର କାଠ ନିକଟରେ ଅଭିଯୁକ୍ତ ଅନିଲଙ୍କ ସ୍ତ୍ରୀଙ୍କୁ ଧକ୍କା ଦେଇ ସୁନାଚେନ୍ ଲୁଟ କରି ନେଇଥିଲେ।

# ସପ୍ତଦଶ ବିଶ୍ୱଶାନ୍ତି ଯଜ୍ଞ ପାଇଁ କଳସ ଯାତ୍ରା



**ଚାରିଛକ,୨୯।୫(ଶିଶିର କୁମାର ସ୍ୱାଇଁ):** ଚାରିଛକ ନିକଟସ୍ଥ ବାହାରଣା ଐଶାନେଶ୍ୱର ପୀଠରେ ଚଳିତବର୍ଷ ପ୍ରମେଶ ମିଶ୍ର ଓ ପ୍ରଦୀପ ପଣ୍ଡାଙ୍କ ନେତୃତ୍ୱରେ ସପ୍ତଦଶ ବିଶ୍ୱଶାନ୍ତି ଯଜ୍ଞ ପାଇଁ ଗୁରୁବାର କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। କଳସ ଯାତ୍ରାରେ ବାଜା, ବାଣ, କୀର୍ତ୍ତନ କରି ବାହାରଣା ଗ୍ରାମ କପିଳା ପୋଖରୀରୁ କଳସରେ ଜଳ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଥିଲା। ଏହି ବିଶ୍ୱଶାନ୍ତି କଳସ ଯାତ୍ରାରେ କର୍ତ୍ତା ଭାବେ ଶୁଭ୍ରକାନ୍ତ ଦାଶ ଓ କର୍ତ୍ତ୍ରୀ ଭାବେ ଲହରୀ ଲୋପାମୁଦ୍ରା ପୁଷ୍ପାଳକ ଯଜ୍ଞରେ ସାମିଲ ହୋଇଥିଲେ। ଉକ୍ତ ଯାତ୍ରାରେ ବାହାରଣା ସହିତ ଖୁଲିସ, ଅଟେଇହୁଡ଼ା, ମାଧିପୁର, ଜୋରକୁଲ ପ୍ରମୁଖ ଗ୍ରାମରୁ ୭୦ରୁ ଊର୍ଦ୍ଧ୍ୱ ମହିଳା, ପୁରୁଷ ସାମିଲ ହୋଇଥିଲେ।


बैंक ऑफ़ बड़ौदा
Bank of Baroda

**ଚାପଗ୍ରସ୍ତ ସମ୍ପତ୍ତି ପରିଚାଳନା ଭର୍ଟିକାଲ**
ବ୍ୟାଙ୍କ ଅଫ୍ ବରୋଦା, ବରୋଦା କର୍ପୋରେଟ୍ ସେଣ୍ଟର, ସି-୨୬, ଜି-ବ୍ଲକ, ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସ, ବାନ୍ଦ୍ରା ପୂର୍ବ, ମୁମ୍ବାଇ-୪୦୦୦୫୧
ଇମେଲ: wfd.bcc@bankofbaroda.co.in

BOB: SAMV:117:1101 — Date: 17.05.2025

**ଇଚ୍ଛାକୃତ ଋଣ ଖିଲାପୀ ଶ୍ରେଣୀ ବିଭାଗ :**
**ସମୀକ୍ଷା କମିଟି ନିକଟରେ ପକ୍ଷ ଉପସ୍ଥାପନ କରିବା ସୁଯୋଗ**

| | |
|---|---|
| **ମେସର୍ସ ଗୁପ୍ତା ପାୱାର ଇନ୍‌ଫ୍ରାଷ୍ଟ୍ରକ୍‌ଚର ଲି଼.,** ପଞ୍ଜିକୃତ କାର୍ଯ୍ୟାଳୟ ଠିକଣା- ଇଏନ୍-୬୨, ସେକ୍ଟର-୫, ୭ମ ଫ୍ଲୋର, ସଲ୍ଟ ଲେକ୍ ସିଟି, କୋଲକାତା, ପଶ୍ଚିମବଙ୍ଗ-୭୦୦୦୯୧ | **ଶ୍ରୀ ପ୍ରବୀଣ କୁମାର ଅଗ୍ରୱାଲ (ନିର୍ଦ୍ଦେଶକ),** ଫ୍ଲାଟ୍ ନଂ.: ୬୨୭, ଗୋବିନ୍ଦ ବ୍ଲକ, ବାଲାଜୀ କମ୍ପ୍ଲେକ୍ସ, ଜେଲ୍ ରୋଡ୍, ଝାରପଡ଼ା, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ରାଜ୍ୟ: ଓଡ଼ିଶା-୭୫୧୦୦୬ |

**ତା୦୬.୦୨.୨୦୨୫ରିଖ**ରେ ଆପଣଙ୍କ ପଞ୍ଜିକୃତ ଠିକଣାରେ **ତା୦୩.୦୨.୨୦୨୫ରିଖ** କାରଣ ଦର୍ଶାଅ ନୋଟିସ ଆପଣଙ୍କ ନିକଟକୁ ପ୍ରେରଣ କରାଯାଇଥିଲା। ଯାହା କି ଫେରସ୍ତ ଆସିଥିବା କାରଣରୁ ତାହାର ଖବରକାଗଜ ପ୍ରକାଶନ **ଦି ନିଉ ଇଣ୍ଡିଆନ ଏକ୍ସପ୍ରେସ(ଭୁବନେଶ୍ୱର) ଏବଂ ଧରିତ୍ରୀ( ଭୁବନେଶ୍ୱର) ତା୧୭.୦୨.୨୦୨୫ରିଖ**ରେ ପ୍ରକାଶ କରାଯାଇଥିଲା। ଆପଣଙ୍କ ତରଫରୁ ଉପସ୍ଥାପିତ ଉତ୍ତରକୁ ଗ୍ରହଣ କରାଯାଇଥିଲା। ଏବଂ ତାହାକୁ ଚିହ୍ନଟ କମିଟି ଦ୍ୱାରା ପରୀକ୍ଷା କରାଯାଇ ଶେଷ ନିଷ୍ପତ୍ତି ଜାରି କରାଗଲା କି ଋଣ ଖିଲାପୀ ଶ୍ରେଣୀଭୁକ୍ତ ବିରୁଦ୍ଧରେ ପ୍ରତିପାଦିତ ତଥ୍ୟାବଳୀ ଏବଂ ଉତ୍ତର ଯଥେଷ୍ଟ ନୁହେଁ। ଖିଲାପର ଦିଗଗୁଡ଼ିକ ସମାଧାନ କରାଯାଇନାହିଁ। ଆପଣଙ୍କର ପ୍ରତିକ୍ରିୟା ଆମର ମୂଲ୍ୟାୟନକୁ ପରିବର୍ତ୍ତନ କରିବା ପାଇଁ ପର୍ଯ୍ୟାପ୍ତ କାରଣ ପ୍ରଦାନ କରେ ନାହିଁ। ତେଣୁ ଇଚ୍ଛାକୃତ ଖିଲାପ କମିଟି ଆପଣଙ୍କର ଇଚ୍ଛାକୃତ ଖିଲାପର ବର୍ଗୀକରଣ ପାଇଁ ସମୀକ୍ଷା କମିଟିକୁ ସୁପାରିସ କରିଛି। ଆପଣ ଏହି ନୋଟିସର **୧୫ ଦିନ** ମଧ୍ୟରେ ଉପରେ ଦିଆଯାଇଥିବା ଠିକଣାରେ ସମୀକ୍ଷା କମିଟି ନିକଟରେ ନିଜର ପକ୍ଷ ରଖିପାରିବେ। ଯଦି ଏହା ନ ହୁଏ ତେବେ ସମୀକ୍ଷା କମିଟି ଆପଣଙ୍କୁ ଇଚ୍ଛାକୃତ ଖିଲାପ ଭାବରେ ବର୍ଗୀକରଣର ସ୍ୱତନ୍ତ୍ର କ୍ଷମତା ରଖିଛନ୍ତି। ଆପଣ ଆପଣଙ୍କ ଆକାଉଣ୍ଟ ଯେଉଁଠାରେ ପରିଚାଳନା କରୁଛନ୍ତି ସେହି ସମ୍ପୃକ୍ତ ଶାଖାରୁ ଆପଣଙ୍କ ପ୍ରତିନିଧିତ୍ୱର ସବିଶେଷ ଉତ୍ତର ସଂଗ୍ରହ କରିପାରିବେ।

ତାରିଖ: ୨୯.୦୫.୨୦୨୫ — ସ୍ୱା/- ମହାପ୍ରବନ୍ଧକ

**कार्यपालक अभियंता का कार्यालय**
**लघु सिंचाई प्रमण्डल, मेदिनीनगर।**
**g-mail I.D. – eemid041@gmail.com**

पत्रांकः– 206 — मेदिनीनगर, दिनांक– 28/05/2025

**शुद्धि पत्र**

इस कार्यालय के द्वारा आमंत्रित ई0 निविदा सूचना सं0:– WRD/MID/MEDININAGAR/B.D./S.L.I.-03/2025-26 PR No:- 352958 Minor Irrigation (25-26)#D है। अपरिहार्य कारणवश निम्न संशोधन किया जाता है:–

| | | |
|---|---|---|
| 1 | वेबसाईट में ई–निविदा प्रकाशन की तिथि एवं समय | 06/06/2025 (04.00 PM) |
| 2 | वेबसाईट में ई–निविदा प्राप्ति की अंतिम तिथि एवं समय | 23/06/2025 (03.00 PM) |
| 3 | ई–निविदा खुलने की तिथि एवं समय | 24/06/2025 (04.00 PM) |

निविदा की अन्य शर्ते पूर्ववत् रहेगी।

कार्यपालक अभियंता,
लघु सिंचाई प्रमण्डल, मेदिनीनगर।

PR 353797 (Minor Irrigation) 25-26 (D)

**GOVERNMENT OF ODISHA** — No.O-196
**OFFICE OF THE SUPERINTENDING ENGINEER**
**RURAL WORKS DIVISION-I, MALKANGIRI**
**NATIONAL COMPETITIVE BIDDING THROUGH e-Procurement**
**Identification No. Online Tender 01/RWD-I, MKG/2025-26 dt.23.05.2025**

01. Name of the work : Construction of Road, Building & Boxcell works (Detailed in Annexure), 02. Total Number of works : 7 nos. (Seven), 03. Estimated cost : Rs. 20.47 lakhs to Rs. 80.86 Lakhs, 04. Class of contractor : "C" & "B" Class, 05. Period of Completion : (As per Detailed in Annexure), 06. Other details :

| Procurement Officer | Bid Identification No. | No. of Works | Availability of Tender on-line for bidding: From | Availability of Tender on-line for bidding: To | Last Date & Time of seeking Tender Clarification | Date & Time of Opening of Tender |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division-I, Malkangiri | Online Tender - 01/RWD-I, MKG/2025-26 | Total 7 nos. (Single Cover & Double Cover) | 06.06.2025 from 11.00 A.M. | 20.06.2025 up to 5.00 P.M. | 19.06.2025 up to 5.00 P.M. | Tech Bid opening : (Single Cover & Double Cover Tech. Bid) 21.06.2025 at 11.00 A.M. |

Further details can be seen from the website: www.tendersorissa.gov.in.

Sd./- Sujata Dishari
Superintending Engineer
R.W. Division-I, Malkangiri

OIPR-25058/11/0012/2526

**कार्यालय मुख्य अभियंता**
**लोक स्वास्थ्य यांत्रिकी विभाग, रायपुर परिक्षेत्र, रायपुर (छ.ग.)**
**ई-प्रोक्योरमेंट निविदा सूचना**

एकीकृत पंजीयन प्रणाली अंतर्गत सक्षम श्रेणी में पंजीकृत ठेकेदार से प्रपत्र ''ए'' में प्रतिशत दर पर कार्य हेतु ऑनलाईन निविदा आमंत्रित की जाती है:-

| क्रं | निविदा आमंत्रण क्र./दिनांक | सिस्टम नं. | निविदा आमंत्रण | जिला | कार्य का विवरण | अनुमानित लागत (रू. लाख में) | ठेकेदारो की श्रेणी |
|---|---|---|---|---|---|---|---|
| 1 | 35/26.05.2025 | 169015 | द्वितीय | रायपुर | रायपुर जिले के विकासखण्ड आरंग के ग्राम भिलाई में स्थित रिजर्व फोर्स पुलिस कैम्प में पेयजल व्यवस्था कार्य | 1169.18 | अ एवं उच्च |

Important Events and Time Schedule - Date of Calling NIT - 26.05.2025, Bid Start Date: 29.05.2025, Pre Bid meeting Date: 03.06.2025, Bid due Date: 20.06.2025, PHY Doc. submission Last Date: 23.06.2025, PQ Document Download Date: 23.06.2025.

नोट:उपरोक्त निर्माण कार्यो की निविदा की सामान्य शर्तो, धरोहर राशि, विस्तृत निविदा विज्ञप्ति, निविदा दस्तावेज व अन्य जानकारी ई-प्रोक्योरमेंट वेबपोर्टाल **https://eproc.cgstate.gov.in** में उक्त निविदा दिनांक 28.05.2025 से देखी जा सकती है।

स्वा./- अधीक्षण अभियंता (प्रकोष्ठ प्रभारी)
राज्य स्तरीय निविदा प्रकोष्ठ
कार्यालय मुख्य अभियंता,
लो.स्वा.यां विभाग, परिक्षेत्र, रायपुर (छ.ग.)

G-252601211/2

**Govt. of Jharkhand**
**Directorate of Sports & Youth Affairs**
**(Department of Tourism, Art Culture, Sports & Youth Affairs)**
**Gate No. 28, Birsa Munda Football Stadium, Morabadi, Ranchi - 834008**
**E-mail Id - directorsportsjharkhand@gmail.com**

**Corrigendum – 1**
(NIT No. 13/2025-26 Dated 26.05.2025)

Sub: Corrigendum No. 3 to the above referred NIT No.: 13/2025-26 dated 26th May, 2025 (PR No. - 353530 Dated: 27.05.2025 against the RFP of Rate contract for supply of Sports and Generic Kits.
The following changes are incorporated to the RFP:

| S.N. | RFP Clause Reference | Existing Clause | To be Read as |
|---|---|---|---|
| 1. | IFB (Page 2) Last date and time for physical submission of Tender, Original Demand Draft towards cost of bid document, Earnest Money and Samples/Catalogue | Up to 01.00 PM on 02nd June 2025 | Last date and time for physical submission of Tender, Earnest Money and Samples/Catalogue Up to 11.00 AM on 06th June 2025 |
| 2. | IFB (Page 2) Date and time for opening of Tender Part -I (Technical Bid) | At 03.00 PM on 02nd June 2025 | At 12.00 PM on 06th June 2025 |
| 3. | Section -III (A) S. No 8 | The Manufacturer/OEM should have a valid and effective factory registration and DIC certificate and should be manufacturing all items as mentioned in Section V. | The Manufacturer/OEM should have a valid and effective factory registration or DIC/NSIC certificate and should be manufacturing all items as mentioned in Section V. |
| 4. | Section III, Page No. 13 to 15 | Evaluation Criteria | Attached as Annexure-'A' |

**Note:** 1. Comprehensive information regarding the corrigendum is available on website – **sports.jharkhand.gov.in**
2. All other terms and conditions mentioned in tender document will remain unchanged.

Sd/-, Director
Directorate of Sports & Youth Affairs
Jharkhand, Ranchi

PR 353860 Art Culture Sports and Youth Affairs(25-26)#D

**Government of Odisha, "e"-Procurement Notice**
**WORKS DEPARTMENT**
No.B-162 — E-mail : ceroads.bbsr@gmail.com
**Bid Identification No. CE-Roads-II-03/2025-26**

1. The Chief Engineer (Roads-II), Odisha on behalf of Governor of Odisha invites percentage rate bids in double cover system through ONLINE MODE from eligible contractors for Roadwork as mentioned below :
2. Nature of work : Road work
3. No. of work : 1 No.
4. Tender Paper cost : Rs. 10,000.00
5. Class of contractor : 'A' Class/Special Class
6. Available of bid document the website : From 10.00 A.M. of 05.06.2025 to 5.30 P.M. of 25.06.2025
7. Date of opening of bid : Dt. 26.06.2025 at 11.30 A.M.
8. The Bidders have to participate in ONLINE bidding only. Further details can be seen from the website : https://tenderodisha.gov.in. Any addendum / corrigendum / cancellation of tender can also be seen in the said website.

Sd./- Chief Engineer (Roads-II),
Odisha

OIPR-34181/11/0018/2526

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, BALANGIR (R&B) CIRCLE : BALANGIR**
Mail ID : sepwdbalangir@gmail.com
**e-Procurement Notice**
**Bid Identification No. : CCE(R&B) BGR/03/2025-26**
**Letter No. - 998** — **Dtd. : 23.05.2025**

**No.B-152** : The **Chief Engineer, Balangir (R&B) Circle, Balangir** on behalf of Governor of Odisha invites percentage rate bid in double cover system in **ONLINE MODE** for the construction of works detailed in the table below from **"B" "A" & "Special" Class** Contractors registered with the State Governments and contractors of equivalent Grade/Class registered with Central Government/MES/Railways for execution of Civil works. The proof of registration from the appropriate authority shall be enclosed along with the bid.

| | | | |
|---|---|---|---|
| 1. | Nature of Work | : | Building work |
| 2. | No. of tender | : | Building work - 3 Nos. |
| 3. | Tender Cost | : | Rs. 10,000/- |
| 4. | Class of Contractor | : | **"B" "A" & "Special" Class** |
| 5. | Date & Time of sale & Receipt of Bids | : | From Dt. 05.06.2025, 05.00 P.M. to Dt. 19.06.2025 up to 05.00 P.M. |
| 6. | Date of opening Bid | | Dt. 20.06.2025 at 11.00 A.M. |
| 7. | The bidders have to participate in ONLINE bidding only. Further details can be seen from the website : http://tendersorissa.gov.in. All future corrigendum will be available on ONLINE MODE only. | | |

Sd./- Chief Costruction Engineer,
Balangir (R&B) Circle, Balangir

OIPR-34131/11/0011/2526

**कार्यपालक अभियंता का कार्यालय,**
**पथ निर्माण विभाग, पथ प्रमंडल, राँची**

**ई–प्रोक्योरमेंट सूचना**
टेन्डर रेफरेंन्स नं0–प0नि0वि0/राँची–02/2025–26 दिनांक :–28.05.2025

| | | |
|---|---|---|
| 1. | कार्य का नाम | हरमू रोड से टेलिफोन एक्सेन्ज रोड भाया अवधूत आश्रम, सेवा सदन एवं जालान टिम्बर रोड तथा मेन रोड उर्दू लाईब्रेरी से किशोरगंज चौक भाया राँची लेक रोड (कुल लम्बाई–4.110 कि0मी0) का राईडिंग क्वालिटी में सुधार (IRQP) कार्य वर्ष 2025–26. |
| 2. | प्राक्कलि राषि (रू0 लाख में) | रू0 320.22455 लाख (रूपये तीन करोड़ बीस लाख बाईस हजार चार सौ पचपन रूपये) मात्र। |
| 3. | अग्रधन की राशि (रू0 लाख में) | रू0 3.21 लाख (रूपये तीन लाख एक्कीस हजार) मात्र। |
| 4. | कार्य पूर्ण करने की अवधि | 03 (तीन) माह |
| 5. | वेबसाईड पर निविदा प्रकाशन की तिथि | 30.05.2025 10.30 बजे पूर्वाह्न |
| 6. | निविदा प्राप्ति की अंतिम तिथि/समय | 19.06.2025 12.00 बजे दोपहर तक |
| 7. | निविदा खोलने तिथि/समय | 20.06.2025 12.30 बजे |
| 8. | निविदा प्रकाशित करने वाले कार्यालय का नाम एवं पता | कार्यपालक अभियंता पथ निर्माण विभाग, पथ प्रमंडल राँची, मोहराबादी, राँची–834008. |
| 9. | प्रोक्योरमेंट पदाधिकारी का सम्पर्क संख्या | 0651–2361018 |
| 10. | ई–प्रोक्योरमेंट सेल का हेल्पलाईन संख्या | 0651–2403007 |

- प्राक्कलित राशि एवं अग्रधन की राशि घट–बढ़ सकती है, जिसे **Tender Online Upload** में देखा जा सकता है, एवं किसी भी प्रकार का बदलाव ***http://jharkhandtenders.gov.in*** पर देखा जा सकता है।
- पथ निर्माण विभाग, झारखण्ड सरकार में निबंधित संवेदकों के लिए ***UCAN*** निबंधन आवश्यक है।
- नियम एवं शर्ते के लिए वेबसाईट ***http://jharkhandtenders.gov.in*** पर देखें।

PR 353787 Road Construction Dept Road Division Ranchi(25-26)#D

कार्यपालक अभियंता
पथ निर्माण विभाग,पथ प्रमंडल, राँची

# ଜନସ୍ୱାସ୍ଥ୍ୟ ଅଧୀକ୍ଷଣ ଯନ୍ତ୍ରୀ ଗିରଫ, ଗୁମର ଖୋଲୁଛି ଭିଜିଲାନ୍ସ

## ୯ବର୍ଷର ସରକାରୀ ଚାକିରିରେ ବିପୁଳ ସମ୍ପତ୍ତି ଠୁଳ

- ୨ ଫ୍ଲାଟ୍, ୧୦ ଲକ୍ଷ ଟଙ୍କାର ସାମଗ୍ରୀ, ୧୦୦ ଗ୍ରାମ୍ ସୁନା ଠାବ
- ସାଙ୍ଗଙ୍କ ନାଁରେ ଆକାଉଣ୍ଟ, ଶେୟାର ମାର୍କେଟରେ ଲଗାଇଛନ୍ତି ୩୦ଲକ୍ଷ

ରାୟଗଡ଼ା, (ଆଶିଷ ରଞ୍ଜନ ପଣ୍ଡା)/ ଭୁବନେଶ୍ୱର,୨୯।୫ (ସତ୍ୟଜିତ ରାଉତ)

ଠିକାଦାରଙ୍କଠାରୁ ଲାଞ୍ଚ ଟଙ୍କା ଧରି ଯାଉଥିବାବେଳେ ଭିଜିଲାନ୍ସ ଜାଲରେ ପଡ଼ିଥିବା ରାୟଗଡ଼ା ଜନସ୍ୱାସ୍ଥ୍ୟ (ପିଏଚ୍) ଖଣ୍ଡ ଅଧୀକ୍ଷଣ ଯନ୍ତ୍ରୀ (ଏସ୍ଇ) ସହଦେବ କିଷାନଙ୍କ ଦୁର୍ନୀତି ଗୁମର ଖୋଲିବାରେ ଲାଗିଛି। ଭିଜିଲାନ୍ସ ଆଖିରେ ଧୂଳିଦେବା ପାଇଁ ସାଙ୍ଗଙ୍କ ବ୍ୟାଙ୍କ ଆକାଉଣ୍ଟରେ କଳାଟଙ୍କା ଜମା କରୁଥିଲେ। ଏପରିକି ସେ ସାଙ୍ଗଙ୍କ ନାଁରେ ଶେୟାର ମାର୍କେଟ୍‌ରେ ଟଙ୍କା ମଧ ନିବେଶ କରୁଥିଲେ। କିଷାନ ଧରାପଡ଼ିବା ପରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଦିଗକୁ ନେଇ ତାଙ୍କର ସମ୍ବଲପୁର ଓ ରାୟଗଡ଼ାସ୍ଥିତ ୨ ସ୍ଥାନରେ ଭିଜିଲାନ୍ସ ଟିମ୍ ଯାଞ୍ଚ କରିଥିଲା। ମାତ୍ର ୯ବର୍ଷର ଚାକିରି କାଳରେ କିଷାନ ବେଆଇନ ଭାବେ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କାର ବିପୁଳ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଅର୍ଜିଥିବା ଜଣାପଡିବା ପରେ ଭିଜିଲାନ୍ସ ନିର୍ଦ୍ଦେଶାଳୟ ଗୁରୁବାର ତାଙ୍କୁ ଗିରଫ କରିଛି। ଏ ନେଇ କିଷାନଙ୍କ ନାଁରେ କୋରାପୁଟ ଭିଜିଲାନ୍ସ ଥାନାରେ ମାମଲା (ନଂ.୨୮/୨୦୨୫) ରୁଜୁ କରାଯାଇଛି। ଅଭିଯୁକ୍ତ କିଷାନଙ୍କୁ ଜୟପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଭିଜିଲାନ୍ସ ସୂଚନା ଅନୁଯାୟୀ, ସମ୍ବଲପୁରରେ କିଷାନଙ୍କ ୨ଟି ବହୁମୂଲ୍ୟ ଫ୍ଲାଟ୍ ଠାବ ହୋଇଛି। ସେହିପରି ତାଙ୍କର ୫୦ ଲକ୍ଷ ଟଙ୍କାର ବ୍ୟାଙ୍କ ଓ ଜୀବନବୀମା ଜମା ଏବଂ ମ୍ୟୁଚୁଆଲ୍ ଫଣ୍ଡ ଓ ଶେୟାର ଆଦିରେ ନିବେଶ ରହିଛି। ଏଥିସହ ଘରୁ ୧୦୦ ଗ୍ରାମ୍‌ର ସୁନା ଅଳଙ୍କାର ଓ ୧୦ ଲକ୍ଷ ଟଙ୍କାର ଘରୋଇ ସାମଗ୍ରୀ ମଧ ଭିଜିଲାନ୍ସ ଠାବ କରିଛି। ଆଉ ଏକ ବଡ କଥା ହେଲା, ସମ୍ବଲପୁର ଗୋଲବଜାର ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଶାଖାରେ କିଷାନଙ୍କ ସାଙ୍ଗ ତଥା ଉତ୍ତରପ୍ରଦେଶର ରାମେଶ କୁମାରଙ୍କ ନାଁରେ ଏକ ଆକାଉଣ୍ଟ ଥିବାବେଳେ ଏହାକୁ କିଷାନ ହିଁ ଚଳାଉଥିଲେ। ଏହି ଆକାଉଣ୍ଟରେ କିଷାନ ୧୬ଲକ୍ଷ ଟଙ୍କା ଜମା କରିଥିବା ବେଳେ ଏହାକୁ ନେଇ ଭିଜିଲାନ୍ସ ଅଧିକ ଯାଞ୍ଚ କରୁଛି। ଏଥିସହ ସାଙ୍ଗଙ୍କ ନାଁରେ ସେ ଶେୟାର ମାର୍କେଟ୍‌ରେ ୧୫ ଲକ୍ଷ ଟଙ୍କା ନିବେଶ କରିଥିବା ଭିଜିଲାନ୍ସ ଜାଣିବାକୁ ପାଇଛି।

ଉଲ୍ଲେଖଯୋଗ୍ୟ, କିଷାନ ଜଣେ ଠିକାଦାରଙ୍କଠାରୁ ବହୁ ପରିମାଣର ଟଙ୍କା ନେଇଥିବା ଭିଜିଲାନ୍ସ ଟିମ୍ ସୂଚନା ପାଇଥିଲା। ବୁଧବାର ସନ୍ଧ୍ୟାରେ କିଷାନ ୧.୫୦ ଲକ୍ଷ ଟଙ୍କା ନେଇ ଅଫିସରୁ ସରକାରୀ ବାସଭବନ ଅଭିମୁଖେ ଏକ ସ୍କର୍ପିଓରେ ଯିବାବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁକରିଥିଲା।


ସହଦେବ କିଷାନ

### କରିତ୍‌କର୍ମା କିଷାନ: ଏଇଇରୁ ଏସ୍ଇ

ଭିଜିଲାନ୍ସ ହାତରେ ଧରାପଡ଼ିଥିବା ସହଦେବ କିଷାନ କଳାଟଙ୍କାରେ ବିପୁଳ ସମ୍ପତ୍ତି ଠୁଳ କରି ନ ଥିଲେ, ନିଜ ଚାକିରିରେ ପଦୋନ୍ନତିପରେ ପଦୋନ୍ନତିପାଇ ଚାଲିଥିଲେ। ମାତ୍ର ୯ବର୍ଷରେ ସହକାରୀ ନିର୍ବାହୀ ଯନ୍ତ୍ରୀ (ଏଇଇ)ରୁ ଦୁଇଥର ପଦୋନ୍ନତିପାଇ ଅଧୀକ୍ଷଣ ଯନ୍ତ୍ରୀ(ଏସ୍ଇ) ହୋଇଯାଇଥିଲେ। କରିତ୍‌କର୍ମା କିଷାନଙ୍କ ଚାକିରି କାଳର କଳା ଚିଠା ଖୋଲିଦେଇଛି ଭିଜିଲାନ୍ସ। କିଷାନ ୨୦୧୬ ମାର୍ଚ୍ଚ ୨୯ରେ ସରକାରୀ ସେବାରେ ଯୋଗଦେଇ ଗୃହ ଓ ନଗର ଉନ୍ନୟନ ବିଭାଗରେ ଏଇଇ ଭାବେ କାର୍ଯ୍ୟ କରିଥିଲେ। ସେ ଏଇଇ ଭାବେ ଓଡ଼ିଶା ଜଳ ଯୋଗାଣ ଓ ପରିମଳ ବୋର୍ଡର ସମ୍ବଲପୁର ପରେ ଭବାନୀପାଟଣା ଜନସ୍ୱାସ୍ଥ୍ୟ ମଣ୍ଡଳ ଏବଂ ରାୟଗଡ଼ା ଜନସ୍ୱାସ୍ଥ୍ୟ ଖଣ୍ଡରେ କାମ କରିଥିଲେ। କିଷାନ ୨୦୨୨ରେ ନିର୍ବାହୀ ଯନ୍ତ୍ରୀ (ଇଇ) ଏବଂ ୨୦୨୫ ମାର୍ଚ୍ଚ ୧ରେ ଅଧୀକ୍ଷଣ ଯନ୍ତ୍ରୀ ଭାବେ ପଦୋନ୍ନତି ପାଇଥିଲେ।

# ନିଶା ପାଇଁ ମା'ଙ୍କୁ ହତ୍ୟା: ପୁଅ ଗିରଫ

## ଅଭିଯୁକ୍ତଙ୍କୁ ଗାଁ ଦାଣ୍ଡରେ ନିସ୍ତୁକ ପିଟିଲେ ଗ୍ରାମବାସୀ

ପୁରୀ,୨୯।୫ (ଅଜିତ୍ କୁମାର ମହାନ୍ତି)

ପୁରୀ ପେଣ୍ଟକଟା ମେରାଇନ ଥାନା ଅଧୀନ ସମଙ୍ଗରା ଦଶବାଟିଆ ଗ୍ରାମରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ନିଶା ପାଇଁ ଟଙ୍କା ନ ଦେବାରୁ ମା'ଙ୍କୁ କୋଦାଳରେ ହାଣି ହତ୍ୟା କରିଛି ପୁଅ। ସେହିପରି ଅଭିଯୁକ୍ତ ପୁଅ ବିକ୍ରମ ପ୍ରଧାନ (୩୦)ଙ୍କୁ ଗ୍ରାମବାସୀ ଗାଁ ଦାଣ୍ଡରେ ପିଟିପିଟି ଲହୁଲୁହାଣ କରିଥିବାବେଳେ ତାଙ୍କୁ ଉଦ୍ଧାର କରିବାକୁ ଯାଇ ୪ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ କୋଦାଳ ଏବଂ ଅନ୍ୟ ସାମଗ୍ରୀ ଜବତ କରାଯାଇଛି।

ସୂଚନା ଅନୁଯାୟୀ, ସକାଳ ପ୍ରାୟ ୭ଟାରେ ସମଙ୍ଗରା ଗ୍ରାମର କନକ ପ୍ରଧାନ (୫୫) ଗୋରୁଙ୍କୁ ଖାଇବାକୁ ଦେଉଥିଲେ। ଏହିସମୟରେ ନିଶା ଖାଇବାକୁ ପୁଅ ବିକ୍ରମ ମା'ଙ୍କୁ ଟଙ୍କା ମାଗିଥିଲେ। ସବୁବେଳେ ନିଶାଗ୍ରସ୍ତ ଅବସ୍ଥାରେ ରହୁଥିବା କାରଣରୁ ପୁଅ ପାଇଁ ଚିନ୍ତିତ ଥିବା କନକ ଟଙ୍କା ଦେବାକୁ ମନା କରିଦେଇଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ବିକ୍ରମ ପାଖରେ ଥିବା ଏକ କୋଦାଳରେ ମା' କନକଙ୍କ ମୁଣ୍ଡକୁ ଚୋଟ ପକାଇଥିଲେ। ଏଥିରେ କନକଙ୍କ ମୁଣ୍ଡ ଫାଟି ଯାଇଥିଲା। ପ୍ରବଳ ରକ୍ତସ୍ରାବ ହେବା ଯୋଗୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହାପରେ ଗ୍ରାମବାସୀ ବିକ୍ରମଙ୍କୁ ଗାଁ ଦାଣ୍ଡରେ ଗୋଡ଼ାଇ ଗୋଡ଼ାଇ ପିଟିଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ କବଳରୁ ବିକ୍ରମଙ୍କୁ ଉଦ୍ଧାର କରିଥିଲେ। ଏହି ସମୟରେ ୪ଜଣ ପୋଲିସ କର୍ମଚାରୀ ମଧ ଗ୍ରାମବାସୀଙ୍କ ଆକ୍ରମଣର ଶିକାର ହୋଇଥିଲେ। ବିକ୍ରମଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଏନେଇ ସଦର ଏସ୍‌ଡିପିଓ ରବିନାରାୟଣ ଭଞ୍ଜ କହିଛନ୍ତି, ସମଙ୍ଗର ଦଶବଟିଆ ଗ୍ରାମରେ ଏହି ହତ୍ୟାକାଣ୍ଡ ଘଟିଛି। ବିକ୍ରମଙ୍କ କୋଦାଳ ଆକ୍ରମଣରେ ତାଙ୍କ ମା' କନକଙ୍କ ମୃତ୍ୟୁ ଘଟିଛି। ପୋଲିସ ଓ ସାଇଣ୍ଟିଫିକ ଟିମ୍ ପକ୍ଷରୁ ତଦନ୍ତ ଚାଲିଛି। ଘଟଣାସ୍ଥଳରୁ ରକ୍ତନମୁନା, ଅଭିଯୁକ୍ତଙ୍କ ଗାମୁଛା, ହତ୍ୟାରେ ବ୍ୟବହୃତ କୋଦାଳ ସହ ଅନ୍ୟ କିଛି ଜିନିଷ ଜବତ କରାଯାଇଛି। କନକଙ୍କ ଝିଅ ଗୀତାଞ୍ଜଳି ପ୍ରଧାନଙ୍କ ଏତଲାକ୍ରମେ ମେରାଇନ ପେଣ୍ଟକଟା ଥାନାରେ ଏକ ମାମଲା (ନଂ. ୪୮/୨୫) ରୁଜୁ ସହ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଭଞ୍ଜ କହିଛନ୍ତି।


ଗିରଫ ଅଭିଯୁକ୍ତ ବିକ୍ରମ ପ୍ରଧାନ

## ବ୍ୟବସାୟୀଙ୍କ ଘରେ ଇଡି ଚଢ଼ାଉ

ବ୍ରହ୍ମପୁର, ୨୯।୫ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସହରରେ ଗୁରୁବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଏକ ଟିମ୍ ପହଞ୍ଚି ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ବ୍ୟାଙ୍କ କଲୋନୀ ସିଦ୍ଧାର୍ଥନଗରରେ ରହୁଥିବା ବ୍ୟବସାୟୀ ମନୋରଞ୍ଜନ ପଣ୍ଡାଙ୍କ ଘରେ ଚଢ଼ାଉ କରିଛି। ପଣ୍ଡା ପ୍ଲଟ ବ୍ୟବସାୟ କରନ୍ତି। ଇଡି ସେଠାରେ ପହଞ୍ଚି ତାଙ୍କ ଘରକୁ ପ୍ରଥମେ ସିଲ୍ କରି ଥିଲା। ଇଡି ଟିମ ବ୍ୟବସାୟୀ ପଣ୍ଡା ଓ ତାଙ୍କ ପରିବାରବର୍ଗଙ୍କ ଆର୍ଥିକ କାରବାର ଯାଞ୍ଚ କରିଥିବା ସୂଚନା ମିଳିଛି। ବ୍ରହ୍ମପୁର ସହରରେ ତାଙ୍କର ଏକାଧିକ ବହୁ ମହଲା ଅଟ୍ଟାଳିକା ରହିଥିବା ଜଣାପଡିଛି। ତାଙ୍କ ନିଜ ଘର ବେଲଗୁଣ୍ଠା ନିକଟସ୍ଥ ଚଢ଼େୟାପଲ୍ଲୀରେ। ତାଙ୍କର ଏତେ ସବୁ ସମ୍ପତ୍ତି କେଉଁଠୁ ଆସିଲା ତା'ର ଲିଙ୍କ ସମ୍ପର୍କରେ ଟିମ୍ ପକ୍ଷରୁ ଖୋଳତାଡ ଚାଲିଛି।

# ଫୋନ୍ ପେ'ରେ ଲାଞ୍ଚ ନେଇ କ୍ୟାଶିୟର, ଆକାଉଣ୍ଟାଣ୍ଟ ଗିରଫ

## ଠିକାଦାରଙ୍କ ଅଭିଯୋଗକ୍ରମେ ଭିଜିଲାନ୍ସ ଚଢାଉ

ପାରଳାଖେମୁଣ୍ଡି,୨୯।୫ (ଗିରିଧାରୀ ପରିଛା)

ଗଜପତି ଜିଲା କ୍ଷୁଦ୍ର ଜଳସେଚନ ବିଭାଗରେ କାମ କରୁଥିବା ଜଣେ ଠିକାଦାରଙ୍କଠାରୁ ବିଭାଗର ଦୁଇ କିରାଣି ୩୦ ହଜାର ଟଙ୍କା ଲାଞ୍ଚ ନେବା ମହଙ୍ଗା ପଡିଛି। ବ୍ରହ୍ମପୁର ଭିଜିଲାନ୍ସର ଏକ ଟିମ ଗୁରୁବାର ଉଭୟଙ୍କୁ ବାନ୍ଧିଛି। ସେମାନେ ହେଲେ ଉକ୍ତ କାର୍ଯ୍ୟାଳୟର ବରିଷ୍ଠ ପ୍ଲାନିଂ ଆସିଷ୍ଟାଣ୍ଟ ତଥା କ୍ୟାସିୟର ନରେଶ ପଟ୍ଟନାୟକ ଓ ଆକାଉଣ୍ଟାଣ୍ଟ ସୁରଜ ପ୍ରସାଦ ଜୟସ୍ୱାଲ। ମାମଲା ନଂ. ୫/୨୫ରେ ଉଭୟଙ୍କୁ ଗିରଫ କରାଯାଇଛି ବୋଲି ଭିଜିଲାନ୍ସ ଏସ୍‌ପି ପ୍ରଦୀପ ପ୍ରଧାନ କହିଛନ୍ତି।

ମାମଲାରୁ ପ୍ରକାଶ, ଜଣେ ଠିକାଦାର ଗଜପତି କ୍ଷୁଦ୍ର ଜଳସେଚନ ବିଭାଗର ୪ଟି କାମ କରିଥିଲେ। ଉକ୍ତ କାମଗୁଡିକର ବିଲ୍ ପାସ କରି ଦେବାକୁ ସମ୍ପୃକ୍ତ ଦୁଇ କର୍ମଚାରୀ ତାଙ୍କଠାରୁ ୩୦ ହଜାର ଟଙ୍କା ଦାବି କରିଥିଲେ। ବିଲ ପାସ ପାଇଁ ଠିକାଦାର ଜଣଙ୍କ ଉକ୍ତ ଦୁଇ କିରାଣିଙ୍କ ଦାବି ମୁତବାକ ଟଙ୍କା ଉଭୟଙ୍କ ଆକାଉଣ୍ଟକୁ ୧୫ ହଜାର ଟଙ୍କା ଲେଖାଏ ପଠାଇଥିଲେ। ହେଲେ ତାଙ୍କ ବିଲ ପାସ ହୋଇ ନ ଥିଲା। ସେ ଏନେଇ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ଟିମ୍ ଏହାର ତଦନ୍ତ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଉଭୟଙ୍କ ମୋବାଇଲ ଜବତ କରି ତଦନ୍ତ କରାଯାଉଛି। ବର୍ତ୍ତମାନ କ୍ୟାଶିୟର ଜୟସ୍ୱାଲ ଛେଳିଗଡ଼ ପ୍ରକଳ୍ପ ଓ ପାରଳାଖେମୁଣ୍ଡି କ୍ଷୁଦ୍ର ଜଳସେଚନ ବିଭାଗର ଦୁଇଟି ଯାକ କାର୍ଯ୍ୟାଳୟର କ୍ୟାସିୟର ଦାୟିତ୍ୱରେ ରହିଥିବା ଜଣାପଡିଛି। ପାରଳାଖେମୁଣ୍ଡି ଓ ଛେଳିଗଡ଼ ପ୍ରକଳ୍ପ କାର୍ଯ୍ୟାଳୟ ଦୁଇଟିଯାକ କାର୍ଯ୍ୟାଳୟ ଏବଂ ଛେଳିଗଡ଼ସ୍ଥିତ ତାଙ୍କ ସରକାରୀ ବାସଭବନରେ ଭିଜିଲାନ୍ସ ଟିମ ଖାନତଲାସ ଜାରି ରଖିଛି। ସେହିପରି ଆକାଉଣ୍ଟାଣ୍ଟ ନରେଶ ପଟ୍ଟନାୟକଙ୍କ କାର୍ଯ୍ୟାଳୟ ଏବଂ ସରକାରୀ ବାସଭବନରେ ମଧ ଟିମ୍ ଯାଞ୍ଚ କରୁଛି।

## ଜାଲ୍ ଦସ୍ତଖତରେ ମଜୁରି ଅର୍ଥ ହରିଲୁଟ୍

କେନ୍ଦୁଝର,୨୯।୫(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଘଟଗାଁ ରେଞ୍ଜ ଦେଓବନ୍ଦ ସେକ୍ସନ ଦେଓବନ୍ଦ ବିଟ୍ ଅନ୍ତର୍ଗତ ନଳପଙ୍ଗା ସଂରକ୍ଷିତ ଜଙ୍ଗଲରେ ବନୀକରଣ କାର୍ଯ୍ୟରେ ଜାଲ ଦସ୍ତଖତ ହୋଇ ବିଲ ଉଠାଯାଇଛି। ଏନେଇ ପୂର୍ବତନ ବନପାଳ ରାମଚନ୍ଦ୍ର ନାଏକଙ୍କ ଅଭିଯୋଗ ଆଧାରରେ ଡିଏଫ୍‌ଓ ଏଚ୍‌ଡି ଧନରାଜ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଘଟଗାଁ ରେଞ୍ଜ ନଳପଙ୍ଗା ସଂରକ୍ଷିତ ଜଙ୍ଗଲରେ ୧୦୦ ହେକ୍ଟର ଉଜୁଡା ଜଙ୍ଗଲ ଜମିରେ ୨୦୨୪-୨୫ ଆର୍ଥିକ ବର୍ଷରେ ୫୦ ହଜାର ଚାରାରୋପଣ ହୋଇଥିଲା। କାର୍ଯ୍ୟରେ ନିୟୋଜିତ ଶ୍ରମିକଙ୍କ ମଜୁରୀ ଫରେଷ୍ଟର ରାମଚନ୍ଦ୍ର ନାଏକଙ୍କ ଜାଲ ଦସ୍ତଖତ କରି ତାଙ୍କ ଦ୍ୱାରା ପଇଠ କରାଯାଇଥିବା ଦର୍ଶାଯାଇଥିଲା। ପ୍ରାୟ ୬ ଲକ୍ଷ ଟଙ୍କା ହରିଲୁଟ କରାଯାଇଥିବା ଦେଓବନ୍ଦର ବନପାଳ ସରୋଜ ବେହେରା ପୂର୍ବତନ ବନପାଳ ନାଏକଙ୍କୁ ଜଣାଇବା ପରେ ଘଟଣା ପଦାକୁଆସିଥିଲା। ଡିଏଫ୍‌ଓ ଏସିଏଫ ଡ. ସୁଦିପ୍ତ ପଣ୍ଡାଙ୍କୁ ତଦନ୍ତ ଆଦେଶ ଦେଇଛନ୍ତି। ରିପୋର୍ଟ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ

# ଧରାଛୁଆଁ ଦେଉନାହାନ୍ତି ପ୍ରେମିକ

### ଥାନାରେ ଅଭିଯୋଗ କଲେ ପ୍ରେମିକା

ବାଲିଆପାଳ, ୨୯।୫ (ଅମୂଲ୍ୟ କୁମାର ଦାସ)

ବାଲେଶ୍ୱର ଜିଲା ବସ୍ତା ନିର୍ବାଚନମଣ୍ଡଳୀର ଜଣେ ଲୋକପ୍ରତିନିଧିଙ୍କ ପୁଅଙ୍କ ନାମରେ ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି ଜଣେ ଯୁବତୀ। ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ପରେ ଏବେ ଧରା ଛୁଆଁ ଦେଉନାହାନ୍ତି ପ୍ରେମିକ। ନ୍ୟାୟ ପାଇଁ ପ୍ରେମିକଙ୍କ ବିରୋଧରେ ଯୁବତୀ ଥାନାରେ ଲିଖିତ ଅଭିଯୋଗ କରିବା ପରେ ବାଲିଆପାଳ ଥାନା ପୋଲିସ ଏକ ମାମଲା(ନଂ.୧୨୭/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ ବାଲିଆପାଳ ଥାନା ଅଞ୍ଚଳର ଜଣେ ଯୁବତୀ ଡାଏଲିସିସ ଟେକନିସିଆନ୍ କୋର୍ସ କରିବା ପାଇଁ କେନ୍ଦୁଝର ଯାଇଥିଲେ। ସେଠାରେ ସିନିୟର ଟେକ୍ନିସିଆନ ଭାବେ କାର୍ଯ୍ୟ କରୁଥିବା ଉକ୍ତ ଯୁବକଙ୍କ ସହ ପରିଚୟ ହେବା ପରେ ଉଭୟଙ୍କ ଭିତରେ ଭଲ ପାଇବା ଆରମ୍ଭ ହୋଇଥିଲା। ଏହାପରେ ବିବାହ ପ୍ରତିଶ୍ରୁତି ଦେଇ ଯୁବକ ଜଣକ ତାଙ୍କ ସହ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ। ଏକଥା ଜାଣିବା ପରେ ପ୍ରଥମେ ଉଭୟଙ୍କ ପରିବାର ଲୋକେ ଦୁଇଜଣଙ୍କ ବାହାଘର ପାଇଁ ସହମତି ପ୍ରଦାନ କରିଥିଲେ। ମାତ୍ର ପରମୁହୂର୍ତ୍ତରେ ଯୁବକଜଣକ ବାହା ହେବାକୁ ରାଜି ନ ହେବା ସହ ତାଙ୍କ ପରିବାର ଲୋକେ ବୋହୂ କରିବା ପାଇଁ ମଧ ମନା କରିବାରୁ ସମ୍ପୃକ୍ତ ଯୁବତୀ ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏନେଇ ଯୁବକଙ୍କ ପରିବାର ଲୋକେ କହିଛନ୍ତି ଯେ, ସେମାନେ ବୋହୂ କରିବା ପାଇଁ ରାଜିଥିଲେ ମଧ ଝିଅ ଘର ଲୋକେ ଜାତିଆଣ ଆକ୍ଷେପ କରି ବିବାହ ପ୍ରସ୍ତାବକୁ ପ୍ରତ୍ୟାଖାନ କରିଛନ୍ତି। ଘଟଣାର ସବୁ ଦିଗରୁ ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଉଛି ବୋଲି ବାଲିଆପାଳ ଥାନା ଆଇଆଇସି ଗୋବିନ୍ଦ ବେହେରା କହିଛନ୍ତି।

Business

# ସର୍ବୋଚ୍ଚ ସ୍ତରରେ ଭାରତର ଘରୋଇ ପ୍ରତିରକ୍ଷା ଉତ୍ପାଦନ

ଭୁବନେଶ୍ୱର,୨୯।୫

ବିଗତ କିଛି ବର୍ଷ ମଧରେ ଭାରତର ପ୍ରତିରକ୍ଷା ଉତ୍ପାଦନ କ୍ରମାଗତ ଭାବେ ବୃଦ୍ଧି ପାଇଚାଲିଛି। ଏପରିକି ଭାରତର ଘରୋଇ ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି ବୋଲି ଗୁରୁବାର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ)ର ବାର୍ଷିକ ଅଧିବେଶନ-୨୦୨୫ରେ ଯୋଗଦେଇ କହିଛନ୍ତି। ଅପରପକ୍ଷରେ ସେ କହିଛନ୍ତି, ଭାରତ ବର୍ତ୍ତମାନ ୧.୪୬ ଲକ୍ଷ କୋଟି ଟଙ୍କାର ଘରୋଇ ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ କରୁଥିଲାବେଳେ ୨୪,୦୦୦ କୋଟି ଟଙ୍କାର ପ୍ରତିରକ୍ଷା ସାମଗ୍ରୀ ରପ୍ତାନି କରୁଛି। ସେହିଭଳି ବିଗତ ଦୀର୍ଘ ଶତାବ୍ଦୀ ପୂର୍ବରୁ ଭାରତର ପ୍ରତିରକ୍ଷା ସାମଗ୍ରୀ ରପ୍ତାନି ପ୍ରାୟ ୧୦୦୦ କୋଟି ହେଉଥିଲାବେଳେ ବର୍ତ୍ତମାନ ସମୟରେ ଏହା ୨୩,୫୦୦ କୋଟି ଟଙ୍କାରୁ ଅଧିକ ହେଉଛି ବୋଲି ରାଜନାଥ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ। ସେହିପରି ଆଧୁନିକ ଭାରତର ସ୍ୱପ୍ନ ଦେଖୁଥିବା ସରକାର ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମ ଜରିଆରେ ସଶକ୍ତ ହେଉଛି। ଏପରିକି ସରକାରଙ୍କ ଆଭିମୁଖ୍ୟ ଓ ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମ ଜରିଆରେ ଦେଶର ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ ପୂର୍ବାପେକ୍ଷା ଯଥେଷ୍ଟ ବୃଦ୍ଧି ପାଇଛି। ଉନ୍ନତ ଜ୍ଞାନକୌଶଳ ଏବଂ ଗୁଣାତ୍ମକ ସାମଗ୍ରୀ ଉତ୍ପାଦନକୁ ସବୁ ସ୍ତରରେ ଗୁରୁତ୍ୱ ଦିଆଯାଉଛି। ଫଳରେ ଭାରତ ଆଜି ଏହି ସଫଳତାରେ ପହଞ୍ଚିଛି। ଉଲ୍ଲେଖଯୋଗ୍ୟ, ଭାରତ-ପାକ୍ ଯୁଦ୍ଧ ଓ ପହଲଗାମ୍ ଆତଙ୍କବାଦ ଆକ୍ରମଣ ପରେ ଭାରତ ସରକାର ଆହୁରି କଠୋର ଓ ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ ପାଇଁ ସରକାର ଅତିରିକ୍ତ ଆର୍ଥିକ ସହାୟତା ମଧ ଯୋଗାଇ ଦେଇଛନ୍ତି। ଫଳରେ ଉଭୟ ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ ଓ ସେନାର ମନୋବଳ ମଧ ଯଥେଷ୍ଟ ପରିମାଣରେ ବୃଦ୍ଧି ପାଇଛି। ଅପରପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟି ଓ ଦେଶବାସୀଙ୍କ ସହଯୋଗ ଯୋଗୁ ସରକାର ଓ ସେନା ପାକିସ୍ତାନର ଆତଙ୍କୀ କାର୍ଯ୍ୟକଳାପ ବିରୋଧରେ ଅପରେଶନ 'ସିନ୍ଦୂର' ଭଳି ଏକ ସ୍ୱତନ୍ତ୍ର ଯୁଦ୍ଧ ରଣନୀତ ଆପଣାଇଥିଲା। ଆଗାମୀ ଦିନରେ ଭାରତୀୟ ସେନା ଓ ପ୍ରତିରକ୍ଷା କ୍ଷେତ୍ରରେ ଆଧୁନିକ ଜ୍ଞାନକୌଶଳ ସହ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଭଳି ବିଶେଷ ପଦକ୍ଷେପକୁ ବିନିଯୋଗ କରିବ ବୋଲି ରାଜନାଥ କହିଛନ୍ତି। ସୂଚନାଯୋଗ୍ୟ, ଚଳିତ ବଜେଟ (ୟୁନିୟନ ବଜେଟ-୨୦୨୫)ରେ ପ୍ରତିରକ୍ଷା କ୍ଷେତ୍ରକୁ ଭାରତ ସରକାର ୬.୮୧ ଲକ୍ଷ କୋଟି ଟଙ୍କା ଆବଣ୍ଟନ କରିଥିଲାବେଳେ ଗତ ବଜେଟର ପ୍ରତିରକ୍ଷା କ୍ଷେତ୍ରକୁ ଆବଣ୍ଟନ କରାଯାଇଥିବା ପରିମାଣଠାରୁ ୯.୫% ଅଧିକ ବୋଲି ରାଜନାଥ କହିଥିଲେ। ୨୦୨୪ରେ ସରକାର ପ୍ରତିରକ୍ଷା କ୍ଷେତ୍ରକୁ ୬.୨୨ ଲକ୍ଷ କୋଟି ଟଙ୍କା ଆବଣ୍ଟନ କରିଥିଲାବେଳେ ୨୦୨୫ରେ ଏହି ପରିମାଣ ୬.୮୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି।


ରାଜନାଥ ସିଂ

## ଶେୟାର ବଜାରରେ ଉତ୍ସାହ

ମୁମ୍ବାଇ,୨୯।୫

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ହେଉଛି। ଚଳିତ ସପ୍ତାହର ଚତୁର୍ଥ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ହ୍ରାସ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୩୨୦.୭୦ ପଏଣ୍ଟ ବୃଦ୍ଧି ଘଟି ୮୧,୬୩୩.୦୨ ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍ଇ)ର ନିଫ୍ଟି-୫୦ରେ ମଧ ୮୧.୧୫ ପଏଣ୍ଟ ବଢି ୨୪,୮୩୩.୬୦ ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହ ଏନ୍‌ଏସ୍ଇ ନିଫ୍ଟି ମିଡ୍‌କ୍ୟାପ, ସ୍ମଲ୍‌କ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ ପରିବର୍ତ୍ତନ ହୋଇଛି।

# ଏଟିଏମ୍‌ରୁ ଉଠିବ ପିଏଫ୍ ଟଙ୍କା

ଭୁବନେଶ୍ୱର,୨୯।୫ (ଅନୁରାଧା ମହାରଣା)

କର୍ମଚାରୀ ଭବିଷ୍ୟନିଧି ସଂଗଠନ (ଇପିଏଫଓ) ଏହାର ନୂତନ ପ୍ଲାଟଫର୍ମ ଇପିଏଫଓ ୩.୦ ଲଞ୍ଚ କରିବାକୁ ଯାଉଛି। ଏହି ଆଇଟି ପ୍ଲାଟଫର୍ମ ମାଧ୍ୟମରେ, ସଦସ୍ୟମାନଙ୍କୁ ବ୍ୟାଙ୍କ ଭଳି ସୁବିଧା ଯୋଗାଇ ଦିଆଯିବ। ଇପିଏଫ୍‌ଓ ୩.୦ ଏହାର ୯ କୋଟିରୁ ଅଧିକ ଗ୍ରାହକଙ୍କୁ କୌଣସି ଅସୁବିଧା ବିନା ଅନେକ ନୂତନ ସୁବିଧା ପ୍ରଦାନ କରିବ। ଦାବି ସମାଧାନ ସ୍ୱୟଂଚାଳିତ ହେବାସହ ଡିଜିଟାଲ ଭାବରେ ତ୍ରୁଟି ସଂଶୋଧନ କରାଯିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଉପଭୋକ୍ତା ସିଧାସଳଖ ଏଟିଏମରୁ ପିଏଫ୍ ଟଙ୍କା ଉଠାଇପାରିବେ। ଏହାଦ୍ୱାରା ପିଏଫ୍ ଟଙ୍କା ଉଠାଇବା ପ୍ରକ୍ରିୟା ପୂର୍ବ ଅପେକ୍ଷା ସହଜ ଏବଂ ଦ୍ରୁତ ହେବ। ଏହସହ ଉପଭୋକ୍ତା ଘରେ ବସି ଅନଲାଇନରେ ଆକାଉଣ୍ଟରେ ଦିଆଯାଇଥିବା ଯେକୌଣସି ସୂଚନା ସଂଶୋଧନ କରିପାରିବେ। ଏହାଦ୍ୱାରାର ଫର୍ମ ପୂରଣ କରିବାରେ ପୂର୍ବରୁ ଯେଉଁ ସମସ୍ୟା ହେଉଥିଲା ତାହା ଦୂର ହେବ। କେନ୍ଦ୍ର ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରୀ ମନସୁଖ ମାଣ୍ଡଭିଆ ନିକଟରେ କହିଥିଲେ ଯେ ଏହି ନୂତନ ବ୍ୟବସ୍ଥା ଚଳତବର୍ଷ ମେ'ରୁ ଜୁନ ମଧରେ କାର୍ଯ୍ୟକ୍ଷମ ହେବ। ଅଟଳ ପେନସନ ଯୋଜନା ଏବଂ ପ୍ରଧାନମନ୍ତ୍ରୀ ଜୀବନ ବୀମା ଯୋଜନା ଭଳି ଅନ୍ୟାନ୍ୟ ସାମାଜିକ ସୁରକ୍ଷା ଯୋଜନାକୁ ଏହାର ସିଷ୍ଟମରେ ଅନ୍ତର୍ଭୁକ୍ତ କରିବାକୁ ଇପିଏଫଓ ପ୍ରସ୍ତୁତ ହେଉଛି। ଏହାଦ୍ୱାରା ଅଣସଂଗଠିତ ଏବଂ ଅନୌପଚାରିକ କ୍ଷେତ୍ରରେ କାମ କରୁଥିବା ଶ୍ରମିକମାନେ ମଧ ପେନସନ ଏବଂ ସୁରକ୍ଷାର ଉତ୍ତମ ଲାଭ ପାଇପାରିବେ। ନୂଆ ପ୍ଲାଟଫର୍ମ କାର୍ଯ୍ୟକାରୀ ହେବା ଦ୍ୱାରା ଲମ୍ବା ଫର୍ମ ପୂରଣ କରିବା ପରିବର୍ତ୍ତେ ଓଟିପି ମାଧ୍ୟମରେ ଆବଶ୍ୟକୀୟ ପରିବର୍ତ୍ତନ ଶୀଘ୍ର ଏବଂ ସୁରକ୍ଷିତ ଭାବରେ କରାଯାଇପାରିବ।

# ଟିପିସିଓଡିଏଲ୍ ପକ୍ଷରୁ ମିସ୍‌ଡ କଲ୍ ସେବାର ଶୁଭାରମ୍ଭ

ଭୁବନେଶ୍ୱର,୨୯।୫

ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ମିସ୍‌ଡ କଲ୍ ସେବାର ଶୁଭାରମ୍ଭ କରାଯାଇଛି। ଏହି ସେବା କମ୍ପାନୀର ନବସୃଜନ, ପରିଚାଳନା ଉତ୍କର୍ଷ ଓ ଉନ୍ନତ ଗ୍ରାହକ ସୁବିଧା ପ୍ରତି ଟିପିସିଓଡିଏଲ୍‌ର ପ୍ରତିବଦ୍ଧତାକୁ ଦର୍ଶାଉଛି। ଏପରିକି ଉପଭୋକ୍ତାମାନେ ବିଦ୍ୟୁତ୍ ବିଭ୍ରାଟ ସମ୍ପର୍କିତ ସମସ୍ତ ସୂଚନା ଏହି ୯୭୭୭୭ ୭୪୮୪୧ ନମ୍ବର ଯୋଗେ ପାଇପାରିବେ ଏବଂ ନୋ ପାୱାର ସପ୍ଲାଏ ବା ବିଦ୍ୟୁତ୍ ଯୋଗାଣ ନ ଥିବା (ଏନ୍‌ପିଏସ୍) ଅଭିଯୋଗ ପଞ୍ଜୀକରଣ କରାଇପାରିବେ। ଉପରୋକ୍ତ ନମ୍ବର ଜରିଆରେ ଗ୍ରାହକମାନେ ପଞ୍ଜୀକୃତ ମୋବାଇଲ୍ ନମ୍ବରରୁ ୯୭୭୭୭ ୭୪୮୪୧ ନମ୍ବରକୁ ମିସ୍‌ଡ କଲ୍ କରି ବିଦ୍ୟୁତ ବିଭ୍ରାଟ୍ ସମ୍ପର୍କିତ ସୂଚନା ପାଇପାରିବେ ଏବଂ ନୋ ପାୱାର ସପ୍ଲାଏ (ଏନ୍‌ପିଏସ୍) ଅଭିଯୋଗର ପଞ୍ଜୀକରଣ କରିପାରିବେ। ୧୯୧୨ ହେଲ୍ପଲାଇନ୍ ନମ୍ବର ବ୍ୟତୀତ ଏହା ଅତିରିକ୍ତ ବିକଳ୍ପ ଭାବେ କାର୍ଯ୍ୟ କରିବ, ଯାହା ଗ୍ରାହକଙ୍କ ଅଭିଯୋଗ ପଞ୍ଜୀକରଣ ଓ ସୂଚନା ନିମନ୍ତେ ସହଜ ଓ ସୁବିଧାଜନକ ହେବ। ଏହି ମିସ୍‌ଡ କଲ୍ ସେବା ଜରିଆରେ ଗ୍ରାହକମାନେ ସହଜରେ ଟିପିସିଓଡିଏଲ୍ ଟିମ୍ ସହ ଯୋଡ଼ିହୋଇପାରିବେ, ଯାହା ଡିଜିଟାଲ ଟୁଲ୍ ବ୍ୟବହାର ଓ ଉନ୍ନତ ଗ୍ରାହକ ସେବା ଦିଗରେ କାର୍ଯ୍ୟ କରିବ। ଏ ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ୍ ସିଂହ କହିଛନ୍ତି, ଟିପିସିଓଡିଏଲ୍‌ରେ ଆମ ପାଇଁ ଗ୍ରାହକଙ୍କ ସମୟ ଓ ବିଶ୍ୱାସ ସବୁଠୁ ଗୁରୁତ୍ୱପୂର୍ଣ୍ଣ। ମିସ୍‌ଡ କଲ୍ ସେବା ଶୁଭାରମ୍ଭ କରି ଆମେ ଆମ ଗ୍ରାହକମାନଙ୍କ ପାଇଁ କେବଳ ବିଦ୍ୟୁତ୍ ବିଭ୍ରାଟ୍‌ର ସୂଚନା ଦେବା ଉପାୟର ସରଳୀକରଣ କରିନାହୁଁ ବରଂ ଆମ ପ୍ରତିକ୍ରିୟା ସମୟକୁ ମଧ ଅଧିକ ତ୍ୱରାନ୍ୱିତ କରିଛୁ। ଏକ ଅଧିକ ଭରସାଯୋଗ୍ୟ ଓ ପ୍ରତିକ୍ରିୟାଶୀଳ ବିଦ୍ୟୁତ୍ ବଣ୍ଟନ ନେଟ୍‌ୱର୍କ ପାଇଁ ଟେକ୍ନୋଲୋଜିର ବ୍ୟବହାର କରିବାରେ ଆମର ଜାରି ରହିଥିବା ପ୍ରତିବଦ୍ଧତାକୁ ଏହି ଅଭିଯାନ ପ୍ରତିଫଳିତ କରୁଛି।

# କ୍ୟାମ୍ପସ ଚୟନରେ ଡ୍ରିମ୍‌ସ ବି.ଟେକ୍‌ର ସଫଳତା


କ୍ୟାମ୍ପସ ଚୟନରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କ ସମେତ କଲେଜର ଅଧାପକ- ଅଧାପିକାମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୨୯।୫ (ଅଭୟ ଦାଶ)

ଡ୍ରିମ୍‌ସ ସ୍କୁଲ ଅଫ୍ ଇଞ୍ଜିନିୟରିଂ ଓ ଟେକ୍ନୋଲୋଜିର ୩୮ ଜଣ ବି.ଟେକ୍ ଛାତ୍ରୀଛାତ୍ର କ୍ୟାମ୍ପସ ଚୟନରେ ସଫଳତା ଲାଭ କରିଛନ୍ତି। ଏପରିକି ଦେଶର ଅନ୍ୟତମ ପ୍ରତିଷ୍ଠିତ ଆଇଟି ଉଦ୍ୟୋଗ 'ଅଟୋଲିଭ୍ ଇଣ୍ଡିଆ ଲିମିଟେଡ୍'ରେ ନିଯୁକ୍ତି ଲାଗି ମନୋନୀତ ହୋଇଛନ୍ତି। ଏଥିପାଇଁ ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନରେ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ଏହି ପ୍ରକ୍ରିୟାରେ କମ୍ପ୍ୟୁଟର ସାଇନ୍ସ, ଇଲେକ୍ଟ୍ରିକାଲ, ମେକାନିକାଲ, ଇଏନ୍‌ଟିସି ଓ ଟ୍ରିପଲଇ ବିଭାଗର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ୨୦୨୫ ଜୁନ୍ ୨ରେ ମନୋନୀତ ସମସ୍ତ ଛାତ୍ରୀଛାତ୍ର ନୂତନ ନିଯୁକ୍ତି କ୍ଷେତ୍ରରେ ଯୋଗଦେବେ ବୋଲି ଜଣାପଡ଼ିଛି। ଏହି ଉପଲକ୍ଷେ ସ୍କୁଲ ଅଫ୍ ଇଞ୍ଜିନିୟରିଂ ଓ ଟେକ୍‌ନୋଲୋଜିର ଅଧ୍ୟକ୍ଷ ଡ. ନୟନ ରଞ୍ଜନ ସାମଲଙ୍କ ପୌରହିତ୍ୟରେ ଆୟୋଜିତ ବିଶେଷ କାର୍ଯ୍ୟକ୍ରମରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶିକା ଚିନ୍ମୟୀ ରଥ ଯୋଗଦେଇ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ନିଯୁକ୍ତିପତ୍ର ପ୍ରଦାନ ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, କୁଳପତି ଡ. ପ୍ରକାଶ କୁମାର ହୋତା, ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ, ସହ ଅଧ୍ୟକ୍ଷ ଇଂ ଦୁର୍ଗାପ୍ରସାଦ ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ ପ୍ରମୁଖ ନିଯୁକ୍ତି ସୁଯୋଗ ପାଇଥିବା ବିଦ୍ୟାର୍ଥୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନେ ଶିକ୍ଷାନୁଷ୍ଠାନର 'ବ୍ରାଣ୍ଡ ଆମ୍ବାସଡର' ବୋଲି କହିଥିଲେ। ଏହି ଅବସରରେ ବିଭିନ୍ନ ବିଭାଗର ବିଭାଗୀୟ ମୁଖ୍ୟମାନେ ଉପସ୍ଥିତ ଥିଲେ।

# ଦିନକରେ ସର୍ବାଧିକ ଜୀବନ ବୀମା ପଲିସି ବିକ୍ରି

ଭୁବନେଶ୍ୱର,୨୯।୫

ଭାରତୀୟ ଜୀବନ ବୀମା ନିଗମ (ଏଲ୍ଆଇସି)କୁ ନିକଟରେ ଆଉ ଏକ ସଫଳତା ମିଳିଛି। ଦିନରେ ସର୍ବାଧିକ ଜୀବନ ବୀମା ପଲିସି ବିକ୍ରୟ ପାଇଁ ଏଲ୍ଆଇସି ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସର ଗୌରବ ଅର୍ଜନ କରିଛି। ଏହି ଐତିହାସିକ ଉପଲବ୍ଧିକୁ ଜିଡବ୍ଲୁଆର୍ ଦ୍ୱାରା ଯାଞ୍ଚ କରାଯାଇଛି। ୨୦୨୫ ଜାନୁଆରୀ ୨୦ରେ ନିଗମର ସମର୍ପିତ ଏଜେନ୍ସି ନେଟ୍‌ୱର୍କର ଅସାଧାରଣ ପ୍ରଦର୍ଶନକୁ ଏହା ସ୍ୱୀକାର କରୁଛି। ଭାରତୀୟ ଜୀବନ ବୀମା ନିଗମର ସମୁଦାୟ ୪,୫୨,୮୩୯ ଏଜେଣ୍ଟ ଭାରତବ୍ୟାପୀ ୫,୮୮,୧୦୭ ଜୀବନ ବୀମା ପଲିସି ସଫଳତାର ସହ ପୂରଣ ଏବଂ ଜାରି କରିଥିଲେ। ଏହି ମହତ୍ତ୍ୱପୂର୍ଣ୍ଣ ପ୍ରୟାସ ଜୀବନ ବୀମା ଉଦ୍ୟୋଗରେ ଏଜେଣ୍ଟ ଉତ୍ପାଦକତାରେ ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି। ଟିମ୍ ଏଲ୍ଆଇସି ଏହି ପ୍ରତିଷ୍ଠିତ ଗିନିଜ୍ ୱାର୍ଲଡ ରେକର୍ଡ ଗୌରବ ଅର୍ଜନ ପାଇଁ ଅତ୍ୟନ୍ତ ଉତ୍ସାହିତ। ଏହା ଆମର ଏଜେଣ୍ଟମାନଙ୍କର ଅବିଶ୍ରାନ୍ତ ସମର୍ପଣ, ଦକ୍ଷତା ଏବଂ ପରିଶ୍ରମ ନୀତିର ଏକ ଶକ୍ତିଶାଳୀ ପ୍ରମାଣ ବୋଲି କୁହାଯାଉଛି। ଏହି ଉପଲବ୍ଧି ଆମ ଗ୍ରାହକ ଏବଂ ସେମାନଙ୍କ ପରିବାରଙ୍କୁ ଜରୁରୀ ଆର୍ଥିକ ସୁରକ୍ଷା ପ୍ରଦାନ କରିବା ଉଦ୍ଦେଶ୍ୟ ପ୍ରତି ଆମର ଗଭୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏହି ରେକର୍ଡ ପ୍ରୟାସ ଏଲ୍ଆଇସିର ସିଇଓ ଓ ଏମ୍‌ଡି ସିଦ୍ଧାର୍ଥ ମହାନ୍ତିଙ୍କ ଏକ ଚିନ୍ତାପୂର୍ଣ୍ଣ ପଦକ୍ଷେପର ପରିଣାମ ଥିଲା, ଯେଉଁଥିରେ 'ମ୍ୟାଡ୍ ମିଲିୟନ ଡେ' ଅର୍ଥାତ୍ ୨୦୨୫ ଜାନୁଆରୀ ୨୦ରେ ପ୍ରତ୍ୟେକ ଏଜେଣ୍ଟଙ୍କୁ ଅତିକମ୍‌ରେ ଗୋଟିଏ ପଲିସି ପୂରଣ ପାଇଁ ଅନୁରୋଧ କରାଯାଇଥିଲା। ଏ ନେଇ ମହାନ୍ତି ସମସ୍ତ ଗ୍ରାହକ, ଏଜେଣ୍ଟ ଏବଂ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ଯେଉଁମାନେ 'ମ୍ୟାଡ୍ ମିଲିୟନ ଡେ'କୁ ଐତିହାସିକ କରିଥିଲେ। କାରଣ ସେମାନଙ୍କର ଅସାଧାରଣ ପ୍ରଦର୍ଶନ ଯାହା ଗୋଟିଏ ଦିନରେ ସର୍ବାଧିକ ପଲିସି ଅର୍ଜନ କରିଥିଲା ତାହା ବର୍ତ୍ତମାନ ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ ଦ୍ୱାରା ସ୍ୱୀକୃତ ପାଇଛି ଏବଂ ସେଥିରେ ସ୍ଥାନ ପାଇଛି।

# ଖଣି ଅଞ୍ଚଳ ବାରୁଦ ଗୋଦାମକୁ ନେଇ ଚିନ୍ତା ବଢ଼ିଲା

## ଆନ୍ତଃ ରାଜ୍ୟ ସୀମାରେ ହାଇ ଆଲର୍ଟ

ଯୋଡ଼ା,୨୯।୫(ମାନସ ମହାନ୍ତି)

କୋଇଡ଼ା ଖଣି ଅଞ୍ଚଳର କେବାଲାଙ୍ଗ ବାରୁଦ ଲୁଟ୍ ଘଟଣା ପରେ ଏବେ କେନ୍ଦୁଝର ଜିଲା ଯୋଡ଼ା ଖଣି ଅଞ୍ଚଳରେ ଚିନ୍ତା ବଢ଼ିଯାଇଛି। କେନ୍ଦୁଝର-ସୁନ୍ଦରଗଡ଼ ସୀମାନ୍ତରୁ ପ୍ରାୟ ୪ ମେଟ୍ରିକ୍ ଟନ୍ ବାରୁଦ ଲୁଟ୍‌ହେବା ପରେ ଓଡ଼ିଶା ପୋଲିସକୁ ଚ୍ୟାଲେଞ୍ଜ କରାଯାଇଛି। ଏହାକୁ ଲୁଟେରାମାନେ କିପରି ବ୍ୟବହାର କରିବେ, ଏ ନେଇ କେନ୍ଦୁଝର ଜିଲା ସୀମାନ୍ତରେ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିବା ବେଳେ ଆନ୍ତଃ ରାଜ୍ୟ ସୀମାରେ ପୋଲିସ ହାଇ ଆଲର୍ଟରେ ରହିଛି।

ପ୍ରକାଶ ଯେ, କେନ୍ଦୁଝର ଜିଲା ଖଣି ବହୁଳ ଅଞ୍ଚଳ ଯୋଡ଼ା ଖଣି ମଣ୍ଡଳରେ ସମୁଦାୟ ୯୮ ଗୋଟି ଖଣି ରହିଛି। କେବାଲାଙ୍ଗ ବାରୁଦ ଲୁଟ ଘଟଣା ଘଟିବା ପରେ ଯୋଡ଼ା ଖଣି ମଣ୍ଡଳରେ କେତେ ସୁରକ୍ଷିତ ଏହାକୁ ନେଇ ପ୍ରଶ୍ନ ଉଠିଛି। ଯୋଡ଼ା ଏକ ଖଣି ପରିପୂର୍ଣ୍ଣ ଅଞ୍ଚଳ ହୋଇଥିବାରୁ ଏଠାରେ ବାରୁଦର ବ୍ୟବହାର ହୋଇଥାଏ। ଖଣି ଅଞ୍ଚଳକୁ ରାଉରକେଲାରୁ ବାରୁଦ ସ୍ୱତନ୍ତ୍ର ମାଗାଜିନ ଗାଡ଼ିରେ ଆସିଥାଏ। ଖଣି ସମୃଦ୍ଧ ଚମ୍ପୁଆ ଉପଖଣ୍ଡର ବିଭିନ୍ନ ଅଞ୍ଚଳରେ ଯଥା ବଡ଼ବିଲ-ଠାକୁରାଣୀ ରାସ୍ତାରେ କଲାମ ବାରୁଦ ଗୋଦାମ, କାଳିକାପ୍ରସାଦ, ଚମ୍ପୁଆ-ଡୁରୁମୁଙ୍ଗା ରାସ୍ତା, ଯୋଡ଼ା- ବାସୁଦେବପୁର ରାସ୍ତା ସମେତ ଡେଙ୍କିକୋଟ ପ୍ରଭୃତିରେ ଏହି ବାରୁଦ ଗୋଦାମ ରହିଛି। ଗୋଦାମଗୁଡ଼ିକରେ ସାଧାରଣତଃ ଉଚ୍ଚ ବିସ୍ଫୋରକ କାଟ୍ରିଜ, ଜିଲୋଟିନ, ଫ୍ୟୁଜ୍ କଏଲ ଇତ୍ୟାଦି ରହିଥାଏ। ଏହି ଗୋଦାମଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଢିଲା ରହିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ହାତଗଣତି କେତେଜଣ ସୁରକ୍ଷା କର୍ମୀ ନିୟୋଜିତ ଅଛନ୍ତି। ଏହି ବାରୁଦକୁ ବ୍ୟବହାର କରୁଥିବା ଖଣି କମ୍ପାନୀଗୁଡ଼ିକ ରାଉରକେଲାଠାରେ ଥିବା କେନ୍ଦ୍ର ସରକାରଙ୍କ ଏକ୍ସପ୍ଲୋସିଭ ବିଭାଗଠାରୁ ଲାଇସେନ୍ସ ଆଣି ଗୋଦାମରୁ ଅନ୍‌ଲାଇନ ମାଧ୍ୟମରେ କିଣି ଥାଆନ୍ତି। କିଣିବା ପରେ ଏହାକୁ ଖଣିରେ ଥିବା ନିଜର ବାରୁଦ ମାଗାଜିନ୍‌ରେ ଗଚ୍ଛିତ ରଖି ଆବଶ୍ୟକ ଅନୁଯାୟୀ ବ୍ୟବହାର କରିଥାନ୍ତି। ଗୋଦାମଗୁଡ଼ିକ ଥିବା ସ୍ଥାନ ସମ୍ପୂର୍ଣ୍ଣ ଜଙ୍ଗଲ ଭିତରେ ରହିଥିବା ବେଳେ ଖଣିରେ ଥିବା ମାଗାଜିନ୍‌ଗୁଡ଼ିକ ଅବସ୍ଥା ଆହୁରି ବିପଜ୍ଜନକ। ସମ୍ପୂର୍ଣ୍ଣ ଭାବେ ଖଣିରୁ ଦୂରରେ ପରିତ୍ୟକ୍ତ ସ୍ଥାନରେ ଏହା ଥିବାରୁ ଏହାକୁ ଲୁଟ୍ କରିବା ଅସମ୍ଭବ ନୁହେଁ। ଏଣୁ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ବଡ଼ବିଲ ଏସ୍‌ଡିପିଓ ଦେବେନ୍ଦ୍ର ନାଥ ପିଙ୍ଗୁଆ ବାରୁଦ ମାଗାଜିନ ଗୋଦାମ କରିଥିବା ବ୍ୟବସାୟୀଙ୍କୁ ଡକାଇ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଥିଲେ। ଏସ୍‌ଡିପିଓ ପିଙ୍ଗୁଆ ଖଣିରେ ଥିବା ବାରୁଦ ମାଗାଜିନ୍‌ଗୁଡ଼ିକୁ ଯାଇ ପ୍ରତ୍ୟକ୍ଷ ଭାବେ ଯାଞ୍ଚ କରିବେ। ଅନିୟମିତତା ଥିଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ବୋରିଗୁମ୍ମା ଛାତ୍ରଙ୍କ ଇସ୍ରୋ ପରିଭ୍ରମଣ

ବୋରିଗୁମ୍ମା,୨୯।୫ (ବିଜୟ ସାହୁ)



ନିଖିଲ ମହାପାତ୍ର

କୋରାପୁଟ ଜିଲା ବୋରିଗୁମ୍ମା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ନିଖିଲ ମହାପାତ୍ର ଓ ବିଜ୍ଞାନ ଶିକ୍ଷକ ଗୌରୀ ଶଙ୍କର ସାମନ୍ତରାୟ ବେଙ୍ଗାଲୁରୁର ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ପରିଭ୍ରମଣ କରିଛନ୍ତି। ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣର କୃତୀ ଛାତ୍ର ନିଖିଲ ଓ ତାଙ୍କ ଶିକ୍ଷକ ଟାଟା ଷ୍ଟିଲ୍ ଏବଂ ଓଡ଼ିଶା ସରକାରଙ୍କ ବିଜ୍ଞାନ ଓ କାରିଗରି ବିଭାଗ ଅଧୀନ ଭୁବନେଶ୍ୱର ପଠାଣି ସାମନ୍ତ ପ୍ଲାନେଟାରିୟମ ସହଯୋଗରେ ଇସ୍ରୋ ପରିଭ୍ରମଣ କରିଛନ୍ତି। ସେଠାରେ ଟେଲିମେଟ୍ରି ଟ୍ରାକିଂ ଏବଂ କମାଣ୍ଡ ନେଟ୍ୱର୍କ (ଆଇଏସ୍‌ଟିଆର୍‌ଏସି) ଏବଂ ୟୁଆର୍ ରାଓ ସାଟେଲାଇଟ୍ ସେଣ୍ଟର (ୟୁଆର୍‌ଏସ୍‌ସି)ରେ ଶିକ୍ଷାମୂଳକ ଭ୍ରମଣରେ ବାସ୍ତବ ସାଟେଲାଇଟ୍‌ର କମାଣ୍ଡିଂ ସହ ସମସ୍ତ ଟ୍ରାକିଂ ବ୍ୟବସ୍ଥାକୁ ବିସ୍ତୃତ ଭାବେ ବୈଜ୍ଞାନିକଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ଏହି ଯାତ୍ରା ମେ୨୪ରୁ ୨୮ ପର୍ଯ୍ୟନ୍ତ ହୋଇଥିଲା। ନିଖିଲ ପ୍ରକଳ୍ପ ପ୍ରଦର୍ଶନକରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କଠାରୁ ସମ୍ମାନିତ ହୋଇଥିଲେ। ଭବିଷ୍ୟତରେ ଜଣେ ସଫଳ ବୈଜ୍ଞାନିକ ହେବେ ବୋଲି ସେ କହିଛନ୍ତି। ଏହି ସଫଳତା ପାଇଁ ତାଙ୍କ ବାପା ଶରତ ମହାପାତ୍ର ଓ ମା' ସୁନିତା ଖୁସି ବ୍ୟକ୍ତ କରିଛନ୍ତି।

# ଲକ୍ଷପତି ଦିଦି କାର୍ଯ୍ୟକ୍ରମ ନବୀନ ବହିରେ ଭାଜପା ମଲାଟ: ବିଜେଡି

ଭୁବନେଶ୍ୱର,୨୯।୫(ସୁନିତ୍ ମିଶ୍ର)

ଭାଜପା ସରକାରଙ୍କ ଲକ୍ଷପତି ଦିଦି କାର୍ଯ୍ୟକ୍ରମକୁ ବିଜେଡି 'ନବୀନଙ୍କ ବହିରେ ଭାଜପା ମଲାଟ' ବୋଲି କହିଛି। କ୍ଷମତାକୁ ଆସିବା ପରଠାରୁ ଭାଜପା ସରକାର କେବଳ ନବୀନ ସରକାରଙ୍କ ବିଭିନ୍ନ ଯୋଜନାର ନାମ ଓ ରଙ୍ଗ ପରିବର୍ତ୍ତନ କରିଆସୁଥିବା ବେଳେ ଲକ୍ଷପତି ଦିଦି କାର୍ଯ୍ୟକ୍ରମ ସେହି ପ୍ରକ୍ରିୟାରେ ଆଉ ଏକ ନମୁନା ବୋଲି ଗୁରୁବାର ଶଙ୍ଖ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ବରିଷ୍ଠ ସାଧାରଣ ସମ୍ପାଦକ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି।

# ଖଣି ଓ ବାଣିଜ୍ୟରୁ ୯୫ ହଜାର କୋଟି ସଂଗ୍ରହ ଲକ୍ଷ୍ୟ

## ରାଜସ୍ୱ ଆଦାୟକୁ ସରକାରଙ୍କ ଗୁରୁତ୍ୱ

ଭୁବନେଶ୍ୱର,୨୯।୫ (ରବିନାରାୟଣ ଜେନା)

ଚଳିତ ଆର୍ଥିକବର୍ଷ ରାଜ୍ୟ ସରକାର କିଭଳି ତାଙ୍କର ରାଜସ୍ୱ ସଂଗ୍ରହ ଲକ୍ଷ୍ୟଧାର୍ଯ୍ୟ ପୂରଣ କରିବେ ସେନେଇ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ଖଣି ଓ ବାଣିଜ୍ୟ କରକୁ ମୁଖ୍ୟ ଆୟୁଧ କରିଛନ୍ତି। ଏହି ଉଭୟ କ୍ଷେତ୍ରରୁ ପ୍ରାୟ ୯୫ହଜାର କୋଟି ଟଙ୍କାର ରାଜସ୍ୱ ସଂଗ୍ରହ ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଅର୍ଥବିଭାଗ ଅତିରିକ୍ତ ସଚିବ ଏଚ୍. କେ. ଜେନା ନିକଟରେ ଖଣି-ଇସ୍ପାତ, ବାଣିଜ୍ୟ, ଅବକାରୀ, ରାଜସ୍ୱ, ଜଳସମ୍ପଦ ଭଳି କେତେକ ପ୍ରମୁଖ ବିଭାଗକୁ ରାଜସ୍ୱ ସଂଗ୍ରହ ଲାଗି ଅବଗତ କରାଇଛନ୍ତି।

ସରକାରଙ୍କ ନିର୍ଦ୍ଦେଶକ୍ରମେ ଜେନା ଦର୍ଶାଇଛନ୍ତି, ଚଳିତ ଆର୍ଥିକବର୍ଷ ଯେଭଳିକେବଳ ବାଣିଜ୍ୟ କର କ୍ଷେତ୍ରରୁ ୪୪୩୯୪.୬୬କୋଟି ଟଙ୍କା ସଂଗ୍ରହ ହୋଇପାରିବ ସେଥିପ୍ରତି ଗୁରୁତ୍ୱ ଦେବାକୁ ପଡ଼ିବ। ଆବଶ୍ୟକସ୍ଥଳେ ସରକାରଙ୍କ ଲକ୍ଷ୍ୟଧାର୍ଯ୍ୟ ପୂରଣ କରିବା ଲାଗି ସମସ୍ତ ପ୍ରକାର ବଳ ପ୍ରୟୋଗ କରିବାକୁ ସେ ଦର୍ଶାଇଛନ୍ତି। ତଥ୍ୟ ଅନୁଯାୟୀ, ଚଳିତ ଆର୍ଥିକବର୍ଷରେ ସର୍ବାଧିକ ରାଜସ୍ୱ କେବଳ ଖଣିଜ କ୍ଷେତ୍ରରୁ ୪୭୪୬୭.୯୩କୋଟି ଟଙ୍କା ସଂଗ୍ରହ କରାଯିବାକୁ ଲକ୍ଷ୍ୟ ରହିଛି। ବୃହତ୍ ଖଣିଜ କ୍ଷେତ୍ରରୁ ୪୬୫୬୭.୨୮କୋଟି ଟଙ୍କା ଏବଂ ଲଘୁ ଖଣିଜ କ୍ଷେତ୍ରରୁ ୯୦୦.୦୫କୋଟି ଟଙ୍କା ସଂଗ୍ରହ କରାଯିବାକୁ ଲକ୍ଷ୍ୟ ରହିଛି। ଏହାବାଦ୍ କୋଇଲା ଏବଂ ଲିଗ୍ନାଇଟ୍‌ରୁ ୨୬୫୭.୬୫ କୋଟି ସଂଗ୍ରହ କରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ଦ୍ୱିତୀୟ ବୃହତ୍ ରାଜସ୍ୱ କ୍ଷେତ୍ର ଭାବେ ବାଣିଜ୍ୟ କରକୁ ସରକାର ଗୁରୁତ୍ୱ ଦେଇଛନ୍ତି। ଚଳିତ ଆର୍ଥିକବର୍ଷ କେବଳ ବାଣିଜ୍ୟ କରରୁ ୪୪୩୯୪.୬୬କୋଟି ଟଙ୍କା ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଛନ୍ତି। ସେଥିମଧ୍ୟରୁ ୨୮୧୭୪.୭୮କୋଟି ଟଙ୍କା ରାଜ୍ୟ ଦ୍ରବ୍ୟ ଓ ସେବାକର କ୍ଷେତ୍ରରୁ ସଂଗ୍ରହ କରିବାକୁ ଲକ୍ଷ୍ୟ ରହିଥିବାବେଳେ ଭାଟ୍‌ରୁ ୧୫୯୬୯.୮୮କୋଟି ଏବଂ ପ୍ରବେଶ ଶୁଳ୍କରୁ ୨୫୦କୋଟି ଟଙ୍କା ସଂଗ୍ରହ କରାଯିବାକୁ ରହିଛି। ଏହାବାଦ୍ ଗାଡ଼ି କର ବାବଦକୁ ୩୦୩୩.୬୮କୋଟି ଏବଂ ବୈଦ୍ୟୁତିକ ଶୁଳ୍କ ବାବଦକୁ ୪୬୩୪.୬୮କୋଟି, ଶିଳ୍ପ ପାଇଁ ଜଳକର ବାବଦକୁ ୧୨୯୬.୩୫କୋଟି ଏବଂ ଜଳସେଚନ କ୍ଷେତ୍ରରୁ ୨୫.୩୨କୋଟି ଟଙ୍କା ରାଜସ୍ୱ ସଂଗ୍ରହ କରାଯିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଏହାବାଦ୍ ଜମି ଖଜଣା ବାବଦକୁ ୯୮୦କୋଟି, ଜମି ପଞ୍ଜୀକରଣ ବାବଦକୁ ୨୬୧୦.୩୬କୋଟି ଏବଂ ଅବକାରୀ କ୍ଷେତ୍ରରୁ ୯୭୫୩.୬୩କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରିବାକୁ ସରକାର ଲକ୍ଷ୍ୟ ରଖିଥିବା ଅର୍ଥବିଭାଗର ତଥ୍ୟରୁ ଜଣାଯାଇଛି।


## OFFICE OF THE NOTIFIED AREA COUNCIL : CHANDBALI

Pin : 756133 (Odisha)
E.Mail : chandbalin-hud@gov.in / chandbali.nac@gmail.com

Letter No. 1148 Dt.28.05.2025

### OFFICE ORDER

**No.C-410** : The Tender Call Notice No.1143/2025-26 dt. 15.05.2025 (Bid Identification No. 2025_CNB-SAN-01/2025-26 & Tender id 2025_ORULB_113504_I) for Selection of Agency for Execution & Management of the Sanitation Work and Supply of the Sanitation Man-power in all wards of CHANDBALI NAC is hereby cancelled due to unavoidable circumstances.

Sd./- Executive Officer
Chandbali NAC

OIPR-13129/11/0006/2526

## ବିଜ୍ଞାପନ

No.D-86

ଦୁର୍ଗପତିଙ୍କ କାର୍ଯ୍ୟାଳୟ
ତୃତୀୟ ଭାରତ ସଂରକ୍ଷିତ ବାହିନୀ, କଳିଙ୍ଗନଗର, ଯାଜପୁର

ନାମ- C/37 ମୀନକେତନ ମହାଲିକ
ପିତା-ଶ୍ରୀ ମଦନମୋହନ ମହାଲିକ
ଗ୍ରାମ- ହରଡ଼ବେରଣା
ପୋ-ଚିରୁଲେଇ
ଥାନା-ଗନ୍ଦିଆ
ଜିଲ୍ଲା-ଢେଙ୍କାନାଳ

ଏତଦ୍ଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଆପଣ ତା.୦୨.୧୨.୨୦୨୪ ରିଖ ଅପରାହ୍ନଠାରୁ ତା.୦୬.୧୨.୨୦୨୪ ରିଖ ପର୍ଯ୍ୟନ୍ତ ୦୪ ଦିନ ସାମୂହିକ ଛୁଟି ନେଇ ଘରକୁ ଯାଇଥିଲେ । ଆପଣ ତା.୦୭.୧୨.୨୦୨୪ ରିଖ ପୂର୍ବାହ୍ନରେ କାର୍ଯ୍ୟରେ ଯୋଗ ନ ଦେଇ ବର୍ତ୍ତମାନ ପର୍ଯ୍ୟନ୍ତ ଅନୁପସ୍ଥିତ ଅଛନ୍ତି । ଆପଣଙ୍କୁ ବିଭାଗୀୟ କାର୍ଯ୍ୟାଳୟରୁ ବାରମ୍ବାର ପତ୍ର ମାଧ୍ୟମରେ ସୂଚିତ କରାଯାଇଥିଲେ ମଧ୍ୟ ଆପଣ କାର୍ଯ୍ୟରେ ଯୋଗଦେଉନାହାନ୍ତି । ଆପଣଙ୍କର ଏତାଦୃଶ ଅନୁପସ୍ଥିତି ଯୋଗୁଁ ସରକାରୀ କାର୍ଯ୍ୟ ପରିଚାଳନାରେ ଗୁରୁତର ବ୍ୟାଘାତ ସୃଷ୍ଟିହେବା ସହିତ ଆପଣ ସରକାରୀ ନିୟମକୁ ଅବମାନନା କରିଆସୁଛନ୍ତି ।

ଏଣୁ ଏହି ବିଜ୍ଞାପନ ମାଧ୍ୟମରେ ଆପଣଙ୍କୁ ଅବଗତ କରାଯାଉଅଛି କି, ଆପଣ ବିଜ୍ଞାପନ ପ୍ରକାଶନର ୧୫ ଦିନ ମଧ୍ୟରେ ନିମ୍ନସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ବ୍ୟକ୍ତିଗତ ଭାବେ ଯୋଗଦାନ କରିବା ହେବେ । ନଚେତ୍ ଆପଣଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ସ୍ୱା./- ଦୁର୍ଗପତି
ତୃତୀୟ ଭାରତ ସଂରକ୍ଷିତ ବାହିନୀ,
କଳିଙ୍ଗନଗର, ଯାଜପୁର

OIPR-12029/11/0085/2526

## GOVERNMENT OF ODISHA
## DEPARTMENT OF WATER RESOURCES (M.I.)

No. A-230

### 'e' Procurement Notice No. 01 (BGR)/2025-26

| | | |
|---|---|---|
| 1 | Name of Work | Construction of Check Dams/ Repair and renovation of Structure and Canals |
| 2 | Total No. of Work | 32 (Thirty Two) |
| 3 | Estimated Cost | Rs.5.02 Lakhs to 80.42 Lakhs |
| 4 | Period of Completion | 02 (Two) and (06) Six Calendar Months |
| 5 | Date & time of availability of Bid document in the portal | 10.00 hours of 31.05.2025 to 17.00 hours 09.06.2025 |
| 6 | Last date/time for receipt of Bids in the Portal | 09.06.2025 upto 17.00 hours |
| 7 | Date and place of opening of Technical Bid | Dt.10.06.2025 at 11.00 hours in the Office of the Superintending Engineer, Minor Irrigation Division, Balangir |
| 8 | Name and address of the O.I.T. (Officer Inviting Tender) | Superintending Engineer, Minor Irrigation Division, Balangir |

Further details can be seen from the e-Procurement Portal **"https://tendersodisha.gov.in"**.

Sd./- Superintending Engineer
Minor Irrigation Division, Balangir

OIPR-32550/11/0002/2526

## OFFICE OF THE CHAIRMAN
## STATE NURSING SELECTION COMMITTEE, ODISHA

E-mail-convenernursing1@gmail.com

NO 214// Dt-28.05.2025

### NOTICE

**COUNSELLING & ADMISSION INTO BASIC B.Sc. NURSING, POST BASIC B.Sc. NURSING, M.Sc. NURSING AND POST BASIC DIPLOMA NURSING COURSES FROM THE ACADEMIC SESSION 2025-26**

**No.E-123:** The Candidates who will qualify in the entrance examination conducted by the Odisha Joint Entrance Examination (OJEE), Bhubaneswar, must register and upload the required documents on the official website https://dohodisha.nic.in within the specified timeframe to participate in the counselling and admission process for the following courses:

1. Basic B.Sc. Nursing
2. Post Basic B.Sc. Nursing
3. M.Sc. Nursing
4. Post Basic Diploma in Nursing

No candidate will be allowed to take part in the counselling and admission process without completing the registration on **https://dohodisha.nic.in.**

The Odisha Joint Entrance Examination (OJEE), Bhubaneswar, is entrusted to conduct the entrance exam and publishing the results. The State Nursing Selection Committee (SNSC), Odisha, will carry out the counselling and admission process for the above-mentioned Nursing courses.

Admission into the Basic B.Sc. Nursing course is strictly based on qualification in the OJEE entrance examination.

Sd/- Jt. DMET, Odisha
Convener, SNSC

OIPR-10016/11/0021/2526

## OFFICE OF THE BASUDEVPUR MUNICIPALITY, BHADRAK

No.1881 Date:29.05.25

### E-Procurement Notice

**BID Identification No.BM_TCN_01_2025-26**

No.C-413: Bid Documents consisting of Work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in/nicgep/app.

1. Name of the Work : Civil Const. works as mentioned in DTCN
2. No. of Works : 101 Nos.
3. Estimated Cost : As per Work List
4. Period of Completion : As per DTCN
